ବର୍ଷ-୫୪ : ସଂଖ୍ୟା-୧୦ ଅକ୍ଟୋବର, ୨୦୨୩ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଅକ୍‌ଟୋବର, ୨୦୨୩


| | | | | |
|---|---|---|---|---|
| Only Truth | ··· | ଶ୍ରୀମା | ··· | ୩ |
| ପ୍ରାର୍ଥନା ‘ନବପ୍ରକାଶ’ର | ··· | ··· | ··· | ୪ |
| ପ୍ରାର୍ଥନା | ··· | ଶ୍ରୀମା | ··· | ୭ |
| ଶ୍ରୀଅରବିନ୍ଦଙ୍କ ବାଣୀ | ··· | ଶ୍ରୀଅରବିନ୍ଦ | ··· | ୮ |
| ମନ୍ତ୍ରମୟୀ ସାବିତ୍ରୀ | ··· | ଶ୍ରୀଅରବିନ୍ଦ | ··· | ୯ |
| ଅମରତ୍ୱ (କବିତା) | ··· | ଶ୍ରୀଅରବିନ୍ଦ | ··· | ୧୦ |
| ନିଜର ପରିବେଶ | ··· | ଶ୍ରୀମା | ··· | ୧୧ |
| ମାନବ ଯୁଗ-ଚକ୍ର : ଏକ ଅଧ୍ୟୟନ (ପଞ୍ଚମ ପରିଚ୍ଛେଦ) ଆଶୟଗତତା : ଅସଲି ଓ ନକଲି | ··· | ଶେଖ ଅବଦୁଲ କାଶମ | ··· | ୧୨ |
| ଶୁଭେଚ୍ଛୁ ଆକାଶ (କବିତା) | ··· | ଶାନ୍ତି ମହାନ୍ତି | ··· | ୧୬ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୧୨୩) | ··· | ··· | ··· | ୧୭ |
| ବିଶ୍ୱାସୀ ଭକ୍ତ ସୁଧନ୍ୱା | ··· | ରାମକୃଷ୍ଣ ଦାସ | ··· | ୨୦ |
| ନୂତନ ସଙ୍ଗଠନର ଭିତ୍ତି ଓ ଆଭିମୁଖ୍ୟ | ··· | ପ୍ରପତ୍ତି | ··· | ୨୨ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୭୮) | ··· | ମହେନ୍ଦ୍ରନାଥ ସ୍ୱାଇଁ | ··· | ୨୫ |
| ଯନ୍ତ୍ରଣାର ଭେଟି (କବିତା) | ··· | ସନ୍ତୋଷ ରଥ | ··· | ୨୮ |
| ଦ୍ୱୀପାନ୍ତରର କଥା (ପଞ୍ଚମ ପରିଚ୍ଛେଦ) ପାଞ୍ଚ ନମ୍ବରରେ ଖୋୟେଦାଦୀର ଶାସନକାଳ (୨) | ··· | ବାରୀନ୍ଦ୍ର କୁମାର ଘୋଷ | ··· | ୨୯ |
| ଆର୍ଯ୍ୟ ସଂସ୍କୃତିର ମୂଳତତ୍ତ୍ୱ | ··· | କୁମାର ଚନ୍ଦ୍ର ମିଶ୍ର | ··· | ୩୧ |
| ଅଦ୍ଭୁତ ପ୍ରାଣୀ | ··· | ମନୋଜ ଦାସ | ··· | ୩୭ |
| ଏକମାତ୍ର ସତ୍ୟ (କବିତା) | ··· | ଧର୍ମ କୁମାର ଶତପଥୀ | ··· | ୩୮ |
| ନୂତନ ଶିକ୍ଷାର ଆହ୍ୱାନ (୧) | ··· | ଗୟାଧର ଦାଶ | ··· | ୩୯ |
| ପୂର୍ଣ୍ଣାଙ୍ଗ ଶିକ୍ଷା : ପରିବର୍ତ୍ତିତ ପରିସ୍ଥିତିରେ | ··· | ପ୍ରସାଦ ତ୍ରିପାଠୀ | ··· | ୪୨ |
| ସ୍ୱୀକୃତିର ଯାଦୁ | ··· | ମନୋଜ ଦାସ | ··· | ୪୬ |
| ସୁନିଲ-ଦା’ (୫) | ··· | ··· | ··· | ୪୮ |
| ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ | ··· | ସୂର୍ଯ୍ୟକାନ୍ତି ମହାନ୍ତି | ··· | ୫୧ |
| କ୍ଲାସରେ ଶ୍ରୀମା’ଙ୍କ କାହାଣୀ | ··· | ··· | ··· | ୫୫ |
| ଶତାବ୍ଦୀ ପୂର୍ବର ବିଭୀଷିକା : ଆଜି କ୍ଷମା ପ୍ରାର୍ଥନାର ମୂଲ୍ୟ କେତେ ? | ··· | ମନୋଜ ଦାସ | ··· | ୫୮ |


❖

Only Truth

## ଏକମାତ୍ର ସତ୍ୟ

ଶ୍ରୀମା



# ପ୍ରାର୍ଥନା 'ନବପ୍ରକାଶ'ର

ପ୍ରବହମାନ ସମୟର ଅବିରତ ଗତି ସ୍ପନ୍ଦନ ଭିତରେ ଦିବ୍ୟ ଜନନୀଙ୍କ ଆଶିଷ-ପ୍ରାପ୍ତ 'ନବପ୍ରକାଶ' ଆଜି ତେପନ ବର୍ଷ ଅତିକ୍ରମ କରି ନୂତନ ସୋପାନରେ ପାଦ ଥାପିଛି । ବହୁବର୍ଣ୍ଣା ମୁହୂର୍ତ୍ତମାନଙ୍କ ଶୋଭାଯାତ୍ରା ଭିତରେ ସେ ସାଉଁଟି ଚାଲିଛି କେତେ ଅଭିନବ ଅନୁଭୂତି; ପରିବର୍ତ୍ତିତ ପରିସ୍ଥିତି ଭିତରେ ସେ ନିଜକୁ ଆବିଷ୍କାର କରୁଛି ନୂଆ ନୂଆ ରୂପରେ । ତେବେ ସେ ଅନୁଭବ କରୁଛି ଗତାନୁଗତିକ ଜୀବନ ଯାତ୍ରାରେ, ଆଲୁଅ ଅନ୍ଧାରର ଚମକ ତଳେ, ନୂଆ ପୁରୁଣାର ଲୁଚକାଳି ଖେଳ ଭିତରେ କିଛି ଏକ ନୂତନତ୍ୱ ଲୁଚି ରହିଛି ଯାହା ଆତ୍ମ-ପ୍ରକାଶ କରିବାକୁ ଚାହେଁ !

ଲକ୍ଷ୍ୟ ତା'ର ଦୂର ସୁଦୂରର । ସତ୍ୟର ସନ୍ଧାନରେ ତା'ର ଏ ଯାତ୍ରା । ସତ୍ୟ ପ୍ରତି ଆନୁଗତ୍ୟହିଁ ତା'ର ପ୍ରଗତିର ମାପକାଠି । ସତ୍ୟର ସ୍ୱରୂପ ସଂଦର୍ଶନରେ, ସତ୍ୟର ସାନ୍ନିଧ ଲାଭରେହିଁ ତା'ର ସୃଷ୍ଟିର ସାର୍ଥକତା ।

ପଥ ଦୀର୍ଘ, ତେବେ ଦିବ୍ୟ ଜନନୀଙ୍କ କୃପାକଣିକାହିଁ ତା'ର ପଥର ପାଥେୟ । ଦିବ୍ୟ ଜନନୀଙ୍କ ଚରଣ କମଳରେ ସର୍ବାନ୍ତକରଣରେ ଆତ୍ମ-ସମର୍ପଣହିଁ ତା'ର ଏହି ଦୀର୍ଘ ଯାତ୍ରାକୁ କରିବ ସୁଗମ ଓ ସଂକ୍ଷିପ୍ତ; ତାଙ୍କରିଠାରେ ପରିପୂର୍ଣ୍ଣ ଆସ୍ଥାହିଁ ତାକୁ ଗଢ଼ି ତୋଳିବ ସହଜ, ସରଳ କରି ।

ତା'ର ସଂକଳ୍ପର ଶୁଭ ଶଙ୍ଖ ନିନାଦିତ ହୋଇ ଉଠୁ ଦିବ୍ୟ ଜନନୀଙ୍କର 'ନାମ' ମନ୍ତ୍ରରେ ।

ସଜ ଶେଫାଳିରେ ଅଞ୍ଜଳି ଭରି ସେ ପ୍ରାର୍ଥନା କରୁଛି :

ମଧୁମୟି ମାଆ ! ଆସନ୍ତା ସକାଳର ସୁନେଲି ସୂର୍ଯ୍ୟ କିରଣ ତାକୁ 'ନୂତନ ସତ୍ୟ' ସଂଧାନର ପଥ ନିର୍ଦ୍ଦେଶ କରୁ; ଅନାଗତ ମୁହୂର୍ତ୍ତମାନଙ୍କର ନୂପୁର ନିକ୍ୱଣ ତା' ହୃଦୟରେ ଲେଖି ଦେଉ ନୂଆ କିଛି ଖୋଜିବାର ମନ୍ତ୍ର; ଆକାଶର ବ୍ୟାପ୍ତି, ମାଟିର ମମତା, ପବନର ମହକ ତାକୁ କାଳଜୟୀ ସତ୍ୟର ନିକଟବର୍ତ୍ତୀ କରିବା ପାଇଁ ପ୍ରେରଣା ଭରି ଦେଉ । ତା'ର ଭବିଷ୍ୟତର ବର୍ଣ୍ଣମାଳା ଭିତରେ ଉଜ୍ଜ୍ୱଳି ଉଠୁ 'କେବଳ ସତ୍ୟ'ର ସ୍ୱରୂପ । ❑



# ପ୍ରାର୍ଥନା

ଆଲୋକ ଅଜାଡ଼ି ହୋଇପଡ଼ୁ ସମଗ୍ର ପୃଥିବୀ ଉପରେ ଏବଂ ଶାନ୍ତି ବିରାଜମାନ କରୁ ପ୍ରତ୍ୟେକ ହୃଦୟରେ । ... ପ୍ରାୟ ସଭିଏଁ କେବଳ ବହିର୍ଜୀବନକୁହିଁ ଜାଣନ୍ତି, ଯାହା ସ୍ଥୂଳ, ଜଡ଼, ପରିବର୍ତ୍ତନବିମୁଖ ଏବଂ ଅସ୍ୱଚ୍ଛ; ସେମାନଙ୍କ ପ୍ରାଣଗତ ଶକ୍ତିସମୂହ ସୃଷ୍ଟିର ଏହି ସ୍ଥୂଳ ରୂପ ସହ ଏପରି ଗ୍ରନ୍ଥିତ ଯେ ସେମାନେ ଯେତେବେଳେ ଆତ୍ମସ୍ଥ ଥା'ନ୍ତି ଏବଂ ଦେହ-ସର୍ବସ୍ୱତା ବାହାରେ ରହିଥା'ନ୍ତି, ସେତେବେଳେ ମଧ୍ୟ ସେମାନେ ଏହି ବସ୍ତୁଭିତ୍ତିକ ସମ୍ଭାବ୍ୟ ଘଟଣା, ଅଘଟଣାରେ ମଜ୍ଜି ରହନ୍ତି – ଯାହା ଅତ୍ୟନ୍ତ ବିରକ୍ତିଜନକ ଓ କ୍ଲେଶକର । ... ମାନସିକ ଜୀବନ ଜାଗରୂକ ହୋଇଥିବା ଲୋକେ ହୁଅନ୍ତି ଅସ୍ଥିର, ଯନ୍ତ୍ରଣାକ୍ଷୁବ୍ଧ, ଉତ୍ତେଜିତ, ସ୍ୱେଚ୍ଛାଚାରୀ ବା ଅତ୍ୟାଚାରୀ । ସେମାନେ ଯେଉଁ ନବୀକରଣ ଓ ରୂପାନ୍ତରର ସ୍ୱପ୍ନ ଦେଖନ୍ତି, ତାହାରି ଆବର୍ତ୍ତ ଭିତରେ ପୂରା ନିମଜ୍ଜମାନ ରହି ସବୁକିଛି ଧ୍ୱଂସ କରିବା ନିମନ୍ତେ ପ୍ରସ୍ତୁତ ହୋଇଯା'ନ୍ତି – କେଉଁ ଭିତ୍ତି ଉପରେ ନବନିର୍ମାଣ ହେବ ସେ ସଂପର୍କରେ ଜ୍ଞାନ ନଥାଇ । ଆଖି ଝଲସାଇ ଦେବା ଭଳି ସେମାନଙ୍କ ଆଲୋକ ବିଭ୍ରାଟର ଅନ୍ତ କରିବା ବଦଳରେ ତା'ର ବୃଦ୍ଧି ସାଧନ କରେ ।

ତୁମ ପରମ ଭାବ-ସମାହିତିର ଅପରିବର୍ତ୍ତନୀୟ ଶାନ୍ତି ଏବଂ ତୁମ ଧ୍ରୁବ ଚିରନ୍ତନୀର ପ୍ରଶାନ୍ତ ଦୃଷ୍ଟିର ଅଭାବ ରହିଛି ସମସ୍ତଙ୍କ ଭିତରେ ।

ଏବଂ ତୁମେ ଯାହାକୁ ଏହି ଅତୁଳନୀୟ କରୁଣା ପ୍ରଦାନ କରିଛ, ସେହି ବ୍ୟକ୍ତିଗତ ସତ୍ତା ଅନନ୍ତ କୃତଜ୍ଞତା ସହକାରେ ତୁମକୁ କରେ ବିନୀତ ପ୍ରାର୍ଥନା, ହେ ଭଗବାନ୍, ଆଜିର ଏହି ବିଶୃଙ୍ଖଳାର ଆବରଣ ଭିତରେ, ଏହି ଚରମ ବିଭ୍ରାନ୍ତିକର ପରିସ୍ଥିତିର କେନ୍ଦ୍ରସ୍ଥଳରେହିଁ ସାଧିତ ହେଉ ଚମତ୍କାର (miracle) ଏବଂ ତୁମର ପରମ ପ୍ରଶାନ୍ତିର ଏବଂ ବିଶୁଦ୍ଧ, ଅପରିବର୍ତ୍ତନୀୟ ଆଲୋକର ବିଧାନ ସମସ୍ତଙ୍କ ଦୃଷ୍ଟିରେ ହେଉ ପ୍ରତୀୟମାନ ଏବଂ ତାହା ଏପରି ମାନବତାସଂପନ୍ନ ପୃଥିବୀକୁ ଶାସନ କରୁ ଯାହା ପରିଶେଷରେ ହୋଇଥିବ ତୁମ ଦିବ୍ୟଚେତନା ପ୍ରତି ଜାଗରୂକ ।

ହେ ମଧୁମୟ ପ୍ରଭୁ, ତୁମେ ଶୁଣିଛ ମୋର ପ୍ରାର୍ଥନା, ତୁମେ ମୋ ଆବାହନର ଦେବ ଉତ୍ତର ।

ଅକ୍ଟୋବର ୭, ୧୯୧୪ – ଶ୍ରୀମା



## ଶ୍ରୀଅରବିନ୍ଦଙ୍କ ବାଣୀ

Man cannot by his own effort make himself more than man, but he can call down the divine Truth and its power to work in him. A descent of the Divine Nature can alone divinise the human receptacle. Self-surrender to a supreme transmuting Power is the key-word of the Yoga.

– Sri Aurobindo

ମଣିଷ ତା'ର ନିଜ ଚେଷ୍ଟା ବଳରେ ନିଜକୁ ମଣିଷଠାରୁ ଆଉ ଅଧିକ କିଛି କରି ପାରିବ ନାହିଁ, କିନ୍ତୁ ସେ ନିଜ ଭିତରେ କ୍ରିୟା କରିବା ପାଇଁ ଦିବ୍ୟସତ୍ୟ ଓ ତା'ର ଶକ୍ତିକୁ ଆବାହନ କରି ଆଣିପାରେ । କେବଳ ଭାଗବତ ପ୍ରକୃତିର ଏକ ଅବତରଣହିଁ ମାନୁଷୀ ଆଧାରକୁ ଦିବ୍ୟାୟିତ କରିପାରେ । ଏକ ପରମ ରୂପାନ୍ତରକାରୀ ଦିବ୍ୟଶକ୍ତି ନିକଟରେ ଆତ୍ମସମର୍ପଣ ହେଉଛି ଏହି ଯୋଗର ଚାବି ଓ ମୂଳମନ୍ତ୍ର ।

– ଶ୍ରୀଅରବିନ୍ଦ



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ଦଶମ ସର୍ଗ, କ୍ଷୁଦ୍ର ମାନସର ରାଜ୍ୟ ଓ ଦେବଗଣ

**(The Kingdoms and Godheads of the Little Mind)**

(୧୩୩)

## ଶ୍ରୀଅରବିନ୍ଦ

In this small mould of infant mind and sense
Desire is a child-heart's cry crying for bliss,
Our reason only a toys' artificer,
A rule-maker in a strange stumbling game.

ଶିଶୁମାନସ ଓ ଇନ୍ଦ୍ରିୟବୋଧର ଏଇ କ୍ଷୁଦ୍ର ଛାଞ୍ଚଟି ମଧ୍ୟରେ ବାସନା ହେଉଛି ଆନନ୍ଦ ପାଇଁ ରୋଦନରତ ଏକ ଶିଶୁ-ହୃଦୟର କ୍ରନ୍ଦନଧ୍ୱନି, ଆମର ବିଚାରବୁଦ୍ଧି ହେଲା ଖେଳନାପୁଞ୍ଜର ଏକ କାରିଗର ମାତ୍ର, ଏକ ଅଦ୍ଭୁତ ସ୍ଖଳନଶୀଳ କ୍ରୀଡ଼ାର ନିୟମ-ନିର୍ଦ୍ଧାରକ ।

But she her dwarf aides knew whose confident sight
A bounded prospect took for the far goal.

ପରନ୍ତୁ ସିଏ ଜାଣିଥିଲା ବାମନାକୃତି ତା'ର ସହାୟକବୃନ୍ଦଙ୍କୁ, ଯେଉଁମାନଙ୍କର ଆତ୍ମପ୍ରତ୍ୟୟପୂର୍ଣ୍ଣ ଦୃଷ୍ଟି ଏକ ସୀମାବଦ୍ଧ ସମ୍ଭାବନା-କ୍ଷେତ୍ରକୁ ସୁଦୂର ଗନ୍ତବ୍ୟ ବୋଲି ଧରିନେଇଥିଲା ।

The world she has made is an interim report
Of a traveller towards the half-found truth in things
Moving twixt nescience and nescience.

ଯେଉଁ ଜଗତକୁ ସେ ସର୍ଜନା କରିଛି ତାହା ନିଶ୍ଚେତନା ଓ ନିଶ୍ଚେତନା ଭିତରେ ଗତି କରୁଥିବା ବସ୍ତୁସକଳର ଅନ୍ତର୍ନିହିତ ଅର୍ଦ୍ଧଲବ୍ଧ ସତ୍ୟ ଅଭିମୁଖେ ଚାଲିଥିବା ଜଣେ ଯାତ୍ରୀର ଏକ ମଧ୍ୟବର୍ତ୍ତୀକାଳୀନ ବିବରଣୀ ।

For nothing is known while aught remains concealed;
The Truth is known only when all is seen.

କାରଣ କୌଣସି ଜିନିଷ ଯେବେ ଗୁପ୍ତ ହୋଇ ରହିଯାଏ, ତେବେ କିଛି ବି ଜ୍ଞାତ ହୁଏ ନାହିଁ; ପରମ ସତ୍ୟ ବିଜ୍ଞାତ ହୁଏ କେବଳ ଯେତେବେଳେ ସମଗ୍ର ହୁଏ ପରିଦୃଷ୍ଟ ।

Attracted by the All that is the One,
She yearns towards a higher light than hers;
Hid by her cults and creeds she has glimpsed God's face:
She knows she has but found a form, a robe,
But ever she hopes to see him in her heart
And feel the body of his reality.

ଯେଉଁ ପରମ ସର୍ବ ହେଉଛି ଏକ ଏବଂ ଅଦ୍ୱିତୀୟ ତାହାରି ଦ୍ୱାରା ଆକର୍ଷିତ ହୋଇ ସିଏ ନିଜଠାରୁ ଉଚ୍ଚତର ଏକ ଜ୍ୟୋତିଃ ଅଭିମୁଖେ ଆକୁଳ ଆକାଂକ୍ଷା ପୋଷଣ କରେ; ଆପଣାର ସଂକୀର୍ଣ୍ଣ ମତ ଓ ବଦ୍ଧମୂଳ ବିଶ୍ୱାସ ଦ୍ୱାରା ଲୁକ୍କାୟିତ ଭଗବାନଙ୍କ ମୁଖମଣ୍ଡଳର ଝଲକ ସେ ଦେଖିଛି : ସିଏ ଜାଣେ ଯେ କେବଳ ଏକ ରୂପ, ଏକ ପରିଚ୍ଛଦକୁ ସେ ଖୋଜି ପାଇଛି, ମାତ୍ର ଚିରକାଳ ସେ ଆଶା କରୁଥାଏ ଆପଣା ହୃଦୟରେ ତାଙ୍କୁ ଦର୍ଶନ କରିବାକୁ ଏବଂ ତାଙ୍କ ବାସ୍ତବତାର କଳେବରକୁ ଅନୁଭବିବାକୁ ।

As yet a mask is there and not a brow,
Although sometimes two hidden eyes appear:
Reason cannot tear off that glimmering mask,
Her efforts only make it glimmer more;
In packets she ties up the Indivisible;
Finding her hands too small to hold vast Truth
She breaks up knowledge into alien parts

Or peers through cloud-rack for
a vanished sun:
She sees, not understanding what she has seen,
Through the locked visages of finite things
The myriad aspects of infinity.

ଅଦ୍ୟାବଧି ଏକ ଲଲାଟପଟଳ ନୁହେଁ, ଏକ ମୁଖା ମାତ୍ର ବିଦ୍ୟମାନ, ଯଦିଓ ବେଳେ ବେଳେ ଦେଖାଦିଏ ଦୁଇଟି ପ୍ରଚ୍ଛନ୍ନ ନୟନ : ବିଚାର ବୁଦ୍ଧି ବିଦୀର୍ଣ୍ଣ କରିପାରେ ନାହିଁ କ୍ଷୀଣାଲୋକିତ ସେହି ମୁଖାବରଣ, ତାହାର ପ୍ରୟାସଚୟ କେବଳ ତାକୁ ଦୀପ୍ତତର କରି ତୋଳେ; ଅଖଣ୍ଡକୁ ଭାଙ୍ଗି ସେ ଛୋଟ ଛୋଟ ପୁଟୁଳାବଦ୍ଧ କରିପକାଏ; ବିଶାଳ ସତ୍ୟକୁ ଧାରଣ କରିବାକୁ ତା'ର କରଯୁଗଳ ଅତି କ୍ଷୁଦ୍ର ବୋଲି ଆବିଷ୍କାର କରି ସିଏ ଜ୍ଞାନକୁ ପରସ୍ପର ବିରୋଧୀ ଅଂଶାବଳିରେ ବିଭକ୍ତ କରେ ଅଥବା ମେଘମାଳାର ଫାଙ୍କ ଭିତର ଦେଇ ଖୋଜିଲା ଆଖିରେ ସେ ଚାହିଁରହେ ଏକ ଅନ୍ତର୍ହିତ ସୂର୍ଯ୍ୟକୁ : ଯାହା ସେ ଦେଖୁଛି, ତାହାକୁ ନ ବୁଝି, ସସୀମ ବସ୍ତୁରାଜିର ତାଲାବଦ୍ଧ ମୁଖମଣ୍ଡଳସବୁକୁ ପାର ହୋଇ ସେ ଦେଖେ ଅସୀମର ଅସୁମାରି ବିଭାବସକଳ ।

(*କ୍ରମଶଃ...*)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ

❑❑❑

# ଅମରତ୍ୱ

## ଶ୍ରୀଅରବିନ୍ଦ

ଆକଣ୍ଠ କରିଛି ପାନ ବିଧାତାଙ୍କ ସ୍ୱମୁକ୍ତ ସ୍ୱଭାବ
ଯା' ମଧ୍ଯୁ ଉତ୍ପନ୍ନ ଗୂଢ଼ ସାର୍ବଭୌମ ସମ୍ରାଟର ଭାବ;
ପାର୍ଥିବ ପରିଚ୍ଛଦେ ସଂଗୋପନେ ସ୍ଥିତ ମୃତ୍ୟୁହୀନ
ସେହି ବିଶ୍ୱାତୀତ ସତ୍ତା ମୁହିଁ ବିଶାଳ ସ୍ୱାଧୀନ ।

ମୁହୂର୍ତ୍ତକ ଲାଗି ଲଭି ସେ ଐଶୀ ପରଶ
ହୋଇଗଲା ଛିନ୍ନ ବିଶ୍ୱ ଶୃଙ୍ଖଳ ଅଙ୍କୁଶ
ଲୋପ କରି କାଳ ଓ ମୃତ୍ୟୁକୁ ମୋ ପ୍ରକୃତି
ଅମରତ୍ୱ ମର୍ମ ତଳେ କରିଛି ବସତି ।

ଛିନ୍ନ ଚୁକ୍ତିପତ୍ର ଅଜ୍ଞାନତା ସହ ବିଧାତାର
କାଳ ଆଜି ଶାଶ୍ୱତଙ୍କ ଅନ୍ତହୀନ ସଂବତ୍ସର
ଆତ୍ମା ମୋ' ସ୍ୱରୂପାତ୍ମା ଜାଗ୍ରତ ଅସୀମ ବ୍ୟୋମର
ରୂପ ନିଏ ଜ୍ୟୋତିର୍ମୟ ଏକ ଅଜାତ ଦେହର ।

ପାର୍ଥିବ ବସ୍ତ୍ର ଓ ମୁଖାତଳୁ ଏକ ସୁସ୍ପଷ୍ଟ ଆକୃତି
ଦେଖାଦିଏ, ଅବିନାଶୀ ଆନନର ଦୀପ୍ତ ପ୍ରତିକୃତି ।

[ଶ୍ରୀଅରବିନ୍ଦଙ୍କ ରଚିତ "Immortality" କବିତାର ଭାଷାନ୍ତର ]

ଅନୁବାଦ : ଜ୍ୟୋତ୍ସ୍ନା ମହାନ୍ତି ❑

# ନିଜର ପରିବେଶ

## ଶ୍ରୀମା

### ନିଜ ପରିବେଶ ନିଜେ ସୃଷ୍ଟି କର
### (୧)

*ପ୍ରଶ୍ନ : ମଧୁମୟି ମାଆ ! ଏଠାରେ ଲେଖା ହୋଇଛି : ''ବାହ୍ୟ ପରିସ୍ଥିତିଗୁଡ଼ିକ ଅପେକ୍ଷା ଆଧ୍ୟାତ୍ମିକ ପରିବେଶଟିଏ ଅଧିକ ଗୁରୁତ୍ୱପୂର୍ଣ୍ଣ; ଯଦି ଜଣେ ସେ ପରିସ୍ଥିତିଗୁଡ଼ିକ ପାଏ ଏବଂ ଯଦି ସେ ନିଜ ପାଇଁ ଆଧ୍ୟାତ୍ମିକ ପରିବେଶଟିଏ ନିଜ ଆଡୁ ସୃଷ୍ଟି କରେ, ଏବଂ ତା'ରି ଭିତରେ ନିଃଶ୍ୱାସ-ପ୍ରଶ୍ୱାସ ନିଏ ଓ ବଞ୍ଚେ, ତା'ହେଲେ ତାହାହିଁ ହେବ ଅଗ୍ରଗତି ପାଇଁ ଯଥାର୍ଥ ଅବସ୍ଥା ।'' (ଏ ଉକ୍ତିଟି ଶ୍ରୀଅରବିନ୍ଦଙ୍କର)*

*ମା ! ଜଣେ ତା'ହେଲେ କିପରି ସେହି ପରିସ୍ଥିତିଟିକୁ ଲାଭ କରିପାରିବ ଏବଂ ଜଣେ କିପରି ନିଜର ପ୍ରକୃତ ଆଧ୍ୟାତ୍ମିକ ପରିବେଶକୁ ମଧ୍ୟ ସୃଷ୍ଟି କରିପାରିବ ?*

**ଶ୍ରୀମା :** ... ସଂକ୍ଷେପରେ କହିଲେ, ଆନ୍ତର ଶୃଙ୍ଖଳା ଦ୍ୱାରା; ତୁମେ ତୁମର ଚିନ୍ତା ଓ ଭାବନାଗୁଡ଼ିକୁ ନିୟନ୍ତ୍ରଣ କରିବା ଦ୍ୱାରା, ସେସବୁକୁ ତୁମର ସାଧନା ଅଭିମୁଖୀ କରିବା ଦ୍ୱାରା, ତୁମର କ୍ରିୟାକର୍ମକୁ ନିୟନ୍ତ୍ରଣ କରିବା ଦ୍ୱାରା, ସେସବୁକୁ ମଧ୍ୟ ତୁମର ସାଧନା ଅଭିମୁଖୀ କରିବା ଦ୍ୱାରା, ତୁମର ସମସ୍ତ କାମନାବାସନା ଏବଂ ସବୁପ୍ରକାର ନିରର୍ଥକ, ବାହ୍ୟ ତଥା ସାଧାରଣ କ୍ରିୟାକଳାପଗୁଡ଼ିକୁ ବିଲୋପ କରିବା ଦ୍ୱାରା ଏବଂ ଏକ ଗଭୀର ଆନ୍ତର ଜୀବନକୁ ନେଇ ବଞ୍ଚିବା ଦ୍ୱାରା ଆଉ ମଧ୍ୟ ତୁଚ୍ଛ ବ୍ୟାପାରଗୁଡ଼ିକଠାରୁ ନିଜକୁ ଦୂରେଇ ରଖିବା ଦ୍ୱାରା, ସାଧାରଣ ଚିନ୍ତା, କ୍ରିୟା-ପ୍ରତିକ୍ରିୟାଦିଠାରୁ ନିଜକୁ ମୁକ୍ତ ରଖିବା ଦ୍ୱାରା; ତେବେ ଯାଇ ତୁମେ ଏକ ପ୍ରକାର ନିଜସ୍ୱ ପରିବେଶ ତୁମ ଚାରିପଟେ ସୃଷ୍ଟି କରିପାରିବ ।

### ନିଜ ପରିବେଶ ନିଜେ ସୃଷ୍ଟି କର
### (୨)

ନିମ୍ନମାନର ବହି ପଢ଼ିବା, ଏଣୁତେଣୁ ଗପ କରିବା ଓ ଅର୍ଥହୀନ କାମରେ ସଂପୃକ୍ତ ହେବା ପରିବର୍ତ୍ତେ ଯଦି ତୁମେ କେବଳ ଏପରି ଗ୍ରନ୍ଥ ପାଠ କର ଯାହାକି ତୁମକୁ ଠିକ୍ ବାଟରେ ନେଇ ଯିବାରେ ସହାୟକ ହେବ, ଏପରି କିଛି କାର୍ଯ୍ୟ କର ଯାହାକି ତୁମକୁ ଈଶ୍ୱର-ଉପଲବ୍ଧି ପାଇଁ ଅନୁକୂଳ ହେବ, ତେବେ ତୁମ ନିଜ ପାଇଁ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିବା ସମ୍ଭବ ହେବ । ଯଦି ତୁମ ଭିତରୁ ସବୁପ୍ରକାର କାମନାବାସନା ଦୂର କରିଦିଅ, ସବୁ ପ୍ରକାର ପ୍ରବୃତ୍ତି ଓ ପ୍ରବେଗଗୁଡ଼ିକୁ ଦୂର କରିଦିଅ, ତୁମର ମାନସ-ସତ୍ତାକୁ ପ୍ରଶାନ୍ତ ରଖ, ପ୍ରାଣସତ୍ତାକୁ ଶାନ୍ତ କରିପାର, ବାହାରୁ ଆସୁଥିବା ମନ୍ଦ ପରାମର୍ଶ ବା ପ୍ରଚୋଦନାଗୁଡ଼ିକୁ ନିଜ ଭିତରେ ପ୍ରବେଶ କରିବାକୁ ନ ଦିଅ, ତୁମ ଚାରିପଟେ ଥିବା ଲୋକମାନଙ୍କର କ୍ରିୟାକଳାପଗୁଡ଼ିକ ଦ୍ୱାରା ପ୍ରଭାବିତ ନ ହୁଅ; ତେବେ ତୁମେ ନିଶ୍ଚୟ ତୁମ ପାଇଁ **ଏପରି ଏକ** ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିପାରିବ, ଯାହାକୁ କିଛି ବି ସ୍ପର୍ଶ କରିପାରିବ ନାହିଁ । ଏବଂ ଏହା ଆଉ ତୁମର ବାହ୍ୟ ପରିସ୍ଥିତି ଉପରେ **ଆଦୌ** ନିର୍ଭର କରିବ ନାହିଁ । ତୁମେ ଯେଉଁ ସାଂସାରିକ ପରିସ୍ଥିତିରେ ବଞ୍ଚୁଛ, କିଂବା ତୁମେ ଯେଉଁ ସାଂସାରିକ ଅବସ୍ଥାରେ ରହୁଛ, ତାହା ଆଉ ତୁମ ଉପରେ କିଛି ପ୍ରଭାବ ପକାଇ ପାରିବ ନାହିଁ, କାରଣ ତୁମେ ବର୍ତ୍ତମାନ ତୁମ ନିଜର ଆଧ୍ୟାତ୍ମିକ ପରିବେଶ ଭିତରେ ନିରାପଦରେ ରହିପାରିଛ । ଏବଂ ଏହି ଭାବରେ ତୁମେ ତୁମର ପରିବେଶଟିକୁ ପ୍ରାପ୍ତ କରିବ : ତୁମକୁ ଆଧ୍ୟାତ୍ମିକ ଜୀବନ ଆଡ଼କୁ **ସଂପୂର୍ଣ୍ଣଭାବେ** ଏକମୁଖୀ କରି ରଖିବାକୁ ହେବ । ସେହି ଜୀବନ ବଞ୍ଚିବାରେ ଯେଉଁ ପୁସ୍ତକ ଆଲୋକ ଦେଖାଇପାରିବ, ସେଇସବୁ ପୁସ୍ତକ ପଢ଼ । ସେହି ଦିଗକୁ ନେଇ ଯିବାରେ ଯେଉଁସବୁ କର୍ମ ତୁମକୁ ସାହାଯ୍ୟ କରିବ ସେଇସବୁ କର୍ମ କର ଏବଂ ଏହିପରି କରିଚାଲ । ସେତେବେଳେ ଯାଇ ତୁମେ ତୁମର ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିବ ।

(The Great Adventure
*A Diary for All Times* ପୁସ୍ତିକାରୁ)
ଅନୁବାଦ : ମହାପାତ୍ର ନୀଳମଣି ସାହୁ

❑❑❑

# ମାନବ ଯୁଗ-ଚକ୍ର : ଏକ ଅଧ୍ୟୟନ

## (ପଞ୍ଚମ ପରିଚ୍ଛେଦ)

## ଆଶୟଗତତା : ଅସଲି ଓ ନକଲି

ଶେଖ ଅବଦୁଲ କାଶମ

ଆଶୟପ୍ରଧାନ ଯୁଗରେ ମନୁଷ୍ୟଜାତି ଆତ୍ମଜ୍ଞାନ ଅଭିମୁଖରେ ତାହାର ଅନୁସନ୍ଧାନ ଚଳାଇ ରଖିଥାଏ । ଆପଣାର ଅନ୍ତଃପ୍ରେରଣା ଦ୍ୱାରା ପ୍ରେରିତ ହୋଇ ବଞ୍ଚିବାର ପ୍ରବୃତ୍ତି ଏହି ଯୁଗର ବୈଶିଷ୍ଟ୍ୟ । ଆଶୟଗତ ପଥରେ ଯାତ୍ରା କଲେ ଅନେକ ମହାନ୍ ଅନୁଭୂତି ଓ ସିଦ୍ଧି ଲାଭ ହୋଇପାରେ, ମାତ୍ର ଯାଉ ଯାଉ ଭୁଲ୍ ବାଟରେ ଚାଲିଗଲେ ଅନେକ ବିପଦର ମଧ୍ୟ ସମ୍ଭାବନା ରହିଥାଏ । ବିପଦସଙ୍କୁଳ ହେଲେ ମଧ୍ୟ ଏହି ଦୁଃସାହସର ମାର୍ଗଟି ଅବଶ୍ୟ ଅବଲମ୍ବନୀୟ । ଆମ ସତ୍ତାର ଉପରି ଭାଗରେ ଅନେକ ଆପାତ ବା ପ୍ରତିନିଧିମୂଳକ ଆତ୍ମା (apparent or representative selves) ରହିଛି । କେବଳ ଗୋଟିଏ ଯଥାର୍ଥ ଆତ୍ମା ରହିଛି ଯାହା ଆମ ସତ୍ତାର ଗଭୀରତମ ପ୍ରଦେଶରେ ପ୍ରଚ୍ଛନ୍ନ ହୋଇ ରହିଛି । ଆପାତ ଆତ୍ମାର ସ୍ତରରେ ଅଟକି ରହିଗଲେ ଓ ତାହାକୁହିଁ ସତ୍ୟ ଆତ୍ମା ବୋଲି ଗ୍ରହଣ କରି ନେଲେ ନାନା ଭ୍ରାନ୍ତି ଓ ପ୍ରମାଦ ଉତ୍ପନ୍ନ ହୋଇଥାଏ, ଯାହାକି ପ୍ରକୃତରେ କଷ୍ଟଦାୟକ ।

ବର୍ତ୍ତମାନ ପୃଥିବୀରେ ଯାବତୀୟ ସମସ୍ୟାକୁ ଆଶୟଗତ ଦୃଷ୍ଟିକୋଣରୁ ସମ୍ମୁଖୀନ ହେବାର ପ୍ରବୃତ୍ତି ଜାତ ହୋଇଅଛି । ଶିକ୍ଷାକ୍ଷେତ୍ରରେ ଏବେ ଏକ ନୂତନ ବିଚାରଧାରା ଅନୁସୃତ ହେଉଛି । ଏ ଅନୁସାରେ ଶିଶୁ ଆପଣାର ଅନ୍ତଃପ୍ରବୃତ୍ତି ଓ ସାମର୍ଥ୍ୟଗୁଡ଼ିକରୁ ପ୍ରେରଣା ଲାଭ କରି ସ୍ୱକୀୟ ରୀତିରେ ଆପଣାର ବିକାଶ ସାଧନ କରିବ । ତାହାର ବୌଦ୍ଧିକ, ସୌନ୍ଦର୍ଯ୍ୟ ବୋଧଗତ, ସଂବେଗଗତ, ନୈତିକ ତଥା ଆଧ୍ୟାତ୍ମିକ ଜୀବନ ସ୍ୱତଃସ୍ଫୂର୍ତ୍ତ ଧାରାରେ ବିକଶିତ ହୋଇ ଉଠିବ, କୌଣସି ବାହ୍ୟଚାପ ଓ ବାଧ୍ୟବାଧକତା ଦ୍ୱାରା ତାହା ପରିଚାଳିତ ହେବ ନାହିଁ । ପୁରାତନ ଶିକ୍ଷା ବ୍ୟବସ୍ଥାରେ କେତେକ ପାଠ ଓ ଜ୍ଞାନକୁ ତଥା ଆଚରଣବିଧିକୁ ଜବରଦସ୍ତି ପିଲା ଉପରେ ଲଦି ଦିଆ ଯାଉଥିଲା । ନୂତନ ଶିକ୍ଷା ଶିଶୁକୁ ସର୍ବାଧିକ ସ୍ୱାଧୀନତା ପ୍ରଦାନ ଉପରେ ଗୁରୁତ୍ୱ ଦେଉଛି । ସେହିପରି ନୂତନ ନ୍ୟାୟ ବ୍ୟବସ୍ଥାରେ ଅପରାଧୀକୁ ବିଚାର କଲାବେଳେ ତାକୁ ଏକ ଆଇନଭଙ୍ଗକାରୀ ରୂପେ ଦେଖି ତା'ର କେବଳ ଦଣ୍ଡ ବିଧାନ କରିବାରେ ବିଚାରକମାନେ ସନ୍ତୁଷ୍ଟ ହୋଇଯାଉ ନାହାନ୍ତି । ଅପରାଧୀର ବଂଶଗତ ଓ ପାରିବାରିକ ପୃଷ୍ଠଭୂମି, ତା'ର ପରିବେଶ ତଥା ମନସ୍ତାତ୍ତ୍ୱିକ ଅବସ୍ଥାକୁ ବୁଝିବା ଲାଗି ପ୍ରୟାସ କରାଯାଉଛି । ତା'ଭିତରେ ପରିବର୍ତ୍ତନର ସମ୍ଭାବନାଗୁଡ଼ିକୁ ଆବିଷ୍କାର କରି ସେସବୁକୁ ଉନ୍ମୁକ୍ତ କରିଦେବା ଲାଗି ପଦକ୍ଷେପ ନିଆ ଯାଉଛି । ସାମାଜିକ କ୍ଷେତ୍ରରେ ଯେକୌଣସି ଗୋଷ୍ଠୀ ବା ଦେଶକୁ ଏକ ଜୀବନ୍ତ ସଙ୍ଗଠନ ରୂପେ ବିଚାର କରିବା ଆରମ୍ଭ ହୋଇଛି । ଦେଶର ଏକ ଆଶୟଗତ ସତ୍ତା ରହିଛି ଏବଂ ତା'ର ପରିପୂର୍ଣ୍ଣ ବିକାଶ ସାଧନ ନାଗରିକମାନଙ୍କର ସାମୂହିକ ଦାୟିତ୍ୱ ବୋଲି ସମସ୍ତେ ସ୍ୱୀକାର କରୁଛନ୍ତି ।

ଆଶୟପ୍ରଧାନ ଯୁଗଟି ବ୍ୟକ୍ତିବାଦୀ ଯୁଗରୁ ଜନ୍ମଲାଭ କରିଥିବାରୁ ବ୍ୟକ୍ତିବାଦୀ ଅହଂର ସମସ୍ୟା ସମାଧାନ କରିବା ଆବଶ୍ୟକ ହୁଏ । ବ୍ୟକ୍ତିବାଦୀ ଅହଂ ଯେତେବେଳେ ସାମୂହିକ ଅହଂରେ ପରିଣତ ହୁଏ ସେତେବେଳେ ଜାତି ଆଗରେ ଏକ ବିରାଟ ବାଧା ଆସି ପହଞ୍ଚେ । ବ୍ୟକ୍ତି ପ୍ରଥମେ ଆପଣା ସତ୍ତାର ବିଧାନକୁ ଜାଣିବା ଆବଶ୍ୟକ । ସେହି ବିଧାନକୁ ନିରାପଦ ଭାବରେ ଆବିଷ୍କାର କରିବା ପାଇଁ ମନୋଗତ ଦୁଇଟି ବୃହତ୍ ସତ୍ୟକୁ ଉପଲବ୍ଧି କରିବାକୁ ହେବ । ପ୍ରଥମ ସତ୍ୟ ହେଲା ଆମର ଅହଂ ଆମର ପ୍ରକୃତ ଆତ୍ମା ନୁହେଁ । ଆମର ଆତ୍ମା ହେଉଛି ବିଶ୍ୱଗତ ପରମ ଦିବ୍ୟତାର ଏକ ଅଂଶ । ବ୍ୟକ୍ତିଗତ ପରିପୂର୍ଣ୍ଣତା କହିଲେ ବୁଦ୍ଧିଗତ, ପ୍ରାଣଗତ ଓ ଭୌତିକ ଆକାଂକ୍ଷାଗୁଡ଼ିକର ତୃପ୍ତି ସାଧନକୁ ବୁଝାଏ ନାହିଁ । ଆପଣା ଭିତରେ ଜ୍ଞାନ, ଶକ୍ତି ଓ ପ୍ରେମର ପୂର୍ଣ୍ଣ ବିକାଶ ଏବଂ ସୌନ୍ଦର୍ଯ୍ୟ ଓ ସତ୍ତାଗତ ଆନନ୍ଦର ପୂର୍ଣ୍ଣ ଉପଲବ୍ଧିହିଁ ବ୍ୟକ୍ତିଗତ ଜୀବନରେ ପରିପୂର୍ଣ୍ଣତା ଆଣିଦିଏ । ବଞ୍ଚି ରହିବାର ଇଚ୍ଛା, କ୍ଷମତାପନ୍ନ ହେବାର ଇଚ୍ଛା ଓ ଜାଣିବାର ଇଚ୍ଛାକୁ ଦମନ କରାଯିବାର ଆବଶ୍ୟକତା ନାହିଁ । ମାତ୍ର

ସେଗୁଡ଼ିକର ତୃପ୍ତିବିଧାନ ଅହଂକେନ୍ଦ୍ରିତ ହେବା ଅନୁଚିତ । ଅନ୍ୟର ଧ୍ୱଂସସାଧନ ଓ ଶୋଷଣ ଦ୍ୱାରା ବଞ୍ଚି ରହିବାକୁ ଯଦି ଚେଷ୍ଟା କରାଯାଏ ତାହା ନିଜର ଶକ୍ତିକ୍ଷୟ କରିବା ସଙ୍ଗେ ସଙ୍ଗେ କେବଳ ପାପ ଅର୍ଜନର କାରଣ ହେବ । ତାହା ପରିପୂର୍ଣ୍ଣତା ଲାଭ ଦିଗରେ ବିପଜ୍ଜନକ ପ୍ରତିବନ୍ଧକ ।

ଆତ୍ମଜ୍ଞାନ ଅର୍ଜନ ନ କରି ଯଦି ଜୀବନ ବଞ୍ଚିବା ଲାଗି ଆମେ ପ୍ରବୃତ୍ତ ହେଉ ତାହା ହେବ ଏକ ଅହଂକେନ୍ଦ୍ରିତ ଜୀବନ, ଏକ ଅର୍ଥହୀନ ଜୀବନ । ଆତ୍ମଜ୍ଞାନ ଲାଭର ପ୍ରୟାସୀ ହେବାହିଁ ଯଥାର୍ଥ ଆଶୟଗତତା । ବ୍ୟକ୍ତି କହିଲେ ତା' ଭିତରେ ଥିବା ଦିବ୍ୟ ବ୍ୟକ୍ତିତ୍ୱକୁହିଁ ବୁଝାଏ, ତା'ର ଅହଂଟାକୁ ବୁଝାଏ ନାହିଁ । ବିବର୍ତ୍ତନର ଏକ ପ୍ରକ୍ରିୟା ମଧ୍ୟ ଦେଇ ଆମ ଭିତରେ ଆତ୍ମାର ଅଭିବ୍ୟକ୍ତି ଘଟୁଥାଏ । ଅହଂ ଓ ବାସନା ଉପରେ ଆଧାରିତ ଥିବା ନିମ୍ନ ଗତିବୃତ୍ତିଗୁଡ଼ିକ ଆତ୍ମାର ଅଭିବ୍ୟକ୍ତିରେ ମୁଖ୍ୟ ପ୍ରତିବନ୍ଧକ ହୋଇ ରହିଥା'ନ୍ତି । ଦୃଢ଼ ସଂକଳ୍ପ ଓ ଯଥାର୍ଥ ଜ୍ଞାନ ଲାଭ ଦ୍ୱାରା ଅହଂ ଓ ବାସନା ଉପରେ ବିଜୟ ଲାଭ କରା ଯାଇପାରେ । ଆତ୍ମାର ଆବିଷ୍କାର, ଉପଲବ୍ଧି ଓ ଅଭିବ୍ୟକ୍ତିହିଁ ଆମର ଯଥାର୍ଥ ଲକ୍ଷ୍ୟ, ଅହଂଗତ ତୁଚ୍ଛ ଇଚ୍ଛାଗୁଡ଼ିକର ତୃପ୍ତିସାଧନ ଆମର ଅସଲ ଲକ୍ଷ୍ୟ ନୁହେଁ ।

ମନୋଗତ ଯେଉଁ ଦ୍ୱିତୀୟ ସତ୍ୟଟିକୁ ଆମେ ଉପଲବ୍ଧି କରିବା ଆବଶ୍ୟକ ତାହା ହେଉଛି, ଏହି ଜଗତରେ ବ୍ୟକ୍ତି ଏକା ହୋଇ ରହି ନାହିଁ, ଅବଶିଷ୍ଟ ସବୁ ବ୍ୟକ୍ତିଙ୍କ ସହିତ ସେ ଦୃଢ଼ଭାବେ ସଂଯୁକ୍ତ ହୋଇ ରହିଛି । କୌଣସି ବ୍ୟକ୍ତି ଆପଣାର ସ୍ୱାର୍ଥ ସାଧନ ପାଇଁ ଅନ୍ୟମାନଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରିବା କଦାପି ଗ୍ରହଣଯୋଗ୍ୟ ନୁହେଁ । ସମାଜ ମଧ୍ୟ କୌଣସି ବ୍ୟକ୍ତିର ଆତ୍ମବିକାଶ କ୍ଷେତ୍ରରେ ବାଧା ସୃଷ୍ଟି କରିବାକୁ ଅଧିକାର ପାଇ ନାହିଁ । କେତେକ ବ୍ୟକ୍ତିଙ୍କୁ ଆପଣାଠାରୁ ବିଚ୍ଛିନ୍ନ କରି ରଖି ସମାଜ ଆପଣାର ବିକାଶସାଧନ କରିପାରିବ ନାହିଁ । କୌଣସି ବ୍ୟକ୍ତି ମଧ୍ୟ ଅନ୍ୟ ବ୍ୟକ୍ତିମାନଙ୍କଠାରୁ ନିଜକୁ ସ୍ୱତନ୍ତ୍ର ଓ ବିଚ୍ଛିନ୍ନ କରି ରଖି ଏକାକୀ ଆପଣାର ଅଭିବୃଦ୍ଧି ଲାଗି ଚେଷ୍ଟା କଲେ ସେଥିରେ ସେ ସଫଳ ହୋଇ ପାରିବ ନାହିଁ । ଆମକୁ ବିଶ୍ୱଗତତା (Universality)ର ବିଧାନକୁ ମାନିବାକୁ ହେବ । ବ୍ୟକ୍ତିମାନଙ୍କ ଭିତରେ ଏକତା ଓ ସଂହତି ପ୍ରତିଷ୍ଠିତ ହେଲେ ଯାଇ ସେଥିରୁ ବ୍ୟକ୍ତି ବା ସମାଜ ଉପକୃତ ହୋଇ ପାରିବ । ବିଶ୍ୱଜନୀନତାକୁ ଯଦି ବାଦ୍ ଦିଆଯାଏ ତାହାହେଲେ ଜୀବନରେ ଆଶାନୁରୂପ ଅଭିବୃଦ୍ଧି ଓ ପରିପୂର୍ଣ୍ଣତା ସମ୍ଭବ ହେବ ନାହିଁ ।

ଯଥାର୍ଥ ଆଶୟପ୍ରଧାନ ଦୃଷ୍ଟି ଆମକୁ ଯେଉଁ ଶିକ୍ଷାଗୁଡ଼ିକ ଦେଇ ଯାଉଛି ସେ ବିଷୟରେ ଶ୍ରୀଅରବିନ୍ଦ କହନ୍ତି – "... first, that we are a higher self than our ego or our members, secondly, that we are in our life and being not only ourselves but all others; for there is a secret solidarity which our egoism may kick at and strive against, but from which we cannot escape."

(The Human Cycle, p. 47)

ଅର୍ଥାତ୍, ''... ପ୍ରଥମଟି ହେଉଛି ଯେ ଆମର ଅସଲ ପରିଚୟଟି ହେଉଛି ଆମର ଅହଂ ଅଥବା ଭୌତିକ ଜୀବନାଙ୍ଗଗୁଡ଼ିକଠାରୁ ଉଚ୍ଚତର ହୋଇଥିବା ଏକ ଆତ୍ମାର ପରିଚୟ । ଦ୍ୱିତୀୟରେ, ଆମର ଜୀବନ ତଥା ସତ୍ତାର କ୍ଷେତ୍ରରେ ଆମେ କେବଳ ଆମରି ଭିତରେହିଁ ସୀମିତ ନୋହୁଁ ଏବଂ ଆମେ କହିଲେ ତାହା ସର୍ବଦା ଅନ୍ୟ ସମସ୍ତଙ୍କୁ ବୁଝାଉଛି । କାରଣ ଏହି କ୍ଷେତ୍ରରେ ଏକ ଐକ୍ୟବଦ୍ଧତା ପ୍ରଚ୍ଛନ୍ନ ହୋଇ ରହିଛି ଯାହାକୁ ଆମର ଅହଂସର୍ବସ୍ୱତା ପଦାଘାତ କରିପାରେ ଅଥବା ତାହାର ପରିପନ୍ଥୀ ହୋଇ ଛିଡ଼ା ହୋଇପାରେ; ମାତ୍ର ଆମେ କଦାପି ସେଇଟିକୁ ଏଡ଼ି ପଳାଇ ଯାଇପାରିବା ନାହିଁ ।''

ଭାରତୀୟ ଆଧ୍ୟାତ୍ମିକତା ଆମକୁ ଯେଉଁ ପ୍ରଥମ ଶିକ୍ଷା ଦେଇଛି ତାହା ହେଲା, ଆମର ପ୍ରକୃତ ''ମୁଁ'' ହେଉଛି ଏକ ପରମ ସତ୍ତା, ତାହା ହିଁ ଆମର ପ୍ରକୃତ ଆତ୍ମା; ତାହାକୁ ଆବିଷ୍କାର କରିବା ହିଁ ଆମ ଜୀବନର ଅସଲ ଲକ୍ଷ୍ୟ । ଆମେ କ୍ରମବିକଶିତ ହୋଇ ତାହାରି ସହିତ ଦିନେ ଏକାତ୍ମ ହେବା । ଦ୍ୱିତୀୟ ଶିକ୍ଷାଟି ହେଉଛି ପରମସତ୍ତା ସବୁରି ଭିତରେ ଏକାଭଳି ବିଦ୍ୟମାନ ରହିଛନ୍ତି, ବ୍ୟଷ୍ଟି ଓ ସମଷ୍ଟି ଉଭୟ ଭିତରେ ସେ ପ୍ରକାଶିତ ହେଉଛନ୍ତି । ଆମେ ଅନ୍ୟ ସମସ୍ତଙ୍କ ସହିତ ଏକାତ୍ମ ହୋଇ ପାରିଲେ ଆମର ଆତ୍ମସତ୍ତା ପରିପୂର୍ଣ୍ଣତା ଲାଭ କରିବ ।

ଏ ଦୁଇଟି ସତ୍ୟ ମନୁଷ୍ୟଜାତିର ବାସ୍ତବ ଜୀବନରେ ଏପର୍ଯ୍ୟନ୍ତ ଅତି ଆଂଶିକ ଭାବରେ କାର୍ଯ୍ୟକାରୀ ହୋଇଛି । ଅଧିକାଂଶ ବ୍ୟକ୍ତି ଏହି ସତ୍ୟ ଦୁଇଟିକୁ ମୁହଁରେ ସ୍ୱୀକାର କରୁଥିଲେ ମଧ୍ୟ ସେମାନଙ୍କ ପ୍ରକୃତ ଜୀବନ କ୍ଷେତ୍ରରେ ତାହା ଆଚରିତ ହୋଇପାରୁ ନାହିଁ । ଏହି ଆଶୟଗତ ଦୃଷ୍ଟିକୋଣ ଜର୍ମାନୀରେ ବିକୃତ ରୂପ ଧାରଣ କରିଥିଲା । ଜର୍ମାନୀର ଚିନ୍ତାଶୀଳ ବ୍ୟକ୍ତିମାନେ ଆପଣାର ବୁଦ୍ଧିଗତ ବିବେଚନା ଦ୍ୱାରା ପରମ

ନିର୍ବିଶେଷ (The Absolute), ବ୍ୟକ୍ତି ତଥା ବିଶ୍ୱର ବିଶ୍ଳେଷଣ କରିବାକୁ ଯାଇ ଦେଖିଲେ ଯେ ପରମ ସତ୍ୟ ଆପଣାକୁ ଅହଂ ରୂପେ ପ୍ରକଟ କରୁଛି । ଆଧୁନିକ ବିଜ୍ଞାନର ସିଦ୍ଧାନ୍ତକୁ ଆଧାର କରି ସେମାନେ ବିଚାର କଲେ ଯେ ବ୍ୟକ୍ତି ହେଉଛି ସମଷ୍ଟିଗତ ଅହଂର କେବଳ ଏକ କ୍ଷୁଦ୍ର କୋଷ ମାତ୍ର (a cell of the collective ego) । ଏହି ବିଚାର ଅନୁସାରେ ସମୂହଗତ ଅହଂର ସର୍ବୋଚ୍ଚ ଶକ୍ତି ରହିଛି ଏବଂ ସବୁକିଛି ସେହି ସମୂହଗତ ଅହଂର ଅଧୀନ ହୋଇ ରହିବା ଉଚିତ । ଏ ପ୍ରକାର ଧାରଣା ଯେଉଁ ପରିଣାମ ନେଇ ଆସିବ ତାହାହେଲା, ପୃଥିବୀରେ ସବୁଠାରୁ ଅଧିକ ଅଗ୍ରଗତି କରିଥିବା ଜାତିଗୁଡ଼ିକ ବା ସେପରି କୌଣସି ଗୋଟିଏ ଜାତି ସମସ୍ତଙ୍କ ଉପରେ ଆଧିପତ୍ୟ ବିସ୍ତାର କରିବ ଏବଂ ସମସ୍ତଙ୍କର ନିୟାମକ ତଥା ଭାଗ୍ୟବିଧାତା ହୋଇ ରହିବ । ଜର୍ମାନୀ ସବୁଠୁ ଅଧିକ ଅଗ୍ରଗତି କରିଥିବାରୁ ଏବଂ ସବୁଠୁ ଅଧିକ ନିପୁଣ ଓ ସୁସଂଗଠିତ ଜାତି ହୋଇଥିବାରୁ ବିଶ୍ୱର ସର୍ବାଧିପତି ରୂପେ ନିଜକୁ ପ୍ରତିଷ୍ଠିତ କରିନେବ ଏବଂ ତା'ର ସାମୂହିକ ଅହଂ ଅନ୍ୟ ଜାତିମାନଙ୍କୁ ପଦଦଳିତ କରି ରଖିବ । ଜର୍ମାନ୍ ଆଶୟଗତତାର ଏହି ଭୁଲ୍‌କୁ ବିଶ୍ୱବାସୀ ଠିକ୍ ଭାବେ ବୁଝି ରଖିବା ଉଚିତ ।

ଅହଂସର୍ବସ୍ୱ ଭାବେ ବଡ଼ ବଡ଼ ସ୍ୱପ୍ନ ଦେଖିବାକୁ ଯାଇ ଗୋଟିଏ ଦେଶ ଆଶୟଗତ ପ୍ରମାଦ ଭିତରେ ପଡ଼ିଯାଇପାରେ । ତାହା ଏପରି ଶିକ୍ଷା ବ୍ୟବସ୍ଥା ପ୍ରଚଳନ କରେ ଯଦ୍ୱାରା ତା'ର ନାଗରିକମାନେ ଜାତୀୟ ବୃହତ୍ତର ଜୀବନର ଏକ ଏକ ଶୃଙ୍ଖଳିତ ସାଧନ ବା ହତିଆର ହୋଇ ବାହାରନ୍ତି । ସମୂହହିଁ ସକଳ କର୍ମର ଉଦ୍ୟମ କରିଥାଏ ଏବଂ ନାଗରିକମାନେ ଯେପରି ପ୍ରଶିକ୍ଷିତ ହୋଇଥା'ନ୍ତି ସେହି ଅନୁସାରେ ତାହାର ନିର୍ଦ୍ଦେଶକୁହିଁ କାର୍ଯ୍ୟକାରୀ କରିବାରେ ଲାଗିଥା'ନ୍ତି । ଜାତିର ବୃହତ୍ ମେସିନ୍‌ରେ ବ୍ୟକ୍ତି କେବଳ ଏକ ଅଂଶ ହୋଇ ରହିଥାଏ । ଏହି ପ୍ରକାର ବ୍ୟବସ୍ଥାରେ ରାଷ୍ଟ୍ରର ଠୁଳ ପ୍ରତିମା (cult of the State) ଗଠିତ ହୁଏ । ଲୋକଜୀବନର ସକଳ କ୍ଷେତ୍ର ଉପରେ ରାଷ୍ଟ୍ରର ଏକାଧିପତ୍ୟ ପ୍ରତିଷ୍ଠିତ ହୋଇଥାଏ । ସାମୂହିକ ଅହଂ ରାଷ୍ଟ୍ରୀୟ ଜୀବନକୁ ବଳ, ସଂଗଠନ ଓ କର୍ମନୈପୁଣ୍ୟ ଆଣିଦେଇପାରେ । ମାତ୍ର ବ୍ୟକ୍ତି ଅଧିକରୁ ଅଧିକ ପରିମାଣରେ ରାଷ୍ଟ୍ରର ଅଧୀନରେ ରହି ପରିଶେଷରେ ସକଳ ସ୍ୱାଧୀନତା ହରାଏ ଏବଂ ନିର୍ଶ୍ଚିହ୍ନ ହୋଇଯାଏ (effacement of the individual) । ଜର୍ମାନ୍ ରାଷ୍ଟ୍ରରେ ଏପରିହିଁ ଘଟିଥିଲା । ଏହା ଥିଲା ଜର୍ମାନ୍ ଆଶୟଗତତାର ପ୍ରଥମ ଭୁଲ୍ ବା ନକଲି ଆଶୟଗତତାର ପ୍ରଥମ ଲକ୍ଷଣ । ଆର୍ଥିକ, ବୁଦ୍ଧିଗତ ଓ ସାମାଜିକ ନୈପୁଣ୍ୟ କ୍ଷେତ୍ରରେ ଜର୍ମାନୀ ବହୁତ ଶକ୍ତିଶାଳୀ ହେଲା, ମାତ୍ର ତାହାକୁ ବହୁତ କିଛି ମୂଲ୍ୟବାନ୍ ଜିନିଷ ହରାଇବାକୁ ପଡ଼ିଲା । ଗଭୀରତର ଜୀବନ (deeper life), ଗଭୀର ଦୃଷ୍ଟି (vision), ସଦ୍ୟୋଧିଶକ୍ତି (intuitive power), ବ୍ୟକ୍ତିତ୍ୱର ପ୍ରବେଗ (force of personality), ଚୈତ୍ୟସ୍ତରୀୟ ମାଧୁର୍ଯ୍ୟ ଓ ଔଦାର୍ଯ୍ୟ (psychical sweetness and largeness) ପ୍ରଭୃତି ବହୁମୂଲ୍ୟ ସମ୍ପଦରୁ ଏହା ବଞ୍ଚିତ ହେଲା ।

ରାଷ୍ଟ୍ର ହେଉଛି ଈଶ୍ୱରଙ୍କ ପ୍ରତିନିଧି ଏବଂ ବ୍ୟକ୍ତିସକଳ ରାଷ୍ଟ୍ରରହିଁ ଅନୁଗତ ଓ ବାଧ୍ୟ ସେବକ, ଏହି ବିଚାରଧାରା ଜର୍ମାନ୍ ଆଶୟଗତତାର ଦ୍ୱିତୀୟ ପ୍ରକାରର ଭୁଲ୍ । ଏ କ୍ଷେତ୍ରରେ ରାଷ୍ଟ୍ର ତଥା ସମୂହର ପରିଚର୍ଯ୍ୟା ଖଟିବାହିଁ ବ୍ୟକ୍ତି ଲାଗି ନୈତିକତାର ପରମ ବିଧାନ ହୋଇଯାଏ । ବ୍ୟକ୍ତିର ଅହଂକୁ ରାଷ୍ଟ୍ରୀୟ ଅହଂଟି ମଧ୍ୟରେ ସମ୍ପୂର୍ଣ୍ଣ ରୂପେ ବିସର୍ଜନ ଦେବାକୁ ପଡ଼େ । ରାଷ୍ଟ୍ର କୌଣସି ପ୍ରତିବାଦୀ ଅହଂକୁ ଆଦୌ ପ୍ରଶ୍ରୟ ଦିଏ ନାହିଁ । ଏ କ୍ଷେତ୍ରରେ ଗୋଟିଏ ରାଷ୍ଟ୍ର ଅନ୍ୟ ରାଷ୍ଟ୍ରମାନଙ୍କ ସହିତ ସମ୍ବନ୍ଧ ସ୍ଥାପନ କଲାବେଳେ ଯୁଦ୍ଧହିଁ ଏକମାତ୍ର ବିଧାନ ବା ବ୍ୟାପାର ହୋଇ ରହିବ । ପ୍ରତ୍ୟେକ ରାଷ୍ଟ୍ରର ସାମୂହିକ ଅହଂ ଅନ୍ୟ ରାଷ୍ଟ୍ରର ସାମୂହିକ ଅହଂ ସହିତ ସଂଘର୍ଷରତ ହେବ । ଏହି ସଂଘର୍ଷ କେବଳ ଯୁଦ୍ଧ କ୍ଷେତ୍ରରେ ଚାଲିବ ନାହିଁ, ବାଣିଜ୍ୟ ବ୍ୟବସାୟ, ସଂସ୍କୃତି ଆଦି କ୍ଷେତ୍ରରେ ମଧ୍ୟ ଚାଲିବ । ପ୍ରତ୍ୟେକ ରାଷ୍ଟ୍ର ପୃଥିବୀରେ ସର୍ବେସର୍ବା ହୋଇ ରହିବାକୁ ଚେଷ୍ଟିତ ହେବେ । ଭୌତିକ ଓ ପ୍ରାଣିକ କ୍ଷେତ୍ରର ସଫଳତାହିଁ ନୈତିକତା ବୋଲି ବିବେଚିତ ହେବ । ଦକ୍ଷତାର ଅଭାବ ଓ ବିଫଳତାକୁ ନୀତିହୀନତା ବୋଲି କୁହାଯିବ । ଯୁଦ୍ଧରେ ବିଜୟ ଲାଗି ଯେକୌଣସି କୌଶଳ ଅବଲମ୍ବନ କରାଗଲେ ମଧ୍ୟ ତାହା ଉଚିତ ସାବ୍ୟସ୍ତ ହେବ । ଜାତି ଜାତି ମଧ୍ୟରେ ଶାନ୍ତିର ଅବସ୍ଥା ବେଳେ ମଧ୍ୟ ପ୍ରଚ୍ଛନ୍ନ ଯୁଦ୍ଧର ସ୍ଥିତି ରହିଥିବ । ଆଶୟଗତତାର ଏହି ଭୁଲ୍ ମାର୍ଗ ଅବଲମ୍ବନ କରି ଜର୍ମାନୀ ବିଶ୍ୱରେ ନିନ୍ଦିତ ହୋଇଥିଲା ।

ଜର୍ମାନ୍ ଆଶୟଗତତା କ୍ଷେତ୍ରରେ ତୃତୀୟ ଭୁଲ୍ ଅର୍ଥାତ୍ ନକଲି ଆଶୟଗତତାର ତୃତୀୟ ଦିଗ ହେଲା, ଜୀବନର ସଂଗ୍ରାମରେ ସବୁଠାରୁ ଅଧିକ, ଯୋଗ୍ୟ ଓ ସମର୍ଥମାନେହିଁ ବିଜୟୀ ହେବେ ଏବଂ ସେଥିରେ ମନୁଷ୍ୟଜାତିର ସର୍ବୋଚ୍ଚ କଲ୍ୟାଣ ନିହିତ ବୋଲି ଧାରଣା ପୋଷଣ କରିବା । ଏହି ବିଚାରଟି ଅନୁସାରେ

ଯେଉଁମାନେ ଅଯୋଗ୍ୟ ସେମାନଙ୍କୁ ଏକାବେଳକେ ନିର୍ମୂଳ କରି ଦିଆଯିବ ଏବଂ ଯେଉଁମାନେ ଅଳ୍ପଯୋଗ୍ୟ ସେମାନଙ୍କୁ ବୃହତ୍ ସମୂହଟି ମଧ୍ୟରେ ଗ୍ରାସ କରି ନିଆଯିବ । ଜର୍ମାନ୍ ସଂସ୍କୃତି ଏହି ମତବାଦକୁ କାର୍ଯ୍ୟକାରୀ କରି ସମସ୍ତ ପୃଥିବୀକୁ ଜୟ କରିନେବ ଏବଂ ତଦ୍ୱାରା ମନୁଷ୍ୟଜାତିର ପ୍ରଗତି ସମ୍ଭବ ହେବ ବୋଲି ଏକ ଭୁଲ୍ ଧାରଣା ସୃଷ୍ଟି ହୋଇଥିଲା । ଜର୍ମାନୀର ଚିନ୍ତାଧାରା ଅନୁସାରେ କେତୋଟି ବିଶେଷ ବିଚାର ଦ୍ୱାରା ପ୍ରଶାସିତ ଜୀବନହିଁ ସଂସ୍କୃତି ଏବଂ ସେହି ବିଚାରଗୁଡ଼ିକୁ ସଂଗଠିତ କରି ଜୀବନର ସର୍ବୋଚ୍ଚ କାର୍ଯ୍ୟଦକ୍ଷତା ଉପଲବ୍ଧି କରିବା ହେଉଛି ସଂସ୍କୃତିର ଲକ୍ଷ୍ୟ । ଯେଉଁସବୁ ଜନସମୂହ ଏହି ସଂସ୍କୃତି ଓ ଦକ୍ଷତା ଲାଗି ଅଯୋଗ୍ୟ ସାବ୍ୟସ୍ତ ହେବେ ସେଗୁଡ଼ିକୁ ବିଲୁପ୍ତ କରିଦେବାକୁ ହେବ ଅଥବା ସେଗୁଡ଼ିକୁ ଉପେକ୍ଷିତ ଓ ପଦଦଳିତ କରି ରଖିବାକୁ ହେବ । ଏହି ଚିନ୍ତାଧାରା ଅନୁସାରେ ସମୂହର ଅନ୍ତର୍ଭୁକ୍ତ ଓ ଅନୁଗତ ହୋଇ ରହିବାହିଁ ସମର୍ଥତା । ଏହି ଦୃଷ୍ଟିରୁ ଟିଉଟନିକ୍ (Teutonic) ବା ନୋର୍ଡ଼ିକ (Nordic) ଜାତି ଏକମାତ୍ର ସମ୍ପୂର୍ଣ୍ଣ ସମର୍ଥ ଜାତି । ଅନ୍ୟ ଜାତିମାନେ ଟିଉଟନିକ୍ ଜାତିରେ ମିଶି ଯାଇପାରନ୍ତି ଅଥବା ଅଧୀନସ୍ଥ ଓ ପଦଦଳିତ ହୋଇ ରହିପାରନ୍ତି । ନିମ୍ନସ୍ତରୀୟ ଜାତିମାନେ ଯେଉଁମାନଙ୍କର ପୁନରୁତ୍‌ଥାନର ଆଶା ନାହିଁ, ସେମାନଙ୍କୁ ବହିଷ୍କୃତ କରି ରଖାଯିବ ।

ଜର୍ମାନୀର ଅଧିକାଂଶ ଲୋକ ନୁହନ୍ତି, ଅଳ୍ପ ସଂଖ୍ୟକ ଚିନ୍ତାଶୀଳ ଓ ପ୍ରଭାବଶାଳୀ ବ୍ୟକ୍ତିହିଁ ପ୍ରଥମେ ଉପରୋକ୍ତ ବିଚାର ପୋଷଣ କରୁଥିଲେ । ମାତ୍ର ବ୍ୟାବହାରିକ କ୍ଷେତ୍ରରେ ସେମାନଙ୍କର ବଳିଷ୍ଠ ପ୍ରଭାବ ଯୋଗୁଁ ସମସ୍ତ ଲୋକ କ୍ରମଶଃ ସେଇ ବିଚାରର ସମର୍ଥକ ହେବା ଖୁବ୍ ସମ୍ଭବ ଥିଲା । ଜର୍ମାନ୍ ଜାତିର ଅବଚେତନକୁ ସେଇ ବିଚାରଗୁଡ଼ିକ ଅଧିକାର କରି ବସିଲା । ଜର୍ମାନୀର ଅଧିବାସୀମାନେ ଅତ୍ୟନ୍ତ ନିଷ୍ଠାର ସହିତ ସେହି ବିଚାରଗୁଡ଼ିକୁ କାର୍ଯ୍ୟାନ୍ୱିତ କରିବା ପାଇଁ ଆଗଭର ହୋଇଥିଲେ । ଜର୍ମାନୀର ଏହି ଭୟଙ୍କର ଆଦର୍ଶ ମନୁଷ୍ୟଜାତି ପକ୍ଷରେ କଦାପି ଶୁଭଙ୍କର ନୁହେଁ । ତେଣୁ ମନୁଷ୍ୟଜାତି ପାଇଁ ଯଦି ଏକ ଉଚ୍ଚତର ଆଦର୍ଶ ଓ ଉଚ୍ଚତର ଜୀବନ ଆମେ ଇଚ୍ଛା କରୁ, ତାହାହେଲେ ଆମକୁ ସକାରାତ୍ମକ ଦୃଷ୍ଟିରୁ ଜର୍ମାନ୍ ଅଧିବାସୀଙ୍କଠାରୁ ଅଧିକ ନିଷ୍ଠାପର ହେବାକୁ ପଡ଼ିବ ।

ଜର୍ମାନ୍ ଆଦର୍ଶକୁ ଦୁଇଟି ଦିଗରୁ ବିଚାର କରାଯାଇପାରେ, ଯଥା : ଅନ୍ତରଙ୍ଗ ଓ ବହିରଙ୍ଗ । ଅନ୍ତରଙ୍ଗ ଦିଗରୁ ଦେଖିଲେ ରାଷ୍ଟ୍ର (state), ଜାତି (nation) ଓ ସମୂହ (community)କୁ ସର୍ବଶ୍ରେଷ୍ଠ ଗୁରୁତ୍ୱ ଓ ପ୍ରାଧାନ୍ୟ ଦିଆଯାଇଛି; ସତେ ଯେପରି ତାହା ଏକମାତ୍ର ଉପାସ୍ୟ । ବହିରଙ୍ଗ ଦୃଷ୍ଟିରେ ଆନ୍ତର୍ଜାତିକ ଅହଂକେନ୍ଦ୍ରିକତା (international egoism)କୁ ସର୍ବମାନ୍ୟ ବିଧିରୂପେ ଗ୍ରହଣ କରାଯାଇଛି । ଜର୍ମାନୀ ପ୍ରଥମ ବିଶ୍ୱଯୁଦ୍ଧରେ ପରାଜିତ ହୋଇ ଧ୍ୱସ୍ତବିଧ୍ୱସ୍ତ ହୋଇଥିଲେ ମଧ୍ୟ ନୈତିକ ଦୃଷ୍ଟିରୁ ଏକ ପ୍ରକାର ବିଜୟ ହାସଲ କରିଛି ବୋଲି ମନେ ହେଲା । କାରଣ ରାଷ୍ଟ୍ରର ପରିଚର୍ଯ୍ୟାରେ ପ୍ରତ୍ୟେକ ବ୍ୟକ୍ତି ଖଟିବାକୁ ବାଧ୍ୟ – ଏଇ ବିଚାରଟି ପରବର୍ତ୍ତୀ କାଳରେ ସବୁଠାରେ କମ୍ ବା ବେଶୀ ପରିମାଣରେ ଗୃହୀତ ହେବାକୁ ଲାଗିଲା । ଏହି ନୀତିଟି ବ୍ୟକ୍ତି ତଥା ସମୂହର କଲ୍ୟାଣ ସକାଶେ ଉଦ୍ଦିଷ୍ଟ ବୋଲି କୁହାଗଲା । ବ୍ୟକ୍ତି ସ୍ୱାଧୀନତାର ଦାବି କ୍ଷୀଣ ହେବାରେ ଲାଗିଲା । ଜର୍ମାନ୍ ବିଶ୍ୱାସ ଓ ଜର୍ମାନ୍ କର୍ମାଦର୍ଶ (German gospel) ଅଧିକ କଠୋର ରୂପ ନେଇ ପୃଥିବୀରେ ଆବିର୍ଭୂତ ହେଲା, ୟୁରୋପରେ ଏହା ଅଧିକ କ୍ରିୟାଶୀଳ ହେଲା । ବହିରଙ୍ଗ କ୍ଷେତ୍ରରେ ଅର୍ଥାତ୍ ଆନ୍ତର୍ଜାତିକ ସମ୍ବନ୍ଧ ଭୂମିରେ ଦେଖାଗଲା ଯେ ଦେଶଗୁଡ଼ିକ ପରସ୍ପରର ବିଚାର ଓ ବାଦକୁ ନେଇ ସଂଘର୍ଷରତ ହେଲେ । ସୁତରାଂ ଏହା ନିଶ୍ଚିତ ଯେ ଜର୍ମାନ୍ ଆଦର୍ଶ ଭବିଷ୍ୟତ୍ ପୃଥିବୀ ଲାଗି ଶୁଭ ସଂକେତ ନଥିଲା ।

ଆନ୍ତର୍ଜାତିକ କ୍ଷେତ୍ରରେ ଜର୍ମାନୀ ଆପଣାର କେତେକ ପ୍ରବୃତ୍ତି ଓ ନୀତିକୁ ବିଧିବଦ୍ଧ ଭାବରେ ସଂଗଠିତ ଆକାର ଦେବାକୁ ଚେଷ୍ଟା କରିଥିଲା । ଏହା ବିଶ୍ୱାସ କରୁଥିଲା ଯେ ଅହଂବାଦୀ ପ୍ରେରଣା (ଯାହାକୁ ସେ ପବିତ୍ର ଓ ନ୍ୟାୟସଙ୍ଗତ ବୋଲି ମନେ କରୁଥିଲା) ଜାତି ଜାତି ମଧ୍ୟରେ ରହୁଥିବା ସମ୍ବନ୍ଧଗୁଡ଼ିକୁ ନିୟନ୍ତ୍ରିତ କରି ରଖିବ । ଜର୍ମାନୀର ସିଦ୍ଧାନ୍ତ ଅନୁସାରେ କେତେକ ଜାତିଙ୍କୁ ନିମ୍ନତର ଓ ଅବକ୍ଷୟଗ୍ରସ୍ତ ବୋଲି କହି ଦଳିତ ଓ ଉପେକ୍ଷିତ କରି ରଖିବା ଉଚିତ । ଦୁର୍ବଳ ଉପରେ ସବଳର ଅଧିକାର ଜମାଇ ସାମରିକ ଆଧିପତ୍ୟ ବିସ୍ତାର କରିବା ଏବଂ ବାଣିଜ୍ୟିକ ଶୋଷଣ କରିବା ଅନ୍ୟାୟ ନୁହେଁ । ଜର୍ମାନୀ ଏହି ସ୍ୱାର୍ଥପର ନୀତିକୁ ଏସିଆ, ଆଫ୍ରିକା ଓ ଇଉରୋପରେ ପ୍ରୟୋଗ କରିଥିଲା । ଯୁଦ୍ଧକ୍ଷେତ୍ରରେ ଜର୍ମାନୀ ଦ୍ୱାରା ନିର୍ମମ ଓ ଅମାନୁଷିକ ପଦ୍ଧତି ଅନୁସୃତ ହୋଇଥିଲା । ନିଜ ଦେଶରେ ତଥା ଉପନିବେଶ-ଗୁଡ଼ିକରେ ଏହାର ରାଜନୀତିକ ଦମନଲୀଳା ଚରମ ସୀମାରେ ପହଞ୍ଚିଥିଲା । ଜର୍ମାନୀର ଏହି ନୀତି ଓ ପ୍ରବୃତ୍ତି ପୃଥିବୀରେ ପ୍ରସାର ଲାଭ କଲା । ଫଳରେ ବିଭିନ୍ନ ଦେଶରେ ସାମରିକ ପ୍ରୟୋଜନର ଆଳରେ ଗଣହତ୍ୟାମାନ ସଂଘଟିତ ହେବାକୁ ଲାଗିଲା । ବାଣିଜ୍ୟ

ଓ ବ୍ୟବସାୟ ମାଧ୍ୟମରେ ଶୋଷଣ ବ୍ୟାପକତର ହେଲା । ବିପ୍ଳବ ଓ ବିଶୃଙ୍ଖଳାଗୁଡ଼ିକୁ ଦମନ କରିବା ନିମନ୍ତେ ଜଘନ୍ୟ କାର୍ଯ୍ୟସବୁ କରାଗଲା । ଏହିସବୁ ମର୍ମନ୍ତୁଦ ଓ ଅବାଞ୍ଛନୀୟ ଘଟଣା ଭିତରୁ ଭଲ କଥାଟିଏ ବାହାରି ଆସିଛି ଯେ ମାନବଜାତି କଲ୍ୟାଣ ଏବଂ ଅକଲ୍ୟାଣ ମଧ୍ୟରୁ କୌଣସି ଗୋଟିକୁ ଚୂଡ଼ାନ୍ତ ଭାବେ ବାଛିବା ଲାଗି ବର୍ତ୍ତମାନ ବାଧ୍ୟ ହୋଇଛି ।

ଜର୍ମାନୀ ପ୍ରାଣ ଓ ଦେହକୁହିଁ ଆତ୍ମା ବୋଲି ଭାବିବା ଫଳରେ ଭ୍ରାନ୍ତି ଓ ପ୍ରମାଦ ଭିତରେ ଯାଇ ପତିତ ହେଲା । ସମୂହଗତ ଆଶୟଧର୍ମୀ ଜୀବନର ଉପଲବ୍ଧି ଲାଗି ସେ ବ୍ୟକ୍ତିବାଦୀ ମତ ତଥା ଜଡ଼ବାଦୀ ଓ ପ୍ରାଣପ୍ରଧାନ ବିଚାରଟିକୁ ସଂଯୁକ୍ତ କରି ପ୍ରୟୋଗ କରିବା ଫଳରେ ଯଥାର୍ଥ ଆଶୟଗତତାରୁ ବହୁ ଦୂରକୁ ଚାଲିଗଲା । ସେ ଏକ ବିଷୟଗତ ଆଶୟଧର୍ମିତା (objective subjectivism) ରେ ଆସି ପହଞ୍ଚିଲା, ଯାହା ପ୍ରକୃତ ଆଶୟଗତତା ନୁହେଁ । ମନୁଷ୍ୟ ତଥା ଜାତିର ବ୍ୟକ୍ତିତ୍ୱ କହିଲେ ତାହାର ଭୌତିକ, ଆର୍ଥିକ ଓ ଏପରିକି ସାଂସ୍କୃତିକ ଜୀବନକୁ ମଧ୍ୟ ବୁଝାଏ ନାହିଁ । ଅହଂ ଭିତରେ ନୁହେଁ, ଆତ୍ମାରେହିଁ ମନୁଷ୍ୟ ଓ ଜାତିର ଅସଲ ବ୍ୟକ୍ତିତ୍ୱ ନିହିତ ଥାଏ । ତେଣୁ ଯଦି ଆମେ ପୃଥିବୀର କଲ୍ୟାଣ ଚାହୁଁ, ତେବେ ଆମକୁ ଆତ୍ମାର ଭିତ୍ତିରେହିଁ ବ୍ୟକ୍ତିଗତ ଓ ସାମୂହିକ ଜୀବନକୁ ଗଢ଼ିବାକୁ ହେବ । ବ୍ୟକ୍ତି ଓ ଜାତିର ଆତ୍ମାକୁ ଉପଲବ୍ଧି କଲେ ଆମେ ମାନବ ସମାଜ ଭିତରେ ଯାବତୀୟ ବିଭିନ୍ନତା ସତ୍ତ୍ୱେ ଏକତ୍ୱ ଓ ସାମ୍ୟ ପ୍ରତିଷ୍ଠିତ କରିପାରିବା । ❑

# ଶୁଭେଚ୍ଛୁ ଆକାଶ

## ଶାନ୍ତି ମହାନ୍ତି

ମନ ମହକୁଛି ବିଶ୍ୱାସୀ ନଈର
ଛୋଟ ନାଆଟିଏ ହୋଇ,
ଆଶ୍ୱାସ ଭରା ସୁନେଲି ତରଙ୍ଗେ
ନିଜକୁ ହଜାଇ ଦେଇ ।

ଶୁଭେଚ୍ଛୁ ଆକାଶ ନୀଳୋପମ ହସେ
ନିଜକୁ ପଚାରି ନିଏ,
ଏତେ ଅନୁକମ୍ପା ଥାଇ ବି ଜୀବନେ
ଶୂନ୍ୟତା କଥା କହେ ।

କେଉଁ ଅହଂକାରୀ ମନର ସୋପାନେ
ଦିଶଇ ଦୁଃଖର ଛାଇ ।

ଭରିବାର ନିଶା କ୍ଷୀଣ ହୋଇଗଲେ
ପରାଣେ ପିପାସା ଜାଗେ,
ସନ୍ଦେହୀ ମନ ଦୂର ଦିଗନ୍ତର
ଛାଇକୁ ସପନ ମାଗେ ।



ଅପରୂପା କେଉଁ ବିହଙ୍ଗୀ ରହିଛି
ଦିଗହରା ସାଥୀ ପାଇଁ । ❑

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୧୨୩)

### ଆଶ୍ରମର ଆର୍ଥିକ ଦୁରବସ୍ଥା :

ଆମର ସୁଧୀ ପାଠକବୃନ୍ଦଙ୍କର ନିଶ୍ଚୟ ସ୍ମରଣରେ ଥିବ ଊନବିଂଶ ଶତାବ୍ଦୀର ସେହି ପ୍ରଥମ ଦଶନ୍ଧିରେ ପଣ୍ଡିଚେରୀରେ ଶ୍ରୀଅରବିନ୍ଦଙ୍କ ସହିତ ତାଙ୍କର ପଞ୍ଚଶିଷ୍ୟ କିପରି ଶୋଚନୀୟ ଭାବେ ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇ ଜୀବନ ବିତାଉଥିଲେ ଏବଂ ଶ୍ରୀଅରବିନ୍ଦ କିପରି ପତ୍ରାଳାପ ମାଧ୍ୟମରେ ତାଙ୍କର ଶୁଭେଚ୍ଛୁମାନଙ୍କଠାରୁ ଆର୍ଥିକ ସହାୟତା ପାଉଥିଲେ । ଏ ଅଧ୍ୟାୟରେ ତଥାପି ସେ ସମ୍ବନ୍ଧରେ ଏକ ସିଂହାବଲୋକନପୂର୍ବକ ପଦେ-ଅଧେ ।*

ସେହି ସମୟରେ ଶ୍ରୀଅରବିନ୍ଦ ସକ୍ରିୟ ରାଜନୀତିରୁ ଚିରବିଦାୟ ନେଇ ଯୋଗ-ସାଧନା ନିମନ୍ତେ ପଣ୍ଡିଚେରୀରେ ଆଶ୍ରୟ ନେଇଥିବାରୁ ତାଙ୍କର ରାଜନୈତିକ ବନ୍ଧୁବର୍ଗଙ୍କ ମଧ୍ୟରୁ ଅନେକେ ତାଙ୍କୁ ଅର୍ଥ ସାହାଯ୍ୟ କରିବାକୁ କୁଣ୍ଠିତ ଥିଲେ । ପୁନଶ୍ଚ ବ୍ରିଟିଶ ସରକାରଙ୍କର ତାଙ୍କ ପ୍ରତି ତୀବ୍ର ବିଦ୍ୱେଷ ଥିବା ଯୋଗୁଁ ଫରାସୀ ଉପନିବେଶ ପଣ୍ଡିଚେରୀକୁ ଶ୍ରୀଅରବିନ୍ଦଙ୍କ ନିକଟକୁ ଆସୁଥିବା ଚିଠିପତ୍ର ତଥା ଆଗନ୍ତୁକ ଏବଂ ଅର୍ଥ ସାହାଯ୍ୟ ସମ୍ବନ୍ଧେ ସବୁ ପ୍ରକାର ବନ୍ଦୋବସ୍ତ ଉପରେ କଡ଼ା ନଜର ରଖୁଥିଲେ ଏବଂ ଭଲ ଭାବରେ ତାଙ୍କୁ ଦହଗଞ୍ଜ କରୁଥିଲେ ।

୧୯୧୪ରେ ଶ୍ରୀମା ପଣ୍ଡିଚେରୀରେ ପଦାର୍ପଣ କରି ପ୍ରଥମ ଦିନରେହିଁ ଶ୍ରୀଅରବିନ୍ଦଙ୍କର ତୀବ୍ର ଆର୍ଥିକ ଅସୁବିଧା ସମ୍ବନ୍ଧେ ମର୍ମେ ମର୍ମେ ଅନୁଭବ କରିଥିଲେ ଏବଂ ସାଧ୍ୟମତେ ସାହାଯ୍ୟ କରିବାକୁ ଲାଗିଲେ । ଶ୍ରୀଅରବିନ୍ଦଙ୍କର ଏଥିରେ ଆପତ୍ତି ରହିଥିଲା ସତ; କିନ୍ତୁ ଜଗଜ୍ଜନନୀ ଶ୍ରୀମା'ଙ୍କର ଦିବ୍ୟ ପ୍ରେମହିଁ ସବୁକିଛିକୁ ନିମିଷକରେ ଉଭାଇ ଦେଇଥିଲା । ଏହି ସମୟରେ ଶ୍ରୀମା ସ୍ୱୟଂ ରୋଷେଇ କରି ସପ୍ତାହକୁ ଥରେ (ସନ୍ଧ୍ୟାରେ) ପଞ୍ଚଶିଷ୍ୟଙ୍କ ସହିତ ଶ୍ରୀଅରବିନ୍ଦଙ୍କୁ ଆମନ୍ତ୍ରଣ କରି ସ୍ୱହସ୍ତରେ ଭୋଜନ ପରିବେଷଣ କରୁଥିଲେ ।

ଯୁଦ୍ଧକାଳୀନ ପରିସ୍ଥିତିର ଚାପରେ ପଡ଼ି ନିଜର ଅନ୍ତରାତ୍ମା ଚାହୁଁ ନଥିବା ସତ୍ତ୍ୱେ ୧୯୧୫ରେ ଶ୍ରୀମା ଫ୍ରାନ୍ସକୁ ଫେରି ଯାଇଥିଲେ । ଫ୍ରାନ୍ସରୁ ସେ ଶ୍ରୀଅରବିନ୍ଦଙ୍କ ନିକଟକୁ ଟଙ୍କା ପଠାଇଥିଲେ ଯଦ୍ଦ୍ୱାରା ପଣ୍ଡିଚେରୀରେ 'ଆର୍ୟାନ୍ ଷ୍ଟୋରସ୍' ଖୋଲି ସେଥିରୁ ଯତ୍‌କିଞ୍ଚିତ୍ ଅର୍ଥ ଉପାର୍ଜନ ହୋଇ ପାରିବ । ...

ଉପର ବର୍ଣ୍ଣିତ ପରିସ୍ଥିତିସବୁ ଥିଲା ଆଶ୍ରମର ସେ କାଳର, ଅର୍ଥାତ୍ ପ୍ରାଥମିକ କାଳର ଆର୍ଥିକ ପରିସ୍ଥିତି । ବର୍ତ୍ତମାନ ଆମେ ଆସିବୁ ଆଶ୍ରମର ପରବର୍ତ୍ତୀ କାଳର ପରିସ୍ଥିତିକୁ – ଊନବିଂଶ ଶତାବ୍ଦୀର ତିରିଶ, ଚାଳିଶ ଦଶନ୍ଧିରେ ଆଶ୍ରମର ଆର୍ଥିକ ପରିସ୍ଥିତିକୁ । ଏ ପରିସ୍ଥିତିରେ ମଧ୍ୟ ଯୁଦ୍ଧକାଳୀନ ପରିସ୍ଥିତି,

---

* ନୈଷ୍ଠିକ ଭକ୍ତ ଆନନ୍ଦରାଓଙ୍କୁ ଶ୍ରୀଅରବିନ୍ଦଙ୍କର ୧୯୧୨ରେ ଲିଖିତ ପତ୍ରରୁ ଉଦ୍ଧୃତି : ''ଅଧୁନା ମୁଁ ମୋର କଷ୍ଟକର ପରିସ୍ଥିତିର, ବିଶେଷ କରି ଅର୍ଥାଭାବ ଓ ଋଣଭାରର ଚରମ ସୀମାରେ ପହଞ୍ଚିଛି । ଆସନ୍ତା କାଲି ପାଇଁ ପଇସାଟିଏ ବି ନାହିଁ, ପଣ୍ଡିଚେରୀରେ ଆମେ ବନ୍ଧା ହୋଇ ପଡ଼ିଛୁ, ...'' (ଜୁନ୍, ୧୯୧୨)

ପୁନଶ୍ଚ ମତିଲାଲଙ୍କୁ ଲିଖିତ ଏକ ସରସ ପତ୍ରରୁ ଉଦ୍ଧୃତି : ''... ବର୍ତ୍ତମାନ ଏପରି ପରିସ୍ଥିତି ଉପୁଜିଛି ଯେ ଆମ ପାଖରେ ଦେଢ଼ ଟଙ୍କା ପାଖାପାଖି ରହିଛି । ... ଏହା ନିଃସନ୍ଦେହ ଯେ ଭଗବାନ୍ ଆମ ପାଇଁ କିଛି ନା କିଛି ବନ୍ଦୋବସ୍ତ କରିବେ, କିନ୍ତୁ ସିଏ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଅପେକ୍ଷା କରିବାର ଏକ ମନ୍ଦ ଅଭ୍ୟାସର ଚୁକ୍ତି କରିଛନ୍ତି । ମୁଁ କେବଳ ଏତିକି ମାତ୍ର ଆଶା କରୁଛି ଯେ ସିଏ ଆମକୁ ଭାରତୀଙ୍କ ସଦୃଶ ଅତ୍ୟନ୍ତ କମ୍ ପରିମାଣରେ, ଏପରିକି କପର୍ଦ୍ଦକ-ଶୂନ୍ୟ ହୋଇ ଜୀବନ ବିତାଇବା ସମ୍ବନ୍ଧେ ଶିକ୍ଷା ଦେବାକୁ ଆଶା କରନ୍ତି ନାହିଁ ।''

(ଜୁଲାଇ, ୧୯୧୨)

(SABCL, Vol. 27, pp. 425, 427)

ତୀବ୍ର ଅର୍ଥାଭାବର ପରିସ୍ଥିତି । କିନ୍ତୁ ବିଡ଼ମ୍ବନା ଏହି ଯେ ଏପରି ପରିସ୍ଥିତିରେ ଶ୍ରୀମା ଆଶ୍ରମ ପରିଚାଳନାରେ ନିଜକୁ ତଥା ନିଜର ସବୁକିଛିକୁ ସର୍ବାନ୍ତଃକରଣରେ ଉତ୍ସର୍ଗ କରି ମଧ୍ୟ ବେଳେ ବେଳେ ଅନେକ ଅନ୍ତେବାସୀଙ୍କର ତୀବ୍ର ସମାଲୋଚନାର ପାତ୍ର ହୋଇ ଉଠୁଥିଲେ ।

ଏହି ସମୟକାଳ ମଧ୍ୟରେ ଶ୍ରୀଅରବିନ୍ଦଙ୍କର ଏକମାତ୍ର ଲକ୍ଷ୍ୟ ଥିଲା ଭଗବତୀ ଜନନୀ ଶ୍ରୀମା'ଙ୍କୁ ତାଙ୍କର ସ୍ଥୂଳ ସାନ୍ନିଧ୍ୟର ତପୋବଳରେ ଆଶ୍ରମ ସ୍ୱରୂପ ମନ୍ଦିରରେ ଆରାଧ୍ୟା ରୂପେ ପ୍ରତିଷ୍ଠିତ କରାଇବା । ତେଣୁ ଶ୍ରୀଅରବିନ୍ଦ ଅନ୍ତରାଳରେ ରହି ଶ୍ରୀମାଙ୍କୁ ନେଇ ଆଶ୍ରମରେ ଉପୁଜୁଥିବା ଯାବତୀୟ ବାଧା, ପ୍ରତିରୋଧ, ଭୁଲ୍ ବୁଝାମଣା ଓ ସମାଲୋଚନା ଆଦିର ମୂଳୋତ୍ପାଟନ ସକାଶେ ତାଙ୍କର ଲେଖନୀ ଧରିଥିଲେ । ବର୍ଷ ବର୍ଷ ଧରି ଦିବାରାତ୍ରି ଅସୀମ ଧୈର୍ଯ୍ୟ ଓ ଏକାଗ୍ରତା ସହ ଶହ ଶହ ଚିଠିର ଯଥାଯଥ ଉତ୍ତର ଲେଖିଛନ୍ତି ।

ବର୍ତ୍ତମାନ ଆଶ୍ରମର ଆର୍ଥିକ ପରିସ୍ଥିତି ସମ୍ବନ୍ଧେ ଶ୍ରୀଅରବିନ୍ଦଙ୍କର ଏକ ସୁଦୀର୍ଘ ପତ୍ରରୁ ଉଦ୍ଧୃତି : ''ପରିଶେଷରେ (ଆଶ୍ରମର) ଆର୍ଥିକ ବ୍ୟବସ୍ଥା ସମ୍ବନ୍ଧରେ । ନିରନ୍ତର ବୃଦ୍ଧି ପାଇ ଚାଲିଥିବା ଆଶ୍ରମବାସୀଙ୍କ ସଂଖ୍ୟା ସହିତ ଏହି ଆଶ୍ରମକୁ ଚଳାଇବା ଏବଂ ସମୟ ସମୟରେ ଏଥିନିମିତ୍ତ ସର୍ବନିମ୍ନ ଆବଶ୍ୟକ ଅର୍ଥର ଅଭାବ ଏବଂ ଏହାର ପରିଣାମକୁ ରୋକିବା, ମୋ ପକ୍ଷେ ଓ ଶ୍ରୀମା'ଙ୍କ ପକ୍ଷେ ଏକ ଦୁରୂହ ଓ କଠିନ ବ୍ୟାପାର । ବିଶେଷତଃ, ଏହି ଯୁଦ୍ଧ ସମୟରେ ଯେତେବେଳେ ଖର୍ଚ୍ଚର ପରିମାଣ ଅତ୍ୟଧିକ ଓ କଳ୍ପନାତୀତ ଭାବରେ ତା'ର ଶୀର୍ଷ ସ୍ଥାନରେ ପହଞ୍ଚିଛି, ଏପରି ସମୟରେ ଏସବୁ ବ୍ୟାପାରରେ ଅଭ୍ୟସ୍ତ ଥିବା ବା ଏହିପରି ଏକ ଦାୟିତ୍ୱ ବହନ କରିଥିବା ବ୍ୟକ୍ତି କେବଳ ହୃଦୟଙ୍ଗମ କରି ପାରିବ ଯେ ଆମେ କି ପ୍ରକାର ଅବସ୍ଥା ଭିତର ଦେଇ ଗତି କରୁଛୁ । କୌଣସି ନିର୍ଦ୍ଦିଷ୍ଟ ଆୟ ବିନା ଏଭଳି ଏକ ବିରାଟ ଅନୁଷ୍ଠାନକୁ ଚଳାଇବା ଅସମ୍ଭବ ହୋଇ ଉଠନ୍ତା ଯଦି ଦିବ୍ୟ ଶକ୍ତି ଏଠାରେ କାର୍ଯ୍ୟ କରୁ ନ ଥା'ନ୍ତା । ଦାତବ୍ୟ-କର୍ମ ଏଠାରେ ଆମ କର୍ମଧାରାର ଅଂଶ ନୁହେଁ, ସେସବୁ କର୍ମ ସକାଶେ ଅନ୍ୟମାନେ ଅଛନ୍ତି । ଆମେ ଯେଉଁ କାର୍ଯ୍ୟ ହାତକୁ ନେଇଛୁ, ଏ ସକାଶେ ସବୁକିଛି ଖର୍ଚ୍ଚ ଆମ ନିଜକୁ ବହନ କରିବାକୁ ହେବ ଏବଂ ଆମର ଆବଶ୍ୟକ ତୁଳନାରେ ଆମେ ଯାହା ପାଉ ତା' କିଛି ବି ନୁହେଁ । ମାମୁଲି ଭାବରେ ଟଙ୍କା ଆୟ କରିବା ସକାଶେ ଆମେ କୌଣସି କାର୍ଯ୍ୟ ହାତକୁ ନେଇ ପାରିବୁ ନାହିଁ । ଯେଉଁ ପନ୍ଥା ଅବଲମ୍ବନ କରିବା ଆମ ପକ୍ଷରେ ସମ୍ଭବ, ଆମକୁ କେବଳ ସେଇଟିର ଉପଯୋଗ କରିବାକୁ ହେବ । ଏପରି କୌଣସି ସାଧାରଣ ନିୟମ ନାହିଁ ଯେ ଆଧ୍ୟାତ୍ମିକ ମାର୍ଗର ବ୍ୟକ୍ତିମାନେ ଦାତବ୍ୟ କର୍ମ କରିବାକୁ ବାଧ୍ୟ ଅଥବା ଯେକୌଣସି ଅତିଥି-ଅଭ୍ୟାଗତଙ୍କୁ ସ୍ୱାଗତ କରିବେ, ସେମାନଙ୍କର ଯତ୍ନ ନେବେ ବା ସେମାନଙ୍କର ରହିବା ଓ ଖାଇବାର ବ୍ୟବସ୍ଥା କରିବେ । ଆମେ ସେପରି କରୁଛୁ, ତା'ର କାରଣ ହେଉଛି ଏହା ଆମ କାର୍ଯ୍ୟର ଏକ ଅଂଶ ସ୍ୱରୂପ ହୋଇ ଉଠିଛି । ଶ୍ରୀମା ଦର୍ଶନାର୍ଥୀମାନଙ୍କଠାରୁ ରହିବା ପାଇଁ ଓ ଭୋଜନ ପାଇଁ ନିର୍ଦ୍ଦିଷ୍ଟ ଖର୍ଚ୍ଚ ନିଅନ୍ତି, କାରଣ ତାଙ୍କୁ ବିଭିନ୍ନ ଧରଣର ବ୍ୟୟ ତୁଲାଇବାକୁ ହୁଏ ଏବଂ ସେଥିପାଇଁ ସେ ଶୂନ୍ୟରୁ ଟଙ୍କା ଉଦ୍ଭବ କରି ପାରିବେ ନାହିଁ । ପ୍ରକୃତରେ କହିବାକୁ ଗଲେ ସେ ତାଙ୍କର ବ୍ୟୟ ତୁଳନାରେ କମ୍ ମୂଲ୍ୟ ନେଇଥା'ନ୍ତି । ଏହା ଏକେବାରେ ସ୍ୱାଭାବିକ ଯେ ଏଥିଯୋଗୁଁ ଦର୍ଶନାର୍ଥୀମାନେ ତାଙ୍କଠାରୁ ସୁବିଧା ଉଠାନ୍ତୁ ତାହା ସେ ଚାହାନ୍ତି ନାହିଁ ଏବଂ ଯେଉଁମାନେ ନାନା ମିଥ୍ୟା ବାହାନା କରି ଭୋଜନାଳୟରେ ଖାଇବାକୁ ଚେଷ୍ଟା କରନ୍ତି — ଏସବୁ କଥାକୁ ସେ ନିଶ୍ଚିତ ରୂପେ ପସନ୍ଦ କରନ୍ତି ନାହିଁ । ଯଦିଓ ଏପରି ଲୋକ ଆରମ୍ଭରେ ବହୁତ କମ୍ ସଂଖ୍ୟକ ଥା'ନ୍ତି, ତଥାପି ଯଦି ଏମାନଙ୍କୁ ସେ ଭୋଜନାଳୟରେ ଭୋଜନ କରିବାକୁ ଅନୁମତି ଦିଅନ୍ତି, ତେବେ ଏହି ଅଳ୍ପ ସଂଖ୍ୟକ ଅତି ଶୀଘ୍ର ଏକ ବଡ଼ ଗୋଷ୍ଠୀରେ ପରିଣତ ହୋଇ ଉଠିବ । ତାଙ୍କର ବିନାନୁମତିରେ ଆଶ୍ରମକୁ ଦର୍ଶନ ପାଇଁ ଅବାଧରେ ଆସିବା ସମ୍ପର୍କରେ, ଯଦି ସେମାନଙ୍କୁ ଆସିବା ପାଇଁ ସହଜରେ ଅନୁମତି ଦିଆଯାଏ, ତେବେ ମୁଁ ଅବିଳମ୍ବେ ଏକ ପ୍ରଦର୍ଶନର ସାମଗ୍ରୀ ଏବଂ କୌତୂହଳର ପାତ୍ର ହୋଇ ଉଠିବି, ଯାହାକି ପ୍ରାୟଶଃ ସମାଲୋଚନାତ୍ମକ ଓ ବିରୋଧାତ୍ମକ କୌତୂହଳ — ଏ କ୍ଷେତ୍ରରେ ମୁଁ ହିଁ ହେଉଛି ପ୍ରଥମ ବ୍ୟକ୍ତି ଯିଏକି ଜୋର୍ ଦେଇ କହିବ 'ବନ୍ଦ କର' ।

''ଆମର ଦୃଷ୍ଟିକୋଣ ବୁଝାଇବା ପାଇଁ ମୁଁ ଚେଷ୍ଟା କରିଛି ଏବଂ କଥାଟିକୁ ବେଶ୍ ବିଶଦ ଭାବରେ ବୁଝାଇଛି ମଧ୍ୟ । ଏହା ସହିତ କେହି ଏକମତ ହେଉ ବା ନ ହେଉ, ଯାହା ହେଲେ ବି ଏହା ଏକ ଦୃଷ୍ଟିକୋଣ ଏବଂ ମୋର ମନେହୁଏ ଏହା ଏକ ଯୁକ୍ତିଯୁକ୍ତ ଦୃଷ୍ଟିକୋଣ । ମୁଁ କେବଳ ଉପରି ଭାଗକୁ ନେଇ ଲେଖୁଛି ଏବଂ ପଶ୍ଚାତରେ କ'ଣ ଅଛି ସେ ବିଷୟରେ ମୁଁ କିଛି କହୁ ନାହିଁ, କିଂବା ଏକ ଯୌଗିକ ଦୃଷ୍ଟିକୋଣରୁ କିଛି କହୁ ନାହିଁ,

ଯାହାକି ଆସିଥାଏ ସେହି ଯୌଗିକ ଚେତନାରୁ ତାହା ଅନୁସାରେ ଆମେ କାର୍ଯ୍ୟ କରୁ । ତାହାକୁ ବ୍ୟକ୍ତ କରିବା ଅଧିକ କଠିନ । ଯାହା ଲେଖିଲି ତାହା କେବଳ ଏକ ବୁଦ୍ଧିଗତ ସନ୍ତୋଷ ପାଇଁ ଏବଂ ଏଥିରେ ତର୍କର ଅବକାଶ ସର୍ବଦାହିଁ ରହିଛି ।''

(୨୫.୨.୧୯୪୫)

('ନିଜ ସମ୍ବନ୍ଧେ ଓ ମା'ଙ୍କ ସମ୍ବନ୍ଧେ ଶ୍ରୀଅରବିନ୍ଦ', ପୃଷ୍ଠା, ୪୪୨ - ୪୩)

*

''ତୁମେ ଯଦି ଶ୍ରୀମା'ଙ୍କୁ ଟଙ୍କା ଦିଅ ତେବେ ତାହା କେବେ ବି ବ୍ୟବସାୟିକ ହୋଇଯିବ ନାହିଁ । ବ୍ୟବସାୟ ମଧ୍ୟରେ ଥାଏ ବ୍ୟକ୍ତିଗତ ଲାଭ ଏବଂ ଏ କ୍ଷେତ୍ରରେ ତୁମର ଲାଭ ହେଲା ଆଧ୍ୟାତ୍ମିକ ।'' (୨.୪.୧୯୪୪)

(ତତ୍ରୈବ : ପୃ. ୪୫୫)

*

ବର୍ତ୍ତମାନ ପ୍ରଣବଙ୍କ ବର୍ଣ୍ଣିତ ଗଳ୍ପରୁ ଉଦ୍ଧୃତି :

''ପ୍ରାରମ୍ଭରେ ଶ୍ରୀମା ଯେତେବେଳେ ପ୍ରଥମ କରି ପଣ୍ଡିଚେରୀକୁ ଆସିଲେ, ତାଙ୍କ ନିଜର ମଧ୍ୟ ଟଙ୍କା ପଇସା ଥିଲା, ବ୍ୟକ୍ତିଗତ ଖର୍ଚ୍ଚ ସକାଶେ । ତେଣୁ ଶ୍ରୀମା ଦୁଇଟି ହିସାବ ଖାତା ରଖିଲେ, ଗୋଟିଏ ଶ୍ରୀଅରବିନ୍ଦଙ୍କ ବାସ ଭବନ (ଆଶ୍ରମ)ର ଖର୍ଚ୍ଚ ଟଙ୍କାର ଏବଂ ଅନ୍ୟଟି ନିଜସ୍ୱ ଖର୍ଚ୍ଚର ।

''କିନ୍ତୁ ସେତେବେଳେ ଆଶ୍ରମର ଖର୍ଚ୍ଚ ସକାଶେ ଆବଶ୍ୟକୀୟ ଟଙ୍କା କାହିଁ ? ତେଣୁ କ୍ରମଶଃ ଶ୍ରୀମା'ଙ୍କର ବ୍ୟକ୍ତିଗତ ଟଙ୍କା ଆଶ୍ରମର ଖର୍ଚ୍ଚରେ ବ୍ୟୟ ହେବାକୁ ଲାଗିଲା । ପ୍ରଥମେ ପ୍ରଥମେ ଶ୍ରୀମା ନିଜର ହିସାବ ଖାତାରେ ଆଶ୍ରମ ସକାଶେ ଖର୍ଚ୍ଚ ହେଉଥିବା ପରିମାଣ ଲେଖି ରଖୁଥିଲେ । ପରେ ଏତେ ବେଶୀ ଶ୍ରୀମା'ଙ୍କ ଟଙ୍କା ଆଶ୍ରମରେ ଖର୍ଚ୍ଚ ହେବାକୁ ଲାଗିଲା ଯେ ସେ ଦୁଇଟି ହିସାବ ଖାତା ନରଖି କେବଳ ଆଶ୍ରମର ହିସାବ ଖାତାହିଁ ରଖିଲେ । ... ଶ୍ରୀମା'ଙ୍କର ନିପୁଣ ପରିଚାଳନାରେ ଆଶ୍ରମର ଖର୍ଚ୍ଚ କୌଣସି ପ୍ରକାରେ ଚାଲିଲା । କିଛି ଦିନ ପରେ ଅଳ୍ପ ଅଳ୍ପ କରି ଅର୍ଥ ଆଶ୍ରମକୁ ଆସିବାକୁ ଲାଗିଲା । ...

''କିଛି ବର୍ଷ ପରେ, ଯେତେବେଳେ ଶ୍ରୀମା ଆଶ୍ରମର ସାଙ୍ଗଠନିକ ଦାୟିତ୍ୱରେ ଥା'ନ୍ତି ଅନେକ ଭକ୍ତ ଶ୍ରୀମା'ଙ୍କୁ ପ୍ରଣାମୀ ଦେବା ବେଳେ ଲେଖି ଦେଉଥିଲେ, 'ଆପଣଙ୍କ ବ୍ୟକ୍ତିଗତ ବ୍ୟବହାର ସକାଶେ ।' କିନ୍ତୁ ଶ୍ରୀମା ସବୁକିଛିହିଁ ଆଶ୍ରମକୁ ଦେଇ ଦେଉଥିଲେ । କହୁଥିଲେ, 'ମୋର ପୁଣି ବ୍ୟକ୍ତିଗତ କ'ଣ ? ତେବେ ସେହି ଅର୍ଥରୁହିଁ କାହାରି କିଛି ଦରକାର ହେଲେ ତାକୁ ଦେଇଥାଏ ।'

''ଜରୁରୀକାଳୀନ ପରିସ୍ଥିତି ବେଳେ ଶ୍ରୀମା ସେପରି ଭାବରେ ଅନେକଙ୍କୁ ମୋ ହାତରେ ସ୍ୱତନ୍ତ୍ର ଭାବରେ ଟଙ୍କା ଦେଉଥିଲେ, ବିଶେଷ ପ୍ରୟୋଜନ ଦେଖି ।''

ପୁନଶ୍ଚ ପ୍ରଣବଙ୍କ ଉକ୍ତିରୁ : ''ଥରେ ଆଶ୍ରମରେ ଟଙ୍କାର ଖୁବ୍ ଅଭାବ-ଅନଟନ ଚାଲିଥାଏ । ମୁଁ ଶ୍ରୀମା'ଙ୍କୁ କହିଲି ଯେ ଏପରି ଅନଟନ ବେଳେ ମୋର ସାପ୍ତାହିକ ବାର ଟଙ୍କା ଦେବାଟା ସେ ବନ୍ଦ କରି ଦେଇ ପାରନ୍ତି ।

''ଶ୍ରୀମା କହିଲେ, 'ଏବେ ବି ସେପରି ସମୟ ଆସି ନାହିଁ ଯେ ତୁମର ସାପ୍ତାହିକ ବାର ଟଙ୍କା ଦେବା ବନ୍ଦ କରିବାକୁ ଦରକାର ପଡ଼ିବ । ଯଦି କେବେ ସେପରି ହୁଏ ସେତେବେଳେ ଦେଖାଯିବ । ମୁଁ ଜାଣେ ତୁମେ ଟଙ୍କାର ସଦ୍‌ବ୍ୟବହାର କର । ତେଣୁ ଯେପରି ଚାଲିଛି ଚାଲୁ ।' ''

('ହଠାତ୍ ମନେ ପଡ଼େ'ରୁ ସଂଗୃହୀତ)

ପ୍ରଣବଙ୍କର ଅନ୍ୟ ଏକ ଗଳ୍ପରୁ : ''ଦିନେ ଶ୍ରୀମା'ଙ୍କ ସହିତ ଅଲୌକିକ ଘଟଣା ସମ୍ବନ୍ଧରେ ଆଲୋଚନା ହେଉଥିଲା । ...

''ଶ୍ରୀମା କହିଲେ ଯେ ଯଦି କେହି ଅଲୌକିକ ଘଟଣା ଦେଖିବାକୁ ଚାହେଁ, ତା'ହେଲେ ଆଶ୍ରମଟିକୁ ଦେଖିଲେହିଁ ତା'ର ଅଲୌକିକ ଘଟଣା ଦେଖା ହୋଇଯିବ । ଆଶ୍ରମର କୌଣସି ଧରାବନ୍ଧା ଆୟ ନାହିଁ । ଅଥଚ ଆଶ୍ରମର ଏତେ ଲୋକଙ୍କର ଖାଇବା, ପିନ୍ଧିବା, ରହିବା ଇତ୍ୟାଦି ସ୍ୱଚ୍ଛନ୍ଦରେ ହୋଇ ଯାଉଛି । ଏହା କ'ଣ ଗୋଟିଏ ଅଲୌକିକ ଘଟଣା ନୁହେଁ ? ତୁମେ ଅନେକ ଅର୍ଥ ଯୋଗାଡ଼ କରି ଗୋଟିଏ ସୁନାର ମନ୍ଦିର ଗଢ଼ିପାର । କିନ୍ତୁ ଆଶ୍ରମ ଭଳି ଏତେ ଲୋକଙ୍କର ଦିନ ପରେ ଦିନ, ମାସ ପରେ ମାସ, ବର୍ଷ ପରେ ବର୍ଷ, ଜୀବନର ସବୁକିଛି ଏତେ ସୁନ୍ଦର ଭାବରେ ବିତି ଯାଉଛି, ଆଉ ଆମର ଏଇ ଆଦର୍ଶର ମାନ (ଷ୍ଟାଣ୍ଡାର୍ଡ) ରକ୍ଷା କରି ! ଯଦି କେହି ଅଲୌକିକ ଘଟଣା ଦେଖିବାକୁ ଚାହେଁ, ତେବେ ଆଶ୍ରମକୁ ଦେଖିହିଁ ତା'ର ଦୃଢ଼ ନିଶ୍ଚିତ ହେବା ଉଚିତ । ...''

(ତତ୍ରୈବ)

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନ୍ତା ❑

# ବିଶ୍ୱାସୀ ଭକ୍ତ ସୁଧନ୍ୱା

## ରାମକୃଷ୍ଣ ଦାସ

ମହାଭାରତ ଯୁଦ୍ଧ ପରେ ଯୁଧିଷ୍ଠିର ଅଶ୍ୱମେଧ ଯଜ୍ଞ କରିବା ଉଦ୍ଦେଶ୍ୟରେ ଯଜ୍ଞ ଅଶ୍ୱ ଛାଡ଼ି ଦେଲେ; ତା' ରକ୍ଷାରେ ରହିଲେ ବଳଶାଳୀ ସେନା ସହିତ ଅର୍ଜୁନ । ସେ ସମୟର ପ୍ରଥା ଅନୁସାରେ ଅଶ୍ୱମେଧ ଯଜ୍ଞ ଚକ୍ରବର୍ତ୍ତୀ ରାଜାଙ୍କ ଛଡ଼ା ଅନ୍ୟ ରାଜା କରି ପାରୁ ନ ଥିଲେ । ଯଜ୍ଞର ଘୋଷଣା କରି ଯଜ୍ଞ ଅଶ୍ୱ ଛାଡ଼ି ଦିଆହେଉଥିଲା, ତା' ରକ୍ଷାରେ ସେନା, ସେନାପତି ରହୁଥିଲେ । ଅଶ୍ୱ ରାଜାମାନଙ୍କ ରାଜ୍ୟରେ ବିଚରଣ କରି ଫେରି ଆସିଲେ ରାଜା ଚକ୍ରବର୍ତ୍ତୀ ମାନ୍ୟ ହେଉଥିଲେ ଏବଂ ଅଶ୍ୱମେଧ ଯଜ୍ଞ କରିପାରୁଥିଲେ । ଯେଉଁ ରାଜା ଅଶ୍ୱକୁ ବନ୍ଦି କରୁଥିଲେ ତାଙ୍କ ସହିତ ଯୁଦ୍ଧ କରି ତାଙ୍କୁ ଜିଣି ଅଶ୍ୱମୁକ୍ତ କରୁଥିଲେ । ଯୁଧିଷ୍ଠିରଙ୍କ ଅଶ୍ୱମେଧ ଯଜ୍ଞ ଘୋଷଣା ଶୁଣି ରାଜା ହଂସଧ୍ୱଜ ରାଜ୍ୟ ସୀମାରେ ଦୂତ ନିଯୁକ୍ତ କଲେ ଏବଂ ଯୁଧିଷ୍ଠିରଙ୍କ ଯଜ୍ଞଅଶ୍ୱ ବନ୍ଦି କରିବାକୁ ଆଦେଶ ଦେଲେ ତଥା ଯୁଦ୍ଧ ସକାଶେ ପୂର୍ଣ୍ଣରୂପେ ପ୍ରସ୍ତୁତ ହେଲେ । ତାଙ୍କ ରାଜ୍ୟରେ ଅଶ୍ୱ ପ୍ରବେଶ କରିବା ମାତ୍ରେ ବନ୍ଦି କରି ନିଆହେଲା । ଅଶ୍ୱ ରକ୍ଷାରେ ଥିଲେ ସେନା ସହିତ ମହାଭାରତ ଯୁଦ୍ଧରେ ପୃଥିବୀର ବିଖ୍ୟାତ ମହାବୀର ଅର୍ଜୁନ । ତାଙ୍କ ସହିତ କୌଣସି ଯୋଦ୍ଧା ଯୁଦ୍ଧ କରିବାକୁ ସାହସ କରିପାରେ ଏହି କଳ୍ପନା ତାଙ୍କର ନ ଥିଲା । ଉଭୟ ରାଜଦୂତଙ୍କ କଥାବାର୍ତ୍ତା ହେବାପରେ ଯୁଦ୍ଧ ଆରମ୍ଭ ହେଲା । ରାଜା ହଂସଧ୍ୱଜଙ୍କ ସେନା ମଧ୍ୟରୁ ତାଙ୍କ ସମ୍ମୁଖ ଯୁଦ୍ଧ କରିବା ସକାଶେ ଆସିଲେ ହଂସଧ୍ୱଜଙ୍କ କନିଷ୍ଠ ପୁତ୍ର ଅଳ୍ପ ବୟସର ଯୁବକ ସୁଧନ୍ୱା । ଭୀଷ୍ମ ,ଦ୍ରୋଣଙ୍କ ବିଜେତା ମହାବୀର ଅର୍ଜୁନଙ୍କ ସାମନାରେ ସୁଧନ୍ୱା ଏକେବାରେ ନଗଣ୍ୟ । ଅତ୍ୟନ୍ତ ହେୟ ଦୃଷ୍ଟିରେ ଅର୍ଜୁନ ପ୍ରଶ୍ନ କଲେ, ''ସୁଧନ୍ୱା, ମୋତେ ଜାଣ ? ମୁଁ ମହାଭାରତ ଯୁଦ୍ଧର ବିଜେତା ବୀର ଅର୍ଜୁନ ।'' ସୁଧନ୍ୱା ଉତ୍ତର ଦେଲେ, ''ମୁଁ ତୁମକୁ ଜାଣେ, ତୁମେ ମହାଭାରତ ଯୁଦ୍ଧର ମହାନ୍ ବିଜୟୀ ବୀର । କିନ୍ତୁ ଆଜି ଯଦି ଯୁଦ୍ଧରେ ପରାସ୍ତ ହେବାକୁ ନ ଚାହଁ ତେବେ ଫେରିଯାଅ ।'' ପୃଥିବୀ ବିଜୟୀ ବୀର ଅର୍ଜୁନ ଜଣେ ଯୁଦ୍ଧବିଦ୍ୟାରେ ବାଳକ ସଦୃଶ ସୁଧନ୍ୱାର ଏହିପରି ତିରସ୍କାରର ଉତ୍ତରରେ ବିଶେଷ ଉତ୍ତେଜିତ ହୋଇ ଶ୍ରୀକୃଷ୍ଣଙ୍କୁ ସ୍ମରଣ କରି ଗାଣ୍ଡିବଧନୁକୁ ହାତରେ ଧରି ସୁଧନ୍ୱାକୁ ସାବଧାନ କରାଇ ଦେଲେ । ଦୁଇ ଦଳ ମଧ୍ୟରେ ଯୁଦ୍ଧ  ଆରମ୍ଭ ହେଲା । ଅର୍ଜୁନଙ୍କ ସମସ୍ତ ବାଣକୁ ସୁଧନ୍ୱା କାଟିଦେଲେ ଏବଂ ଅର୍ଜୁନଙ୍କ ସେନାଙ୍କୁ ବାଣରେ ଜର୍ଜରିତ କରିଦେଲେ । ସୁଧନ୍ୱାଙ୍କ ବିଚକ୍ଷଣ ବୀରତ୍ୱ ଦେଖି ତାଙ୍କ ପ୍ରତି ଅର୍ଜୁନଙ୍କର ଯେଉଁ ହେୟ ଧାରଣା ଥିଲା ତାହା ପରିବର୍ତ୍ତନ ହେଲା । ସୁଧନ୍ୱା ଥିଲେ ଶ୍ରୀକୃଷ୍ଣଙ୍କର ଅନନ୍ୟ ବିଶ୍ୱାସୀ ଭକ୍ତ । ସେ ନିଜ ମନରେ ଭାବିଲେ, ''ଜୀବନର ଉଦ୍ଦେଶ୍ୟ ତଥା ଅର୍ଥହିଁ ଭଗବତ୍ ପ୍ରାପ୍ତି । ମନୁଷ୍ୟ ପୃଥିବୀରେ ଜନ୍ମ ଗ୍ରହଣ କରି ସବୁକିଛି ପ୍ରାପ୍ତ କରେ, କିନ୍ତୁ ଭଗବତ୍ ପ୍ରାପ୍ତି ନ କଲେ ତା' ଜୀବନ ବ୍ୟର୍ଥ ହୁଏ । ବର୍ତ୍ତମାନ ମୋ ସକାଶେ ପରମ ସୁଯୋଗ । କ୍ଷାତ୍ରଧର୍ମାନୁସାରେ ମହାବୀର ପରମଭକ୍ତ ଅର୍ଜୁନଙ୍କ ସହିତ ଯୁଦ୍ଧ କରି ଶ୍ରୀକୃଷ୍ଣଙ୍କ ସମ୍ମୁଖରେ ତାଙ୍କୁ ଦେଖୁ ଦେଖୁ ଯଦି ଶରୀର ତ୍ୟାଗ କରେ ତେବେ ସହଜରେ ଭଗବତ୍ ପ୍ରାପ୍ତି କରି ଜୀବନ ସାର୍ଥକ କରିପାରିବି । ଏପରି ସୁଯୋଗ ଆଉ ଜୀବନରେ କେବେ ଘଟିବ ନାହିଁ ।'' ସେ ଅର୍ଜୁନଙ୍କୁ କହିଲେ, ''ମହାବୀର ଅର୍ଜୁନ, ତୁମେ ମହାଭାରତ ଯୁଦ୍ଧରେ ବିଜୟ ପ୍ରାପ୍ତ କରିଥିଲ ତୁମ ସାରଥିଙ୍କ ଯୋଗୁଁ । ଆଜି ତୁମ ସାରଥି ତୁମ ରଥରେ ନାହାନ୍ତି । ତାଙ୍କୁ ଡାକ, ସେ ତୁମ ରଥରେ ବସିଲେ ତୁମର ବିଜୟ ସୁନିଶ୍ଚିତ ।'' ଅର୍ଜୁନ ସ୍ୱୟଂ ଭାବି ସାରିଥିଲେ । ଶ୍ରୀକୃଷ୍ଣଙ୍କୁ ସ୍ମରଣ କରିବା ମାତ୍ରେ ଅର୍ଜୁନଙ୍କ ରଥରେ ଶ୍ରୀକୃଷ୍ଣ ବିରାଜମାନ ହେଲେ । ସୁଧନ୍ୱା ଶ୍ରୀକୃଷ୍ଣଙ୍କୁ ଦର୍ଶନ କରିବା ମାତ୍ରେ ତାଙ୍କ ଆନନ୍ଦର ସୀମା ରହିଲା ନାହିଁ । ସେ ଭଗବାନଙ୍କ ରୂପ ସମୁଦ୍ରରେ ବୁଡିଗଲେ । କିଛି ସମୟ ପରେ ସାବଧାନ ହୋଇ ଶ୍ରୀକୃଷ୍ଣଙ୍କୁ ମନେ ମନେ ସ୍ତୁତି କରି କହିଲେ, ''ଅର୍ଜୁନ, ତୁମେ ଧନ୍ୟ, ତୁମେ ଭଗବାନଙ୍କୁ ବଶ କରି ରଖିଛ ।'' ପୁନରାୟ ଯୁଦ୍ଧ ଆରମ୍ଭ ହେଲା, ଉଭୟେ ଉଭୟଙ୍କୁ ପରାଜିତ କରିବା ସକାଶେ ପ୍ରାଣପଣେ ଚେଷ୍ଟା କରୁଥା'ନ୍ତି । ଦୁଇ ବୀର ଏତେ କ୍ଷିପ୍ରଗତିରେ ବାଣ ପ୍ରୟୋଗ କରୁଥା'ନ୍ତି ଯେ ତୂଣୀରରୁ ବାଣଆଣି ଧନୁଶରରେ ରଖି ଛାଡ଼ିବା ଦେଖାଯାଉ ନ ଥାଏ । କେବଳ ବର୍ଷା ସଦୃଶ ବାଣ ବୃଷ୍ଟି ହେଉଥାଏ । ଅର୍ଜୁନଙ୍କ ବାଣକୁ ସୁଧନ୍ୱା, ସୁଧନ୍ୱାଙ୍କ ବାଣକୁ ଅର୍ଜୁନ କାଟି ଦେଉଥା'ନ୍ତି । ସୁଧନ୍ୱା ପରାସ୍ତ ନ ହେବାରୁ ଅର୍ଜୁନ କିଞ୍ଚିତ୍ ଚିନ୍ତିତ ହୋଇ ପଡ଼ିଥିଲେ । କିନ୍ତୁ ସୁଧନ୍ୱା ଥିଲେ ପ୍ରସନ୍ନ । ତାଙ୍କର

ଉଦ୍ଦେଶ୍ୟ ବା ଆଶା ଅର୍ଜୁନଙ୍କୁ ପରାସ୍ତ ବା ବଧ କରିବା ନ ଥିଲା; ତାଙ୍କର ଦୃଢ଼ ବିଶ୍ୱାସ ଥିଲା ବୀରତ୍ୱର ସହ ଅର୍ଜୁନଙ୍କ ସହିତ ଯୁଦ୍ଧ କରି ସମ୍ମୁଖରେ ଶ୍ରୀକୃଷ୍ଣଙ୍କୁ ଦର୍ଶନ କରି ଅର୍ଜୁନଙ୍କ ବାଣରେ ଶରୀର ତ୍ୟାଗ କରି ଶ୍ରୀକୃଷ୍ଣଙ୍କୁ ପ୍ରାପ୍ତ କରିବେ ।

ସୁଧନ୍ୱା ଅତ୍ୟନ୍ତ ପ୍ରସନ୍ନତାର ସହ କହିଲେ, ''ବିଜୟୀ ଯୋଦ୍ଧା ଅର୍ଜୁନ, ତୁମ ରଥର ପରିଚାଳକ ସ୍ୱୟଂ ଶ୍ରୀକୃଷ୍ଣ । ତୁମେ ଯଦି ମୋତେ ବଧ କରିବାକୁ ପ୍ରତିଜ୍ଞା କର ତେବେ ତୁମ ପ୍ରତିଜ୍ଞାକୁ ଶ୍ରୀକୃଷ୍ଣ ଅବଶ୍ୟ ରକ୍ଷା କରିବେ ।''

ସୁଧନ୍ୱାଙ୍କର ଏହି ନିର୍ଭୀକ ବାକ୍ୟ ଶୁଣି ଅର୍ଜୁନ ବିସ୍ମିତ ହୋଇପଡ଼ିଲେ । କହିଲେ ସୁଧନ୍ୱା, ''ତୁମେ ଯୁଦ୍ଧରେ ଏପର୍ଯ୍ୟନ୍ତ ବଞ୍ଚି ରହିଥିବାରୁ ନିଜକୁ ମହାବୀର ମନେ କରୁଅଛ । ମୁଁ ପ୍ରତିଜ୍ଞା କରୁଛି ତୁମର ଏହି ଗର୍ବକୁ ଚୂର୍ଣ୍ଣ କରି ତିନି ବାଣରେ ତୁମ ଶିରଛେଦ କରିବି ।'' ସୁଧନ୍ୱା ସହାସ୍ୟରେ କହିଲେ, ''ମହାବୀର ଅର୍ଜୁନ ତୁମେ ଯେଉଁ ଶ୍ରୀକୃଷ୍ଣଙ୍କ ଭରସାରେ ପ୍ରତିଜ୍ଞା କଲ, ମୁଁ ସେହି ଶ୍ରୀକୃଷ୍ଣଙ୍କ ଭରସାରେ ପ୍ରତିଜ୍ଞା କରୁଛି, ତୁମର ତିନି ବାଣ ମୁଁ କାଟିବି ।''

ଦୁଇ ବୀରଙ୍କର ଏହି ପ୍ରତିଜ୍ଞା ଶୁଣି ଦୁଇପକ୍ଷର ସେନା ଏବଂ ସେନାପତିମାନେ ଯୁଦ୍ଧ ସ୍ଥଗିତ କରି ଅର୍ଜୁନ ଓ ସୁଧନ୍ୱାଙ୍କ ଯୁଦ୍ଧକୁ ନିର୍ନିମେଷ ଦୃଷ୍ଟିରେ ଚାହିଁ ରହିଲେ । ଯୁଦ୍ଧସ୍ଥଳ ନିସ୍ତବ୍ଧ, ନୀରବ । ଅର୍ଜୁନ ପ୍ରଥମ ବାଣ ଧନୁରେ ଚଢ଼ାଇ ଗୁଣ ଟାଣି ଛାଡ଼ି ଦେଲେ । ଧନୁସ୍ ଟାଣିବା ଶବ୍ଦରେ ଆକାଶ କମ୍ପିଗଲା । କିନ୍ତୁ ସୁଧନ୍ୱା ଅର୍ଜୁନଙ୍କ ବାଣକୁ କାଟିଦେଲେ । ଦ୍ୱିତୀୟ ବାଣକୁ ମଧ ସୁଧନ୍ୱା କାଟିଦେଲେ । ଶେଷ ବାଣ ହେଉଛି ତୃତୀୟ । ଏହି ବାଣକୁ ଆତଙ୍କିତ ଦୃଷ୍ଟିରେ ଦୁଇପକ୍ଷର ସେନା ଦେଖୁଥା'ନ୍ତି । କାଳସଦୃଶ ବାଣ ତୂଣୀରରୁ ଆଣି ଧନୁରେ ରଖିବା ସମୟରେ ଶର ତେଜରେ ଆଖି ଝଲସି ଯାଉଥିଲା । କିନ୍ତୁ ଅର୍ଜୁନ ମନ୍ତ୍ର ପଢ଼ି ବାଣ ଛାଡ଼ିଦେବା ସମୟରେ ବାଣ ତେଜରେ ଆକାଶ ଆଲୋକିତ ହୋଇଗଲା । କାଳାଗ୍ନି ସଦୃଶ ଅବ୍ୟର୍ଥ ବାଣକୁ ସୁଧନ୍ୱା କାଟିଦେଲେ । ଭଗବାନଙ୍କର ଏହି ଅସୀମ କୃପାଦେଖି ତାଙ୍କ ଆନନ୍ଦର ସୀମା ରହିଲା ନାହିଁ । ତାଙ୍କ ହୃଦୟ ଆନନ୍ଦରେ ନାଚିଉଠିଲା । ମନେ ମନେ କହିଲେ, ''ପ୍ରଭୁ, ତୁମେ ମୋ ପ୍ରତିଜ୍ଞା ରଖିଲ ଏବଂ ଅର୍ଜୁନଙ୍କ ପ୍ରତିଜ୍ଞା ରକ୍ଷା କରିବ । ମୁଁ ତୁମକୁ ସମ୍ମୁଖରେ ଦେଖୁ ଦେଖୁ ଶରୀର ତ୍ୟାଗ କରି ତୁମକୁ ପ୍ରାପ୍ତ କରିବି, ତୁମ କୃପାର ଜୟ ହେଉ ଭଗବାନ୍ ।'' ସୁଧନ୍ୱାଙ୍କ ସମସ୍ତ ସତ୍ତାରେ ଭଗବତ୍ ଆନନ୍ଦ ଏବଂ କୃପା ପୂର୍ଣ୍ଣ ହୋଇଗଲା । ସେ ଭଗବତ୍ ଦିବ୍ୟ ଆନନ୍ଦରେ ବୁଡ଼ିଗଲେ । ଅର୍ଜୁନଙ୍କ ବାଣ ସୁଧନ୍ୱାଙ୍କ ଦ୍ୱାରା କଟା ହୋଇଥିବା ଶେଷ ଭାଗ ତଳେ ପଡ଼ିଗଲା, କିନ୍ତୁ ପ୍ରଥମ ଭାଗ ତଳେ ନ ପଡ଼ି ସୁଧନ୍ୱାଙ୍କ ମସ୍ତକ ଛେଦନ କଲା । ସେହି ବାଣରେ ଥିଲେ ବିଷ୍ଣୁଶକ୍ତି, ମୃତ୍ୟୁ ଏବଂ ବିଶ୍ୱକର୍ମାର ଶକ୍ତି । ଶ୍ରୀକୃଷ୍ଣ ଦୁଇଭକ୍ତଙ୍କ ପ୍ରତିଜ୍ଞା ରକ୍ଷାକରିବା ଦେଖି ଦୁଇପକ୍ଷ ସେନାଙ୍କର ଆନନ୍ଦର ସୀମା ରହିଲା ନାହିଁ । ଏକସ୍ୱରରେ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ଜୟଜୟକାର କଲେ । ଜୟ ଶବ୍ଦରେ ଆକାଶ ମୁଖର ହୋଇଉଠିଲା । ସମସ୍ତ ବ୍ୟକ୍ତି ଭଗବାନଙ୍କ ଭକ୍ତବତ୍ସଳତା ଗୁଣକୁ ପ୍ରତ୍ୟକ୍ଷ ଦେଖି ତାଙ୍କ ପ୍ରତି କୃତଜ୍ଞତାରେ ହୃଦୟ ପୂର୍ଣ୍ଣ ହୋଇଗଲା । ସୁଧନ୍ୱାଙ୍କ ଆତ୍ମା ଶରୀର ତ୍ୟାଗ କରି ଭଗବାନ୍ ଶ୍ରୀକୃଷ୍ଣଙ୍କୁ ପ୍ରାପ୍ତ ହେଲା । ଏହା ଭଗବାନଙ୍କ ପ୍ରତି ବିଶ୍ୱାସର ପ୍ରତ୍ୟକ୍ଷ ଫଳ । ଭଗବାନ୍ ସବୁସମୟରେ ବ୍ୟକ୍ତିକୁ ସାହାଯ୍ୟ କରିବାକୁ ଚାହାନ୍ତି । କିନ୍ତୁ ତା'ର ନିଜର ଅହଂ, ସ୍ୱାର୍ଥ ଦ୍ୱାରା ମନ, ପ୍ରାଣ, ଶରୀର ଦ୍ୱାରା ଗଠିତ ଆଧାର ଦୃଢ଼ରୂପେ ବନ୍ଦ ଥାଏ । ଭଗବତ୍ ଶକ୍ତି ତା ମଧ୍ୟରେ ପ୍ରବେଶ କରିପାରେ ନାହିଁ । ସେ ଭଗବାନଙ୍କ ଚରଣରେ ନିଜକୁ ସମର୍ପଣ କରିବାକୁ ସଂକଳ୍ପ କଲେ ତା' ମଧ୍ୟରେ ଗୋଟିଏ ମାର୍ଗ ଉନ୍ମୁକ୍ତ ହୋଇଯାଏ । ସେହି ମାର୍ଗଦେଇ ଭଗବତ୍ ଶକ୍ତି ତା' ମଧ୍ୟରେ ପ୍ରବେଶ କରି ସମର୍ପଣ କରିବାକୁ ପ୍ରସ୍ତୁତ କରେ । ବ୍ୟକ୍ତି ଭଗବାନଙ୍କ ଉପରେ ଯେତେ ନିର୍ଭରଶୀଳ ହୁଏ, ଯେତେ ପରିମାଣରେ ନିଜ ସତ୍ତା ସମର୍ପଣ କରେ, ଭଗବାନ୍ ତା'ର ତେତେ ଦାୟିତ୍ୱ ଗ୍ରହଣ କରନ୍ତି । ବ୍ୟକ୍ତି ସଂପୂର୍ଣ୍ଣରୂପେ ନିଜକୁ ଭଗବାନଙ୍କ ଚରଣରେ ସମର୍ପଣ କଲେ, ଭଗବାନ୍ ପୂର୍ଣ୍ଣ ରୂପେ ତା' ମଧ୍ୟରେ ପ୍ରକାଶ ହୁଅନ୍ତି ଏବଂ ତାକୁ ପରିଚାଳିତ କରନ୍ତି । ସେହି ସମୟରେ ବ୍ୟକ୍ତି ପୂର୍ଣ୍ଣରୂପେ ନିର୍ଦ୍ୱନ୍ଦ୍ୱ ହୋଇଯାଏ । କେବଳ ଭଗବତ୍ ବିଶ୍ୱାସ, ଆତ୍ମ ସମର୍ପଣରେହିଁ ବ୍ୟକ୍ତିର ମନ, ପ୍ରାଣ, ଶରୀର ତା'ର ଦିବ୍ୟ ତତ୍ତ୍ୱରେ ରୂପାନ୍ତରିତ ହୁଏ । ସେ ରୋଗ, ଜରା, ମୃତ୍ୟୁ ଇତ୍ୟାଦିରୁ ପୂର୍ଣ୍ଣରୂପେ ମୁକ୍ତ ହୁଏ । ସଂପୂର୍ଣ୍ଣରୂପେ ଏକତ୍ୱ ପ୍ରାପ୍ତ କରେ ଭଗବାନଙ୍କ ସହିତ । ପରିଚାଳିତ ହୁଏ ଭାଗବତୀ ଶକ୍ତି ଦ୍ୱାରା । ଏହାହିଁ ଜୀବନ ସମସ୍ୟାର ସମାଧାନ । ଏଥିରେହିଁ ଜୀବନର ହୁଏ ସର୍ବାଙ୍ଗୀନ ବିକାଶ ଏବଂ ପୂର୍ଣ୍ଣତା । ଏହାହିଁ ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ । ଏହା ସିଦ୍ଧ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ ।

(ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ,
ପ୍ରଥମ ଖଣ୍ଡ, ପୃ. ୭୨୩ - ୭୨୫) ❑

# ନୂତନ ସଙ୍ଗଠନର ଭିତ୍ତି ଓ ଆଭିମୁଖ୍ୟ

## ପ୍ରପତ୍ତି

ଶ୍ରୀଅରବିନ୍ଦଙ୍କ ଦୃଷ୍ଟିକୋଣ, ବିଚାରଧାରା, ଲକ୍ଷ୍ୟ ଓ ଆଦର୍ଶକୁ ଗ୍ରହଣ କଲେ ଆମ୍ଭେମାନେ ଏକ ନୂତନ ଜଗତ୍, ନୂତନ ମାନବଜାତି, ନୂତନ ସମାଜ ତଥା ନୂତନ ସଙ୍ଗଠନରେ ଉପସ୍ଥିତ ହେବା । ଶ୍ରୀଅରବିନ୍ଦଙ୍କ ଦୃଷ୍ଟିକୋଣ, ବିଚାର, ଉପଲବ୍ଧି ଓ ସିଦ୍ଧି ଯେପରି ଅନବଦ୍ୟ ଓ ବୈପ୍ଳବିକ, ତାହାର ପରିଣାମ ମଧ୍ୟ ସେହିପରି ନୂତନ ଓ ବୈପ୍ଳବିକ । ଆମ୍ଭେମାନେ ଯଦି କୌଣସି ମହାନ୍ ସତ୍ୟ, ତତ୍ତ୍ୱ ବା ଜ୍ଞାନ ଗ୍ରହଣ କରୁ, ତେବେ ସେହି ଜ୍ଞାନ, ତତ୍ତ୍ୱ ଓ ସତ୍ୟର ପରିଣାମ ବା ଫଳାଫଳକୁ ଗ୍ରହଣ କରିବାକୁ ବାଧ୍ୟ ହେବୁ । କେବଳ ସେତିକି ନୁହେଁ, କୌଣସି ନୂତନ ସତ୍ୟ ପ୍ରକାଶର ଯେଉଁ ଧାରା ପ୍ରବର୍ତ୍ତିତ ହୁଏ, ତାହା ମଧ୍ୟ ନୂତନ । ଅତଏବ ତିନୋଟି ବିଷୟ ସ୍ମରଣ ରଖିବାକୁ ହେବ : ସତ୍ୟ, ସତ୍ୟ ପ୍ରକାଶର ଧାରା ଏବଂ ସତ୍ୟର ପରିଣାମ । ଯଦି ସତ୍ୟ ନୂତନ ହୁଏ ତେବେ ତାହାର ପ୍ରବର୍ତ୍ତନର ଧାରା ଓ ପ୍ରକାଶର ଭଙ୍ଗୀ ମଧ୍ୟ ନୂତନ ହେବ, ପରିଣାମ ତ ନିଶ୍ଚୟ ନୂତନ ହେବ ।

ଶ୍ରୀଅରବିନ୍ଦ ଏକ ନୂତନ ସତ୍ୟ, ନୂତନ ତତ୍ତ୍ୱ, ନୂତନ ଜ୍ଞାନ, ନୂତନ ଜ୍ୟୋତିଃ ଓ ନୂତନ ଶକ୍ତିର ପ୍ରବର୍ତ୍ତକ । ଏହି ସତ୍ୟ ପୂର୍ବରୁ କେବେ ପୃଥିବୀରେ ପ୍ରବର୍ତ୍ତିତ ହୋଇ ନ ଥିଲା, ପ୍ରକାଶିତ ମଧ୍ୟ ହୋଇ ନ ଥିଲା । ବିଶ୍ୱର ବିବର୍ତ୍ତନଧାରାରେ ଏହି ସତ୍ୟର ଅବତରଣ ଅବଶ୍ୟମ୍ଭାବୀ ଓ ସୁନିର୍ଣ୍ଣିତ, କିନ୍ତୁ ଏହି ସତ୍ୟ ବର୍ତ୍ତମାନ ପ୍ରକାଶିତ ହେବ ଏବଂ ଏହି ସତ୍ୟର ଆବିର୍ଭାବ ଦ୍ୱାରା ଜଗତର ଦୁଃଖ, ଦ୍ୱନ୍ଦ୍ୱ, ଯନ୍ତ୍ରଣାର ବିଲୋପ ଘଟିବ – ଏହା ଶ୍ରୀଅରବିନ୍ଦ ଘୋଷଣା କଲେ ଏବଂ ସେହି ସତ୍ୟକୁ ଅପେକ୍ଷାକୃତ ଅଳ୍ପ ସମୟ ମଧ୍ୟରେ କଠିନ ଓ ମହାନ୍ ତପସ୍ୟା ଦ୍ୱାରା ପୃଥିବୀପୃଷ୍ଠରେ ଉତାରି ଆଣିଲେ । ଏହି ସତ୍ୟର ନାମ ସେ ଦେଇଥିଲେ ଅତିମାନସ ସତ୍ୟ । ଏହାହିଁ ବେଦରେ ଋତ-ଚିତ୍ ବା ସତ୍ୟ ଚେତନା ନାମରେ ଉକ୍ତ ହୋଇଛି । ଉପନିଷଦ୍‌ରେ ଏହା ବିଜ୍ଞାନମୟ କୋଷ ନାମରେ ଆଖ୍ୟାତ । ଏହି ସତ୍ୟ ବିଷୟରେ ଯଦିଓ ଋଷିଗଣ ଅନୁସନ୍ଧାନ ପାଇଥିଲେ, ତଥାପି ଏହା ଯେ ଦିନେ ପୃଥିବୀପୃଷ୍ଠରେ ଅବତରଣ କରିବ ଏବଂ ପ୍ରକାଶଶୀଳ ବ୍ୟକ୍ତିର ଏକ ବ୍ୟକ୍ତ ସତ୍ୟ ହେବ ଏହା କେହି କଳ୍ପନା କରି ନ ଥିଲେ । ଅବଶ୍ୟ ସେତେବେଳେ ଏହି ସତ୍ୟ ଅଭିବ୍ୟକ୍ତିର ବେଳ ମଧ୍ୟ ଆସି ନ ଥିଲା ।

ଶ୍ରୀଅରବିନ୍ଦ ବୈଦାନ୍ତିକ ପରମ୍ପରା ସହ ଏକମତ ହୋଇ ଘୋଷଣା କରୁଛନ୍ତି ଯେ ଏହି ବ୍ୟକ୍ତ ବିଶ୍ୱରେ ପ୍ରଧାନତଃ ତିନୋଟି ତତ୍ତ୍ୱର ପ୍ରକାଶ ଘଟିଛି : ଜଡ଼, ପ୍ରାଣ ଓ ମନ । କିନ୍ତୁ ଏସବୁଗୁଡ଼ିକ ଅପୂର୍ଣ୍ଣ, ଅପରିଣତ ଓ ଅସମାପ୍ତ । ବିଶ୍ୱର ବିବର୍ତ୍ତନଧାରାରେ ଚେତନାର ପରିପୂର୍ଣ୍ଣତା, ପୂର୍ଣ୍ଣାଙ୍ଗତା ଓ କ୍ରମୋନ୍ନତ ସମୃଦ୍ଧ ଓ ଉଚ୍ଚତର ଅବସ୍ଥା ନିଶ୍ଚୟହିଁ ସମ୍ଭବ । ଏହି ଦିଗରେ ସମଗ୍ର ବିଶ୍ୱ ଅଗ୍ରସର ହେଉଛି । ମନର ଊର୍ଦ୍ଧ୍ୱରେ ରହିଛି ପୂର୍ଣ୍ଣ ସତ୍ୟମୟ, ଜ୍ଞାନମୟ, ଜ୍ୟୋତିର୍ମୟ ବିଜ୍ଞାନ ଚେତନା । ଏହି ଚେତନାହିଁ 'ପ୍ରଜ୍ଞାପୁରାଣୀ' – ମହାପ୍ରଜ୍ଞା, ମହତୀ ପରମା ଦିବ୍ୟ ଶକ୍ତି ଯାହା ସୃଷ୍ଟିର ମୂଳରେ ରହି ସମସ୍ତ ସୃଷ୍ଟିକୁ ନିୟନ୍ତ୍ରିତ କରୁଛି । ଏହି ମହାଚେତନାର ଗୋପନ ସତ୍ୟ ଓ ଶକ୍ତି ବିବର୍ତ୍ତମାନ ଜଗତରେ ଫୁଟି ଉଠୁଛି । ପରିଶେଷରେ (ଅବଶ୍ୟ ଏହି ଅନନ୍ତ ବିବର୍ତ୍ତମାନ ଧାରାର ଶେଷ ନାହିଁ) ଏହି ମହାଚେତନାର ସ୍ଫୁରଣ ଘଟିବ ଏବଂ ଏହି ଅନ୍ଧକାର ଓ ଦୁଃଖ-ଦ୍ୱନ୍ଦ୍ୱମୟ ଜଗତରେ ପୂର୍ଣ୍ଣ ଅତିମାନସ-ସୂର୍ଯ୍ୟଙ୍କର ଉଦୟ ହେବ । ଏହି ପ୍ରକାଶର ବେଳ ସନ୍ନିକଟ ବୋଲି ଜାଣି ଶ୍ରୀଅରବିନ୍ଦ ମାନବଜାତିର ପ୍ରତିନିଧି ରୂପେ ଗଭୀର ତପସ୍ୟାରେ ନିମଗ୍ନ ହେଲେ ଏବଂ ଏହି ପରମ ସତ୍ୟକୁ ସାକ୍ଷାତ୍ କଲେ । ନିଜ ଚେତନାରେ ସେ ସେହି ସତ୍ୟକୁ ପ୍ରାପ୍ତ ହେଲେ ଏବଂ ପୃଥିବୀ (ଅପରାର୍ଦ୍ଧ) ଓ ପରାର୍ଦ୍ଧ ମଧ୍ୟରେ ସେତୁତୁଲ୍ୟ ହୋଇ ସେହି ସତ୍ୟକୁ ପାର୍ଥିବ ଚେତନା ସହିତ ସଂଯୋଜିତ କଲେ ।

୧୯୫୦ ମସିହା ଡିସେମ୍ବର ମାସ ୫ ତାରିଖରେ ଶ୍ରୀଅରବିନ୍ଦଙ୍କ ଦିବ୍ୟ-ଶରୀର ମାଧ୍ୟମରେ ଏହି ସତ୍ୟ ଏହି ମୃତ୍ୟୁଭୂମିକୁ ସ୍ପର୍ଶ କଲା । ଥରେ ଏହି ସତ୍ୟ ପାର୍ଥିବ ବାୟୁମଣ୍ଡଳ ମଧ୍ୟରେ ଅବତୀର୍ଣ୍ଣ ହେଲେ ଏହା ପୁନଶ୍ଚ ଫେରିଯାଏ ନାହିଁ । ବିଶ୍ୱଲୀଳାରେ ଏହା ଏକ ବ୍ୟକ୍ତ ସତ୍ୟ ହେବା ନିମିତ୍ତ ଶ୍ରୀଅରବିନ୍ଦ ପ୍ରୟାସ କରିଥିଲେ ଏବଂ ଏହି ଦିଗରେ ସମଗ୍ର ପାର୍ଥିବ ଚେତନାକୁ ଧାରଣ କରି ଶ୍ରୀମା ସେ ଦିଗରେ କାର୍ଯ୍ୟ କରିବାକୁ ଲାଗିଲେ । ୧୯୫୬ ମସିହା ଅପ୍ରେଲ ୨୪ ତାରିଖରେ ଶ୍ରୀମା ଘୋଷଣା

କଲେ ଯେ ପାର୍ଥିବ ଜୀବନ ଓ ଚେତନା ମଧ୍ୟରେ ଅତିମାନସର ଅବତରଣ କେବଳ ଏକ ସମ୍ଭାବନା ହୋଇ ନାହିଁ, ଏହା ଏକ ବ୍ୟକ୍ତ ସତ୍ୟ ଏବଂ ଦିନ ଆସିବ ଯେତେବେଳେ ଏହି ସତ୍ୟକୁ ଅତି ମୂର୍ଖ, ଅତି ଅନ୍ଧ ଓ ଅତି ମୂଢ଼ ମଧ୍ୟ ସ୍ୱୀକାର କରିବାକୁ ବାଧ୍ୟ ହେବ । ତା' ପରେ ପରେ ଏହି ସତ୍ୟର କ୍ରମିକ ପ୍ରକାଶ ହୋଇ ଚାଲିଛି ଏବଂ ଏହାର କ୍ରିୟା ମଧ୍ୟ ଚାଲିଛି । ଏହି ସତ୍ୟର କ୍ରିୟା ଫଳରେ ନିମ୍ନ ସ୍ତରରେ ଥିବା ବହୁ ଗୋପନ ଶକ୍ତି ଉପରକୁ ଉଠି ଆସି ପାର୍ଥିବ ଜୀବନକୁ ଭାରାକ୍ରାନ୍ତ କରିଛନ୍ତି । ଚତୁର୍ଦିଗରେ ବିପୁଳ ଅଶାନ୍ତି, ବ୍ୟସ୍ତତା ଓ ବିକ୍ଷୋଭ ଦେଖା ଦେଇଛି । ଏହାର କାରଣ ଏହି ସତ୍ୟ ନିଜକୁ ତାହାର ନିଜସ୍ୱ ଧାରାରେ ପ୍ରତିଷ୍ଠା କରିବାକୁ ଚେଷ୍ଟା କରୁଛି ଏବଂ ନିମ୍ନ ସ୍ତରରେ ଏଥିନିମିତ୍ତ ସବୁକିଛିକୁ ବିଶୁଦ୍ଧ ଓ ନିର୍ମଳ କରିବାକୁ ହେବ । ଏହି ଶୁଦ୍ଧୀକରଣ ଓ ରୂପାନ୍ତର କ୍ରିୟା ଫଳରେ ମନୁଷ୍ୟ ସ୍ୱୟଂ ଦୁଃସହ ଯନ୍ତ୍ରଣା ଏବଂ ଅକଳ୍ପନୀୟ ଦୁଷ୍କୃତି ମଧ୍ୟ ଦେଇ ଗତି କରୁଛି । ଏହି ଯନ୍ତ୍ରଣା ଓ ବ୍ୟସ୍ତତାର ଅବସାନ ଘଟିବ — ଯଦି ମନୁଷ୍ୟ ଏହି ପରମ ସତ୍ୟକୁ ସର୍ବାନ୍ତଃକରଣରେ ସ୍ୱୀକାର କରେ । ଯେଉଁ ବିପୁଳ ଓ ବିରାଟ ପରିବର୍ତ୍ତନ ସନ୍ନିକଟ, ତହିଁରେ ମନୁଷ୍ୟର କର୍ତ୍ତବ୍ୟ କେବଳ ଏହି ସତ୍ୟକୁ ସ୍ୱୀକାର କରିବା ଏବଂ ନିଜକୁ ଓ ନିଜର ପ୍ରକୃତିକୁ ତଦନୁରୂପେ ଗଢ଼ି ତୋଳିବା ।

ତେବେ ଏହି କ୍ଷେତ୍ରରେ ଆମ୍ଭମାନଙ୍କର ସଙ୍ଗଠନର ସ୍ୱରୂପ ଓ ଆଭିମୁଖ୍ୟ କ'ଣ ହେବ ? ଗୋଟିଏ କଥା ବାରଂବାର ସ୍ମରଣ ରଖିବାକୁ ହେବ ଯେ ଏହି ସତ୍ୟର ପ୍ରକାଶଧାରା ପୂର୍ବ ପ୍ରଚଳିତ ଧାରାକୁ ଅନୁସରଣ କରି ଚାଲିବ ନାହିଁ । ପୂର୍ବ ପ୍ରଚଳିତ ନୀତି, ଧର୍ମ ଓ ମନର ଆଇନକାନୁନ ଦ୍ୱାରା ଏହି କାର୍ଯ୍ୟ ଚାଲିବ ନାହିଁ ବା ପୂର୍ବ ପ୍ରଚଳିତ ସାଙ୍ଗଠନିକ ଧାରା ମଧ୍ୟ ଏଠାରେ କାର୍ଯ୍ୟକାରୀ ହୋଇ ପାରିବ ନାହିଁ । ଏଥିରେ କୌଣସି ବାହ୍ୟ ଚାପ, ଜବରଦସ୍ତି ବା ଉପର ଦେଖାଣିଆ ଜାକଜମକ ଏବଂ ବାହ୍ୟ ଉପଚାର, କ୍ରିୟା ମଧ୍ୟ ଚାଲିବ ନାହିଁ । ଏହା ମୂଳତଃ ଓ ଶେଷତଃ ଏକ ଆନ୍ତର ବିପ୍ଳବ, ଏକ ନୂତନ ଚେତନାର ସ୍ଫୁରଣ, ଅଭିବ୍ୟକ୍ତି ଏବଂ ପ୍ରକାଶ । ଏହାର ସଙ୍ଗଠନ ହେବ ଭିତରୁ, ସତ୍ୟଚେତନା, ସତ୍ୟଦୃଷ୍ଟିରୁ, ଏକ ଆନ୍ତର ମନୋଭାବରୁ, ପୂର୍ଣ୍ଣ ସମର୍ପଣ, ଶ୍ରଦ୍ଧା ଓ ଭକ୍ତିର ଉତ୍ସରୁ । ଏହା ଭାବପ୍ରବଣତା ଏବଂ ସଙ୍କୀର୍ଣ୍ଣ ସାମ୍ପ୍ରଦାୟିକ ଧାର୍ମିକ ପ୍ରେରଣା ନ ହୋଇ ବରଂ ଧୀର, ସ୍ଥିର, ଗଭୀର ପ୍ରଶାନ୍ତ ଓ ଏକ ମହାନ୍ ଚେତନାର ସ୍ପର୍ଶ ହେବ । ବ୍ୟକ୍ତି ଯେପରି ଆତ୍ମବାନ୍, ଗୋଷ୍ଠୀ ସେହିପରି ଆତ୍ମବାନ୍ ଓ ଶକ୍ତି ସମ୍ପନ୍ନ । ଯଦି ବ୍ୟକ୍ତିର ଉନ୍ନୟନ ଘଟେ, ତେବେ ଗୋଷ୍ଠୀର ମଧ୍ୟ ଉନ୍ନୟନ ଘଟେ । ଏହି ସଙ୍ଗଠନରେ ପ୍ରଥମ ବିଷୟ ହେଲା ବ୍ୟକ୍ତି ଜୀବନର ପୁନର୍ଗଠନ, ବ୍ୟକ୍ତି ଜୀବନ ଓ ଦୃଷ୍ଟିକୋଣର ଏକ ଆମୂଳ ପରିବର୍ତ୍ତନ, କେନ୍ଦ୍ରୀୟ ଶକ୍ତି ଓ ପ୍ରେରଣାର ରୂପାନ୍ତର । ଯେଉଁ ଅହଙ୍କାର ଓ କାମନାବାସନା ଜୀବନର ମୂଳ ଭିତ୍ତି ସ୍ୱରୂପ ଥାଏ, ତାହାର ପରିବର୍ତ୍ତନ ଘଟିଥାଏ ଏବଂ ତାହା ସ୍ଥାନରେ ଏକ ନୂତନ ଭାଗବତ ଚେତନା ପ୍ରତିଷ୍ଠିତ ହୋଇଥାଏ, ଏହା ଏକ କଠିନ ଓ ଦୁରୂହ ବିପ୍ଳବ ଏବଂ ବ୍ୟକ୍ତି ବହୁ ତ୍ୟାଗ ସ୍ୱୀକାର କଲେ ତାହାର ଏହି ପରିବର୍ତ୍ତନ ଘଟେ । ଏହା ଏକ ପରିବର୍ତ୍ତନ ନୁହେଁ, ଯଥାର୍ଥରେ ଏହା ଏକ ନବଜନ୍ମ ।

ଆମ୍ଭେମାନେ ଏଠାରେ ଯେଉଁ ସଙ୍ଗଠନର ଆଭିମୁଖ୍ୟ ବିଷୟ ଆଲୋଚନା କରୁଛୁ ତାହା ମୁଖ୍ୟତଃ ଏକ ଆନ୍ତର ବିପ୍ଳବ, ଏକ ନବୀନ ଚେତନାର ଉନ୍ମେଷ ଓ ନୂତନ ଶକ୍ତିର ପ୍ରତିଷ୍ଠା । ଏହି ବିପୁଳ ପରିବର୍ତ୍ତନ ନିମିତ୍ତ ସମଗ୍ର ପୃଥିବୀକୁ ପ୍ରସ୍ତୁତ ହେବାକୁ ହେବ, କାରଣ ସମଗ୍ର ଜଗତରେ ଏକ ନୂତନ ଚେତନାର ପ୍ରତିଷ୍ଠା ହେବ । ବହୁ ପୁରାତନ ଏବଂ ଆପାତତଃ ନୀତିପୂର୍ଣ୍ଣ, ତଥାକଥିତ ବ୍ୟବସ୍ଥିତ ଶାନ୍ତିମୟ ଜୀବନଧାରାକୁ ପ୍ରତ୍ୟାଖ୍ୟାନ କରିବାକୁ ହେବ; ବ୍ୟକ୍ତିଗତ ବହୁ କାର୍ଯ୍ୟ ଓ ବହୁ ସଂସ୍କାରକୁ ବର୍ଜନ କରିବାକୁ ହେବ ।

ଓଡ଼ିଶାରେ ସଙ୍ଗଠିତ ହେବାକୁ ଯାଉଥିବା ବିଭିନ୍ନ ପାଠଚକ୍ରକୁ ଏହି ନୂତନ ଆଭିମୁଖ୍ୟ ରଖି କର୍ଯ୍ୟ କରିବାକୁ ହେବ । ଚିରାଚରିତ ପ୍ରଥାରେ କିଛି ପ୍ରାର୍ଥନା, ଧ୍ୟାନ ଓ ଧୂପ-ପୁଷ୍ପ ଅର୍ପଣ ଏବଂ ଗୋଟିଏ ବାହ୍ୟ ସଭା, ଶୋଭାଯାତ୍ରା ଏବଂ ସମ୍ମିଳନୀ କରାଇ ବିଶେଷ କିଛି ହେବ ନାହିଁ । ଅବଶ୍ୟ ଏ ସବୁର ଆବଶ୍ୟକତା ରହିଛି ଏବଂ ଗୋଟିଏ କ୍ରମିକ ଉନ୍ନତ ଶ୍ରେଣୀବଦ୍ଧ ସମାଜରେ ଏ ସକଳ ସ୍ତର ରହିବହିଁ ରହିବ । କିନ୍ତୁ କେତୋଟି ମୁଖ୍ୟ ଧାରଣା ଏକାନ୍ତ ଭାବେ ବର୍ଜନ କରିବା ଉଚିତ : ପ୍ରଥମତଃ, ଶ୍ରୀଅରବିନ୍ଦ ଏକ ଧର୍ମାନୁଷ୍ଠାନ ନୁହନ୍ତି, ଶ୍ରୀଅରବିନ୍ଦଙ୍କୁ ଗ୍ରହଣ କରିବା ଅର୍ଥ ଏକ ନୂତନ ସାମ୍ପ୍ରଦାୟିକ ଧର୍ମର ପ୍ରତିଷ୍ଠା ନୁହେଁ । ଶ୍ରୀଅରବିନ୍ଦଙ୍କ ସମଗ୍ର ସାଧନା ଏକ ଆଧ୍ୟାତ୍ମିକ ଉପଲବ୍ଧି, ଦୃଷ୍ଟି ଓ ବିଚାର । ଗୋଷ୍ଠୀଗତ ଜୀବନରେ ଓ ବ୍ୟକ୍ତିଗତ ଜୀବନରେ ଯଦି ତାହା ଏକ ଧର୍ମାଚରଣ ବୋଲି ମନେ ହୁଏ, ତାହା ବ୍ୟକ୍ତିଗତ ଆଭିମୁଖ୍ୟ ହୋଇପାରେ କିନ୍ତୁ ତାହାର ସମ୍ପର୍କ ମୂଳସତ୍ୟ ସହ କିଛି ବି ନାହିଁ ।

ଦ୍ୱିତୀୟ ଭୁଲ୍ ଧାରଣା ଏହି ଯେ ଯୋଗ ସାଧନାର

ଅର୍ଥ କର୍ମ ଓ ସଂସାର ବର୍ଜନ କରି ନିଶ୍ଚଳ ମନରେ ଧ୍ୟାନ କରିବା । ଏହା କଦାପି ପୂର୍ଣ୍ଣଯୋଗର ସାଧନା ନୁହେଁ ବା ପୂର୍ଣ୍ଣଯୋଗର ମୂଳବସ୍ତୁ ମଧ୍ୟ ନୁହେଁ । ପୂର୍ଣ୍ଣଯୋଗର ସାଧନା କୌଣସି ଧ୍ୟାନ, ଧାରଣା, ଜପ, ତପ ଦ୍ୱାରା ନୁହେଁ ବରଂ ଏକ ଐକାନ୍ତିକ ଜ୍ୱଳନ୍ତ ଅଭୀପ୍ସା ଏବଂ ଅକପଟ ସମର୍ପଣ ଦ୍ୱାରା ହିଁ ଚାଲେ । ଏହି ଅଭୀପ୍ସା ଏବଂ ସମର୍ପଣ ହେବ ନିରବଚ୍ଛିନ୍ନ, ନିଜର ଶରୀର, ପ୍ରାଣ ଓ ମନଠାରୁ ଅଭିନ୍ନ ଓ ଅବିଚ୍ଛେଦ୍ୟ । ସକଳ କର୍ମରେ ମା'ଙ୍କୁ ସ୍ମରଣ ଏବଂ ସକଳ ଜୀବନର ଭାର ଗଭୀର ଶ୍ରଦ୍ଧା ଓ ଭକ୍ତି ସହ ତାଙ୍କୁ ଅର୍ପଣ, ଏହାହିଁ ପ୍ରାରମ୍ଭିକ ସାଧନା ହୋଇପାରେ । ଠକାମି ଓ ଶଠତା ବହୁତ ରହିବ, ତଥାପି ଏକାନ୍ତ ନିଷ୍ଠା (Sincerity) ବଳରେ ଏହାହିଁ ସମ୍ଭବ ହେବ ।

ତୃତୀୟତଃ, ଭୁଲ୍ ଧାରଣା ଏହି ଯେ ଆଧ୍ୟାତ୍ମିକ ସାଧନା କେବଳ ବ୍ୟକ୍ତିଗତ, ଏହାର ସାମାଜିକ ବା ସମଷ୍ଟିଗତ ସମ୍ବନ୍ଧ କିଛି ନାହିଁ । ପୂର୍ବତନ ଅଧ୍ୟାତ୍ମ ମାର୍ଗରେ ବ୍ୟକ୍ତିଗତ ମୁକ୍ତି ହିଁ ସାଧନାର ଶେଷ ଲକ୍ଷ୍ୟ ଥିଲା, କିନ୍ତୁ ପୂର୍ଣ୍ଣାଙ୍ଗ ଅଧ୍ୟାତ୍ମ ସାଧନାରେ ଉଭୟ ବ୍ୟଷ୍ଟି ଓ ସମଷ୍ଟି ଏକ ସଙ୍ଗରେ ଯିବେ । ଏପରିକି ସମଗ୍ର ପୃଥିବୀ ଆମର ବ୍ୟକ୍ତିଗତ ଅଗ୍ରଗତି ସହିତ ସମ୍ପୃକ୍ତ ଏବଂ ପୃଥିବୀ ବା ବିଶ୍ୱ ବା ବହୁକୁ ଛାଡ଼ି ଦେଇ ବ୍ୟକ୍ତି ବା ବ୍ୟଷ୍ଟି ବା ଏକକର ମୁକ୍ତି ସମ୍ଭବ ନୁହେଁ । ଏପରିକି ଶ୍ରୀମା ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣ ଶରୀର-ରୂପାନ୍ତର ପାର୍ଥିବ ଚେତନାର ଗ୍ରହଣଶୀଳତା ଓ ପ୍ରତିକ୍ରିୟା ଉପରେ ନିର୍ଭର କରୁଛି ।

❑❑❑


A Seer was born, a shining Guest of Time.

*(Savitri, p. 25)* - Sri Aurobindo

**Collected Works of The Mother – 17 Vols.**
**Rs. 3500 only** *(Till stocks last)*

**The Great Adventure – (New Revised Edition) :** **- Rs. 350**

**Ideal Child, Ideal Parent, Ideal Teacher (3in1) Booklet** **- Rs. 75**

**The Mother by Sri Aurobindo *with the Mother's comments***
**(***Sri Aurobindo's handwriting***)** **– Rs. 50**

**125 Drops of Nectar – Daily Quotations by the Divine Mother and Lord Sri Aurobindo** **– Rs. 175**

**VAK** - ***The Spiritual Book Shop***, Pondicherry - 605 001

E-mail: vakbooks@gmail.com, Contact Number: (0413) 2334542, (0413) 2336672, website: www.vakbooks.in

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୭୮)

**ମହେନ୍ଦ୍ରନାଥ ସ୍ୱାଇଁ**

**ସାର୍ବଭୌମ ବିଧାନ :**

ଫେବ୍ରୁଆରୀ ୮, ୧୯୧୪ ପ୍ରାର୍ଥନାଟିରେ ଶ୍ରୀମା ଲେଖନ୍ତି –

"O LORD, sweet Master of love, Thou who bringest us out of the darkness to awaken us to consciousness, who deliverest us from suffering to make us commune within Thy eternal peace, every morning my aspiration soars ardently towards Thee, and I implore that my being, integrally awake to Thy knowledge, may now live only by Thee, in Thee, for Thee; I implore that more and more perfectly identified with Thee, I may now be only Thyself manifested in word and act; I implore that all those who come to us, all who are in contact with us, may awaken to the full knowledge of Thy divine presence, Thy sovereign law, and let themselves be definitively transformed by it; I implore that all men upon earth, in spite of their bitter suffering, may feel dawning in it the sublime consolation of Thy light and love, and the marvellous comfort of Thy peace; I implore that every substance impregnated more and more by Thy sovereign forces may put up an ever diminishing resistance of blind ignorance against Thee, and that triumphing over all darkness Thou mayst transfigure definitively and integrally this universe of strife and anguish into a universe of harmony and peace. ...

So that Thy law may be fulfilled."

(Prayers and Meditations, P. 68)

''ହେ ପ୍ରଭୁ, ପ୍ରେମର ମଧୁମୟ ଗୁରୁ, ତୁମେ ଯେକି ଅନ୍ଧକାର ଭିତରୁ ଆମକୁ ବାହାରକୁ ନେଇ ଆସୁଛ ଆମକୁ ଚେତନା ସମ୍ପର୍କରେ ଜାଗ୍ରତ୍ କରାଇ ଦେବା ପାଇଁ, ଯାହା ଆମ୍ଭମାନଙ୍କୁ ଦୁଃଖ ଯନ୍ତ୍ରଣାରୁ ମୁକ୍ତି ପ୍ରଦାନ କରୁଅଛି, ତୁମର ଚିରନ୍ତନ ପ୍ରଶାନ୍ତି ଭିତରେ ଆମକୁ ସମ୍ମିଳିତ କରାଇ ଦେବା ପାଇଁ, ପ୍ରତ୍ୟେକ ପ୍ରଭାତରେ ମୋର ଅଭୀପ୍ସା ଦୃଢ଼ତାର ସହିତ ତୁମ ପାଖକୁ ଉପରକୁ ଉଠି ଚାଲିଛି, ଏବଂ ମୁଁ ଜାଣି ପାରୁଛି ଯେ ମୋର ସତ୍ତା ସାମଗ୍ରିକ ଭାବରେ ତୁମ ଜ୍ଞାନ ପ୍ରତି ଜାଗ୍ରତ୍ ହୋଇ ଉଠୁଛି, ବର୍ତ୍ତମାନ କେବଳ ତୁମ ଦ୍ୱାରା, ତୁମ ଭିତରେ ଏବଂ ତୁମ ପାଇଁ ମୁଁ ଜୀବନ ଧାରଣ କରେ; ମୁଁ ଦୃଢ଼ ଭାବରେ ଇଚ୍ଛା କରୁଛି ଅଧିକରୁ ଅଧିକତର ପୂର୍ଣ୍ଣ ଭାବରେ ତୁମ ସହିତ ଏକାତ୍ମ ହୋଇଯିବାକୁ, ବର୍ତ୍ତମାନ ମୁଁ କେବଳ ତୁମେ ହୋଇଯିବାକୁ ଏବଂ ବାକ୍ୟ ଓ କର୍ମରେ ତୁମକୁ ପ୍ରକାଶିତ କରିବା ପାଇଁ; ମୁଁ ମିନତି କରୁଛି ଯେ ଯେଉଁମାନେ ଆମ ପାଖକୁ ଆସୁଛନ୍ତି, ଯେଉଁ ସମସ୍ତ ବ୍ୟକ୍ତିମାନେ ଆମ ସହିତ ସମ୍ପର୍କ ରଖିଛନ୍ତି, ସେମାନେ ସମସ୍ତେ ପୂର୍ଣ୍ଣ ଜ୍ଞାନର ସହିତ ତୁମ ଦିବ୍ୟ ଉପସ୍ଥିତି, ସାର୍ବଭୌମ ବିଧାନ ସମ୍ପର୍କରେ ସଚେତନ ହୋଇ ଉଠନ୍ତୁ, ଏବଂ ସେମାନେ ସ୍ୱୟଂ ନିଶ୍ଚିତ ରୂପେ (ଏହି ସମ୍ପର୍କ ଦ୍ୱାରା) ରୂପାନ୍ତରିତ ହୋଇ ଯାଆନ୍ତୁ; ମୁଁ ପୁନଶ୍ଚ ନିବେଦନ କରୁଛି ଯେ ଏହି ପୃଥିବୀପୃଷ୍ଠରେ ଥିବା ସକଳ ମଣିଷ, ସେମାନଙ୍କର ତିକ୍ତ ଦୁଃଖ-ଯନ୍ତ୍ରଣା ସତ୍ତ୍ୱେ ଅନୁଭବ କରନ୍ତୁ ଯେ, ଏହି ଯନ୍ତ୍ରଣା ଭିତରକୁ ତୁମର ଦିବ୍ୟ ଆଲୋକ, ପ୍ରେମ ଏବଂ ତୁମ ପ୍ରଶାନ୍ତିର ଚମତ୍କାର ଆନନ୍ଦପ୍ରଦ ସାନ୍ତ୍ୱନା ଓହ୍ଲାଇ ଆସୁଛି; ମୁଁ ନିବେଦନ କରୁଛି ଯେ ଏଠାରେ ଥିବା ପ୍ରତ୍ୟେକ ଉପାଦାନ ତୁମ ସାର୍ବଭୌମ ଶକ୍ତିମାନଙ୍କ ଦ୍ୱାରା ଅଧିକରୁ ଅଧିକ ଅନୁପ୍ରାଣିତ (impregnated) ହୋଇ ଉଠନ୍ତୁ ଏବଂ ତୁମ ବିରୋଧରେ ସେମାନଙ୍କ ଭିତରେ ଯେଉଁ ଅନ୍ଧ ଅଜ୍ଞାନର ବାଧାସବୁ ରହିଛି ତାକୁ ସର୍ବଦା ହ୍ରାସ କରି ଦିଅନ୍ତୁ

ଏବଂ ତାହା ସକଳ ପ୍ରକାର ଅନ୍ଧକାର ଉପରେ ବିଜୟ ହାସଲ କରୁ, ଯାହାକୁ ତୁମେ ନିଶ୍ଚିତ ଭାବରେ ଏବଂ ସମ୍ପୂର୍ଣ୍ଣ ଭାବରେ ରୂପାନ୍ତରିତ କରିଦେବ, ଏହି ସଂଘର୍ଷମୟ ଏବଂ ଦୁଃଖପୂର୍ଣ୍ଣ ଜଗତକୁ ଏକ ସଂଗତିପୂର୍ଣ୍ଣ ଏବଂ ପ୍ରଶାନ୍ତିମୟ ଜଗତରେ ରୂପାନ୍ତରିତ କରିଦେଇ ପାରିବ । ...

''ଫଳତଃ ତୁମର ଦିବ୍ୟ ବିଧାନ ପରିପୂର୍ଣ୍ଣ ହୋଇ ପାରିବ ।''

ପ୍ରଭୁ ହେଉଛନ୍ତି ମଧୁମୟ ପ୍ରେମ, ଯେଉଁଥିରେ ସର୍ବଦା ମିଠାମିଠା ଭାବ ପରିପୂର୍ଣ୍ଣ ହୋଇ ରହିଥାଏ, ତାଙ୍କ ଓଠର ମଧୁର ହସ, ଆଖିର ମିଠାମିଠା ଚାହାଣି ଆମକୁ ଅନ୍ଧକାର ଭିତରୁ ଟାଣି ଆଣି ଦିବ୍ୟ ଚେତନା ସମ୍ମୁଖରେ ଠିଆ କରାଇ ଦିଏ ଏବଂ କହେ, ''ଦେଖ ... ତୁମେ ଏହି ଦିବ୍ୟ ଚେତନାର ଅଧିକାରୀ; ତାହା ଭିତରକୁ ପ୍ରବେଶ କରିବାର ଦ୍ୱାର ସମ୍ମୁଖକୁ ମୁଁ ତୁମକୁ ନେଇ ଆସିଲି, ଏଥରକ ଯାଅ, ଭିତରକୁ ଯାଅ ... ।'' ସେତେବେଳେ ଆମର ସକଳ ଦୁଃଖ ଯନ୍ତ୍ରଣା କୁଆଡ଼େ ଉଭେଇ ଯାଏ, ଆମକୁ ପ୍ରଭୁ ସେଥିରୁ ମୁକ୍ତି ଦେଇ ସାରିଥା'ନ୍ତି, ଆମର ନବଜନ୍ମ ହୋଇ ସାରିଥାଏ । ପ୍ରଭୁ ବଳିଆର ଭୁଜ, ଦିବ୍ୟ ହସ୍ତଦ୍ୱୟ ପ୍ରସାରିତ କରି ଡାକୁଥାନ୍ତି ''ଆ ... ଚାଲିଆ, ମୋର ଏହି ପ୍ରସାରିତ ବାହୁ ବନ୍ଧନ ଭିତରକୁ ।'' ସେତେବେଳେ ଆମେ ହାତଯୋଡ଼ି ପ୍ରାର୍ଥନା କରୁ, ଅନୁନୟ ବିନୟ ହୋଇ ଶ୍ରୀଛାମୁରେ ଜଣାଉ, ''ହେ ପ୍ରଭୁ ! ମୁଁ ତୁମ ଭିତରେ ଅଛି, ତୁମ ବିନା କ'ଣ ମୋର ଅନ୍ୟଗତି ଅଛି, ତୁମ କଥା ଚିନ୍ତା ନ କଲେ ମୁଁ କ'ଣ ବଞ୍ଚି ରହି ପାରିବି ?''

ଆଲୋଚ୍ୟ ପ୍ରାର୍ଥନାଟିରେ ଦିବ୍ୟଜନନୀ ଶ୍ରୀମା ପ୍ରଭୁଙ୍କ ସମ୍ମୁଖରେ ନିବେଦନ କରି କହୁଛନ୍ତି, ''ହେ ପ୍ରଭୁ, ଯେଉଁମାନେ ଆମ ପାଖକୁ ଆସୁଛନ୍ତି, ଆମ ସହିତ ସଦାସର୍ବଦା ଚେତନାରେ ଯୋଡ଼ି ହୋଇ ରହିଛନ୍ତି, ଆମକୁ ସେମାନଙ୍କର ଦୁଃଖ ଜଣାଉଛନ୍ତି, ସମ୍ପର୍କରେ ଅଛନ୍ତି, ସ୍ଥୂଳରେ ହେଉ ବା ସୂକ୍ଷ୍ମରେ ହେଉ ତୁମ ଦିବ୍ୟ ଉପସ୍ଥିତି ସମ୍ପର୍କରେ ସଚେତନ ଅଛନ୍ତି, – ସ୍ଥାବର, ଜଙ୍ଗମ, କୀଟ, ପତଙ୍ଗ, ବନସ୍ପତି, ସକଳ ପ୍ରାଣୀ ଏବଂ ମନୁଷ୍ୟମାନଙ୍କ ଦେହରେ ତୁମର ଦିବ୍ୟ ଉପସ୍ଥିତିକୁ ଦର୍ଶନ କରି ପାରୁଛନ୍ତି, ଏହାହିଁ ସେମାନଙ୍କୁ ରୂପାନ୍ତରିତ ପଥରେ ଆଗକୁ ପାଦ ବଢ଼ାଇବା ନିମନ୍ତେ ସାହାଯ୍ୟ କରୁଛି; ହେ ପ୍ରଭୁ, ଆପଣଙ୍କର କରୁଣା ଓ କୃପାବାରି ବର୍ଷା ହେଉ, ସେହି ବର୍ଷାରେ ଭିଜି ଭିଜି ସେମାନେ ଆଗକୁ ଚାଲନ୍ତୁ ।''

ଏତାଦୃଶ ଭାବହିଁ ରୂପାନ୍ତରର ପଥ ଉନ୍ମୁକ୍ତ କରି ଦେଇଥାଏ, କୌଣସି ବିରୋଧୀ ଶକ୍ତି ଏହା ସମ୍ମୁଖରେ ତିଷ୍ଠି ରହିପାରେ ନାହିଁ ।

ଏହି ସଂସାରରେ ଆମେ ସମସ୍ତେ ଦୁଃଖ-ଯନ୍ତ୍ରଣା ଭିତରେ ବୁଡ଼ି ରହିଛେ । ଏହି ଅବସ୍ଥାରୁ ମୁକ୍ତି ପାଇବାର ଉପାୟ ବା ଚାବିକାଠିଟିକୁ ଶ୍ରୀମା ଆମ ହାତରେ ଧରାଇ ଦେଇଛନ୍ତି । ଶ୍ରୀମା ଏଠାରେ କହୁଛନ୍ତି ପ୍ରଭୁଙ୍କର ଆନନ୍ଦମୟ ସାନ୍ତ୍ୱନା ବା ''Sublime consolation''ର କଥା; ଯାହା ପ୍ରଭୁଙ୍କର ଦିବ୍ୟ ଆଲୋକ ଏବଂ ଦିବ୍ୟ ପ୍ରେମ ଭିତରୁ ଆସିଥାଏ । ତାଙ୍କର ନିଜସ୍ୱ ପ୍ରଶାନ୍ତି ଭିତରେ ରହିଛି ରୋଗ ଯନ୍ତ୍ରଣାର ଉପଶମକାରୀ ସ୍ପର୍ଶ । ଥରେ ତାହା ପ୍ରାପ୍ତ ହୋଇଗଲେ ବା ସେହି ଆଲୋକ, ପ୍ରେମ ଓ ପ୍ରଶାନ୍ତି ଆମ ଯନ୍ତ୍ରଣା ଭିତରକୁ ଓହ୍ଲାଇ ଆସିଲେ ଏକ ରାସାୟନିକ ପ୍ରକ୍ରିୟା ସୃଷ୍ଟି ହୁଏ ଏବଂ ଯନ୍ତ୍ରଣା ମିଳାଇ ଯାଇ ପରିଣତ ହୋଇଯାଏ ଦିବ୍ୟ ଆନନ୍ଦରେ ।

ଆମ ପୃଥିବୀରେ ଅନେକ ପ୍ରକାରର ଜଡ଼ବସ୍ତୁ ରହିଛନ୍ତି । କେତେକ ନିର୍ଦ୍ଦିଷ୍ଟ ବସ୍ତୁ ଅଛନ୍ତି ଯେଉଁମାନଙ୍କର ଗୁଣଧର୍ମ ସମାନ ପ୍ରକାରର ଏବଂ ସେମାନେ ସେମାନଙ୍କ ଗର୍ଭରେ ଧାରଣ କରି ରହିଛନ୍ତି ପରମ ପ୍ରଭୁଙ୍କ ସାର୍ବଭୌମ ଶକ୍ତିକୁ । ଦିବ୍ୟଜନନୀ ଶ୍ରୀମା ପରମ ପ୍ରଭୁଙ୍କୁ ଜଣାଉଛନ୍ତି ଯେ ସେହି ଜଡ଼ବସ୍ତୁମାନଙ୍କ ଭିତରେ ଅଧିକରୁ ଅଧିକ ସାର୍ବଭୌମ ଶକ୍ତିଙ୍କୁ ପ୍ରବେଶ କରାଇ ଦେବା ପାଇଁ; ଫଳରେ ସେହି ବସ୍ତୁମାନେ ଅଧିକ ଶକ୍ତିଶାଳୀ ହେବେ ଏବଂ ପୃଥିବୀପୃଷ୍ଠରେ ତଥା ମଣିଷ ଭିତରେ ଜମାଟ ବାନ୍ଧି ରହିଥିବା ଅନ୍ଧ-ଅଜ୍ଞାନତା ସହିତ ସର୍ବଦା ଯୁଦ୍ଧ କରିବେ ଏବଂ ସେମାନଙ୍କର ଶକ୍ତିକୁ ନ୍ୟୂନ କରି ଚାଲିବେ । ଏହି ଅଜ୍ଞାନ ରୂପକ ଅନ୍ଧକାରର ଉପସ୍ଥିତି ଯୋଗୁଁ ରୂପାନ୍ତର କାର୍ଯ୍ୟ ବିଳମ୍ବିତ ହେଉଛି । ଏମାନଙ୍କର ଶକ୍ତିକ୍ଷୟ ହୋଇ ଚାଲିଲେ ରୂପାନ୍ତର ପ୍ରକ୍ରିୟାଟି ଆଗକୁ ବଢ଼ି ପାରିବ । ପୃଥିବୀରେ ସଂଘର୍ଷ, ଦୁଃଖକଷ୍ଟ, ରୋଗ-ଯନ୍ତ୍ରଣା, ମୃତ୍ୟୁଭୟ ପରିପୂର୍ଣ୍ଣ ହୋଇ ରହିଛି । ମନେ ହେଉଛି ପୃଥିବୀ-ପ୍ରକୃତି ଯେପରି ଏକ ମରଣଶୀଳତାର ପୋଷାକ ଦ୍ୱାରା ଆପାଦମସ୍ତକ ଆବୃତ ହୋଇ ଚଳପ୍ରଚଳ ହେଉଛି । ଯଦି ପ୍ରଭୁ ତାଙ୍କର ସାର୍ବଭୌମ ଶକ୍ତି ଅର୍ଥାତ୍ ସମସ୍ତେ ଗ୍ରହଣ କରି ପାରୁଥିବା ଏକ ସାର୍ବଜନୀନ ସାଧାରଣ ଶକ୍ତିକୁ ଜଡ଼ ଭିତରକୁ ପ୍ରବେଶ କରାଇ ଦିଅନ୍ତେ ତାହାହେଲେ ପୃଥିବୀପୃଷ୍ଠର ଜୀବମାନଙ୍କର ସଂଘର୍ଷ, ଯନ୍ତ୍ରଣା ଏବଂ ମୃତ୍ୟୁଭୟ ସବୁକିଛି ଦିବ୍ୟ ସଙ୍ଗତି ଏବଂ ପ୍ରଶାନ୍ତିରେ ପରିଣତ ହୋଇଯା'ନ୍ତା ।

ତତ୍ପରେ ପରମପ୍ରଭୁଙ୍କ ଦିବ୍ୟବିଧାନ ଏଠାରେ ବିନା ବାଧାରେ ପ୍ରତିଷ୍ଠିତ ହୋଇଯା'ନ୍ତା ଏବଂ ବିଶ୍ୱ-ପ୍ରକୃତି ପରମାନନ୍ଦଙ୍କୁ ପ୍ରାପ୍ତ ହୋଇ ପ୍ରଭୁଙ୍କ ସମକ୍ଷରେ ସାଷ୍ଟାଙ୍ଗ ପ୍ରଣିପାତ ଜଣାଇ କୃତକୃତ୍ୟ ହୋଇଯା'ନ୍ତା ।

ଦିବ୍ୟଜନନୀ ଶ୍ରୀମା କିପରି ପ୍ରଭୁ ଶ୍ରୀଅରବିନ୍ଦଙ୍କ ଚରଣାଶ୍ରିତ ଭକ୍ତ ଓ ସାଧକମାନଙ୍କୁ ସର୍ବଦା ତାଙ୍କର ବାହୁଛାୟା ତଳେ ରଖିଥା'ନ୍ତି ଏବଂ ସେମାନଙ୍କର ଅଜାଣତରେ ସାହାଯ୍ୟ କରି ଚାଲିଥା'ନ୍ତି ତାହା ନିମ୍ନରେ ପ୍ରଦତ୍ତ ବିଷୟଟି ପାଠ କଲେ ସ୍ପଷ୍ଟ ପ୍ରତୀୟମାନ ହେବ ।

''ଜନୈକ ସାଧକ ଭକ୍ତଟିଏ ତାଙ୍କ ଘରେ ପ୍ରତିଦିନ ସନ୍ଧ୍ୟାରେ ''ଦିବ୍ୟ ଜୀବନ'' ଗ୍ରନ୍ଥ ଅଧ୍ୟୟନ କରନ୍ତି । ସେ ଥରେ ତାଙ୍କ ପତ୍ନୀଙ୍କୁ କହିଲେ, ''ଏହି ଗ୍ରନ୍ଥଟିକୁ ସ୍ୱୟଂ ଭଗବାନହିଁ ରଚନା କରିପାରନ୍ତି; ଚାଲ ତାଙ୍କ ଦର୍ଶନ କରି ଆସିବା ।'' ସେମାନେ ଅନୁସନ୍ଧାନ କରି ଜାଣିବାକୁ ପାଇଲେ ଯେ ଶ୍ରୀଅରବିନ୍ଦ ପାର୍ଥିବ ଲୀଳା ସମ୍ବରଣ କରିଛନ୍ତି; କିନ୍ତୁ ଶ୍ରୀମା ଏହି ଧରାଧାମରେ କାର୍ଯ୍ୟରତା ଅଛନ୍ତି । ଶ୍ରୀମାଙ୍କ ଦର୍ଶନ ନିମନ୍ତେ ପତିପତ୍ନୀ ଓ ଦୁଇ କନ୍ୟାଙ୍କ ପାଇଁ ସେମାନେ ମା'ଙ୍କର ଅନୁମତି ନିମନ୍ତେ ପତ୍ର ଲେଖିଲେ । ସେମାନଙ୍କୁ ଦର୍ଶନ ପାଇଁ ଅନୁମତି ମିଳିଗଲା ।

''ବାଟରେ ତାଙ୍କର ଗୋଟିଏ ଝିଅ ଖୁବ୍ ଅସୁସ୍ଥ ହୋଇ ପଡ଼ିଲା । ଅବସ୍ଥା ଏପରି ହେଲା ଯେ ସେମାନେ ଭାବିଲେ ବିଶାଖାପାଟଣାରେ ପହଞ୍ଚିବା ପୂର୍ବରୁ ତାଙ୍କ ଝିଅ ଆଉ ବଞ୍ଚି ରହିବ ନାହିଁ । ଯଦି ସେଠାରେ ପହଞ୍ଚି ତାଙ୍କ ଝିଅ ମରିଯାଏ ତେବେ ସେମାନେ ପଣ୍ଡିଚେରୀ ଯାତ୍ରା ସ୍ଥଗିତ କରିବାର ସିଦ୍ଧାନ୍ତ ଗ୍ରହଣ କରିବେ । କିନ୍ତୁ କ୍ରମଶଃ ଝିଅର ଅସୁସ୍ଥତା ଆରୋଗ୍ୟ ହେବାରୁ ସେମାନେ ବିଶାଖାପାଟଣାରେ ନ ଓହ୍ଲାଇ ପଣ୍ଡିଚେରୀ ଯିବାର ପୂର୍ବବ୍ୟବସ୍ଥା ଚାଲୁ ରଖିଲେ । ପଣ୍ଡିଚେରୀରେ ପହଞ୍ଚିବା କ୍ଷଣି ପିଲାଟିର ଦେହ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଉଠିଥିଲା । କିନ୍ତୁ ଶ୍ରୀମାଙ୍କ ଦର୍ଶନକୁ ଯିବା ପାଇଁ ତା' ଶରୀରରେ ଆଦୌ ଶକ୍ତି ନଥାଏ । ସେ ବେଶ୍ ଦୁର୍ବଳ ହୋଇ ପଡ଼ିଥାଏ । ଏଣୁ ତା'କୁ ଏକୁଟିଆ ଅତିଥିଶାଳାରେ ଛାଡ଼ିଦେଇ ଯିବାକୁ ପଡ଼ିଲା ।

''ସେମାନେ ଶ୍ରୀମାଙ୍କ ଦର୍ଶନ ଲାଭ କଲେ । କିନ୍ତୁ ଗୋଟିଏ ପ୍ରଶ୍ନ ସେମାନଙ୍କର ହୃଦୟକୁ ମନ୍ଥନ କରିବାକୁ ଲାଗିଲା, 'ଭଗବତୀ ଜନନୀ ଚାରିଜଣଙ୍କ ପାଇଁ ଦର୍ଶନ ମଞ୍ଜୁର କରିଥିଲେ । ଏହା କିପରି ସମ୍ଭବପର ହେଲା ଆମେ ତିନିଜଣ ଦର୍ଶନ ଲାଭ କଲୁ ? ଭଗବତୀ ଜନନୀଙ୍କର ମଞ୍ଜୁରୀ କ'ଣ ଭୁଲ୍ ହୋଇପାରେ ?'

''ସେମାନେ ଶ୍ରୀମାଙ୍କ ଦର୍ଶନ ଲାଭ କରି ପ୍ରକୋଷ୍ଠକୁ ଫେରିଆସି ଦେଖନ୍ତି ତାଙ୍କ କନ୍ୟା ବେଶ୍ ସୁସ୍ଥ ଓ ପ୍ରଫୁଲ୍ଲ ଅଛି । ସେମାନେ ଶ୍ରୀମାଙ୍କ ଦର୍ଶନ ସମ୍ବନ୍ଧେ ନିଜ ନିଜର ଅନୁଭୂତି ପିଲାଟି ଆଗରେ ପ୍ରକାଶ କଲେ । ପିଲାଟି ସବୁ ଶୁଣି କହିଲା, ''ହଁ, ମୁଁ ସବୁ ଜାଣିଛି । ମୁଁ ମଧ ଶ୍ରୀମାଙ୍କୁ ଦର୍ଶନ କରିଛି ।'' ଏଥିରେ ଆଶ୍ଚର୍ଯ୍ୟ ହୋଇ ସେମାନେ ମନେ ମନେ ଭାବିଲେ ପିଲାଟି ସ୍ୱପ୍ନ ଦେଖିଛି କିଂବା ଅନୁମାନ କରି ଏପରି କହୁଛି । କିନ୍ତୁ ତାଙ୍କ ଝିଅ ଶ୍ରୀମାଙ୍କ ନିକଟରେ ଥିବା ଲୋକମାନଙ୍କ ସମ୍ବନ୍ଧରେ, ସେହି କକ୍ଷ ମଧ୍ୟରେ ଥିବା ସମସ୍ତ ଜିନିଷପତ୍ର ସମ୍ବନ୍ଧରେ ଓ ସେମାନେ ଶ୍ରୀମାଙ୍କ ନିକଟରେ ଥିବା ସମୟରେ ଯାହାସବୁ ଘଟିଥିଲା ସବୁକିଛିର ବିବରଣୀ ଠିକ୍ ଠିକ୍ ବର୍ଣ୍ଣନା କରନ୍ତେ ସେମାନେ ଅବାକ୍ ହୋଇ ବିଶ୍ୱାସ କରିବାକୁ ବାଧ୍ୟ ହୋଇଥିଲେ । ଏହା ସେମାନଙ୍କର ପଣ୍ଡିଚେରୀ ପରିଦର୍ଶନରେ ଆସିବା ସର୍ବପ୍ରଥମ । ତାଙ୍କର ଏପରି କେହି ଜଣାଶୁଣା ବନ୍ଧୁ ନଥିଲେ ଯେକି ପୂର୍ବରୁ ଏହିସବୁ କଥା ପିଲାଟିକୁ କହି ଦେଇଥିବେ ।

''ସେମାନଙ୍କର ସମସ୍ତ ସନ୍ଦେହ କେଉଁଆଡ଼େ ଉଭାନ ହୋଇଗଲା । ଶ୍ରୀମାଙ୍କ ଦର୍ଶନ ଅନୁମତି ଏକେବାରେ ଠିକ୍ ବୋଲି ମନରେ ଦୃଢ଼ ବିଶ୍ୱାସ ଭରିଗଲା । ସେମାନେ କୃତକୃତ୍ୟ ହୋଇ ଶ୍ରୀମାଙ୍କ ଚରଣରେ କୃତଜ୍ଞତା ସହ ପ୍ରଣାମ ନିବେଦନ କରିବାକୁ ଲାଗିଲେ ।''

('ସୁଧା ସମାଚାର' ପୁସ୍ତକର ପୃଷ୍ଠା ୨୩୪ - ୨୩୫ରୁ ସଂଗୃହୀତ)

(କ୍ରମଶଃ)

❑❑❑

**ତଥ୍ୟ ନିର୍ଦ୍ଦେଶିକା :**

(୧) Prayers and Meditations – The Mother

(୨) Musing on the Mother's Prayers and Meditations, Vol. 1, Shyam Kumari

ସିନ୍ଧୁରୁ ବିନ୍ଦୁଏ :

# ଯନ୍ତ୍ରଣାର ଭେଟି

## ସନ୍ତୋଷ ରଥ

"If we suffer, it is because something in us has to be prepared for a rarer possibility of delight."

(CWSA, Vol. 23, p. 246) – Sri Aurobindo

''ଯଦି ଆମ୍ଭେମାନେ ଯନ୍ତ୍ରଣା ଭୋଗୁଥାଉ, ତାହାର କାରଣ କିଛି ଗୋଟିଏ ଆମ ଭିତରେ ଆନନ୍ଦର ଏକ ବିରଳ ସମ୍ଭାବନାକୁ ପ୍ରସ୍ତୁତ କରାଉଛି ।''

– ଶ୍ରୀଅରବିନ୍ଦ

[ଶ୍ରୀଅରବିନ୍ଦଙ୍କର ଉପରୋକ୍ତ ଉକ୍ତିକୁ ଆଧାର କରି '**ଯନ୍ତ୍ରଣାର ଭେଟି**' କବିତାଟିର ପରିକଳ୍ପନା ଓ ରୂପାୟନ ।]

ବୈଶାଖୀ ବେଭାର ଭୋଗେ ତିରସ୍କାର
ମଣନ୍ତି ସଭିଏଁ ନିଷ୍ଠୁର କେତେ
ତହ ତହ ତାତି ରଖିଛି ସାଇତି
ଭେଟି ଦେବ ନୀର ଜଗତ ହିତେ । (୧)

ଧାରା ଶିରାବଣ ବର୍ଷେ ଘନ ଘନ
ଭୀମ ଭୈରବ ଗର୍ଜନ କରି
ଶାନ୍ତ ସଲିଳ ଲଙ୍ଘେ ଦୁଇ କୂଳ
ଧାନ କ୍ଷେତେ ଖେଳେ ଜଳ ଭଉଁରୀ । (୨)

ଲାଗଇ ଅନିଷ୍ଟ ବନ୍ୟା, ବାଡ଼ି ରିଷ୍ଟ
ଚାଷୀର ସର୍ବସ୍ୱ ନିଅଇ ଲୁଟି
ମାଣକ ଉଧାର ଭରିଦିଏ ସେର
ଶିରପା ପିନ୍ଧାଏ ପଟୁଆ ମାଟି । (୩)

ମଣିଷ ଜୀବନ ନୁହେଁ କିଛି ଭିନ୍ନ
ରାହୁ ଜଗିଥାଏ ଉଜ୍ଜ୍ୱଳ ଶଶୀ
ଖେଳେ ଲୁଚକାଳି ଜୀବନ ପ୍ରହେଳୀ
ପୁନେଇଁ ରାତିରେ ଅନ୍ଧାର ଲେସି । (୪)

ଦେହ ମନ ପ୍ରାଣ ସ୍ୱର୍ଣ୍ଣିମ ତ୍ରିକୋଣ
ମଧ୍ୟେ ଦୀପଶିଖା ରଖେ ଘୋଡ଼େଇ
କଷଣ କଷଟି ପରଖେ ଆଉଟି
ଧୈର୍ଯ୍ୟ ଧାର୍ଯ୍ୟ ରେଖା ଉଠଇ ଚେଇଁ । (୫)

ଲାଗଇ ଯନ୍ତ୍ରଣା ବିଧିର ଗଞ୍ଜଣା
ହରିନେବ ସୁଖ ନ ଭାବି ଲବେ
ନୁହେଁ ସେ ତସ୍କର ଦିଏ ଉପହାର
ଯା'କିଛି ଜଗତେ ଘଟିନି କେବେ । (୬)

ବଡ଼ ଅସହଜ ଯନ୍ତ୍ରଣାର ବୋଝ
ପ୍ରାରବ୍ଧ ଖଜଣା ଥିଲେ ଅଶୁଝା
ଶୁଖା ନଈ ଧାର ପାଲଟେ ନିର୍ଝର
ଶୁଝିଲେ ଜୀବନୁ ଯାତନା ସଜା । (୭)

ଯନ୍ତ୍ରଣା ନଉଡ଼ି ଶିଳ୍ପୀର ହାତୁଡ଼ି
ଭାଙ୍ଗିରୁଜି ଗଢ଼େ ଅଗଢ଼ା ମୂର୍ତ୍ତି
ଜାଣି ଅଛି ସେହିଁ ଲୁଚି ଅଛି କାହିଁ
ଷଡ଼ ଛନ୍ଦେ ଛନ୍ଦା ଆତ୍ମାର ରତି । (୮)

❑❑❑

# ଦ୍ୱୀପାନ୍ତରର କଥା

## (ପଞ୍ଚମ ପରିଚ୍ଛେଦ)

## ବାରୀନ୍ଦ୍ର କୁମାର ଘୋଷ

### ପାଞ୍ଚ ନମ୍ବରରେ ଖୋୟେଦାଦୀର ଶାସନକାଳ
### (୨)

*ପୂର୍ବ ପ୍ରକାଶିତ ଉତ୍ତାରୁ ...*

ବ୍ୟାରୀ ସାହେବ ଅଫିସରୁ ଜେଲ ଆଡ଼କୁ ଯାତ୍ରା କରିବା ମାତ୍ରେ ସର୍ବତ୍ର ଡାକ ପଡ଼ିଯାଏ, କଏଦୀମାନେ ସନ୍ତ୍ରସ୍ତ, ସଚକିତ ଅବସ୍ଥାରେ ଯେ ଯାହାର ସ୍ଥାନରେ ନିତାନ୍ତ ସୁବୋଧ ସୁଶୀଳ ପରି ବସି ଯାଆନ୍ତି, ୱାର୍ଡ଼ର, ପେଟି ଅଫିସରମାନେ ମଧ୍ୟ କାଠ ପରି ନିଶ୍ଚଳ-ଭାବରେ ଛିଡ଼ା ହୋଇ ସଲାମ କରିବା ପାଇଁ ହାତକୁ ପ୍ରସ୍ତୁତ କରି ରଖି ଥାଆନ୍ତି । ବ୍ୟାରୀ ସାହେବ ଜେଲ ବନ୍ଦ କରିବାକୁ ଆସି ଗୁମୁଟି (central tower)ରେ ଥରେ ଘୂରି ଯାଆନ୍ତି; ଯେତେବେଳେ ଯେଉଁ ନମ୍ବରର ସାମନାକୁ ଆସନ୍ତି, ସେଠାରେ 'ସରକାର' ରବ, ଏବଂ କଏଦୀର ପାଳି ଆସିଲେ ସ୍ପ୍ରିଙ୍ଗ (spring) କଣ୍ଢେଇ ପରି ଏକା ସାଙ୍ଗରେ ହଠାତ୍ କରି ଉଠି ଠିଆ ହେବା, ସଙ୍ଗେ ସଙ୍ଗେ ୱାର୍ଡ଼ର, ପେଟି ଅଫିସରମାନଙ୍କର ମିଲିଟାରୀ କାଏଦାରେ ସଲାମ ! ସେ ଏକ ଜର୍ମାନୀ ଯୁଦ୍ଧ ସୈନିକମାନଙ୍କ ପରି ଘଟଣା !! ଯଦି କଏଦୀମାନେ ସମସ୍ତେ ଏକା ସାଙ୍ଗରେ ଠିକ୍ ଉଠି ଥାଆନ୍ତି, ତାହାହେଲେ ତ' ସେଇ ଦିନଟା ପାଇଁ ରକ୍ଷା; 'ବୈଠ ଯାଓ' ଏଇ ହୁକୁମ ପାଇ ସମସ୍ତେ ନିରାପଦରେ ବସି ପଡ଼ୁ । କିନ୍ତୁ ଯଦି ଜଣେ ବା ଦୁଇଜଣ ଡେରି କରି ଉଠିଲେ ତେବେ ଆଉ ରକ୍ଷା ନାହିଁ, ''ସରକାର'' ''ବୈଠ ଯାଓ''; ପୁଣି ଥରେ ''ସରକାର'' ''ବୈଠ ଯାଓ'' ଏପରି ବାରଂବାର ଉତ୍ଥାନ ଓ ପତନ, ଉତ୍ଥାନ ଓ ପତନ, କେବଳ ମୂର୍ଚ୍ଛା ହେବାକୁ ଯାହା ବାକୀ ! ଆମେ କୁମ୍ଭକର୍ଣ୍ଣ ବା ମହିଷାସୁରର ଗର୍ଜନ କେବେ ଶୁଣି ନାହୁଁ, କିନ୍ତୁ ତାହା ଯେପରି ଅବା ହେଉ ବ୍ୟାରୀ ସାହେବର କ୍ରୁଦ୍ଧ ଚିତ୍କାର ପାଖରେ ତାହା କପୋତ କପୋତୀର କୂଜନ ମାତ୍ର; ଏ ବିଷୟରେ ଯାହାର ସନ୍ଦେହ ଅଛି ତାଙ୍କୁ ମୋର କେବଳ ଏତିକି କହିବାର ଅଛି ଯେ ଅନ୍ତତଃ ଗୋଟିଏ ପଲିଟିକାଲ ଡକାୟତି କରି ବ୍ୟାରୀ ସାହେବ ସୁସ୍ଥ ସବଳ ରହିବା ଭିତରେ ଥରେ ପୋର୍ଟ ବ୍ଲେୟାରରେ ଯାଇ ସେଇ ଜୀମୂତନାଦ ଶୁଣି ଆସିବା ଉଚିତ ଥିଲା; ବର୍ତ୍ତମାନ ଆଉ ତାହା ହେଉ ନାହିଁ । ସେ ରଡ଼ି ସମ୍ବନ୍ଧରେ ଆଉ କ'ଣ କହିବି, ଋଷିଙ୍କ କଥାରେ କେବଳ କହିବାକୁ ହୁଏ –

''ଆଶ୍ଚର୍ଯ୍ୟବତ୍ କଶ୍ଚିଦେନଂ ଶୃନୋତି
ଶୃତ୍ୱାପ୍ୟେବଂ ବେଦ ନ ଚୈବ କଶ୍ଚିତ ।''

ଏହାର ଶ୍ରୋତାମାନେ ମଧ୍ୟ ଆଶ୍ଚର୍ଯ୍ୟ ଏବଂ ଏହା ଶୁଣି ମଧ୍ୟ କେହି ଏଇ ଅନିର୍ବଚନୀୟ ଘଟଣା ବୁଝି ପାରିବେନି । ଯଦି କେହି ଭାବିବେ ମୁଁ ବ୍ୟାରୀ ସାହେବର ନିନ୍ଦା କରୁଛି, ତା'ହେଲେ ଖୁବ୍ ଭୁଲ୍ ବୁଝିବେ । ସମସ୍ତ ଭାରତ ବର୍ଷରେ ଦୁର୍ଦ୍ଦାନ୍ତ, ଖୁନୀ, ଡକାୟତି, ଜୁଆଡ଼ି, ବଦମାସ ଲମ୍ପଟମାନଙ୍କର ସମାବେଶ ଭାରତର ଶହ ଶହ ଜେଲରେ ହୁଏ । ପୁଣି ତା' ମଧ୍ୟରୁ ବାଛି ବାଛି ଅତି ଦୁର୍ଦ୍ଧର୍ଷ ଅପରାଧୀର ଦଳ ଆସନ୍ତି ପୋର୍ଟ ବ୍ଲେୟାରକୁ; ଏଭଳି କୁକୁରମାନଙ୍କର ଶାସନ ନିମନ୍ତେ ବ୍ୟାରୀ ସାହେବ ରୂପୀ ଗଦାର ଯେ ଆବଶ୍ୟକ, ସେଥିରେ ତିଳେ ମାତ୍ର ସନ୍ଦେହ ନାହିଁ । ଜେଲରେ ରଖିଥିବା କଏଦୀକୁ ଯଦି ବର୍ତ୍ତମାନର କାରାପଦ୍ଧତି ହିସାବରେ କେବଳ ଭୟ ଏବଂ ଶାସନ ଚାପରେ ଭଲରେ ରଖିବାକୁ ହୁଏ ତେବେ ବ୍ୟାରୀ ସାହେବ ରୂପୀ ବିଷକୁ ବିଷମୌଷଧମ୍ ବିନା ଗତି ନାହିଁ । କିନ୍ତୁ ଆମ କେତେଜଣ ଗରିବଙ୍କ ପକ୍ଷରେ ବ୍ୟାରୀ ରୂପୀ ମୁଷ୍ଟିଯୁଦ୍ଧ ପ୍ରୟୋଗଟି ଅନ୍ତତଃ ଆମମାନଙ୍କ ମତରେ ତ ଲଘୁ ପାପରେ ଗୁରୁଦଣ୍ଡ ହୋଇଥିଲା । ଆମେ ତ କେବଳ ବୋମା ନିକ୍ଷେପ କରିଥିଲୁ, ତା' ବୋଲି କ'ଣ ସାକ୍ଷାତ୍ ଯମ ହାତରେ ସମର୍ପି ଦେବାକୁ ହେବ ?

ବ୍ୟାରୀ ତେବେ ବି ଚଳିବ, ସେଇ ମୁଷ୍ଟି ଯୋଗ ଉପରେ ପୁଣି ଖୋୟେଦାଦୀର ବଜ୍ରଯୋଗ । ପ୍ରାଣାନ୍ତକ ନୁହେଁ ତ ଆଉ କ'ଣ ? ଅପରାହ୍ନରେ ଯେତେବେଳେ ଲୁଗାପଟା ଖୋଲି ତଲାସି ନେବାର ସମୟ ହୁଏ, ସେତେବେଳେ ତିନିଥର ''ଠନ୍ ଠନ୍ ଠନ୍'' ''ଠନ୍ ଠନ୍ ଠନ୍'' ''ଠନ୍ ଠନ୍ ଠନ୍'' କରି ଘଣ୍ଟା ପଡ଼େ; ଅନ୍ୟ ନମ୍ବରର କଏଦୀମାନେ ତତ୍କ୍ଷଣାତ୍ ''ଖଡ଼ା ହୋ ଯାଓ'' ରଡ଼ିରେ ଠିଆ ହୋଇ ଲୁଗାପଟା ଖୋଲି ରଖି ତଲାସି ଦିଅନ୍ତି, ପୁଣି ''ଉଠାଇ ନିଅ'' ରଡ଼ିରେ ଲୁଗା ଉଠାଇ ପିନ୍ଧି ''ବୈଠ ଯାଓ'' ହୁକୁମ ପାଇଲେ ବସି ଯାଆନ୍ତି । କିନ୍ତୁ ଏ

ଅବସ୍ଥାରେ କାନୁନୀ ଖୋୟେଦାଦ୍‌ର ବ୍ୟବସ୍ଥା ଏହା ଉପରେ ଆହୁରି ସାଢ଼େ ଛପନ ପ୍ରକାରର । ପ୍ରଥମତଃ ''ଖଡ଼ା ହୋ ଯାଓ'', ତା'ପରେ ''ସିଧା ଏକ ଲାଇନ ମେ ଖଡ଼ା ହୋ ଯାଓ'', ତା'ପରେ ''କପଡ଼ା ଉତାରୋ'', ତା'ପରେ ''ହାତ ମେ ରାଖୋ'', ତା'ପରେ ''କଦମ ଉଠାଓ'', ତା'ପରେ ''ରାଖ୍ ଦାଓ'' । ପ୍ରଥମ ହୁକୁମରେ ଆମେ ଠିଆ ହେଲୁ; ଦ୍ୱିତୀୟ ହୁକୁମରେ ଯାକୁ, ତାକୁ ଅନାଅନି ହୋଇ ଦେହକୁ ଦେହ ଘସି ହୋଇ ଏକ ଲାଇନ ହେଲୁ; ତୃତୀୟ ହୁକୁମରେ କୁର୍ତ୍ତା ଓ ଟୋପି ଖୋଲିଲୁ; ଚତୁର୍ଥ ହୁକୁମରେ ସେମାନେ ଏକ ହାତକୁ ଧରି ସମ୍ମୁଖକୁ ହାତ ଲମ୍ବା କରି ଦେଲେ, ପଞ୍ଚମ ହୁକୁମରେ ଏକ ପାଦ ଉଠାଇ ନୃତ୍ୟ କୁଶଳ ଢଙ୍ଗରେ ଛିଡ଼ା ହେଲୁ ଏବଂ ଷଷ୍ଠ ହୁକୁମରେ ଏକ ପାଦ ଆଗେଇ ଯାଇ ମାଟି ଉପରେ ଲୁଗା ରଖିଲୁ । ଯଦି ସବୁ ଠିକ୍ ହେଲା ତା'ହେଲେ ଖାଁ ସାହେବ ଭଙ୍ଗା ବଙ୍କା ଦାନ୍ତରେ ଦାଢ଼ିର ଜଙ୍ଗଲିଆ ମହଲକୁ ଆଲୋକିତ କରି ମହୋତ୍ସାହରେ କହିଲେ, ''ସାବାସ୍ ବାହାଦୁର !'' ଆମେ ବି ପ୍ରାଣ ଦାୟରେ ତାଙ୍କ କୃପା ପାଇବା ପାଇଁ ଯେ ଯାହାର ଦୁଇ ଧାଡ଼ି ଦାନ୍ତ ବାହାର କରି ପୁଲକିତ ହସରେ ତାଙ୍କର ସମ୍ବର୍ଦ୍ଧନା କଲୁ । ଏମିତି ସାଢ଼େ ଛପନ ହୁକୁମ ପରେ ବସି ପଡ଼ି ତୃତୀୟ ଘଣ୍ଟିର ଅପେକ୍ଷାରେ ରହିଲୁ; ଏଇ ଘଣ୍ଟି ପଡ଼ିଲେ ଯେ ଯାହାର ଗୁହାଳରେ ଯାଇ ପଶିଯିବୁ, ତା'ହେଲେ ରାତିଟି ପାଇଁ ଖାଁ ସାହେବର ମାରାତ୍ମକ ସଙ୍ଗସୁଖରୁ ପ୍ରାଣରକ୍ଷା ପାଇଯାଏ ! ତା' ନହେଲେ ଆଉ କ'ଣ ?

ଦଉଡ଼ି ବଳିଲେ ମଧ୍ୟ ଖାଁ ସାହେବର ମନକୁ ଜିଣିବା ଖୁବ୍ କଠିନ; ହାତରେ ଦଉଡ଼ିକୁ ଉଠାଇ ହୁଏତ କହିବେ, ''ମୋଟା ହାୟ, ସରମ୍ ଲାଗତା ନହିଁ ?'' ଛିଲ୍‌କା କିଛି ହାତରେ ଧରି ଦାନ୍ତ ରଗଡ଼ି ଟିପ୍ପଣୀ ହେଲା, ''ୟେ ବାଙ୍ଗାଲୀ କଚ୍‌ଡ଼ା ହେଁ'' (ଅର୍ଥାତ୍ ଅପରିଷ୍କାର ଭୁଷିରେ ଭରା)'', ଗିଲା ଶୁଖାଓ (ଜଳ ଶୁଖାଅ) ।'' ଖାଁ ସାହେବର ମନକୁ ଜୟ କରିବା ପାଇଁ ନା କହିବା – ଏପରି କର୍ମ ନାହିଁ । ଖୋୟେଦାଦ୍ ବ୍ୟାରୀ ସାହେବକୁ ଯମଠାରୁ ଅଧିକ ଭୟ କରୁଥିଲେ, ବ୍ୟାରୀ ସାହେବ ଜେଲ ଆଡ଼କୁ ଆସିବା ଆରମ୍ଭ କଲେ ସେ ପାଟି ପାକୁ ପାକୁ କରି ''ବିସ୍‌ମିଲ୍ଲା'' ନାମଜପ କରିବାକୁ ଲାଗି ଯାଉଥିଲା । କଏଦୀମାନଙ୍କ ଭିତରେ ସେମାନେ ମୁଲା ଓ ନମାଜୀ ବୋଲି ତାଙ୍କର ଅସାଧାରଣ ଖ୍ୟାତି ଥିଲା । ଆମେ ପ୍ରାଣପଣେ ସେମାନଙ୍କର ଧର୍ମ ବୁଦ୍ଧିର ପ୍ରଶଂସା କରୁଥାଉ, ମୁସଲମାନ ହେବାର ଦୁରାକାଂକ୍ଷା ମଧ୍ୟ ଜଣାଉଥାଉ । ଖୋୟେଦାଦ୍‌ର ଉଚ୍ଚ ହୃଦୟ ଓ ମଣିଷକୁ ଚରାଇବାର କ୍ଷମତାକୁ ତାରିଫ କଲୁ । ଏବଂ ଏହା ଶୁଣୁ ଶୁଣୁ ଆନନ୍ଦରେ ଖାଁ ସାହେବର ପ୍ରାୟ ଦଶାପ୍ରାପ୍ତି ଘଟୁଥିଲା । ମୁଁ ମଧ୍ୟ ଅବିନାଶ ସ୍ୱାସ୍ଥ୍ୟ ଆରୋଗ୍ୟକାରୀ ଦଳରେ ଥିଲି, ଏହି ଦଳରେ ନାମ ରହିଲେ ମୁଣ୍ଡ ପିଛା ୧୨ ଆଉନ୍‌ସ୍ କ୍ଷୀର ମିଳେ । ମୁଁ ମୋର ଭାଗଟିକୁ ଲୁଚାଇ ମଝିରେ ମଝିରେ ଖାଁ ସାହେବକୁ ଦେଉଥିଲି, ଖାଁ ସାହେବ ତେଣୁ ଥରେ ଦୁଇଥର ଏପଟ ସେପଟକୁ ଅନାଇ କ୍ଷୀର ନେଇ ପରମ ପରିତୋଷପୂର୍ବକ ପାନ କରି ଦାଢ଼ିରେ ହାତ ବୁଲାଇ ବୁଲାଇ ଦାନ୍ତ ବାହାର କରି କହନ୍ତି, ! ''ୟା – ବିସମିଲ୍ଲା ! ଖୋଦା ନେ କ୍ୟା ଅଜବ୍ ଚିଜ୍ ବନାୟା ହାୟ ।'' କହିବାବାହୁଲ୍ୟ ଏଇ କ୍ଷୀର ଟିକକ ମୋର ଖୋସାମତି, ଏଇ ଉଷ୍ଟ୍ରଭୋଜୀ କାବୁଲି ଦୁର୍ବାସାର କ୍ରୋଧ ଶାନ୍ତିର କାମନାରେ ମୋର ଅର୍ଘ୍ୟ ।

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଶୁଭ୍ରା ଦାସ ❑

ଶ୍ରୀଅରବିନ୍ଦଙ୍କ ସତ୍ୟର ଏକ ଅଂଶବିଶେଷ ଓ ମୋ ଦ୍ୱାରା ବିକଶିତ ହୋଇଥିବା ପରମପ୍ରଭୁ ଶ୍ରୀଅରବିନ୍ଦଙ୍କର ଏହି ଆଶ୍ରମକୁ ପୃଥିବୀପୃଷ୍ଠରେ କିଂବା ସ୍ଥାନ ଓ କାଳ ମଧ୍ୟରେ ଅନ୍ୟ କେଉଁଠି ଏପରି କୌଣସି ଶକ୍ତି ନାହିଁ ଯାହା ବିଧ୍ୱଂସ କିଂବା ବିଲୁପ୍ତ କରିପାରିବ ।

କ୍ଷୁଦ୍ରବୁଦ୍ଧିଯୁକ୍ତ ବ୍ୟକ୍ତିମାନଙ୍କର ଏହି ପ୍ରକାର ନିଷ୍ଫଳ କ୍ରିୟାକଳାପ ଖାଲି ଏକ ଆମୋଦ ସୃଷ୍ଟି କରିବା ଛଡ଼ା ଆଉ ଅଧିକ କିଛି କରି ନଥାଏ ।

ପ୍ରେମ ଓ ଅନେକ ଆଶୀର୍ବାଦ

– ଶ୍ରୀମା

(Mother India, March - 1996)

# ଆର୍ଯ୍ୟ ସଂସ୍କୃତିର ମୂଳତତ୍ତ୍ୱ

## କୁମାର ଚନ୍ଦ୍ର ମିଶ୍ର

ମହାଯୋଗୀ ଶ୍ରୀଅରବିନ୍ଦ ଆର୍ଯ୍ୟଜାତି ଓ ଆର୍ଯ୍ୟ ସନ୍ତାନମାନଙ୍କ ସମ୍ପର୍କରେ ଦୁର୍ଗାସ୍ତୋତ୍ରର ଦୁଇଟି ଅନୁଚ୍ଛେଦରେ ଯାହା କହିଛନ୍ତି ତାହାକୁ ବିଶ୍ଳେଷଣ କଲେ 'ଆର୍ଯ୍ୟ'ର ସ୍ୱଭାବ ଓ ତା'ର ଉଜ୍ଜ୍ୱଳ ଭବିଷ୍ୟତର ଆଭାସ ଓ ସମ୍ଭାବନାର ଧାରଣା ଦିଏ । ଉଲ୍ଲେଖ ଅଛି :

''ମାତଃ ଦୁର୍ଗେ ! ଯୋଗଶକ୍ତି ବିସ୍ତାର କର, ଆମେହିଁ ତୋର ପ୍ରିୟ **ଆର୍ଯ୍ୟ ସନ୍ତାନ**, ଆମ୍ଭମାନଙ୍କ ମଧ୍ୟରେ ଲୁପ୍ତଶିକ୍ଷା, ଚରିତ୍ର, ମେଧାଶକ୍ତି, ଶ୍ରଦ୍ଧା, ଭକ୍ତି, ତପସ୍ୟା, ବ୍ରହ୍ମଚର୍ଯ୍ୟ, ସତ୍ୟଜ୍ଞାନ ବିକାଶ କରି ଜଗତରେ ବିତରଣ କର । ମାନବ-ସହାୟେ ଦୁର୍ଗତିନାଶିନି ଜଗଦମ୍ବେ, ପ୍ରକାଶ ହୁଅ ।''

ପ୍ରଶ୍ନ ହେଲା : ''ଆଦର୍ଶ ଚରିତ୍ର, ଅସାଧାରଣ ମେଧାଶକ୍ତି, ଶ୍ରଦ୍ଧା, ଭକ୍ତି, ତପସ୍ୟା, ବ୍ରହ୍ମଚର୍ଯ୍ୟ, ସତ୍ୟଜ୍ଞାନ ଆର୍ଯ୍ୟର ନିଜସ୍ୱ ବିଭବ – ଯାହା ସେ ହରାଇ ବସିଛି ଓ ଯାହା ଶିକ୍ଷା ମାଧ୍ୟମରେ ପୁନଃ ବିକଶିତ କରିବାକୁ ହେବ । ଏହି ଆର୍ଯ୍ୟଶିକ୍ଷାର ମୂଳାଧାର କ'ଣ ?''

ପୁନଶ୍ଚ ତତ୍ର କୁହାଯାଇଛି :

''ମାତଃ ଦୁର୍ଗେ ! ଅନ୍ତସ୍ଥ ରିପୁ ସଂହାର କରି ବାହାରର ବାଧାବିଘ୍ନ ନିର୍ମୂଳ କର । ବଳଶାଳୀ, ପରାକ୍ରମୀ, ଉନ୍ନତଚେତା **ଆର୍ଯ୍ୟଜାତି** ଭାରତର ପବିତ୍ର କାନନେ, ଉର୍ବର କ୍ଷେତ୍ରେ, ଗଗନ ସହଚର ପର୍ବତ ତଳେ, ପୂତ ସଲିଳା ନଦୀତୀରେ ଏକତା, ପ୍ରେମ, ସତ୍ୟ, ଶକ୍ତି, ଶିଳ୍ପ, ସାହିତ୍ୟ, ବିକ୍ରମ, ଜ୍ଞାନରେ ଶ୍ରେଷ୍ଠ ହୋଇ ନିବାସ କରୁ, ମାତୃଚରଣରେ ଏହାହିଁ ପ୍ରାର୍ଥନା । ପ୍ରକାଶ ହୁଅ ।''

ପ୍ରଶ୍ନ ହେଲା : ଏହି ପ୍ରାର୍ଥନାକୁ ସାକାର କରିବା ଲାଗି ବର୍ତ୍ତମାନ ସମୟ ଉପଗତ । ଏଥିପାଇଁ ଭାରତର ଯୁବଗୋଷ୍ଠୀ ନିଜକୁ ପ୍ରସ୍ତୁତ କରି ନେବାକୁ ହେବ । ଏହି ପ୍ରସ୍ତୁତି ଆରମ୍ଭ ହେବ ଯଥାର୍ଥ ଶିକ୍ଷାର ଅନୁଶୀଳନ ଦ୍ୱାରା । ଆର୍ଯ୍ୟଶିକ୍ଷା-ପଦ୍ଧତିର ମୂଳତତ୍ତ୍ୱଟି ହେଲା ବ୍ରହ୍ମଚର୍ଯ୍ୟ ପାଳନ । ବ୍ରହ୍ମଚର୍ଯ୍ୟ ପାଳନ ପଶ୍ଚାତରେ ବୈଜ୍ଞାନିକ ଭିତ୍ତିଟି କ'ଣ ?

ଶ୍ରୀଅରବିନ୍ଦଙ୍କର ଗ୍ରନ୍ଥମାଳା (CWSA, Vol. 1, Early Cultural Writings)ର ୧ମ ଖଣ୍ଡରେ ପ୍ରାଚୀନ ଭାରତୀୟ ଶିକ୍ଷା, ସଂସ୍କୃତି ଓ ଐତିହ୍ୟ ସମ୍ପର୍କରେ କେତୋଟି ଅତି ଉପାଦେୟ ରଚନା ମଧ୍ୟରୁ "The Brain of India" ଅନ୍ୟତମ । ଜ୍ଞାନର ବିସ୍ଫୋରଣ ଯୋଗୁଁ ବିଦ୍ୟାର୍ଥୀର ମାନସିକ ସ୍ତରରେ ଯେଉଁ ଚାପ ପଡୁଛି ତା'କୁ ସହ୍ୟ କରିବା ଓ ଅତିକ୍ରମ କରିବା ପାଇଁ ସାମର୍ଥ୍ୟ ତାକୁ ଦିଆଯାଉ ନାହିଁ । ପରିଣାମରେ ଯେଉଁ ଭାରସାମ୍ୟହୀନତା ଦେଖାଯାଏ ତାହାର ପରିଣତି ମଧ୍ୟ ଏକ ବିସ୍ଫୋରକ ସ୍ତରକୁ ଆସି ଯାଇଛି । ଏହିପରି ସମସ୍ୟାର ମୁକାବିଲା ବା ସମାଧାନ କରିବା ଲାଗି ପ୍ରାଚୀନ ଆର୍ଯ୍ୟ ସମାଜରେ ବ୍ରହ୍ମଚର୍ଯ୍ୟ ଓ ସାତ୍ତ୍ୱିକ ଗୁଣର ବିକାଶ ପାଇଁ ଯେଉଁ ପ୍ରାଧାନ୍ୟ ଦିଆ ଯାଇଛି ତାହା ବର୍ତ୍ତମାନ ଯୁଗରେ ମଧ୍ୟ ଅନିବାର୍ଯ୍ୟ ହୋଇ ଉଠିଛି ।

ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟଙ୍କ ଦ୍ୱାରା ଏକ ପୁସ୍ତିକା ରୂପେ ୧୯୨୧ ଓ ୧୯୯୮ ମସିହାରେ ପ୍ରକାଶିତ "The Brain of India"ରେ ବ୍ରହ୍ମଚର୍ଯ୍ୟ ସମ୍ପର୍କରେ ଯେଉଁ ବୈଜ୍ଞାନିକ ବିଶ୍ଳେଷଣ ଦିଆ ଯାଇଛି ତାହା ଅତି ପ୍ରାଞ୍ଜଳ, ଚମତ୍କାର ଓ ବିରଳ – ଯାହା ଶିକ୍ଷାର ଏକ ନୂତନ ଓ ଅପରିହାର୍ଯ୍ୟ ଦିଗନ୍ତ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରେ । ଦେଶ ସ୍ୱାଧୀନତା ପ୍ରାପ୍ତ କରିବାର ବହୁ ପୂର୍ବରୁ ଅର୍ଥାତ୍ ୧୯୦୯ ମସିହାରେ କର୍ମଯୋଗିନ୍ ପତ୍ରିକାରେ ଏହି ଲେଖାସବୁ ପ୍ରଥମ ଥର ଲାଗି ପ୍ରକାଶିତ ହୋଇଥିଲା ।

ପ୍ରାଚୀନ ଆର୍ଯ୍ୟ ଋଷିଗଣଙ୍କର ଏପରି କଳ୍ପନା ଓ ଆବେଗ ସବୁ ଥିଲା ଯାହା ମହାନ୍ ପ୍ରେରଣା ପ୍ରତି ସଦା ଉନ୍ମୁକ୍ତ ହୋଇ ରହିଥିଲା । ସେମାନଙ୍କ ହୃଦୟକୁ ଉଦ୍‌ବେଳିତ କରୁଥିବା ଏପରି ମହତ୍ ଭାବନାସବୁ ରହିଥିଲା ଯାହା ଅଗ୍ର ପଦକ୍ଷେପ ନେଇ ମାନବ ସମାଜକୁ ପରିଚାଳିତ କରୁଥିଲା । ହୃଦୟର ସହ ଚିନ୍ତା କରି ପାରିବାର ଅମୂଲ୍ୟ ଗୁଣର ସେମାନେ ଅଧିକାରୀ ଥିଲେ । ପୁନଶ୍ଚ ଚିନ୍ତାର ସାବଲୀଳତା ଓ ତାତ୍ପର୍ଯ୍ୟଗୁଡ଼ିକର ବର୍ଣ୍ଣଚ୍ଛଟାକୁ ଗ୍ରହଣ କରିବାର ସାମର୍ଥ୍ୟ ସେମାନଙ୍କର ରହିଥିଲା । ଯୁକ୍ତିସମ୍ମତ ମାନସିକତା ଓ କାରଣାତୀତ ତଥା ମାନସୋତ୍ତର ଚିନ୍ତାଧାରା – ଉଭୟଟିକୁ ଗ୍ରହଣ କରି ପାରିବାରେ ସେମାନେ ଦକ୍ଷ ବା ସମର୍ଥ । ସେମାନଙ୍କ ନିକଟରେ ପ୍ରତ୍ୟକ୍ଷ ଜ୍ଞାନ ଓ ପରୋକ୍ଷ ଜ୍ଞାନ – ଉଭୟଟିକୁ ବିକଶିତ କରିବାର ଦକ୍ଷତା ରହିଥିଲା । ଯାହା ଯୁକ୍ତି

ଓ କଳ୍ପନାର ଅତୀତ – ସେପରି ଜ୍ଞାନକୁ ମଧ୍ୟ ସେମାନେ ଦିବ୍ୟ ଭାବରେ ଓ ଅତି ସହଜରେ ଆହରଣ କରି ପାରୁଥିଲେ । ସେମାନଙ୍କ ଦ୍ୱାରା ରଚିତ ବେଦ, ଉପନିଷଦ୍ ହେଲା ଏହାର ଜ୍ୱଳନ୍ତ ପ୍ରମାଣ ।

ପ୍ରାଚୀନ ଭାରତୀୟ ଋଷିମାନଙ୍କ ଦ୍ୱାରା ବ୍ୟବସ୍ଥିତ ଯୋଗ ବିଜ୍ଞାନର ବ୍ରହ୍ମଚର୍ଯ୍ୟ ଶୃଙ୍ଖଳା ବ୍ୟତିରେକେ ଏପରି ସାମର୍ଥ୍ୟସବୁକୁ ଏକ ସ୍ୱୀକୃତ ଓ ସ୍ୱାଭାବିକ ସାଧନ ରୂପେ ପରିଣତ କରାଯାଇ ନପାରେ ।

ଆମ ବିଶ୍ୱବିଦ୍ୟାଳୟମାନଙ୍କରେ ଯେଉଁ ପଦ୍ଧତିସବୁ ଅନୁସୃତ ହେଉଛି ତାହା ମଣିଷର ମନସ୍ତାତ୍ତ୍ୱିକ ଦିଗଟିକୁ ଅବହେଳା କରିଛି । ନାଲିଫିତାରେ ଯତ୍ନର ସହ ବନ୍ଧା ଯାଇଥିବା ଅସଂଖ୍ୟ ତଥ୍ୟର କ୍ଷୁଦ୍ର ପୁଡ଼ିଆଗୁଡ଼ିକ ବିଦ୍ୟାର୍ଥୀର ମନକୁ ଭାରାକ୍ରାନ୍ତ କରି ପକାଉଛି । ଭାରାକ୍ରାନ୍ତ କରିବାର ଏହି ପ୍ରକ୍ରିୟା ମାନସିକ ଶକ୍ତିର ବିଶେଷ ଦକ୍ଷତା ଓ ସାଧନଗୁଡ଼ିକୁ କ୍ଷୀଣ କରି ପକାଉଛି – ଯେଉଁ ସାଧନଗୁଡ଼ିକ ଦ୍ୱାରା ମନୀଷା, ମାନବିକତା ଓ ଶକ୍ତି ସାମର୍ଥ୍ୟକୁ ସମୃଦ୍ଧ କରା ଯାଇପାରେ ।

## ଆର୍ଯ୍ୟ ଶିକ୍ଷାପଦ୍ଧତିର ମୂଳଭିତ୍ତି :

ଭାରତର ରାମାୟଣ, ମହାଭାରତ, ପ୍ରାଚୀନ ଦର୍ଶନ, ବିପୁଳ ଆଧ୍ୟାତ୍ମିକ ସାହିତ୍ୟ, ଅନୁପମ କାବ୍ୟକବିତା, କଳା, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟରେ ସ୍ପନ୍ଦିତ ବିପୁଳ ବୌଦ୍ଧିକତା, ଆଧ୍ୟାତ୍ମିକତା, ଅତିମାନବୀୟ ନୈତିକ ବଳର ପଶ୍ଚାତରେ କି ରହସ୍ୟ ରହିଛି ? ଅତୁଳନୀୟ ପୂର୍ତ୍ତନିର୍ମାଣ, ଯାନ୍ତ୍ରିକ ବିଦ୍ୟା, ସମୃଦ୍ଧ ଶିଳ୍ପ ସମ୍ଭାର, ବିଜ୍ଞାନର ବିପୁଳ ବିଜୟ, ଅଗାଧ ପାଣ୍ଡିତ୍ୟ, ନ୍ୟାୟ, ତର୍କ, ଦର୍ଶନ ଓ ଅନୁପମ ସାମାଜିକ ସଙ୍ଗଠନର ଭିତ୍ତି ଭୂମିଟି କ'ଣ ? କ୍ଷତ୍ରିୟ ରାଜପୁତ ଓ ଶିଖମାନଙ୍କର ବୀରତ୍ୱ ଓ ଆତ୍ମାହୁତିକୁ କ'ଣ ସମର୍ଥନ ଯୋଗାଉଥିଲା ? ଅଜେୟ ଜାତୀୟ ପ୍ରାଣଶକ୍ତି ଓ ସହନଶୀଳତାକୁ କ'ଣ ସମର୍ଥନ ଯୋଗାଉ ଥିଲା ? ପରିସରର ବ୍ୟାପକ ବିପୁଳତା ଓ ନିଖୁଣ ପରିପୂର୍ଣ୍ଣତାରେ ଏହି ଅନନ୍ୟ ସଭ୍ୟତାର ପଶ୍ଚାତରେ କି ଶକ୍ତି ରହିଛି ? ଅନନ୍ୟ ଓ କଠୋର ଶୃଙ୍ଖଳା ସମନ୍ୱିତ ଆତ୍ମା ଓ ମନର ପରିପୂର୍ଣ୍ଣ ଶିକ୍ଷା ବ୍ୟତୀତ ଏପରି ପ୍ରକାଣ୍ଡ ସ୍ଥାୟୀ କୀର୍ତ୍ତିସବୁ ଅସମ୍ଭବ ମନେ ହୁଏ ।

ପୃଥିବୀର ବିଭିନ୍ନ ପ୍ରାନ୍ତରୁ ଜ୍ଞାନ ପିପାସୁମାନଙ୍କୁ ଆକର୍ଷିତ କରି ଆଣିଥିବା ଭାରତର ପ୍ରାଚୀନ ବିଶ୍ୱବିଦ୍ୟାଳୟଗୁଡ଼ିକ ହେଲା – ତକ୍ଷଶୀଳା, ନାଳନ୍ଦା, ମିଥିଳା ବିଶ୍ୱବିଦ୍ୟାଳୟ, ବଲ୍ଲଭୀ ବିଶ୍ୱବିଦ୍ୟାଳୟ, ଶାରଦାପୀଠ, ପୁଷ୍ପଗିରି ବିହାର, ସୋମପୁର ମହାବିହାର, ବିକ୍ରମପୁରା ମହାବିହାର, ଜଗଦଳା ମହାବିହାର – ଯାହା ସବୁ ଅତୁଳନୀୟ ମନୀଷା ଓ ପ୍ରାଣ ପ୍ରାଚୁର୍ଯ୍ୟର ପ୍ରମାଣ ଦେଇ ଯାଇଥିଲା । ଏହି ପ୍ରାଚୀନ ଆଶ୍ରମ ଓ ବିଶ୍ୱବିଦ୍ୟାଳୟ-ମାନଙ୍କରେ ପ୍ରଦତ୍ତ ଶିକ୍ଷାର ସବିସ୍ତର ବିବରଣୀରେ ଆର୍ଯ୍ୟ ସଫଳତାକୁ ଅନ୍ୱେଷଣ କଲେ ତାହା ଏକ ମସ୍ତବଡ଼ ଭୁଲ୍ ହେବ । ସେସବୁର ମୂଳନୀତି, ପୁଙ୍ଖାନୁପୁଙ୍ଖତା କେଉଁ ତତ୍ତ୍ୱ ଉପରେ ଆଧାରିତ ତାହା ଆମକୁ ଖୋଜିବାକୁ ହେବ । ଆମେ ଜାଣିବାକୁ ପାଇବା ଯେ ଜ୍ଞାନ ଆହରଣ ନିମିତ୍ତ ଉଦ୍ଦିଷ୍ଟ ସାଧନଗୁଡ଼ିକର ବିକାଶ, ମାନବୀୟ ମନସ୍ତତ୍ତ୍ୱର ଗଭୀର ଜ୍ଞାନ, ବୌଦ୍ଧିକ ପ୍ରଶିକ୍ଷଣ ଓ ଶିକ୍ଷାଦାନରେ ସେସବୁର ସୁଚାରୁ ପ୍ରୟୋଗହିଁ ସେମାନଙ୍କ ସଫଳତାର ମୂଳ ରହସ୍ୟ ଅଟେ ।

ଯାବତୀୟ ଆର୍ଯ୍ୟ-ପଦ୍ଧତିର ମୌଳିକ ଭିତ୍ତିଭୂମି ହେଲା ବ୍ରହ୍ମଚର୍ଯ୍ୟର ସାର୍ବଭୌମ ଶୃଙ୍ଖଳା । ଏକ ପ୍ରକାଣ୍ଡ ବୌଦ୍ଧିକ ସୌଧର ନିର୍ମାଣ ପାଇଁ ସର୍ବପ୍ରଥମ ଆବଶ୍ୟକତା ହେଲା ତାକୁ ସହ୍ୟ କରିବା ଲାଗି ସାମର୍ଥ୍ୟ ଥିବା ଯଥେଷ୍ଟ ଶକ୍ତିଶାଳୀ ଏକ ଭିତ୍ତିଭୂମି ପ୍ରସ୍ତୁତ କରିବା । ମଣିଷ ସମ୍ପର୍କରେ ଅସମ୍ପୂର୍ଣ୍ଣ ଜ୍ଞାନକୁ ନେଇ ଯେଉଁ ଶିକ୍ଷାପଦ୍ଧତି ପ୍ରଣୟନ କରାଯାଇଥାଏ ତାହା ଧରିନିଏ ଯେ ଯଦି ତତ୍କାଳୀନ ମାନବୀୟ ସଂସ୍କୃତିର ସର୍ବୋତ୍ତମ ବିଭାବ ସମ୍ପର୍କିତ କେତୋଟି ସୁନିର୍ବାଚିତ ବା ସୁବିସ୍ତୃତ ତଥ୍ୟାବଳୀ ଯୋଗାଇ ଦିଆଯାଏ ତେବେ ତାହା ଛାତ୍ର ପାଇଁ ଯଥେଷ୍ଟ ସନ୍ତୋଷଜନକ ଏକ ଭିତ୍ତିଭୂମି ସୃଷ୍ଟି ହୋଇଯିବ । ଶିକ୍ଷାନୁଷ୍ଠାନ ପାଠ୍ୟ ବିଷୟସବୁ ଯୋଗାଇ ଦେବ – ସେସବୁ ବିନିଯୋଗ କରିବା ହେଲା ଛାତ୍ରର କର୍ତ୍ତବ୍ୟ – ଏହା ହେଲା ମୂଳସୂତ୍ର । କିନ୍ତୁ ଏହି ଭୁଲ୍‌ଟି ଅତି ଗୁରୁତର । ତଥ୍ୟ ମନୀଷାର ଭିତ୍ତିଭୂମି ହୋଇ ନପାରେ । ଜ୍ଞାତା ଯେଉଁଥିରୁ ଜ୍ଞାନ ଆହରଣ କରେ ତଥ୍ୟ ତାହାର ଆଂଶିକ ଉପାଦାନ ମାତ୍ର । ତଥ୍ୟ ନୂତନ ଆବିଷ୍କାର ଓ ପରିବର୍ଦ୍ଧିତ ସଂରଚନା ପାଇଁ ଏକ ପ୍ରାରମ୍ଭିକ ବିନ୍ଦୁ ହୋଇପାରେ । ଯାହା ଜ୍ଞାନ ଓ ଚିନ୍ତା ସଂରଚିତ କରେ ତାହା ପର୍ଯ୍ୟାପ୍ତ ତଥ୍ୟାବଳୀ ଓ ସାଧନ ଦ୍ୱାରା ସଜ୍ଜିତ ହେଲେ ଯଥେଷ୍ଟ ନୁହେଁ । ସଦ୍ୟ ତଥ୍ୟ ଆହରଣ କରିବା ପାଇଁ ଯାହାସବୁ ଅଧିଗତ ସେଗୁଡ଼ିକୁ ଦକ୍ଷତାର ସହ ବିନିଯୋଗ କରିବା ପାଇଁ ପ୍ରଶିକ୍ଷଣ ଲାଭ କରିବା ଆବଶ୍ୟକ । ଏହି ସଂରଚନାର ଭିତ୍ତିଭୂମିକୁ ସ୍ମରଣଶକ୍ତି, ବିଚାର, ସୃଜନଶକ୍ତିର କ୍ରମବର୍ଦ୍ଧମାନ କ୍ରିୟାକଳାପର

ଅବିଚ୍ଛିନ୍ନ ଦାବିକୁ ସହ୍ୟ କରିପାରିଲା ଭଳି ଯଥେଷ୍ଟ ବଳ ଓ ଶକ୍ତିହିଁ ସାମଗ୍ରିକ ଉପାଦାନ ଯୋଗାଇ ଦେଇପାରେ । ତେବେ ଏହି ଶକ୍ତି କେଉଁଠାରୁ କିପରି ପ୍ରାପ୍ତ ହେବ ?

ମହାଯୋଗୀ ଶ୍ରୀଅରବିନ୍ଦ କହିଛନ୍ତି :

"The ancient Aryans knew that man was not separate from the universe, but only a homogeneous part of it, as a wave is part of the ocean. An infinite energy, Prakriti, Maya or Shakti, pervades the world, pours itself into every name and form, and the clod, the plant, the insect, the animal, the man are, in their phenomenal existence, merely more or less efficient *adharas* of this Energy."

(CWSA, Vol. 1, The Brain of India, p. 370)

ଅର୍ଥାତ୍, ''ପ୍ରାଚୀନ ଆର୍ଯ୍ୟମାନେ ଜାଣିଥିଲେ ଯେ ମଣିଷ ବିଶ୍ୱଠାରୁ ବିଚ୍ଛିନ୍ନ ହୋଇ ରହି ନାହିଁ, ବରଂ ତରଙ୍ଗ ଯେପରି ମହାସାଗରର ଏକ ଅଂଶ ବିଶେଷ, ଠିକ୍ ସେହିପରି ମଣିଷ ମଧ୍ୟ ବିଶ୍ୱର ଏକ ସମଜାତୀୟ ଅଂଶ । ଏକ ଅସୀମ ତେଜ, ପ୍ରକୃତି, ମାୟା ବା ଶକ୍ତି ସମଗ୍ର ଜଗତକୁ ଆବୋରି ରହିଛି । ତାହା ପ୍ରତ୍ୟେକ ନାମ, ରୂପ ମଧ୍ୟରେ ଆପଣାକୁ ଢାଳି ଦେଉଛି; କର୍ଦମ, ଉଦ୍ଭିଦ, କୀଟ, ପତଙ୍ଗ, ପଶୁ ମଣିଷାଦି ସେମାନଙ୍କର ସାମୟିକ ସ୍ଥିତି ସେହି ମହାଶକ୍ତିର ଆଧାର ମାତ୍ର ।''

ଆର୍ଯ୍ୟମାନଙ୍କ ଅନୁଭବରେ ଆସିଥିଲା ଯେ ଆମେ ପ୍ରତ୍ୟେକେ ଗୋଟିଏ ଡାଇନାମୋ (Dynamo) ଯାହା ମଧ୍ୟରେ ଶକ୍ତିର ତରଙ୍ଗ ସୃଷ୍ଟି ହୁଏ, ସଞ୍ଚିତ ହୋଇ ରହେ, ନିରନ୍ତର ସଂରକ୍ଷିତ, ବ୍ୟବହୃତ ଓ ପୁନଃ ଭରଣ ବା ପରିପୂରଣ ହୋଇ ଚାଲିଥାଏ । ଯେଉଁ ଶକ୍ତି ତାରକା ଓ ଗ୍ରହନକ୍ଷତ୍ରକୁ ପରିଚାଳିତ କରେ, ସେହି ଶକ୍ତି ମଧ୍ୟ ଆମ୍ଭମାନଙ୍କୁ ପରିଚାଳିତ କରେ । ଆମର ପ୍ରତ୍ୟେକ ଚିନ୍ତା ଓ ଅନୁଭବ ସେହି ଶକ୍ତିର ଲୀଳାଖେଳାର ଜଟିଳ ଅଭିବ୍ୟକ୍ତି ମାତ୍ର । ଏପରି ପ୍ରକ୍ରିୟା ରହିଛି ଯାହା ସାହାଯ୍ୟରେ ମଣିଷ ଏହି ଶକ୍ତିର ଏକ ଆଧାର ରୂପେ ଆପଣାର ଦକ୍ଷତା ବୃଦ୍ଧି କରିପାରେ । ଏପରି ଅନେକ ଉପାୟ ରହିଛି ଯାହା ଦ୍ୱାରା ନିଜ ଆଧାର ମଧ୍ୟରେ ଥିବା ସଂଯୋଗ ପଥଗୁଡ଼ିକରେ ଯାହାକିଛି ପ୍ରତିବନ୍ଧକ ରହିଛି ସେସବୁକୁ ବିଲୋପ କରି ନିଜ ଆତ୍ମା, ମନ ଓ ଶରୀର ମଧ୍ୟରେ ଅଧିକରୁ ଅଧିକ ବିଶ୍ୱଶକ୍ତିକୁ ଢଳା ଯାଇପାରେ । ଆଧାରର ଏହିପରି ନିରବଚ୍ଛିନ୍ନ ବିକାଶ, ବହିରାଗତ ଶକ୍ତିର ପରିମାଣ ଓ ତାହାର ଜଟିଳ ସୂକ୍ଷ୍ମ ପ୍ରକ୍ରିୟାସବୁକୁ ସମୃଦ୍ଧ କରିବା ସର୍ବୋପରି ବିବର୍ତ୍ତନର ଏକମାତ୍ର ଲକ୍ଷ୍ୟ । ଯେତେବେଳେ ସେହି ଶକ୍ତି ନିଜ ଗୁଣ ଧର୍ମରେ ସର୍ବୋତ୍ତମ ଓ ପରିମାଣରେ ସର୍ବବୃହତ୍ – ଯାହା ଯେତିକି ମାନୁଷୀ ଆଧାର ଗ୍ରହଣ କରିବା ଲାଗି ସମର୍ଥ ଓ ଆଧାର ଯେବେ ସେହି ଶକ୍ତିର ଅବପାତ (inrush) ଓ ଲୀଳାକୁ ସହ୍ୟ କରିବା ଲାଗି ପୂରାପୂରି ପ୍ରଶିକ୍ଷିତ ହୋଇଯାଏ ସେତେବେଳେ ସେହି ମଣିଷକୁ 'ସିଦ୍ଧ' କୁହାଯାଏ । ସେତେବେଳେ ସେହି ମଣିଷ ଆପ୍ତକାମ (fulfilled) ବା ପରିପୂର୍ଣ୍ଣ (perfect) ହୋଇଯାଏ । ତାହାର ବିବର୍ତ୍ତନ ସମାପ୍ତ ହୋଇଛି ଓ ବ୍ୟକ୍ତିତ୍ୱ ମଧ୍ୟରେ ସେ ସେହି ସର୍ବୋଚ୍ଚ ବିକାଶକୁ ସମାପ୍ତ କରି ସାରିଛି । ଏହି ସ୍ଥିତିରେ ପହଞ୍ଚିବା ଲାଗି ମଣିଷ ଯୁଗେ ଯୁଗେ ପ୍ରୟାସ କରି ଆସିଛି ।

ପୁଣି ମହାଯୋଗୀ ଶ୍ରୀଅରବିନ୍ଦ କହିଛନ୍ତି :

"If this theory be correct, the energy at the basis of the operation of intelligence must be in ourselves and it must be capable of greater expansion and richer use to an extent practically unlimited. And this also must be a sound principle, that the more we can increase and enrich the energy, the greater will be the potential range, power and activity of the functions of our mind and the consequent vigour of our intellectuality and the greatness of our achievement. This was the first principle on which the ancient Aryans based their education and one of the chief processes which they used for the increased storage of energy, was the practice of Brahmacharya."

(CWSA, Vol. 1, The Brain of India, p. 371)

ଏହାର ଭାବାନୁବାଦ ଏହିପରି ହୋଇପାରେ –

''ଏହି ତତ୍ତ୍ୱଟି ଯଦି ଠିକ୍ ତେବେ ବୌଦ୍ଧିକ ସଂରଚନାର ମୂଳରେ ଯେଉଁ ଶକ୍ତିଟି ରହିଛି ତାହାର ମୂଳଉତ୍ସଟି ମଧ୍ୟ ଆମରି

ଭିତରେ ରହିଛି ଓ ତାହା ଅଧିକ ସଂପ୍ରସାରଣ କ୍ଷମ ଓ ବାସ୍ତବରେ ସୀମାହୀନ ଭାବେ ବ୍ୟବହାର ଯୋଗ୍ୟ ହୋଇ ରହିଛି । ଏବଂ ଏହା ମଧ୍ୟ ଏକ ନିର୍ଭୁଲ୍ ତତ୍ତ୍ୱ ଯେ ଆମେ ଏହି ଶକ୍ତିକୁ ଯେତେ ଅଧିକ ବୃଦ୍ଧି କରିପାରିବା ଆମ ସମ୍ଭାବନାର ପରିସୀମା ସେତେ ସୁଦୀର୍ଘ ହେବ, ଆମ ମନର କ୍ରିୟାକଳାପ ସେତିକି ବୃଦ୍ଧି ହେବ ଓ ପରିଣତି ସ୍ୱରୂପ ଆମ ବୌଦ୍ଧିକତା ଓ କୃତିତ୍ୱ ସକଳର ମହାନତା ସମପରିମାଣରେ ବୃଦ୍ଧି ହୋଇ ଚାଲିବ । ଏହା ହେଉଛି ସେହି ପ୍ରାଥମିକ ତତ୍ତ୍ୱ ଯାହାକୁ ଭିତ୍ତି କରି ପ୍ରାଚୀନ ଆର୍ଯ୍ୟମାନଙ୍କ ଶିକ୍ଷା ପଦ୍ଧତି ପ୍ରତିଷ୍ଠିତ ଓ ବ୍ରହ୍ମଚର୍ଯ୍ୟ ହେଉଛି ଏକ ମୁଖ୍ୟ ଉପାୟ ଯାହାକୁ ଏହି ଶକ୍ତିର ସମୃଦ୍ଧି ଓ ସଂରକ୍ଷଣ ଲାଗି ସେମାନେ ଉପଯୋଗ କରିଛନ୍ତି ।''

**ବ୍ରହ୍ମଚର୍ଯ୍ୟ ବିଜ୍ଞାନର ତାତ୍ତ୍ୱିକ ସିଦ୍ଧାନ୍ତ :**

ନିଜ ମଧ୍ୟରେ ଶକ୍ତିର ଅଭିବୃଦ୍ଧି ପାଇଁ ଓ ତାହାକୁ ନିଜର ତଥା ମାନବ ସମାଜର ଉପକାର ନିମିତ୍ତ ବିନିଯୋଗ କରିବା ପାଇଁ ବ୍ରହ୍ମଚର୍ଯ୍ୟ ପାଳନ ହେଉଛି ପ୍ରାଥମିକ ଓ ଅତ୍ୟାବଶ୍ୟକ ସର୍ତ୍ତ । ଯାବତୀୟ ମାନୁଷୀ ଶକ୍ତିର ଏକ ଭୌତିକ ଭିତ୍ତିଭୂମି ରହିଛି । ମୂଳଉତ୍ସ ସମ୍ପର୍କରେ ଭ୍ରାନ୍ତଧାରଣା ପୋଷଣ କରି ଜଡ଼କୁ ସବୁର ଭିତ୍ତିଭୂମି ବୋଲି ଗ୍ରହଣ କରି ୟୁରୋପୀୟ ଭୌତିକବାଦ ଏକ ମସ୍ତବଡ଼ ଭୁଲ୍ କରି ବସିଛି । ଜୀବନ ଓ ଶକ୍ତିର ଉତ୍ସ ଭୌତିକ ନୁହେଁ – ଆଧ୍ୟାତ୍ମିକ । କିନ୍ତୁ ଯେଉଁ ଭିତ୍ତି, ଯାହାକୁ ଆଧାର କରି ଜୀବନ ଓ ଶକ୍ତି ଆଶ୍ରୟ ପାଏ ଓ କ୍ରିୟାଶୀଳ ହୁଏ ତାହା ହେଲା ଭୌତିକ । ପ୍ରାଚୀନ ଆର୍ଯ୍ୟଗଣ 'କାରଣ' ଓ 'ପ୍ରତିଷ୍ଠା'– ଯାହା ସତ୍ତାର ଉତ୍ତର ଓ ଦକ୍ଷିଣ ମେରୁ ପରି – ସେମାନେ ଦୁଇଟି ମଧ୍ୟରେ ଥିବା ପାର୍ଥକ୍ୟକୁ ସ୍ପଷ୍ଟ ରୂପେ ଅବଗତିରେ ଆଣିଥିଲେ । ମୃଣ୍ମୟ ପୃଥିବୀ ତଥା ଜଡ଼ପଦାର୍ଥ 'ପ୍ରତିଷ୍ଠା' ହେଲେ 'ବ୍ରହ୍ମ' ବା 'ଆତ୍ମା' କାରଣ ଅଟେ । ଭୌତିକକୁ ଆଧ୍ୟାତ୍ମିକ ଦିଗରେ ଉନ୍ନୀତ କରିବା ହେଲା ବ୍ରହ୍ମଚର୍ଯ୍ୟର ତାତ୍ପର୍ଯ୍ୟ । କାରଣ ଉଭୟ ଶକ୍ତିର ସଂଯୋଗ ଫଳରେ ଉଭୟେ ଉଭୟଙ୍କୁ ସମୃଦ୍ଧ ଓ ପରିପୂର୍ଣ୍ଣ କରନ୍ତି । ଏହା ହେଲା ବ୍ରହ୍ମଚର୍ଯ୍ୟର ଦାର୍ଶନିକ ତତ୍ତ୍ୱ ।

କିନ୍ତୁ ଶକ୍ତିକୁ ଧାରଣ କରିଥିବା ମାନୁଷୀ ଆଧାରର ମନସ୍ତାତ୍ତ୍ୱିକ ଓ ଶାରୀରିକ ସ୍ୱରୂପତା ସମ୍ପର୍କରେ ସଠିକ୍ ଧାରଣା ଉପରେ ଏହାର ଯଥାର୍ଥ ପ୍ରୟୋଗ ନିର୍ଭର କରେ । ଶରୀରର ମୌଳିକ ଏକକ ହେଲା 'ରେତଃ' । ଏହା ମଧ୍ୟରେ 'ତେଜସ୍' ବା ଉତ୍ତାପ, ଆଲୋକ ଓ ବିଦ୍ୟୁତ୍ ସଂଗୁପ୍ତ ଓ ନିବର୍ତ୍ତିତ (involved) ହୋଇ ରହିଛି । 'ରେତଃ'ରେ ଯାବତୀୟ ଶକ୍ତି ଅନ୍ତର୍ଲୀନ ହୋଇ ରହିଛି । ଏହି ଶକ୍ତିକୁ ସ୍ଥୂଳ ଭାବରେ ବିନିଯୋଗ କରାଯାଇପାରେ କିଂବା ସଂରକ୍ଷିତ କରି ରଖାଯାଇପାରେ । ଯାବତୀୟ ଉତ୍ତେଜନା, ଲାଳସା, ବାସନା ଏହି ଶକ୍ତିକୁ ସ୍ଥୂଳ ଓ ସୂକ୍ଷ୍ମ ରୂପରେ ନିର୍ଗତ କରାଇ ଅପଚୟ କରେ । ଅନୈତିକ କର୍ମ (immorality in act) ସ୍ଥୂଳ ରୂପେ ଏହାକୁ ଉତ୍ସାରିତ କରେ, ଅଶୁଦ୍ଧ ଭାବନା ସୂକ୍ଷ୍ମରୂପେ ଏହାକୁ ନଷ୍ଟ କରେ – ସେ ଯାହାବି ହେଉନା କାହିଁକି ତାହା ଅପଚୟ ମାତ୍ର; ଦୁରାଚାରିତା ଶରୀର, ମନ କିଂବା ବାକ୍ୟର ବି ହୋଇପାରେ । ଅନ୍ୟପକ୍ଷେ ଯାବତୀୟ ଆତ୍ମସଂଯମ ରେତଃରେ ଶକ୍ତିକୁ ସଂରକ୍ଷିତ କରି ରଖେ । ଅଭିବୃଦ୍ଧି ସର୍ବଦା ସଂରକ୍ଷଣକୁ ଅନୁସରଣ କରିଥାଏ । କିନ୍ତୁ ଭୌତିକ ଶରୀରର ଆବଶ୍ୟକତା ସୀମିତ । ଏଣୁ ଉଦ୍‌ବୃତ୍ତ ଶକ୍ତି ଭୌତିକ ଆବଶ୍ୟକତାକୁ ବାଦ୍ ଦେଇ ଅନ୍ୟ ଦିଗରେ ବିନିଯୋଗ ହେବା ଆବଶ୍ୟକ ।

ପ୍ରାଚୀନ ତତ୍ତ୍ୱ ଅନୁଯାୟୀ ରେତଃ ହେଉଛି ଉତ୍ତାପ, ଆଲୋକ ଓ ବିଦ୍ୟୁତ୍ ଶକ୍ତି ସମ୍ବଳିତ ଜଳ ମାତ୍ର । ଗୋଟିଏ ପଦରେ କହିବାକୁ ଗଲେ ତାହା ହେଲା 'ତେଜସ୍' । ଅବିନିଯୁକ୍ତ ରେତଃ ସର୍ବପ୍ରଥମେ ଉତ୍ତାପ ବା ତପସ୍‌ରେ ପରିଣତ ହୁଏ । ଏହା ସମଗ୍ର ଆଧାରକୁ ଉଦ୍ଦୀପିତ କରେ । ଏହି କାରଣରୁ ସମସ୍ତ ପ୍ରକାର ସଂଯମ ବା ଆତ୍ମନିଗ୍ରହକୁ 'ତପସ୍' ବା 'ତପସ୍ୟା' ବୋଲି କୁହାଯାଏ । ତାହା ସର୍ବଥା ଉତ୍ତାପ ବା ଉଦ୍ଦୀପନା ସୃଷ୍ଟି କରିଥାଏ, ଯାହାକି ଯାବତୀୟ ଶକ୍ତିଶାଳୀ କର୍ମ ଓ ସଫଳତାର ମୂଳ ଉତ୍ସ । ଦ୍ୱିତୀୟତଃ ଏହା 'ତେଜସ୍'ରେ ପରିଣତ ହୁଏ ଯାହାର ଅର୍ଥ ହେଲା ଆଲୋକ – ଯେଉଁ ଶକ୍ତି ଯାବତୀୟ ଜ୍ଞାନର ମୂଳ ଉତ୍ସ । ତୃତୀୟତଃ ତାହା 'ବିଦ୍ୟୁତ୍' ବା ବିଜୁଳି ଶକ୍ତିରେ ପରିଣତ ହୁଏ ଯାହା ସମଗ୍ର ବୌଦ୍ଧିକ ବା ଶାରୀରିକ ପ୍ରଚଣ୍ଡ କର୍ମର ପରିପୋଷକ ଅଟେ । ବିଦ୍ୟୁତ୍‌ରେ 'ଓଜସ୍' ନିବର୍ତ୍ତିତ ହୋଇ ରହିଥାଏ । 'ଓଜସ୍' ହେଉଛି ସେହି ପ୍ରାଣଶକ୍ତି ଯାହା ଇଥର୍ ବା ଆକାଶରୁ ଉଦ୍‌ଗତ ଆଦ୍ୟ ମୌଳିକ ଶକ୍ତି । ଜଳରୁ ସୂକ୍ଷ୍ମୀଭୂତ ରେତସ୍ 'ତପସ୍', 'ତେଜସ୍' ଓ 'ବିଦ୍ୟୁତ୍'ରେ ପରିଣତ ହୁଏ । ଏହା ଆଧାରରେ ଦୈହିକ ବଳ, ଶକ୍ତି ଓ ମାନସିକ ଦକ୍ଷତା ଭରି ଦିଏ । 'ଓଜସ୍' ତାହାର ଶେଷ ପରିଣତିରେ ମସ୍ତିଷ୍କକୁ ଉନ୍ନୀତ ହୋଇ ତାହାକୁ ସେହି ଆଦ୍ୟଶକ୍ତି

ସହ ପରିଚିତ କରାଏ ଯାହା ଜଡ଼ର ସୂକ୍ଷ୍ମାତିସୂକ୍ଷ୍ମ ଅବସ୍ଥା ଓ ଆତ୍ମାର ନିକଟତମ । 'ଓଜସ୍'ହିଁ ଆଧ୍ୟାତ୍ମିକ ଶକ୍ତି ବା ବୀର୍ଯ୍ୟକୁ ସୃଷ୍ଟି କରେ ଯାହା ସାହାଯ୍ୟରେ ଜଣେ ବ୍ୟକ୍ତି ଆଧ୍ୟାତ୍ମିକ ଜ୍ଞାନ, ଆଧ୍ୟାତ୍ମିକ ବଳ, ଦିବ୍ୟପ୍ରେମ ଓ ଶ୍ରଦ୍ଧା (faith) ପ୍ରାପ୍ତ କରେ ବା ହାସଲ କରେ । ଏହା ଅବଧାରିତ ଯେ ବ୍ରହ୍ମଚର୍ଯ୍ୟ ଦ୍ୱାରା ଆମେ ଯେତେ ତପସ୍, ତେଜସ୍, ବିଦ୍ୟୁତ୍ ଓ ଓଜସ୍‌ର ଭଣ୍ଡାରକୁ ସଂବୃଦ୍ଧ କରିବା, ଶରୀର, ମନ, ପ୍ରାଣ ଓ ଆତ୍ମାକୁ ସେତିକି ପର୍ଯ୍ୟାପ୍ତ ଶକ୍ତି-ସାମର୍ଥ୍ୟ ଦ୍ୱାରା ଅଭିଷିକ୍ତ କରିପାରିବା ।

ମାନୁଷୀ ସତ୍ତା ସମ୍ପର୍କରେ ଏହି ଦୃଷ୍ଟିଭଙ୍ଗୀ କେବଳ ଆର୍ଯ୍ୟ ଶିକ୍ଷାନୀତିର ସାମଗ୍ରିକ ସାରାଂଶ ନୁହେଁ । ଏହା ସହ ତାହାର ମତ ହେଲା ସମସ୍ତ ଜ୍ଞାନର ଭଣ୍ଡାର ଅନ୍ତର୍ଲୀନ ହୋଇ ରହିଛି ଓ ଶିକ୍ଷା ସାହାଯ୍ୟରେ ତାହାକୁ ଅନ୍ତରରୁ ବିକଶିତ କରାଇ ଆଣିବାକୁ ହେବ । ମଣିଷ ଆଧାରରେ ତିନୋଟି ତତ୍ତ୍ୱ କ୍ରିୟାଶୀଳ ହୋଇଥାଏ – ସତ୍ତ୍ୱ, ରଜସ୍ ଓ ତମସ୍; ଅର୍ଥାତ୍ ବିଶ୍ୱଗତ କ୍ରିୟାର ସଚେତନ ଉପାଦାନ, ସକ୍ରିୟ ଉପାଦାନ ଓ ନିଷ୍କ୍ରିୟ ଉପାଦାନ । ତାହାର ସହସ୍ରାଧିକ ବିଭାବ ମଧ୍ୟରେ ତାହା ଜ୍ଞାନ, ଉଦ୍ଦୀପନା ଓ ଅଜ୍ଞାନତା ରୂପେ ଅଭିବ୍ୟକ୍ତ ହୋଇଥାଏ । ତମସ୍ ହେଉଛି ଶରୀରର ଏପରି ଏକ ମାନ୍ଦା ଅବସ୍ଥା ଯାହା ଜ୍ଞାନକୁ ଆବୃତ କରିଦେଇ ଅଜ୍ଞାନତା ସୃଷ୍ଟିକରେ, ମାନସିକ ଜଡ଼ତା, ଶିଥିଳତା, ସ୍ମୃତି ହ୍ରାସ, ଅଧ୍ୟୟନ ବିମୁଖତା, ବିବେଚନା କରିବାରେ ଓ ହୃଦୟଙ୍ଗମ କରିବାରେ ଅକ୍ଷମତା ହେଲା ତାହାର ଗୁଣଧର୍ମ । ରଜସ୍ ହେଲା ଏକ ବିଶୃଙ୍ଖଳିତ ଗତିବୃତ୍ତି ଯାହା ଆବେଗ, ଆସକ୍ତି, ପ୍ରାକ୍-ସିଦ୍ଧାନ୍ତ (pre-judgement) ପକ୍ଷପାତ ବା ଅଗ୍ରରୁଚି (predilection) ଓ ଭ୍ରମଧାରଣା ଦ୍ୱାରା ଜ୍ଞାନକୁ ଆଚ୍ଛାଦିତ କରିଦିଏ । ସତ୍ତ୍ୱ ହେଲା ଏକ ଦୀପ୍ତି ଯାହା ଗୂଢ଼ ଜ୍ଞାନକୁ ଉଦ୍ଭାସିତ କରେ, ତାହାକୁ ଅନାବୃତ କରେ, ତା' ସାହାଯ୍ୟରେ ପରୀକ୍ଷା ନିରୀକ୍ଷା କରି ଜ୍ଞାନକୁ ବୋଧଗମ୍ୟ କରାଏ ଓ ସ୍ମୃତି ତାହାକୁ ଅବିକଳ ଲିପିବଦ୍ଧ କରିପାରେ । ଜ୍ଞାନାର୍ଜନର ଏହି ବିଭିନ୍ନ ବିଭାବ ସମ୍ପର୍କରେ ଧାରଣା ଯୋଗୁଁ, ତମସ୍‌ର ନିରାକରଣ, ରଜସ୍‌ର ସୁନିୟନ୍ତ୍ରଣ ଓ ସତ୍ତ୍ୱର ଜାଗରଣ ତଥା ବିକାଶ ଶିକ୍ଷାଦାତାଙ୍କ ମୁଖ୍ୟ ବିଷୟ ହୋଇ ରହିଥାଏ । ମୁଖ୍ୟତଃ ଅନ୍ତରର ଉଦ୍ଭାସନ (Illumination) ପ୍ରତି ଗ୍ରହଣଶୀଳ ହେବା ଦିଗରେ ସେମାନେ ଛାତ୍ରମାନଙ୍କୁ ପ୍ରଶିକ୍ଷିତ କରୁଥିଲେ । ରଜସ୍‌ର ନିୟନ୍ତ୍ରଣ ଏକ କଠୋର ନୈତିକ ଶିକ୍ଷା ଦ୍ୱାରା ଫଳପ୍ରଦ କରିବାକୁ ହୁଏ । ଏହା ଆଧାରରେ ସ୍ଥିରତା ଓ ସ୍ୱଚ୍ଛତା ପ୍ରତିଷ୍ଠା କରେ, ଗର୍ବ ଓ ବୌଦ୍ଧିକ ଆତ୍ମବଡ଼ିମା ବା ପାଣ୍ଡିତ୍ୟମନ୍ୟତାରୁ ମୁକ୍ତ କରେ । ଉତ୍ତେଜନାଜନିତ ଦୁର୍ବୋଧତା ଦୂର ହୋଇ ଏକ ଗ୍ରହଣଶୀଳ ମନ ପ୍ରସ୍ତୁତ କରେ । ଏହା ବ୍ରହ୍ମଚାରୀର ଏକ ସୁବିଦିତ ଶୃଙ୍ଖଳା ରୂପେ ଆର୍ଯ୍ୟ ସଂସ୍କୃତିର ମୂଳଭିତ୍ତି ହୋଇ ରହିଛି ।

ଶ୍ରୀଅରବିନ୍ଦ ଲେଖନ୍ତି : "The highest reach of the sattwic development is when one can dispense often or habitually with outside aids, the teacher or the text book, grammar and dictionary and learn a subject largely or wholly from within. But this is only possible to the Yogin by a successful prosecution of the discipline of Yoga."

(CWSA, Vol. 1, The Brain of India, p. 375)

ଏହାର ଭାବାନୁବାଦ ହେଲା – ''ସମୟେ ସମୟେ କିଂବା ଧାରାବାହିକ ଭାବେ ଜଣେ ଶିକ୍ଷକ, ପାଠ୍ୟ ପୁସ୍ତକ, ଅଭିଧାନ, ବ୍ୟାକରଣ ଆଦିର ବିନା ସାହାଯ୍ୟରେ ଗୋଟିଏ ବିଷୟର ବହୁ ଭାଗ ବା ସମଗ୍ର ଅଂଶ ନିଜେ ନିଜେ ଶିଖିନେଇ ପାରେ – ଯେତେବେଳେ ସେ ସାତ୍ତ୍ୱିକ ବିକାଶର ଚରମ ଶିଖରରେ ଉପନୀତ ହୋଇଥାଏ । ଯୌଗିକ ଶୃଙ୍ଖଳାର ସଫଳ ରୂପାୟନ ଯୋଗୁଁ କେବଳ ଜଣେ ଯୋଗୀଙ୍କ ଦ୍ୱାରାହିଁ ଏହା ସମ୍ଭବପର ହୋଇଥାଏ ।''

ଦୈହିକ ପ୍ରକିୟା ଲାଗି ଆବଶ୍ୟକ ହେଉଥିବା ଶକ୍ତିକୁ ବାଦ୍ ଦେଇ ଉଦ୍‌ବୃତ୍ତ ଯାବତୀୟ ଶକ୍ତିକୁ ମସ୍ତିଷ୍କର ବିକାଶ ଲାଗି ଯେପରି ବିନିଯୋଗ ହୋଇପାରେ ତାହା ବ୍ରହ୍ମଚର୍ଯ୍ୟ ଶିକ୍ଷା ଦ୍ୱାରା ସମ୍ଭବପର ଥିଲା ।

ବ୍ରହ୍ମଚର୍ଯ୍ୟ ପାଳନ ଯେ କେବଳ ମେଧା ବା ଜ୍ଞାନର ଆୟତ୍ତ କରିବା କ୍ଷମତାକୁ ଦୃଢ଼କରେ ସେତିକି ନୁହେଁ, ବରଂ ଧୀ ବା ସୂକ୍ଷ୍ମବୋଧ, ଚିନ୍ତନ ଶକ୍ତିର କ୍ଷିପ୍ରତା, ସ୍ମରଣଶକ୍ତି ଓ ସୃଜନଶୀଳ ବୌଦ୍ଧିକ ଶକ୍ତିକୁ ମଧ୍ୟ ବଳିଷ୍ଠ କରିଥାଏ । ମନର ଶକ୍ତିତ୍ରୟ ଯଥା : ସ୍ମରଣ (memory), ଉଦ୍ଭାବନ (invention) ଓ ବିଚାରକୁ ବ୍ୟାପକ ଓ ବିଶ୍ଳେଷଣାତ୍ମକ କରିବା (judgement comprehensive and analytic) ପ୍ରକ୍ରିୟାକୁ ବିକଶିତ ଓ ସଂବୃଦ୍ଧ କରିଥାଏ । ଆତ୍ମୀକରଣ (assimilation), ସଂରକ୍ଷଣ ଓ ସୃଜନ ଆଦି ମାନସିକ

କ୍ରିୟାକଳାପକୁ ତୀବ୍ର କରାଏ, ସେସବୁର ବ୍ୟାପ୍ତି ବଢ଼ାଏ । ତେଣୁ ସ୍ମରଣ ଶକ୍ତିର ସେହି ବିସ୍ମୟକର କୌଶଳ, ସୃଜନାତ୍ମକ ସୃଷ୍ଟିର ବହୁମୁଖିତା, ଅସାଧାରଣ ବୋଧଶକ୍ତି ପାଶ୍ଚାତ୍ୟ ଇତିହାସରେ ଅସାଧାରଣ ଓ ବିରଳ ହେଲେ ବି ପ୍ରାଚୀନ ଭାରତରେ ସେସବୁ ସାଧାରଣ ଓ ସ୍ୱାଭାବିକ ଥିଲା ।

କିନ୍ତୁ ପ୍ରାଚୀନ ଭାରତରେ କେବଳ ଅସାଧାରଣ କତିପୟ ଛାତ୍ରମାନଙ୍କ ପାଇଁ ନୁହେଁ, ବରଂ ପ୍ରତ୍ୟେକ ଛାତ୍ର ପାଇଁ ଯେଉଁ ପାଠ୍ୟକ୍ରମ ଉଦ୍ଦିଷ୍ଟ ଥିଲା, ସେସବୁକୁ ଆଧୁନିକ ଖସଡ଼ାରେ ଯେପରି ବିଷୟବସ୍ତୁକୁ ଉପରଠାଉରିଆ ଭାବେ ଆସ୍ୱାଦନ କରାଯାଏ (teaching by snipets) ତାହା ଆଦୌ ସେପରି ନୁହେଁ, ବରଂ ପ୍ରତ୍ୟେକଟି ବିଷୟରେ ପାରଦର୍ଶିତା ଲାଭ କରାଯାଉଥିଲା । କାବ୍ୟିକ ସୃଷ୍ଟିର ପ୍ରତ୍ୟେକ ପଂକ୍ତିରେ କବି କାଳିଦାସ ଯେଉଁ ଯେଉଁ ସର୍ବୋଚ୍ଚ ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି, ୟୁରୋପୀୟ ମନ ପାଇଁ ତାହା ଏତେ ଅବିଶ୍ୱାସ୍ୟ ଥିଲା ଯେ ଛନ୍ଦୋଲାଳିତ୍ୟର ସେହି ମହାନ୍ ଗୁରୁଙ୍କୁ ଭିନ୍ନ ଭିନ୍ନ ତିନୋଟି ବ୍ୟକ୍ତିତ୍ୱର ସମାହାର ବୋଲି ସେମାନଙ୍କ ଦ୍ୱାରା ପ୍ରତିପାଦିତ ହୋଇଥିଲା । କେବଳ ୩୨ ବର୍ଷର ସଂକ୍ଷିପ୍ତ ଜୀବନ କାଳ ମଧ୍ୟରେ ଶଙ୍କରାଚାର୍ଯ୍ୟଙ୍କର ଦର୍ଶନ ଶାସ୍ତ୍ରର ପରାକାଷ୍ଠା ଓ ଆମର ପ୍ରାୟ ସମସାମୟିକ ନିକଟ ଅତୀତର ଶ୍ରୀରାମକୃଷ୍ଣ ପରମହଂସଙ୍କର ଆଧ୍ୟାତ୍ମିକ ଜ୍ଞାନ ଓ ଅନୁଭୂତି ତଦନୁରୂପ କୃତିତ୍ୱର ସମ୍ମୁଖୀନ ହୋଇପାରିଛି । ଅନ୍ୟାନ୍ୟ ବିଷୟ ପରି ଏପରି ପ୍ରତିଭାର ଉନ୍ମେଷ ସାଧାରଣ ବା ସ୍ୱାଭାବିକ ନୁହେଁ । କାରଣ ଶୁଦ୍ଧ ସୃଜନଶୀଳ ପ୍ରତିଭା ଅତି ବିରଳ । କିନ୍ତୁ ୟୁରୋପରେ ଗୋଟିଏ ମାତ୍ର ଆଧୁନିକ ବ୍ୟତିକ୍ରମକୁ ବାଦ୍ ଦେଲେ ଏପରି ବହୁମୁଖୀ ପ୍ରତିଭା ଆଦୌ ଦେଖାଯାଏ ନାହିଁ । ୟୁରୋପର ଶୀର୍ଷ ପ୍ରତିଭା ବୌଦ୍ଧିକ ଜଗତର ଗୋଟିଏ କିଂବା ଅତିବେଶୀରେ ଦୁଇଟି କ୍ଷେତ୍ରରେ ପାରଦର୍ଶିତା ଲାଭ କରିବା ଲାଗି ପ୍ରୟାସ କରିଆସିଛି । ଯଦି କଦାଚନ ତାହା ବହୁମୁଖୀ ହୋଇପାରିଛି ତେବେ ଶୀର୍ଷତ୍ୱକୁ ବଳିଦେଇହିଁ ବ୍ୟାପକତ୍ୱର ଅଧିକାରୀ ହୋଇପାରିଛି । କିନ୍ତୁ ଭାରତରେ ସର୍ବୋଚ୍ଚ ଶିଖରରେ ଉନ୍ନୀତ ହୋଇଥିବା ପ୍ରତିଭା ଯେତେବେଳେ ବହୁମୁଖୀ ହୋଇଛି ସେତେବେଳେ ବହୁକ୍ଷେତ୍ରରେ ଏକାଧାରରେ ଶୀର୍ଷତ୍ୱ ଲାଭ କରିପାରିଛି । ଗୋଟିଏ କ୍ଷେତ୍ରରେ କୃତିତ୍ୱ ହାସଲ କରିସାରିଲା ପରେ ଅନ୍ୟସବୁ କ୍ଷେତ୍ରରେ ଅତି ସହଜରେ, ବିନା ଦ୍ୱିଧାରେ ଏକ ସୁନିଶ୍ଚିତ ନୈପୁଣ୍ୟ ସହିତ ଶ୍ରେଷ୍ଠତ୍ୱ ଲାଭ କରିପାରିଛି, ଅଥଚ ଶ୍ରେଷ୍ଠତ୍ୱର ଇଞ୍ଚେ ବା ସୃଜନଶୀଳତାର ପ୍ରାଖର୍ଯ୍ୟ ତିଳେ ମାତ୍ର ହ୍ରାସ ପାଇ ନାହିଁ । ଏକ ସହଜ ଓ ଅକ୍ଷୟ ଦୀପ୍ତି ବ୍ରହ୍ମଚର୍ଯ୍ୟ ଦ୍ୱାରା ସୃଷ୍ଟ ଅମୋଘ ଶକ୍ତିକୁ ମୁକୁଟ ମଣ୍ଡିତ କରିଥାଏ । ଏହା ସେପରି ଶୃଙ୍ଖଳା ଦ୍ୱାରା ସମ୍ଭବପର ହୋଇଥାଏ ଯାହା ସତ୍ତ୍ୱ ବା ଆନ୍ତର ଉଦ୍ଭାସନ (inner illumination)କୁ ବିକଶିତ କରିଥାଏ । ଏହି ଉଦ୍ଭାସନ ଫଳରେ ଜ୍ଞାନ ଆହରଣ ଓ ଅନ୍ୟାନ୍ୟ ବୌଦ୍ଧିକ ପ୍ରକ୍ରିୟା ସହଜ, ସ୍ୱତଃସ୍ଫୂର୍ତ୍ତ, କ୍ଷିପ୍ର ଓ ସୁନିଶ୍ଚିତ ହୋଇଥାଏ ଏବଂ ତୁଳନାତ୍ମକ ଦୃଷ୍ଟିରୁ ଶରୀର ଓ ମନ ପକ୍ଷେ କମ୍ କ୍ଳାନ୍ତିଦାୟକ ହୋଇଥାଏ । ବ୍ରହ୍ମଚର୍ଯ୍ୟ ଓ ସତ୍ତ୍ୱର ବିକାଶ ଭାରତୀୟ ମନୀଷାକୁ ସୃଷ୍ଟି କରିଛି ଓ ଯୋଗ ତାହାକୁ ପୂର୍ଣ୍ଣତା ପ୍ରଦାନ କରିଛି ।

❑❑❑

ଏକାନ୍ତ ଅପରିହାର୍ଯ୍ୟ ହେଲା କେବଳ ଗୋଟିଏ ମାତ୍ର କଥା : [ନିଜ ସତ୍ତାର ସତ୍ୟକୁ] ଆବିଷ୍କାର ଏବଂ ଉପଲବ୍ଧି କରିବା ଦିଗରେ ସଂକଳ୍ପ । ଏହି ଆବିଷ୍କାର ଏବଂ ଉପଲବ୍ଧିହିଁ ଆମ ସତ୍ତାର ପ୍ରାଥମିକ ନିବିଷ୍ଟ କର୍ମ ହେବା ଉଚିତ – ମହାମୂଲ୍ୟ ରତ୍ନ ଯାହା ଆମେ ଯେକୌଣସି ପ୍ରକାରେ ଆୟତ୍ତ କରିବା ଆବଶ୍ୟକ । ତୁମେ ଯାହା କରନା କାହିଁକି, ତୁମର ବୃତ୍ତି ଏବଂ କାର୍ଯ୍ୟକଳାପ ଯାହା ହେଉନା କାହିଁକି, ତୁମ ସତ୍ତାର ସତ୍ୟକୁ ନିରୂପଣ କରିବା ଏବଂ ତାହା ସହ ମିଳିତ ହେବାର ସଂକଳ୍ପ ସର୍ବଦା ଜୀବନ୍ତ ଏବଂ ଉପସ୍ଥିତ ରହିବା ଆବଶ୍ୟକ – ତୁମେ ଯାହାକିଛି କରୁଥାଅ, ଯାହାକିଛି ଅନୁଭବ କରୁଥାଅ ଏବଂ ଯାହାକିଛି ଚିନ୍ତା କରୁଥାଅ, ସବୁରି ପଶ୍ଚାତରେ ।

– ଶ୍ରୀମା

**କାହାଣୀ :**

# ଅଦ୍ଭୁତ ପ୍ରାଣୀ

## ମନୋଜ ଦାସ

ବର୍ଷା ଋତୁ । ନଈର ଓସାର ବହୁତ ବଢ଼ି ଯାଇଥାଏ । ନୌକା ପୂର୍ବ ଘାଟରୁ ପଶ୍ଚିମ ଘାଟରେ ପହଞ୍ଚିବାକୁ ଅଧଘଣ୍ଟାକରୁ ଅଧିକ ସମୟ ଲାଗୁଥାଏ ।

ସେଦିନ ସନ୍ଧ୍ୟାବେଳେ ନାଉରିଆକୁ ମିଳିଥାଏ ମାତ୍ର ଜଣେ ଯାତ୍ରୀ । ସେ ଜଣକ ସେ ଅଞ୍ଚଳର ବିଶିଷ୍ଟ ପଣ୍ଡିତ ।

''ପାରି କରି ଦେବାକୁ କେତେ ନେବୁରେ ବାପା ?'' ସେ ନାଉରିଆକୁ ପଚାରି ସାରି କହିଲେ, ''ଆସିବା ବେଳେ ଆଉ ଜଣେ ନାଉରିଆକୁ ଗୋଟାଏ ପଇସା ଦେଇଥିଲି । ତୋତେ ବି ସେଇଆ ଦେଲେ ଚଳିବ ତ ?''

''ମୋତେ ଗୋଟାଏ ପଇସା ବି ଦେବାକୁ ହେବ ନାହିଁ । ମୁଁ ବର୍ତ୍ତମାନ ସେପାରି ମୋ ଘରକୁ ଫେରି ଯାଉଛି । ଏକାକୀ ଯାଇଥା'ନ୍ତି, ଭଲ ହେଲା ଆପଣଙ୍କୁ ପାଇଗଲି । କଥାବାର୍ତ୍ତା କରି କରି ଯିବା ।'' କହିଲା ନାଉରିଆ ।

ପଣ୍ଡିତେ ଖୁସି ହୋଇ ନୌକାରୋହଣ କଲେ । ନୌକା ଛାଡ଼ି ଦେଲା । ନଈରେ ବେଶ୍ ଢେଉ ଥିଲା ସେତେବେଳେ । ପଣ୍ଡିତଙ୍କୁ ଡର ଲାଗୁଥାଏ । ଅନ୍ୟ କୌଣସି ବିଷୟରେ ମନ ଦେଲେ ବା କଥାବାର୍ତ୍ତା କଲେ ଡର କମିଯିବ, ଏହି ଆଶାରେ ପଣ୍ଡିତେ ଆରମ୍ଭ କଲେ, ''ତୁ କଥାବାର୍ତ୍ତା କରିବା ବୋଲି କହୁଥିଲୁ । କେଉଁ ବିଷୟରେ ତୋ'ର ଦଖଲ ଅଛି କହ, ସେହି ବିଷୟରେ ଆଲୋଚନା କରିବା । ଦର୍ଶନ, ଇତିହାସ, ଧର୍ମ, ଆଇନ କାନୁନ – କେଉଁଥିରେ ତୋ'ର ଦଖଲ ?''

''ଆଜ୍ଞା, ମୁଁ ଏସବୁର ଧାର ଧାରେ ନାହିଁ ।'' ନାଉରିଆ ମାନିଗଲା । ''ତେବେ କେଉଁଥିରେ ତୋ'ର ଆଗ୍ରହ ?'' ପଣ୍ଡିତେ ପଚାରିଲେ ।

''ଆଗ୍ରହ ?'' ନାଉରିଆ ଟିକିଏ ଭାବି ଚିନ୍ତି କହିଲା, ''ଆମେ କେତେଜଣ ଗାଁ ଲୋକେ ମଜା କରିବା ପାଇଁ ଥରେ ଥରେ କୌଣସି ଗୋଟାଏ ପ୍ରଶ୍ନ ଉପରେ ବାଜି ରଖୁଁ । ଧରନ୍ତୁ, ମୁଁ ପଚାରିବି : '' 'ଚଢ଼େଇ ନୁହେଁ ସେ ଉଡ଼ିଯାଏ; କିଛି ଦୂର ଯାଇ ପଡ଼ିଯାଏ ।' ଏହାର ଅର୍ଥ କ'ଣ ? ଏହାର ଅର୍ଥ ବାଟୁଳି ବୋଲି ଯଦି କେହି କହି ଦେବ, ମୁଁ ତାକୁ ଚାରି ପଇସା ଦେବି । ଯିଏ ନ କହି ପାରିବ, ସିଏ ଚାରି ପଇସା ଦେବ । ଆମେ ଏମିତି ପାଳି କରି ପ୍ରଶ୍ନ କରୁ ।''

ପଣ୍ଡିତେ ଖୁସି ହେଲେ । ଏମିତି ପ୍ରଶ୍ନ କ'ଣ ଥାଇପାରେ ଯା'ର ଉତ୍ତର ସେ ଦେଇ ନ ପାରିବେ ? ନଈ ପାରି ହେବା ପାଇଁ ତ ପଇସା ଦେବାକୁ ପଡ଼ିବ ନାହିଁ । ପୁଣି ଯଦି ନାଉରିଆଠୁଁ କିଛି ଆୟ ହୋଇ ପାରିବ, ତେବେ ମନ୍ଦ କ'ଣ ?

''ତେବେ ସେଇଆ ହେଉ । ପ୍ରଶ୍ନୋତ୍ତର କରିବା । କେତେ ବାଜି ରଖିବା ?'' ପଣ୍ଡିତେ ପଚାରିଲେ ।

''ଆଜ୍ଞା ! ଆପଣ ଏତେ ଜ୍ଞାନୀମାନୀ ଲୋକ । ଆପଣଙ୍କ ସହ କ'ଣ ଆଉ ଚାରି ପଇସିଆ ବାଜିରେ ଚଳିବ ? ଆପଣ ତ ନିଶ୍ଚୟ ଜିତିବେ । ଆପଣ ଦୈବାତ୍ ହାରିଗଲେ ଦେବେ ଟଙ୍କାଟିଏ । ମୁଁ ଗରିବ ଲୋକ । ମୁଁ ହାରିଗଲେ ଦେବି ଅଧା ଟଙ୍କା ।'' ନାଉରିଆ ପ୍ରସ୍ତାବ ଦେଲା ।

''ବେଶ୍ ବେଶ୍ । ମୁଁ ରାଜି ।'' ପଣ୍ଡତେ ଉତ୍ସାହଭରେ କହିଲେ ।

''ଆଜ୍ଞା, ଆପଣ କେତେ ବଡ଼ ପଣ୍ଡିତ । ମୁଁ ମୂର୍ଖ । ତେଣୁ ପ୍ରଥମେ ପ୍ରଶ୍ନ କରିବି ମୁଁ । ସେଇଟା ଶୋଭା ପାଇବ । କ'ଣ କହୁଛନ୍ତି ?''

''ତାହାହିଁ ହେଉ । ପଚାର ତୋ'ର ପ୍ରଥମ ପ୍ରଶ୍ନ ।'' ପଣ୍ଡିତେ ଉନ୍ମୁଖ ହୋଇ ବସିଲେ ।

ନାଉରିଆ ଟିକିଏ କାଶି, ଗଳା ସଫା କରି ଗମ୍ଭୀର ଭାବରେ ପ୍ରଶ୍ନ କଲା, ''ଆଜ୍ଞା, ଏମନ୍ତ ପ୍ରାଣୀ କିଏ, ଯିଏ ସତ୍ୟ ଯୁଗରେ ନିଃଶ୍ୱାସ ନ ନେଇ ବଞ୍ଚିପାରେ, ତ୍ରେତୟାରେ ପାଣି ନ ପିଇ ବଞ୍ଚିପାରେ, ଦ୍ୱାପର ଯୁଗରେ କିଛି ନ ଖାଇ ବଞ୍ଚିପାରେ ଏବଂ କଳି ଯୁଗରେ ବିନା ଖାଦ୍ୟ, ବିନା ପାନୀୟ, ବିନା ନିଃଶ୍ୱାସ ପ୍ରଶ୍ୱାସରେ ବଞ୍ଚିପାରେ ?''

ନାଉରିଆ କ୍ଷିପ୍ର ଗତିରେ ଆହୁଲା ମାରି ନୌକା ଆର କୂଳକୁ ନେଉଛି; ପଣ୍ଡିତେ କିନ୍ତୁ ମୁଣ୍ଡ ଭିତରଟାକୁ ଯତ୍ପରୋନାସ୍ତି ଓଲଟପାଲଟ କରି ସାରିଲେଣି । ସେଭଳି କୌଣସି ପ୍ରାଣୀ କଥା ସେ ମନେ ପକାଇ ପାରୁ ନାହାନ୍ତି ।

ଏଥର ନୌକା କୂଳରେ ପହଞ୍ଚିବ । ପଣ୍ଡିତେ ନିଜ କଥାରୁ ଓହରିଯିବା ଲୋକ ନୁହଁନ୍ତି । ସେ ଦୀର୍ଘ ନିଃଶ୍ୱାସ ଛାଡ଼ି ନିଜ ମୁଣିରୁ ଟଙ୍କାଟିଏ ବାହାର କରି ନାଉରିଆକୁ ଦେଇ ଦେଲେ । ତା'ପରେ କହିଲେ, ''ବାପା ! ମୁଁ ହାରିଗଲି । ବର୍ତ୍ତମାନ ମୁଁ ତୋତେ ସେହି ଏକା ପ୍ରଶ୍ନ କରୁଛି – କିଏ ସେ ପ୍ରାଣୀ ?''

ନାଉରିଆ ନୌକା କୂଳରେ ବାନ୍ଧି ପଣ୍ଡିତଙ୍କ ହାତ ଧରି ନୌକାରୁ ଓହ୍ଲାଇ ଦେବା ପରେ ନମସ୍କାରଟିଏ ପକାଇଲା ଓ ଅଧା ଟଙ୍କା ଫେରାଇ ଦେଇ ହସି ହସି କହିଲା, ''ଆଜ୍ଞା ! ମୋତେ କ'ଣ ଏ ପ୍ରଶ୍ନର ଉତ୍ତର ଜଣା ଅଛି ? ଆପଣ ଯେଉଁ ପ୍ରଶ୍ନର ଉତ୍ତର ଦେଇ ପାରିଲେ ନାହିଁ, ମୁଁ ଅପାଠୁଆ କେମିତି ଦିଅନ୍ତି ?''

(ମନୋଜ କିଶୋର ସାହିତ୍ୟ ସଙ୍କଳନରୁ ସଂଗୃହୀତ, ପୃ.୯୪-୯୭)


❑❑❑

# ଏକମାତ୍ର ସତ୍ୟ

## ଧର୍ମ କୁମାର ଶତପଥୀ

ତୁମ ସହ ପ୍ରଥମ ଦେଖାରୁ
ପରିଚୟ ତବ ମୋ ହୃଦୟେ
ଆଙ୍କି ଦେଇଅଛି କେତେ
ଗଭୀର ଆଲେଖ୍ୟ
ଜୀବନରେ ନୂଆ ପଥ ଧରି ଚାଲିବାର
ମନ୍ତ୍ରବତ୍ କେତେ
ସମ୍ମୋହନକାରୀ ତଥ୍ୟ, ତତ୍ତ୍ୱ,
ନିଗୂଢ଼ ଜ୍ଞାନ, ଅଶେଷ ସମ୍ଭାବନା,
ଯାହା ...
ମନକୁ ବିହ୍ୱଳ କରେ,
ହୃଦୟକୁ କରେ ଆତ୍ମମଗ୍ନ !

ଦିବ୍ୟ ଜନନୀଙ୍କ ହାତେ ଅଙ୍କା
ଏକମାତ୍ର ସତ୍ୟ (Only Truth)ର
ପ୍ରତିଶ୍ରୁତି ଧରି
ଯେବେ ତୁମେ ଆସ
ଏଇ ଅକ୍ଟୋବର ମାସେ
ସେଇ ଅଲିଭା ଅକ୍ଷରର ଛବି
ଆଙ୍କି ହୋଇଯାଏ



କେଉଁ ଦୂର ସୁଦୂରରେ
ଆକାଶର ମୁକୁଳା ଛାତିରେ
ପୁଣି ଏ ମାଟିର
ଭିଜା ଭିଜା ସବୁଜ ହସରେ !

ନବ ଉନ୍ମେଷର ବାର୍ତ୍ତାବହ
ହେ ନବପ୍ରକାଶ !
ଆସୁଥାଅ ଏଇମିତି ମାସ ପରେ ମାସ
ଅସୁମାରି ମାତୃ ସନ୍ତାନଙ୍କ ପାଶେ
ବାଣ୍ଟିବାକୁ ସେଇ ଦିବ୍ୟ ପ୍ରତିଶ୍ରୁତି
'କେବଳ ସତ୍ୟ'ର ।

ଫୁଟିଉଠୁ ତୁମର ସେ ପ୍ରତିଟି ପୃଷ୍ଠାରୁ
ବିଶ୍ୱାସର ବାସଯୁକ୍ତ
ପାରିଜାତ ଫୁଲ !!
ମାନବ ହୃଦୟ ରୂପାୟିତ ହେଉ
ନତି ତା'ର ଅବିରତ ଲୋଡୁଥାଉ
ନବ ସୃଷ୍ଟି ନୂଆ ଜୀବନର ।

❑❑❑

# ନୂତନ ଶିକ୍ଷାର ଆହ୍ୱାନ

## (୧)

## ଗୟାଧର ଦାଶ

### ଯଥାର୍ଥ ଶିକ୍ଷାର ସ୍ୱରୂପ

ଶିକ୍ଷା ମାନବର ଏକ ମୌଳିକ ଅଧିକାର । ଏଇ ଅଧିକାର ତାକୁ କେହି ଦେଇ ନାହିଁ । ଏହା ତା'ର ଜନ୍ମଗତ ଅଧିକାର । ସ୍ୱତନ୍ତ୍ର ଭାବେ ଜୀବନ ବଞ୍ଚିବା ଯେପରି ଏକ ମୌଳିକ ଅଧିକାର, ଶିକ୍ଷା ମଧ୍ୟ ଏକ ମୌଳିକ ଅଧିକାର ଯାହା ଭାରତୀୟ ସମ୍ବିଧାନର ୨୧(କ) ଧାରାରେ ଲିପିବଦ୍ଧ ହୋଇଛି । ଏହି ମୌଳିକ ଅଧିକାରଟି ସର୍ବଦା ଅବହେଳିତ ହୋଇ ଆସିଛି । ଶିଶୁଟିଏ କ'ଣ ଶିକ୍ଷା କରିବ ? କିପରି ଶିକ୍ଷା କରିବ ? ଶିକ୍ଷାର ଅଭିପ୍ରାୟ କ'ଣ ? ଶିକ୍ଷାର ଉତ୍ସ କେଉଁଠି ? ଏସବୁ ପ୍ରଶ୍ନର ସମାଧାନ ଶିଶୁ ପାଖରେ ନଥାଏ, ବରଂ ତାହା ଆମ ପାଖରେ ଥାଏ, ଏହା ହେଉଛି ଶିକ୍ଷାର ବିଡ଼ମ୍ବନା । ମାତାପିତା, ବୟସ୍କ ଲୋକ ଓ ବୁଦ୍ଧିଜୀବୀ ତଥା ସରକାର ଶିକ୍ଷାର ନୀତି ନିର୍ଦ୍ଧାରଣ କରି ଶିଶୁ ଉପରେ ତାହା ଲଦି ଦେଇ ତା'ର ଜୀବନକୁ ଭାରାକ୍ରାନ୍ତ କରନ୍ତି । କେତେକ ଶିଶୁ ସର୍ବଦା ହାରିଗଲା ପରି ଅନୁଭବ କରନ୍ତି ତଥା ହସ୍ତକ୍ଷେପର ଶିକାର ହୁଅନ୍ତି । ଏପରିକି ପ୍ରତ୍ୟେକ ମନୁଷ୍ୟ ମଧ୍ୟ ତା'ର ଏହି ଜନ୍ମଗତ ଅଧିକାର ପ୍ରତି ସଚେତନ ନୁହେଁ । ଏହି ଅଧିକାର କାହିଁକି ରହିଛି ତାହା ମଧ୍ୟ ଆମେ ଜାଣୁନା । ଏହାହିଁ ହେଉଛି ଆମର ବଡ଼ ଅଜ୍ଞାନତା । ଏହି ଅଜ୍ଞାନତା ଅଛି ବୋଲି ନ ଜାଣିବା ହେଉଛି ଆମ ଜୀବନର ମାରାତ୍ମକ ଭୁଲ୍ ଯାହା ଜୀବନର ଅସଲ ସତ୍ୟକୁ ଲୁଚାଇ ରଖେ । ଏହା ଦ୍ୱାରା ଆମେ ପ୍ରକୃତ ଜୀବନଟିଏ ବଞ୍ଚୁଛୁ ବୋଲି କହିଥାଉ, ହେଲେ ପ୍ରତି ପଦକ୍ଷେପରେ ଆମେ ଠକି ଯାଉ ଏବଂ ଜୀବନ ସମୁଦ୍ରର ଉପରିସ୍ଥ ଲହଡ଼ିଗୁଡ଼ାକୁ ପ୍ରକୃତ ଜୀବନ ବୋଲି ମନେ କରିଥାଉ । ପ୍ରତ୍ୟେକ ମନୁଷ୍ୟକୁ ଏକ ସ୍ୱତନ୍ତ୍ର ଜୀବନଟିଏ ଦିଆଯାଇଛି । ଏହି ଜୀବନର ପଶ୍ଚାତରେ ଏକ ମହତ୍ ଉଦ୍ଦେଶ୍ୟ ରହିଛି ଯାହା ଆମେ ଜାଣୁନା । ବର୍ଷ, ମାସ, ଦିନ, ଦଣ୍ଡ ମଧ୍ୟରେ ଜୀବନକୁ କେବେ ବି ଆବଦ୍ଧ କରାଯାଇ ପାରେନା, କାରଣ ମନୁଷ୍ୟ ରୂପ, ନାମଧାରୀ ଏକ ଜଡ଼ ବସ୍ତୁ ନୁହେଁ । ସେ ଏକ ଜୀବନ୍ତ ସତ୍ତା । ବିବର୍ତ୍ତନ ଧାରାରେ ମନୁଷ୍ୟ ବିଶ୍ୱ ପ୍ରକୃତିର ଏକ ଶ୍ରେଷ୍ଠକୃତୀ ବା ସଚେତନ ସାଧନ ବା ଆଧାର ଯାହା ମଧ୍ୟ ଦେଇ ବିଶ୍ୱ ପ୍ରକୃତି ବା ଆଦ୍ୟାଶକ୍ତି ପରମ ସତ୍ୟ ବା ପରମ ଚେତନାର ଅଭିବ୍ୟକ୍ତିକୁ ପୂର୍ଣ୍ଣାଙ୍ଗ ରୂପ ଦେବା ସକାଶେ ଅନବରତ କ୍ରିୟା କରି ଚାଲିଛି । ସୁତରାଂ ଜୀବନ ହେଉଛି ବିଶ୍ୱ ଶକ୍ତିର ଏକ ରୂପ, ଶକ୍ତିର ଏକ ନିରବଚ୍ଛିନ୍ନ ପ୍ରକ୍ରିୟା ।

ପ୍ରଥମ କଥା ହେଲା ମନୁଷ୍ୟ ଏକ ପଶୁ ନୁହେଁ ଯେ କେବଳ ଖାଇବା, ପିଇବା, ରହିବା, ବୁଲିବା ହୋଇଗଲେ ତା'ର ଆଶା ପୂର୍ଣ୍ଣ ହୋଇଯିବ । ବିବର୍ତ୍ତନ ଧାରାରେ ସେ ଏକ ମଧ୍ୟବର୍ତ୍ତୀକାଳୀନ ସତ୍ତା । ସେ ଏକ ବର୍ଦ୍ଧିଷ୍ଣୁ ଆତ୍ମା । ଯେଉଁ ସତ୍ୟ ଜଗତର ପ୍ରତିଟି ବସ୍ତୁ ଓ ଜୀବ ମଧ୍ୟରେ ଅଛି, ସେହି ସତ୍ୟ ମଧ୍ୟ ପ୍ରତ୍ୟେକ ମନୁଷ୍ୟର ଅନ୍ତରରେ ରହିଛି ଯାହାକୁ ଆମେ ତା'ର ଅନ୍ତରାତ୍ମା ବୋଲି କହିଥାଉ । ଏହି ଅନ୍ତରାତ୍ମାଟି ଭଗବାନଙ୍କର ଅଂଶ ଅଟେ । ବିବର୍ତ୍ତନ ଧାରାରେ ପରମଚେତନା ବା ପରମସତ୍ୟର ବାହ୍ୟ ଅଭିବ୍ୟକ୍ତି ହେଉଛି ଏହି ଅନ୍ତରାତ୍ମା ଯାହାକୁ ଆମେ ଚୈତ୍ୟାତ୍ମା ବୋଲି କହିଥାଉ । ଏହା ହେଉଛି ବିବର୍ତ୍ତନ ଶକ୍ତି ଯାହା ଆମକୁ ଆଗକୁ ବଢ଼ିବା ପାଇଁ ସର୍ବଦା ଭିତରୁ ଠେଲୁଥାଏ । ଏହା ବୃହତ୍‌ର ଅଂଶ ହୋଇଥିବାରୁ ସର୍ବଦା ବୃହତ୍ ସହିତ ମିଶିବା ପାଇଁ ଚାହୁଁଥାଏ ଏବଂ ଅଳ୍ପକରେ ସନ୍ତୁଷ୍ଟ ହୁଏ ନାହିଁ । ଏହା ହେଉଛି ଦିବ୍ୟ ସମ୍ଭାବନା, ଅନନ୍ତ ଦିବ୍ୟ ସମ୍ପଦର ଅଧିକାରୀ, ଜୀବନର ଅସଲ ନେତା, ଶିକ୍ଷକ ଓ ମାର୍ଗ ଦର୍ଶକ । ଏପରିକି ଏହା ମଧ୍ୟ ପ୍ରକୃତ ଶିକ୍ଷାର ଆଧାର । ସୁତରାଂ ଆତ୍ମ ଶିକ୍ଷାହିଁ ଯଥାର୍ଥ ଶିକ୍ଷା ବୋଲି କୁହାଯାଏ ।

ଜୀବନ ଏକ ଅନ୍ତହୀନ ପ୍ରବାହ । ଏହି ପ୍ରବାହକୁ ବାନ୍ଧି ରଖିବା ଅସମ୍ଭବ । ଆମର ସୀମିତ ଜୀବନକାଳ ମଧ୍ୟରେ ଅନେକ ଘଟଣା ଘଟେ ଏବଂ ପ୍ରତିଟି ଘଟଣା ପଛରେ ଏକ ସତ୍ୟ ଲୁଚି ରହିଥାଏ । ସେହି ନିତ୍ୟ ନୂତନ ସତ୍ୟ ପ୍ରତି ସଦା ସଚେତନ ହେବାହିଁ ଶିକ୍ଷା । ଜୀବନର ସତ୍ୟକୁ ଖୋଜିବା ହେଉଛି ଶିକ୍ଷା ଯାହା ଜୀବନବ୍ୟାପୀ ନିରବଚ୍ଛିନ୍ନ ଭାବେ ଚାଲିଥାଏ । ସେଥିପାଇଁ ଶିକ୍ଷାକୁ ବଞ୍ଚିବାର କଳା ତଥା ବିଜ୍ଞାନ କୁହାଯାଏ । ଜୀବନର ଲକ୍ଷ୍ୟ ଯେତେ ଉଚ୍ଚ ଓ ମହାନ୍ ହେବ, ଶିକ୍ଷା ମଧ୍ୟ ସେତେ ଉଚ୍ଚ

ଓ ମହାନ୍ ହେବ । ଜୀବନର ଆଦର୍ଶହିଁ ଶିକ୍ଷାର ଆଦର୍ଶ । ଜୀବନର ଉଦ୍ଦେଶ୍ୟହିଁ ଶିକ୍ଷାର ଉଦ୍ଦେଶ୍ୟ । ଅଳ୍ପ ସୁଖକୁ ନେଇ ଜୀବନ ଧାରାଟି ସୀମିତ ହେଲେ ଶିକ୍ଷା ମଧ୍ୟ ସୀମିତ ହୋଇଯାଏ ।

ପରମ ସତ୍ୟ ସକଳବସ୍ତୁରେ ବିଦ୍ୟମାନ । ସେ ଏକାର୍ଥରେ ବ୍ୟଷ୍ଟିସତ୍ୟ ଓ ବିଶ୍ୱସତ୍ୟ । ସେ ମଧ୍ୟ ବିଶ୍ୱାତୀତ ସତ୍ୟ । ବ୍ୟକ୍ତି ସଚେତନ ହେଲେ ସେହି ସତ୍ୟକୁ ଜାଣିପାରେ । ଭର୍ତ୍ତୃହରିଙ୍କ ଭାଷାରେ ଶିକ୍ଷା ହେଉଛି ସେହି ଦିବ୍ୟ ସତ୍ୟ ବା ଭଗବାନ୍ । ସତ୍ୟ ଚେତନାର କ୍ରମବିକାଶ ଧାରା ହେଉଛି ଯଥାର୍ଥ ଶିକ୍ଷା । ବ୍ୟକ୍ତି ନିଜର ସଚେତନ ଶକ୍ତିକୁ ଜନ୍ମ ଜନ୍ମ ଧରି ପୋଷଣ କରି ଆସିଛି ଯାହା ଚୈତ୍ୟସତ୍ତା ରୂପେ ତା’ ଭିତରେ ବିଦ୍ୟମାନ । ସେଥିପ୍ରତି ସେ ସଚେତନ ନୁହେଁ । ଏହି ସଚେତନତାହିଁ ଶିକ୍ଷା । ପରମ ଦିବ୍ୟସତ୍ୟ ବିଷୟରେ ଶ୍ରୀମା କହନ୍ତି :

"This is what we mean by "Divine" : all the knowledge we have to acquire, all the power we have to obtain, all the love we have to become, all the perfection we have to achieve, all the harmonious and progressive poise we have to manifest in light and joy, all the new and unknown splendours that have to be realised."

(CWM, Vol. 14. P. 17)

ଅର୍ଥାତ୍, ‘‘ଦିବ୍ୟ ସତ୍ୟ କହିଲେ ଆମେ ଏହାହିଁ ବୁଝୁ : ଆମ ଭିତରେ ଭଣ୍ଡାର ଭର୍ତ୍ତି ଜ୍ଞାନ ରହିଛି ଓ ଆମକୁ ତାହା ଅର୍ଜନ କରିବାକୁ ହେବ; ଅପ୍ରମିତ ଶକ୍ତି ପ୍ରଚ୍ଛନ୍ନ ହୋଇ ରହିଛି, ଆମକୁ ତାହା ହାସଲ କରିବାକୁ ହେବ, କେତେ ନା କେତେ ପ୍ରେମର ସମ୍ଭାବନା ରହିଛି, ତାହାକୁ ବଞ୍ଚିବାକୁ ହେବ, ପୂର୍ଣ୍ଣ ପରିପୂର୍ଣ୍ଣତା ହାସଲ କରିବାକୁ ହେବ, ସମଞ୍ଜସତା ତଥା ଉତ୍ତୋରତ୍ତର ଗତିଶୀଳତାର କେତେ କେତେ ସୋପାନ ରହିଛି, ଆଲୋକ ତଥା ଆନନ୍ଦର ଏକ ଭୂମି ଉପରେ ତାକୁ ପ୍ରକଟ କରି ଆଣିବାକୁ ହେବ, ସମ୍ପ୍ରତି ଅଜ୍ଞାତ ହୋଇ ରହିଥିବା ସେହି ଯାବତୀୟ ଐଶ୍ୱର୍ଯ୍ୟଗୁଡ଼ିକୁ ଉପଲବ୍ଧି କରିବାକୁ ହେବ ।’’ ପୁନର୍ବାର ଶ୍ରୀମା କହନ୍ତି :

"With regard to the Truth, we are all divine; but we hardly know it. And in us, it is precisely that which does not know itself as divine which we call "ourselves"."

(CWM, Vol. 14. P. 18)

ଅର୍ଥାତ୍, ‘‘ସତ୍ୟ ଦୃଷ୍ଟିରୁ ଆମେ ସମସ୍ତେ ଭଗବାନ୍; କିନ୍ତୁ ଆମେ ତାହା କ୍ୱଚିତ୍ ଜାଣୁ । ଆମ ଭିତରେ ସଂକ୍ଷେପରେ ତାହା, ଯାହା ନିଜକୁ ଭଗବାନ୍ ବୋଲି ଜାଣେ ନାହିଁ; ତାହାକୁ ଆମେ ନିଜେ ବୋଲି କହିଥାଉ ।’’ ଏଠାରେ ମାଆ ସ୍ପଷ୍ଟ କରି କହିଛନ୍ତି ଯେ ଆମର ଶରୀର, ପ୍ରାଣ, ମନ, ଅହଂ ଆଦି ଭଗବାନଙ୍କୁ ଜାଣେନା ଯାହାକୁ ଆମେ ନିଜେ ବୋଲି କହିଥାଉ ବା ଆମେ ଗୋଟାପଣେ ଆମ ଶରୀର, ପ୍ରାଣ, ମନ ଓ ଅହଂର ବୋଲି କହିଥାଉ । ଏହାହିଁ ଆମର ଅଜ୍ଞାନତା ଓ ଅପୂର୍ଣ୍ଣତା । ଏହି ଅଜ୍ଞାନତା ଓ ଅପୂର୍ଣ୍ଣତାରୁ ମୁକ୍ତ ହେବାର ଚାବି ହେଉଛି ଶିକ୍ଷା ।

ସତ୍ୟର ଚାରୋଟି ବିଭାବ ରହିଛି, ଯଥା – ସୌନ୍ଦର୍ଯ୍ୟ, ଶକ୍ତି, ଜ୍ଞାନ ଓ ପ୍ରେମ । ଏହି ବିଭାବମାନ ବିବର୍ତ୍ତନ ଧାରାରେ ଚେତନାର ଚାରୋଟି ସ୍ତରରେ ପ୍ରକଟିତ ହେବ । ସକଳ କ୍ଷେତ୍ରରେ ଆମର ଅନୁସନ୍ଧିତ୍ସା ସତ୍ୟର ଏହି ଚାରୋଟି ଅଭିବ୍ୟକ୍ତିକୁ ଆବିଷ୍କାର କରିବାର ଲକ୍ଷ୍ୟ ରଖିଥାଏ । ଆମ ଅସ୍ତିତ୍ୱର ପାଞ୍ଚୋଟି ସୋପାନ ରହିଛି, ଯାହାକୁ ଆମେ ବ୍ୟକ୍ତିସତ୍ତାର ପାଞ୍ଚୋଟି ଅଂଶ ବୋଲି କହିଥାଉ । ଏଗୁଡ଼ିକ ହେଲେ ଶରୀର, ପ୍ରାଣ, ମନ, ଚୈତ୍ୟ ଓ ଆତ୍ମା । ଏହି ସତ୍ତାଗୁଡ଼ିକ ପରସ୍ପରଠାରୁ ଅଲଗା ହୋଇ କ୍ରିୟା କରନ୍ତି ନାହିଁ । ଏମାନଙ୍କର ସାମଗ୍ରିକ କ୍ରିୟାଶୀଳ ରୂପହିଁ ଆମର ଜୀବନ । ଜୀବନଟା ଏକ ଚଲାପଥ ନୁହେଁ ବରଂ ଏକ ଲକ୍ଷ୍ୟ । ଶିକ୍ଷାହିଁ ଜୀବନର ଧାରା ଯାହା ଜୀବନକୁ କଦାପି ତ୍ୟାଗ କରେ ନାହିଁ । ଅନ୍ୟ ଅର୍ଥରେ କହିଲେ ସମଗ୍ର ଜୀବନହିଁ ଶିକ୍ଷା ବା ଶିକ୍ଷାହିଁ ଜୀବନ । ଶରୀରର ପୂର୍ଣ୍ଣତା ସୌନ୍ଦର୍ଯ୍ୟ ବା ସଙ୍ଗତି; ପ୍ରାଣର ପୂର୍ଣ୍ଣତା ଶକ୍ତି, ମନର ପୂର୍ଣ୍ଣତା ଜ୍ଞାନ ଏବଂ ଚୈତ୍ୟର ପୂର୍ଣ୍ଣତା ପ୍ରେମରେ ପ୍ରକାଶିତ ହୋଇଥାଏ । ଏହି ପୂର୍ଣ୍ଣତା ହାସଲ କରିବା ହେଉଛି ଜୀବନର ଲକ୍ଷ୍ୟ । ଚୈତ୍ୟସତ୍ତା ଆତ୍ମାର ସଚେତନ ରୂପ । ଚୈତ୍ୟପୁରୁଷଙ୍କର ଅଭିବୃଦ୍ଧି ଅନୁସାରେ ଆତ୍ମାର ଅନନ୍ତ ଶକ୍ତିର ଅଭିବ୍ୟକ୍ତି ଘଟେ । ସକଳ ସତ୍ତାରେ ଅନନ୍ତ ପ୍ରେମ ଓ ଆନନ୍ଦକୁ ପ୍ରକାଶ କରିବାରେ ଆତ୍ମାର ପୂର୍ଣ୍ଣତା ଲାଭ ହୁଏ । ଯେଉଁ ବିଶ୍ୱରେ ଆମେ ବାସ କରୁଛୁ ସେଠାରେ ମନ, ପ୍ରାଣ ଓ ଶରୀରର ଅଜ୍ଞାନ ଜଗତସକଳ ବିଦ୍ୟମାନ ।

ଏହି ଜଗତସକଳ ନିଜ ଚେତନାରେ ମୂଳ ଉତ୍ସରୁ ବିଚ୍ଛିନ୍ନ ହୋଇଛି । ଶରୀର, ପ୍ରାଣ ଓ ମନ ସେମାନଙ୍କର ମୂଳ ଉତ୍ସରୁ ବିଚ୍ଛିନ୍ନ ହୋଇଛନ୍ତି । ସେମାନେ ଭୁଲି ଯାଇଛନ୍ତି ସେମାନଙ୍କର ସ୍ୱରୂପକୁ । ସେଥିପାଇଁ ସେମାନେ ବାଟ ହୁଡ଼ି ଅବାଟରେ ଚାଲିଛନ୍ତି । ସେମାନଙ୍କର ପ୍ରକୃତ ସ୍ୱରୂପକୁ ମନେ ପକାଇ ଦେବା ହେଉଛି ଶିକ୍ଷା । ତଥାପି ଶରୀର, ପ୍ରାଣ ଓ ମନର ପ୍ରକୃତ ବନ୍ଧୁ ଚୈତ୍ୟହିଁ ସର୍ବଦା ତାଙ୍କ ସହିତ ରହିଥାଏ । ସେ କେବେ ବି ମନ, ପ୍ରାଣ, ଶରୀରକୁ ତ୍ୟାଗ କରେ ନାହିଁ; କାରଣ ମନ, ପ୍ରାଣ, ଶରୀରର ଅସଲ ଗୁଣଧର୍ମର ନିର୍ଯାସଟି ଚୈତ୍ୟ ପାଖରେ ଥାଏ । ଏହି ମନ, ପ୍ରାଣ, ଶରୀର ଯେତେବେଳେ ଘରବାହୁଡ଼ା ପଥରେ ବ୍ୟାକୁଳତା ପ୍ରକାଶ କରନ୍ତି ସେତେବେଳେ ଚୈତ୍ୟସତ୍ତା ଜାଗ୍ରତ୍ ହୁଏ ଏବଂ ଜୀବନ ଯାତ୍ରାର ନେତା ରୂପେ ପଥ ପ୍ରଦର୍ଶନ କରେ । ଏହି ବ୍ୟାକୁଳତାରୁ ଜନ୍ମ ନିଏ ଅସଲ ଶିକ୍ଷା । ସତ୍ୟ ପ୍ରତି ବ୍ୟାକୁଳତାହିଁ ସଚେତନତା । ଏହି ସଚେତନତାହିଁ ଶିକ୍ଷା ବା ଯୋଗ । ଜୀବନରେ ଯାହା ଶିକ୍ଷା କରିବାର ଅଛି ତାହାକୁ ଆମେ ଯୋଗର ପ୍ରଣାଳୀ ବା ପଥ ମାଧ୍ୟମରେ ଶିଖି ଥାଉ । ତେଣୁ ଶିକ୍ଷା ଓ ଯୋଗ ଜୀବନର ପୂର୍ଣ୍ଣତାକୁ ହାସଲ କରିବାରେ ଦୁଇଟି ଦିବ୍ୟ ଅସ୍ତ୍ର । ଅନ୍ୟ ପକ୍ଷରେ ଯୋଗ ଓ ଶିକ୍ଷା ମଧ୍ୟରେ ଭିନ୍ନତା ନାହିଁ ବୋଲି ଆମେ କହିପାରିବା । ସେଥିପାଇଁ ସମଗ୍ର ଜୀବନହିଁ ଶିକ୍ଷା ଓ ସମଗ୍ର ଜୀବନହିଁ ଯୋଗ ବୋଲି କୁହାଯାଇଛି । ପୂର୍ଣ୍ଣତା ଠାରୁ ଜୀବନକୁ ପୃଥକ୍ କରି ହେବ ନାହିଁ କି ଜୀବନ ଠାରୁ ଶିକ୍ଷାକୁ ପୃଥକ୍ କରି ହେବ ନାହିଁ । ସୁତରାଂ ଜୀବନର ରହସ୍ୟକୁ ଉଦ୍‌ଘାଟନ କରିବା ତଥା ନିଜ ପ୍ରତି, ସମାଜ ପ୍ରତି, ବିଶ୍ୱ ପ୍ରକୃତି ପ୍ରତି ଓ ସର୍ବୋପରି ଭଗବାନଙ୍କ ପ୍ରତି ଏକ ଦିବ୍ୟ ଆକୁତି ପ୍ରକାଶ କରିବାହିଁ ଶିକ୍ଷାର ଉଦ୍ଦେଶ୍ୟ । ଏହା ମାନବର ତୃତୀୟ ଚକ୍ଷୁ; ଏକ ଦିବ୍ୟ ଦୃଷ୍ଟି ଯାହା ଦ୍ୱାରା ମନୁଷ୍ୟ ନିଜ ସତ୍ତା ସହିତ ସଙ୍ଗତି, ବ୍ୟକ୍ତି ଓ ବ୍ୟକ୍ତି ମଧ୍ୟରେ ସଙ୍ଗତି, ବ୍ୟକ୍ତି ଓ ସମାଜ ମଧ୍ୟରେ ସଙ୍ଗତି ଏବଂ ରାଷ୍ଟ୍ର ଓ ରାଷ୍ଟ୍ର ମଧ୍ୟରେ ସଙ୍ଗତି ସ୍ଥାପନ କରିପାରିବ – ଯାହା ବିବର୍ତ୍ତନର ଲକ୍ଷ୍ୟ ଅଟେ ।

(କ୍ରମଶଃ) ❑


**At last a pimple / acne treatment that *REALLY* works *!!***

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies, Lewis Road,

Mfr: Ayurlabs India, Pondicherry-1, Phone: 9442249355 / 0413-2224935, Email: sales@ayurlabsindia.com

# ପୂର୍ଣ୍ଣାଙ୍ଗ ଶିକ୍ଷା : ପରିବର୍ତ୍ତିତ ପରିସ୍ଥିତିରେ

## ପ୍ରସାଦ ତ୍ରିପାଠୀ

ଏହା ମଧ୍ୟରେ ଅନେକଗୁଡ଼ିଏ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବିଭିନ୍ନ ଉତ୍ସବରେ ଯୋଗ ଦେବାର ସୁଯୋଗ ମିଳିଥିଲା ।

ସୌଭାଗ୍ୟକ୍ରମେ ପ୍ରତ୍ୟେକଟି ସ୍ଥାନରେ ନିର୍ଦ୍ଦିଷ୍ଟ ସମୟର ଆଗରୁ ପହଞ୍ଚି କାର୍ଯ୍ୟକ୍ରମରେ ଭାଗ ନେଇ ପାରିଥିଲି । ମାତ୍ର ସବୁ ସ୍ଥାନରେ ଗୋଟିଏ କଥାହିଁ ମୋତେ ଚିନ୍ତାରେ ଘାରୁଥିଲା – ଆମେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରସବୁ ଆରମ୍ଭ କରିବା ସମୟରେ ଯେଉଁ ଯେଉଁ ସଂକଳ୍ପ ନେଇଥିଲୁ ସେସବୁକୁ ବିସ୍ମରଣ ହୋଇ ନାହୁଁ ତ ?

ଉଦାହରଣ ସ୍ୱରୂପ – ଆମେ କାହିଁକି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର କରିଛୁ, ଏହା ଆମେ ଜାଣୁ ତ ? ଆମର ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର କାର୍ଯ୍ୟକ୍ରମ ପ୍ରଚଳିତ ଶିକ୍ଷାକୁ ସଂଶୋଧନ କରିବା ବାଗେଇ ନେଇ ଏକ ଉନ୍ନତ ମାନର ଶିକ୍ଷାକେନ୍ଦ୍ର କରିବାର ଉଦ୍ଦେଶ୍ୟ ନୁହେଁ – ଏକଥା ଆମେ ଭୁଲିନୁ ତ ? ଆମେ ଆଦୌ ପ୍ରଚଳିତ ଶିକ୍ଷାକୁ ଭଲ ଭାବରେ ସମ୍ପନ୍ନ କରି ସମସ୍ତଙ୍କର ପ୍ରଶଂସା ଭାଜନ ହେବା ଚାହିଁନୁ – ଏକଥା ଜାଣୁ କି ନାହିଁ ? ଆମେ ଭିନ୍ନ ଭିନ୍ନ ବୃତ୍ତି ପରୀକ୍ଷାକୁ ଆମ ପିଲାଙ୍କୁ ପଠାଇ ସେଥିରେ ସଫଳତା ହାସଲ କରି ତା'ରି ମାଧ୍ୟମରେ ନିଜକୁ ତଥା ଅନୁଷ୍ଠାନକୁ ପରିଚିତ ତଥା ପ୍ରଶଂସିତ କରିବା ଲକ୍ଷ୍ୟ ରଖିନୁ – ଏହା ବିସ୍ମରଣ ହେଲାଣି କି ? ପ୍ରଚଳିତ ଶିକ୍ଷା ସହିତ ତାଳ ଦେଇ ତଥା ସେହିପରି ଶିକ୍ଷାକେନ୍ଦ୍ରମାନଙ୍କ ସହିତ ପ୍ରତିଯୋଗିତା କରି ସମାଜରେ ପ୍ରତିଷ୍ଠିତ ହେବା ଆମର ଆଦୌ ଲକ୍ଷ୍ୟ ନୁହେଁ, ଏହା ଆମେ କେତେଦୂର ସ୍ମରଣ ରଖିଛୁ ?

ଅତୀତରେ ଅନେକବାର ଆଲୋଚନା ହୋଇଛି ଏବଂ ଆଉଥରେ ମଧ୍ୟ ଆଲୋଚନା ହେବାରେ ଆଦୌ ଆପତ୍ତି ନାହିଁ ଯେ ବାସ୍ତବିକ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଓଡ଼ିଶାରେ ଆରମ୍ଭ ହେବା ପଛରେ କେବଳ ଶ୍ରୀଅରବିନ୍ଦ ପାଠଚକ୍ରର କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ ତଥା ବିସ୍ତୃତ ଭାବରେ କରିବା ବ୍ୟତୀତ ଆଉ କିଛି ନୁହେଁ । ଶ୍ରୀଅରବିନ୍ଦ ପାଠଚକ୍ର ଏକ ସଙ୍କଳ୍ପର କ୍ଷେତ୍ର, ଯେଉଁଠାରେ ଆମେ ସଙ୍କଳ୍ପ କରୁ ଏକ ନୂତନ ଜୀବନ ବଞ୍ଚିବା ପାଇଁ, ଏକ ନୂତନ ସତ୍ୟ ଗ୍ରହଣ କରିବା ପାଇଁ । ଶ୍ରୀମାଶ୍ରୀଅରବିନ୍ଦ ଯେଉଁ ଲକ୍ଷ୍ୟ ନେଇ ପୃଥିବୀକୁ ଆସିଥିଲେ, ଆମର ସମସ୍ତ କାର୍ଯ୍ୟକ୍ରମ ସେହି ଲକ୍ଷ୍ୟ ସହିତ ତାଳ ଦେଇ ସେହି ସତ୍ୟକୁ ପୃଥିବୀରେ ପ୍ରତିଷ୍ଠିତ କରିବାରେ ସହାୟତା କରିବା ଛଡ଼ା ଆଉ କିଛି ହୋଇପାରିବ କି ? ଅତିମାନସ ସତ୍ୟ ପୃଥିବୀରେ ଅବତରଣ କରି କ୍ରିୟା କରୁଛି । ଆମର ସମସ୍ତ କାର୍ଯ୍ୟକ୍ରମ ଅତିମାନସ ସତ୍ୟର ପ୍ରତିଷ୍ଠା ବା ପ୍ରକାଶ ପାଇଁ ଏକ ବିନମ୍ର ପ୍ରଚେଷ୍ଟା ଛଡ଼ା ଆଉ କିଛି ନୁହେଁ ।

ମାତ୍ର ଆମ ଶିକ୍ଷାକେନ୍ଦ୍ରମାନଙ୍କରେ ଆମେ ଯେଉଁ ସବୁ କାର୍ଯ୍ୟକ୍ରମ କରୁଛୁ ସେଥିରେ ଏହି ସର୍ତ୍ତଗୁଡ଼ିକୁ ପ୍ରମାଣିତ କରିବାରେ ସହାୟକ ହେବ ନାହିଁ । ଆମେ ଅତୀତରେ କହିଥିଲୁ – ଯଦି ପୁରାତନ ସହିତ ସନ୍ଧି କରି କିଛି କରିବାକୁ ପଡ଼ୁଛି, ତେବେ ତାହା ସନ୍ଧି ବୋଲି ଜାଣି ଅତି ସାଧାରଣ ଭାବରେ କରିବା ଆବଶ୍ୟକ । ନିଷ୍ଠାପର ଭାବରେ ଏକ ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ଆଦୌ କରିବା ଉଚିତ ନୁହେଁ । ତା' ନହେଲେ ସେଇ କାର୍ଯ୍ୟଟି ଏକ ଅତ୍ୟନ୍ତ ଆବଶ୍ୟକୀୟ କାର୍ଯ୍ୟ ଭଳି ନିଜକୁ ଆମ ନିକଟରେ ପ୍ରତିପାଦିତ କରିବ ଏବଂ ଆମ୍ଭେମାନେ ମଧ୍ୟ ଆଉ ତାକୁ ସନ୍ଧି ବୋଲି ନଭାବି ଅପରିହାର୍ଯ୍ୟ ବୋଲି ଭାବି ନେବା । ଉଦାହରଣସ୍ୱରୂପ, ଆମ ପିଲାମାନେ ସରକାରୀ ସ୍ତରରେ ହେଉଥିବା ପ୍ରତିଯୋଗିତାମାନଙ୍କରେ ଅଂଶଗ୍ରହଣ କରିବା ଆବଶ୍ୟକ ନୁହେଁ, କାରଣ ମା' ନିଜେ ପ୍ରତିଯୋଗିତାର ସପକ୍ଷରେ ନଥିଲେ । କିନ୍ତୁ ଯେତେବେଳେ ବାଧ୍ୟ ହେଉଛୁ ସେପରି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ପାଇଁ ସେତେବେଳେ କେବଳ ଆବଶ୍ୟକ ଭାବି ମିଶି ଗଲେ ଚଳି ଯାଆନ୍ତା । ମାତ୍ର ଆମେ ଅତ୍ୟନ୍ତ ନିଷ୍ଠାପର ଭାବରେ ସେଥିରେ ଅଂଶ ଗ୍ରହଣ କରୁଛୁ ଏବଂ ସ୍ଥଳବିଶେଷରେ ପୁରସ୍କାର ପାଇ ତାକୁ ମଧ୍ୟ ପ୍ରଚାର କରୁଛୁ । ଏହା ଫଳରେ ଆମେ ବାଧ୍ୟ ହୋଇ ପ୍ରତିଯୋଗିତାରେ ମିଶିଥିଲୁ ବୋଲି ଧାରଣା ଆସ୍ତେ ଆସ୍ତେ କଟିଯାଇ ତାହା ଆମ ପାଇଁ ଏକାନ୍ତ ଅପରିହାର୍ଯ୍ୟ ବୋଲି ବୋଧ ହେଲାଣି ଏବଂ ସେସବୁ ପ୍ରତିଯୋଗିତା ପାଇଁ ପିଲାମାନଙ୍କୁ ବାଛି ବର୍ଷ ଆରମ୍ଭରୁ ପ୍ରସ୍ତୁତ କରିବାକୁ ମଧ୍ୟ ଚେଷ୍ଟା ଚାଲିଲାଣି ।

ମା' କହିଲେ ଆମେ ଅନ୍ୟମାନଙ୍କର ପୁନରାବୃତ୍ତି କରିବାକୁ ଆସିନୁ – ଆମେ ଆସିଛୁ ପିଲାମାନଙ୍କ ପାଇଁ ନୂତନ

ଭବିଷ୍ୟତର ଦ୍ୱାର ଖୋଲି ଦେବା ପାଇଁ । ମାତ୍ର ଏବେ ନୂତନ ଭବିଷ୍ୟତ୍ ଆମ ପାଇଁ ଧୀରେ ଧୀରେ ଏକ କାଳ୍ପନିକ କଥା ଭଳି ଲାଗିଲାଣି । ପୁରାତନକୁ ଜାବୁଡ଼ି ଧରି ନୂତନ ଭବିଷ୍ୟତ୍ କଥା ଭାବିବା ଏକ ହାସ୍ୟାସ୍ପଦ କଥା ଛଡ଼ା ଆଉ କିଛି ନୁହେଁ । ଆମର କୌଣସି କାର୍ଯ୍ୟରେ ଆମେ ଆଉ ନୂଆ କିଛି ଖୋଜିବାକୁ ପ୍ରୟାସ କରୁନୁ । ଆମେ ଅତୀତକୁ ଭାଙ୍ଗିବାକୁ ସଙ୍କଳ୍ପ କରିଥିଲେ ଏବଂ ଅତୀତ ବିରୋଧରେ ଆସନ୍ନ ଭବିତବ୍ୟର ମହାଯୁଦ୍ଧରେ ସଫଳତା ହାସଲ କରିବା ପାଇଁ ମା'ଙ୍କୁ ପ୍ରାର୍ଥନା କରୁଥିଲେ । ଏବେ ସେ ମହାଯୁଦ୍ଧ ଶେଷ ହୋଇଗଲା ଭଳି ଲାଗୁଛି । ଅତୀତ ସହିତ ଯୁଦ୍ଧ ନକରି ସନ୍ଧି କରି ନେବା ପାଇଁ ଭିତରେ ବ୍ୟାକୁଳତା ଆସି ଗଲାଣି ।

ପୁଣି ଶ୍ରୀମା କହିଛନ୍ତି – ସଫଳତା, ପ୍ରତିଷ୍ଠା ଏବଂ ଅର୍ଥ ପାଇଁ ଉଦ୍ୟମହିଁ ପ୍ରଚଳିତ ଶିକ୍ଷାରେ ସବୁଠାରୁ ବଡ଼ ସମସ୍ୟା । ଏହା ପ୍ରଚଳିତ ଶିକ୍ଷାରେ ସମସ୍ୟା ମାତ୍ର, ଆମେ ଆମ ଶିକ୍ଷାରେ ଏହାକୁ ଅତି ସହଜରେ ଗ୍ରହଣ କରିନେଇ ସାରିଲୁଣି । ପ୍ରତିଷ୍ଠା କିଂବା ସଫଳତା ଯେତେ ବଡ଼ ଏବଂ ଅର୍ଥ ଯେତେ ଅଧିକ ସେତେ ଆନନ୍ଦ ।

ପରୀକ୍ଷା ପାଇଁ ଗୁରୁତ୍ୱ ନଦେଇ ଆମ ଅନୁଷ୍ଠାନମାନଙ୍କରେ ଆମେ ପିଲା ଭିତରେ ଥିବା ଅନ୍ତର୍ନିହିତ ସାମର୍ଥ୍ୟ ଏବଂ ସମ୍ଭାବନାକୁ ଖୋଜି ବାହାର କରିବା ପାଇଁ ଉଦ୍ୟମ କରିବା କଥା, ମାତ୍ର ସମସ୍ତେ ପରୀକ୍ଷାକୁ ଏତେ ମାତ୍ରାରେ ଗୁରୁତ୍ୱ ଦେଲେଣି ଯେ ଫଳସ୍ୱରୂପ ପିଲାମାନଙ୍କ ମଧ୍ୟରେ କପି କରିବା ପାଇଁ ମଧ୍ୟ କୌଣସି କୌଣସି ସ୍ଥାନରେ ଏକ ଇଚ୍ଛା ଜାଗ୍ରତ୍ ହେଲାଣି । ବୋର୍ଡ଼ ପରୀକ୍ଷା ବ୍ୟତୀତ ଆମେ ଆମ ସ୍କୁଲମାନଙ୍କରେ ପରୀକ୍ଷା କରୁଛୁ । ସେଗୁଡ଼ିକ ମଧ୍ୟ ବେଶ୍ କଡ଼ାକଡ଼ି, ଏପରି କି ପରୀକ୍ଷା ତାରିଖ ଘୋଷଣା ହେଉ ହେଉ ଶ୍ରେଣୀରେ ଉପସ୍ଥିତି କମି ଯାଉଛି । କୌଣସି କୌଣସି ସ୍ଥାନରେ ଅପା, ଭାଇ ପିଲାମାନଙ୍କୁ ନିଜ ଆଡୁ ପରାମର୍ଶ ଦେଉଛନ୍ତି – ସ୍କୁଲକୁ ଆସି ସମୟ ନଷ୍ଟ ନକରି ଘରେ ବସି ପଢ଼ାପଢ଼ି କର । ଆମରି ଆଦର୍ଶକୁ ସରକାର ଗ୍ରହଣ କରି CCE (Continuous and Comprehensive Evaluation) ଆରମ୍ଭ କଲେ । ଏହା ପୂରାପୂରି ପୂର୍ଣ୍ଣାଙ୍ଗ ଶିକ୍ଷାର ଆଦର୍ଶରେ ହିଁ ପ୍ରସ୍ତୁତ । ଏଇ Evaluation ଜରିଆରେ ଶ୍ରୀମାଙ୍କର ଉକ୍ତି "No child of mine can be a zero;" ପୁନଶ୍ଚ ଶ୍ରୀମା କହିଛନ୍ତି, "... it is not brilliant students that we want, it is living souls" ଏହା ପ୍ରମାଣ କରି ହେବ । ଅବଶ୍ୟ ସରକାର ଆମର ଆଦର୍ଶକୁ କେବଳ ଗ୍ରହଣ କରିଛନ୍ତି । ମୂଳସତ୍ୟ, ଅର୍ଥାତ୍ ସାଧନା ଓ ସମର୍ପଣହିଁ ଶିକ୍ଷାର ମୂଳ ଏକଥା ସେମାନେ ଗ୍ରହଣ କରି ନାହାନ୍ତି । ସେସବୁ କାଳକ୍ରମେ ଅତିମାନସ ଶକ୍ତିର ପ୍ରଭାବରେ ଆସିପାରେ । ତଥାପି ଏହି ଆଦର୍ଶକୁ ବିଭିନ୍ନ ସ୍କୁଲରେ ପ୍ରୟୋଗ କରିବାକୁ ଆରମ୍ଭ କଲେଣି । ମାତ୍ର ଆମେ ବିଭିନ୍ନ ସମୟରେ ଏ ବିଷୟରେ ପ୍ରଶିକ୍ଷଣ ପାଇ ମଧ୍ୟ ଏ ଯାଏ ନୀରବ ରହିଛୁ । ବିଶେଷ କିଛି ଉଦ୍ୟମ ହେବା ଭଳି ଲାଗୁନି ।

ଆମ ବିଦ୍ୟାଳୟଗୁଡ଼ିକ ଏକ ଏକ ଜୀବନ୍ତ ଅନୁଷ୍ଠାନ – ଚଳଚଞ୍ଚଳ ଏବଂ ପ୍ରାଣ ପ୍ରାଚୁର୍ଯ୍ୟରେ ଭରପୂର । ଅତୀତରେ ସେଥିପାଇଁ ଆମ ସ୍କୁଲମାନଙ୍କରେ ଖୁବ୍ କମ୍ ଛୁଟି ଥିଲା । କାରଣ ନିହାତି ଆବଶ୍ୟକ ନଥିଲେ ସ୍କୁଲକୁ ବନ୍ଦ କରିବାକୁ କେହି ଚାହୁଁ ନଥିଲେ । ମାତ୍ର ଏବେ ଯେକୌଣସି ପର୍ବରେ ଆମେ ସ୍କୁଲ ବନ୍ଦ କରି ଦେଉଛୁ । ଏପରିକି ଛୋଟ ଛୋଟ ପର୍ବପର୍ବାଣିରେ ଘରେ ଉପାସ କରିବା ବାହାନାରେ ମଧ୍ୟ ସ୍କୁଲକୁ ବନ୍ଦ କରି ଦିଆଯାଉଛି । ପିଲାମାନେ ମଧ୍ୟ ସ୍କୁଲ ବନ୍ଦ ହେଲେ ଖୁସୀ ହୋଇ ଯାଉଛନ୍ତି । ଆଗେ ସ୍କୁଲ ବନ୍ଦ ହେଲେ ବି ପିଲାମାନେ ସ୍କୁଲକୁ ଚାଲି ଆସୁଥିଲେ, ଏବେ ସ୍କୁଲ ଖୋଲା ଥିବା ଦିନ ମଧ୍ୟ ସେମାନେ ଅନୁପସ୍ଥିତ ରହି ଯାଉଛନ୍ତି ।

ଅତୀତରେ ଟ୍ୟୁସନ୍‌କୁ କିପରି ଆମ ଅନୁଷ୍ଠାନରୁ ଦୂର କରି ହେବ ସେଥିପାଇଁ ଆଲୋଚନା କରାଯାଉଥିଲା । ଏବେ ଟ୍ୟୁସନ୍ ଏଭଳି ଦୂଷିତ ବାତାବରଣ ସୃଷ୍ଟି କଲାଣି ଯେ କେବଳ ସେଇ କାରଣରୁ ଅନୁଷ୍ଠାନରେ ଅପା, ଭାଇମାନଙ୍କ ମଧ୍ୟରେ ଶତ୍ରୁତା । ସମସ୍ତଙ୍କ ଟ୍ୟୁସନ୍‌ରେ ପିଲାଙ୍କ ଭିଡ଼, ମାତ୍ର ସେଇ ପିଲମାନେ ସ୍କୁଲରେ ଅନୁପସ୍ଥିତ । କାରଣ ଟ୍ୟୁସନ୍‌ରେହିଁ ସେମାନେ ସ୍କୁଲ ନ ଯିବାକୁ ପରାମର୍ଶ ପାଉଛନ୍ତି । ଆଗେ ପିଲାଟିଏ ସ୍କୁଲରେ କିଛିଦିନ ଅନୁପସ୍ଥିତ ହେଲେ ତା' ପାଖକୁ ଫୋନ୍ କିଂବା ପତ୍ର ଲେଖି ତା'ର ଅନୁପସ୍ଥିତିର କାରଣ ବୁଝା ଯାଉଥିଲା । ମାତ୍ର ଏବେ ଅଭିଭାବକମାନଙ୍କ ସଙ୍ଗେ ଆମର ସମ୍ପର୍କ କେବଳ ସ୍କୁଲର ଦେୟ ଆଦାୟ କରିବା ମାଧ୍ୟମରେ ସୀମିତ । ଅର୍ଥାତ୍ ଦେୟ ବାକି ଥିଲେ ଗୋଟିଏ Reminder ଚିଠି ସେଇ ପିଲାମାନଙ୍କ ହାତରେ ଦିଆଯାଏ । ବର୍ଷକ ଭିତରେ ଆମ ଆଡୁ ଆମେ ସେମାନଙ୍କ ସଙ୍ଗେ କୌଣସି ସମ୍ପର୍କ ରଖୁନୁ ।

ଆଉ ଅଭିଭାବକମାନେ ମଧ୍ୟ ଅତୀତରେ ଆମର ଅନେକ ଆତ୍ମୀୟ ଥିଲେ । କେବଳ ସ୍କୁଲ ପାଇଁ ନୁହେଁ

ଆପ୍ତମାନଙ୍କର ବ୍ୟକ୍ତିଗତ ସାହାଯ୍ୟ, ସହାନୁଭୂତି ମଧ୍ୟ ଆମେ ସେମାନଙ୍କଠାରୁ ପାଉଥିଲୁ, ମାତ୍ର ଏବେ ଅଭିଭାବକମାନେ କେବଳ ସେମାନଙ୍କର ଅସନ୍ତୋଷ ଏବଂ ବିରକ୍ତି ପ୍ରକାଶ କରିବା ବ୍ୟତୀତ ଆମ ସାଙ୍ଗରେ ତାଙ୍କର ଅନ୍ୟ କୌଣସି ସମ୍ପର୍କ ନାହିଁ ।

ସବୁଠାରୁ ବଡ଼ ଏବଂ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହେଲା ଅସଙ୍ଗତି ବା ବିଶୃଙ୍ଖଳା । ଆମେ ସମସ୍ତେ ଜାଣୁ ଏ ଅନୁଷ୍ଠାନ ଆମ କାହାର ନୁହେଁ – ଏହା କେବଳ ମା'ଙ୍କର । ମାତ୍ର ତଥାପି ବ୍ୟକ୍ତିଗତ ଭାବରେ ମଧ୍ୟ ପରସ୍ପର ମଧ୍ୟରେ ବେଶ୍ ତିକ୍ତତା ପ୍ରାୟଶଃ ରହିବାରୁ ପ୍ରତ୍ୟେକ ଅନୁଷ୍ଠାନରେ ଏପରି ଅସଙ୍ଗତି ଦୃଶ୍ୟମାନ ଭାବରେ ପ୍ରକାଶ ପାଇଲାଣି । କାହାକୁ ନେଇ ଅସଙ୍ଗତି ? କେବଳ ନିଜର ଅହଙ୍କାର ଏବଂ ସେଥିକୁ କେତେ କେତେ ଅସଙ୍ଗତି । କେଉଁଠି ଥାନାରେ ମାମଲା, କେଉଁଠି କୋର୍ଟ କଚେରିରେ ମାମଲା । ଆମେ ସାଧନା କରିବାକୁ ଆସିଥିଲେ, ଏବେ କଥା ଗଲାଣି କେଉଁଠିକି ? ଏଥିରେ କୌଣସି ସନ୍ଦେହ ନାହିଁ ଯେ ଥାନା ହେଉ ବା କୋର୍ଟ କଚେରି ହେଉ ସେଠାକୁ କେହି ଖୁସୀରେ ଯାଉ ନାହାନ୍ତି, ମାତ୍ର ସେଠାକୁ ନ ଯାଇ କ'ଣ ସମାଧାନ କରି ହେବନି ! ଆମେ କ'ଣ ଆମର ସମସ୍ତ ସମ୍ଭାବନାକୁ ଶେଷ କରି ସାରିଲେଣି – ଆଉ ଅନ୍ୟ କୌଣସି ଉପାୟ ନାହିଁ ସମାଧାନର ? ଆମେ ଜାଣିଛୁ କି ସବୁଠାରୁ ଉତ୍ତମ ଡାକ୍ତର ସିଏ, ଯିଏ ଔଷଧ ନ ଦେଇ ସୁସ୍ଥ କରିବାର ପ୍ରଣାଳୀ ଜାଣନ୍ତି; ସବୁଠାରୁ ଭଲ ଓକିଲ ସିଏ, ଯିଏ ଆଦୌ କେଶ୍ କରିବାକୁ ନଦେଇ ମୀମାଂସା କରାଇ ଦିଅନ୍ତି । ଆମେ ସବୁ ବନ୍ଧୁ ଏବଂ ହିତୈଷୀ । ଆମର ସମ୍ପର୍କ ଯଦି ମା'ଙ୍କ ମାଧ୍ୟମରେ ଏବଂ ଆମେ ସମସ୍ତେ ଯଦି ମା'ଙ୍କ ସନ୍ତାନ ତେବେ ଆମ ନିଜ ମଧ୍ୟରେ ସମ୍ପର୍କ କେବଳ ଭାଇ ଭଉଣୀ ବା ଭାଇ ଭାଇର; ଏହାଛଡ଼ା ତ ଅନ୍ୟ କିଛି ହେବା ସମ୍ଭବ ନୁହେଁ । ପୁଣି ପରିବାରରେ ଥିବା ଭାଇ ଭାଇ ବା ଭାଇ ଭଉଣୀର ସମ୍ପର୍କରେ କିଛି ସ୍ୱାର୍ଥ ଜଡ଼ିତ ଥାଇପାରେ । ମାତ୍ର ଆମ ଅନୁଷ୍ଠାନରେ ତା'ର ତ ସାମାନ୍ୟ ମଧ୍ୟ ସୂଚନା ନାହିଁ । ତଥାପି କାହିଁକି ଆମ ଭିତରେ ଏତେ ଅସଙ୍ଗତି । Friendship ସମ୍ପର୍କରେ ଗୋଟିଏ ବହି ପଢ଼ିଥିଲି, ସେଥିରେ ଉଲ୍ଲେଖ ଥିଲା – "How can we expect friends when we build walls instead of bridges ?" ଅର୍ଥାତ୍, ''ଆମେ ପୋଲ ନଗଢ଼ି ଯଦି ପାଚିରି ତିଆରି କରୁ ତେବେ ଆମେ ବନ୍ଧୁଟିଏ କିପରି ଆଶା କରିପାରିବା !''

ମାତ୍ର ଏସବୁ ସତ୍ତ୍ୱେ ହାରିଯିବା ବା ହଟିଯିବା ଆମ ଜାତକରେ ନାହିଁ । କାର୍ଯ୍ୟ ଆରମ୍ଭ ସମୟରେ ଯାହା ଥିଲା ଏବେ ଯଦି ତାହାଠାରୁ ଅଧିକ ସମସ୍ୟା, ତେବେ ମା'ଙ୍କ ଭାଷାରେ , ''... ସମସ୍ୟା ଯେତେ ଅଧିକ, ସମ୍ଭାବନା ମଧ୍ୟ ସେତେ ଅଧିକ ।'' ଯେଉଁମାନେ ସମସ୍ୟା ଭୋଗୁ ନାହାନ୍ତି ସେମାନେ ପ୍ରକୃତରେ ଶୋଇଛନ୍ତି । ମାତ୍ର ଆମନ୍ତ୍ରଣ କରି ସମସ୍ୟାକୁ ଡାକିଲେ ସେଠାରେ ସମ୍ଭାବନା ଆଦୌ ପ୍ରକାଶ ପାଇବ ନାହିଁ । ଆମକୁ ଖୁବ୍ ଆନନ୍ଦରେ ମା'ଙ୍କ ପ୍ରତି ପୂର୍ଣ୍ଣ କୃତଜ୍ଞତାର ସହିତ ସମସ୍ୟାଗୁଡ଼ିକୁ ଭେଟିଲେହିଁ ଆମ ଭିତରେ ସମ୍ଭାବନାଗୁଡ଼ିକ ପ୍ରକାଶ ପାଇବ । ଶ୍ରୀମା କୁହନ୍ତି – "Be grateful for all ordeals, they are the shortest way to the Divine."(MCW, Vol. 14, p. 225) ଅର୍ଥାତ୍, ''ତୁମ ଜୀବନର ସମସ୍ତ ଅସୁବିଧାଗୁଡ଼ିକ ପ୍ରତି କୃତଜ୍ଞ ରୁହ, କାରଣ ସେଗୁଡ଼ିକ ଭଗବାନଙ୍କ ନିକଟକୁ କ୍ଷୁଦ୍ରତମ ମାର୍ଗ ।'' ମାତ୍ର ଆମେ ସମସ୍ୟା ଭୋଗିବା ବେଳେ କୃତଜ୍ଞ ରହୁଛୁ ନା ଅଭିଯୋଗ କରୁଛୁ ? ନିଜର ମନୋଭାବରୁ ଆମେ ନିଜର ଅବସ୍ଥା ବୁଝି ପାରିବା ।

''ଜୀବନରେ ଯଦି ଭୋଗୁଅଛ କଷ୍ଟ
ଜାଣିଥାଅ ପ୍ରଭୁ ହେଲେଣି ନିକଟ ।''

ବାବାଜି ମହାରାଜଙ୍କର ଏ ସମ୍ପର୍କରେ ଏକ ଉକ୍ତିକୁ ଉଦ୍ଧାର କରୁଛି –

''ପୂର୍ଣ୍ଣାଙ୍ଗ ଶିକ୍ଷାର ଆଧାର ଅତିମାନସ ସତ୍ୟ; ଯେଉଁ ସତ୍ୟକୁ କ୍ରିୟାଶୀଳ କରାଇବା ସକାଶେ ଶ୍ରୀମାଶ୍ରୀଅରବିନ୍ଦ ପଣ୍ଡିଚେରୀରେ ଆଶ୍ରମ ଓ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା କରିଛନ୍ତି । ଏହି ଶିକ୍ଷାର ପ୍ରଣାଳୀ ହେଉଛି :

(୧) ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଶିକ୍ଷକମାନେ ହେବେ ସାଧକ । ସେମାନଙ୍କ ଜୀବନର ଲକ୍ଷ୍ୟ ହେବ ଅତିମାନସ ଶକ୍ତି ଦ୍ୱାରା ମନ, ପ୍ରାଣ, ଶରୀରର ଦିବ୍ୟ ତତ୍ତ୍ୱରେ ରୂପାନ୍ତର; ରୂପାନ୍ତରିତ ମନ, ପ୍ରାଣ, ଶରୀରରେ ଭଗବତ୍ ପ୍ରାପ୍ତି । ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ହେବା ହେବ ଲକ୍ଷ୍ୟ । ଆରମ୍ଭରେ ଏହା ପ୍ରାପ୍ତ ହେବ ନାହିଁ । ଏହି ଲକ୍ଷ୍ୟ ଆଡ଼କୁ ଗତି କରୁଥିବା ବ୍ୟକ୍ତି ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ହୋଇ ପାରିବେ ।

(୨) ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବ୍ୟବସ୍ଥାପକ ତଥା ସଞ୍ଚାଳକ ସେହିମାନେ ହେବେ ଯେଉଁମାନେ ଏହି ପୂର୍ଣ୍ଣାଙ୍ଗ ଶିକ୍ଷାରେ ପୂର୍ଣ୍ଣ ବିଶ୍ୱାସ ରଖିଥିବେ; ଏହା ପ୍ରତି ଥିବ ସେମାନଙ୍କର

ଆଗ୍ରହ, ଶ୍ରଦ୍ଧା, ବିଶ୍ୱାସ, ଉତ୍ସାହ ତଥା ତତ୍ପରତା । ଏହିସବୁ ଗୁଣ ନ ଥିବା ବ୍ୟକ୍ତି ସଞ୍ଚାଳକ ହେବା ଉଚିତ ନୁହେଁ ।

(୩) ଯେଉଁ ବାଳକ-ବାଳିକାମାନେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଅଧ୍ୟୟନ କରିବେ ସେମାନଙ୍କ ମାତାପିତା ଯଦି ଅତିମାନସ ସତ୍ୟ ତଥା ଉପସ୍ଥିତ ପରିସ୍ଥିତି, ଆଗାମୀ ଅତିମାନସ ସତ୍ୟଯୁଗ ସମ୍ବନ୍ଧେ ସଚେତନ ଥିବେ ତେବେ ବହୁତ ଉତ୍ତମ । ଅନ୍ୟଥା ଆଦର୍ଶବାନ୍ ହେବା ଏକାନ୍ତ ପ୍ରୟୋଜନ । ସେମାନେ ଘରେ କଳି କରିବେ ନାହିଁ, ରାଗହିଂସା କରିବେ ନାହିଁ, ସମସ୍ତ କାର୍ଯ୍ୟ ନିୟମିତ ଓ ଶୃଙ୍ଖଳିତ ଭାବେ କରିବେ । ପିଲାମାନଙ୍କୁ ମାରିବେ ନାହିଁ, ଗାଳି ଦେବେ ନାହିଁ । ସେମାନଙ୍କୁ ଉତ୍ତମ କାର୍ଯ୍ୟ କରିବା ସକାଶେ ବୁଝାଇ ଦେବେ । ଛାତ୍ରଛାତ୍ରୀମାନଙ୍କ ସଂସ୍କାର ଉପରେ ସ୍କୁଲରେ ଯେଉଁ ଆଦର୍ଶର ପ୍ରଭାବ ପଡ଼ିଥିବ, ଘରେ ମାତାପିତାଙ୍କର ବିପରୀତ ଆଚରଣଜନିତ ପ୍ରତିକୂଳ ପ୍ରଭାବ ସେସବୁକୁ ନଷ୍ଟ କରି ଦେବ । ସେ ସକାଶେ ମାତାପିତାମାନେ ପିଲାମାନଙ୍କ ପ୍ରତି ଉତ୍ତମ ଆଚରଣ କରିବା ଆବଶ୍ୟକ ।

ସଂସାରରେ ବର୍ତ୍ତମାନ ଯେଉଁ ବିଶୃଙ୍ଖଳା, ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର ତାହା ସମାଜନୀତି, ରାଜନୀତି ତଥା ଅନ୍ୟ କୌଣସି ଉପାୟରେ ଦୂର ହେବ ନାହିଁ । ଦୂର ହେବ ଅତିମାନସ ସତ୍ୟ ସଂସାରରେ ପ୍ରସାର ହେବା ଦ୍ୱାରା । ଏହି ସତ୍ୟ ପ୍ରସାରର ମାଧ୍ୟମ ହେବ ଭିନ୍ନ ଭିନ୍ନ ସ୍ଥାନରେ ଆଶ୍ରମ ଆଦର୍ଶରେ ସାଧନାକେନ୍ଦ୍ର ଏବଂ ଆଶ୍ରମ ଶିକ୍ଷାକେନ୍ଦ୍ର ଆଦର୍ଶରେ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା କରିବା ଦ୍ୱାରା । ଏହିସବୁ କାର୍ଯ୍ୟ ଯେତେ ଅଗ୍ରସର ହେବ, ଅତିମାନସ ସତ୍ୟକୁ ଯେତେ ଅଧିକ ବ୍ୟକ୍ତି ଗ୍ରହଣ କରିବେ ସେହି ଅନୁପାତରେ ସଂସାରରୁ ଦୁଃଖକଷ୍ଟ, ବିଶୃଙ୍ଖଳା, ମିଥ୍ୟାଚାର ଦୂର ହେଉଥିବ । ଯେତେବେଳେ ଏହି ସତ୍ୟ ପୂର୍ଣ୍ଣ ରୂପେ ପ୍ରତିଷ୍ଠିତ ହେବ ସେତେବେଳେ ଏହି ସଂସାର ସ୍ୱର୍ଗରେ ପରିଣତ ହେବ ।''

ମନେ ରଖନ୍ତୁ ଭାଇଭଉଣୀମାନେ, ଏହାକୁ ଜଣେ ଦ୍ରଷ୍ଟା ଲେଖିଛନ୍ତି । ଏହାକୁ ଆମେ ଶାସ୍ତ୍ର କହି ଆଖି ବୁଜି ଦେଇ ପାରିବା ନାହିଁ, କାରଣ ଯାହାଙ୍କ ପ୍ରେରଣାରେ ଓଡ଼ିଶାରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଆରମ୍ଭ ହୋଇଥିଲା ଏହା ହେଉଛି ତାଙ୍କର ନିଜସ୍ୱ ସିଦ୍ଧିର ପରିଣାମ; ଯାହା ସେ ଦେଖିଛନ୍ତି, ତାହାହିଁ ଲେଖିଛନ୍ତି । ଏହାଠାରୁ ସାମାନ୍ୟତମ ଊଣା କୌଣସିଥିରେ ଆମେ ସନ୍ତୁଷ୍ଟ ହେବା ସମ୍ଭବ ନୁହେଁ ।

ଲାଗିଥିବା, ପ୍ରତି ମୁହୂର୍ତ୍ତରେ ଲାଗି ରହିବା – ନିଜର ଆଦର୍ଶକୁ ବିସ୍ମରଣ ନହୋଇ, ଲକ୍ଷ୍ୟକୁ ଭୁଲି ନଯାଇ, ସଙ୍କଳ୍ପକୁ ପାଶୋରି ନ ପକାଇ – ପ୍ରତିଶ୍ରୁତିକୁ ସମ୍ମୁଖରେ ରଖି ଲାଗି ରହିଥିବା – ବିଳମ୍ବ ହୋଇପାରେ, ମାତ୍ର ସତ୍ୟର ବିଜୟ ସୁନିଶ୍ଚିତ ।

(ଏବେ ବି ମନେପଡ଼େ, ତୃତୀୟ ଭାଗ,
ପୃ. ୧୧୨-୧୧୮)

❑❑❑

## ଅନୁରୋଧ ପତ୍ର

ଶ୍ରୀଅରବିନ୍ଦ ଇଞ୍ଜିନିୟରସ୍ ଆସୋସିଏସନ୍, ଓଡ଼ିଶା, ଭୁବନେଶ୍ୱରସ୍ଥ ଖଣ୍ଡଗିରି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଥିବା ଅଫିସରୁ ସମ୍ପାଦକ ଶ୍ରୀ ରମେଶ ଚନ୍ଦ୍ର ସ୍ୱାଇଁ ଜଣାଇଛନ୍ତି ଯେ, ଏହି ଆସୋସିଏସନ୍ ଶ୍ରୀଅରବିନ୍ଦ ଶ୍ରୀମା'ଙ୍କ ପାଠଚକ୍ର, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଓ ଦେହାଂଶ କେନ୍ଦ୍ରର ନୂତନ କୋଠାଘର ତିଆରି ପାଇଁ ନକ୍ସା, ଡିଜାଇନ୍ ଓ ନିର୍ମାଣର ବୈଷୟିକ ସହାୟତା, ବିନା ପାରିଶ୍ରମିକରେ ପ୍ରାୟ ୨୫ ବର୍ଷ ହେଲା, ଆବଶ୍ୟକ କରୁଥିବା ଅନୁଷ୍ଠାନମାନଙ୍କୁ ଦେଇ ଆସୁଅଛି । ଯେଉଁ ଅନୁଷ୍ଠାନମାନେ ଏବେ କୋଠାବାଡ଼ି ତିଆରି କରିବାକୁ ଚାହୁଁଛନ୍ତି ଏବଂ ଅର୍ଥ ବ୍ୟବସ୍ଥା କରିଛନ୍ତି, ସେମାନେ ଏହି ଆସୋସିଏସନ୍‌ର ସମ୍ପାଦକଙ୍କୁ ତାଙ୍କ ଫୋନ୍ ନଂ. ୯୪୩୮୪୭୮୩୩୮ରେ ଯୋଗାଯୋଗ କରିବା ପରେ, ସମୟ ଧାର୍ଯ୍ୟ କରି ସାକ୍ଷାତ୍ କରିବା ପାଇଁ ଆସିବାକୁ ଅନୁରୋଧ ।

# ସ୍ୱୀକୃତିର ଯାଦୁ

## ମନୋଜ ଦାସ

[''**ବ୍ୟକ୍ତିତ୍ୱ ବିକାଶ ମାର୍ଗ : କିଞ୍ଚିତ୍ ଦିଗ୍‌ଦର୍ଶନ**'' – ପ୍ରଖ୍ୟାତ ସାହିତ୍ୟିକ ମନୋଜ ଦାସଙ୍କର ରଚନାର ଏକ ସଂକଳନ । କିଛି ବର୍ଷ ପୂର୍ବେ ପାକ୍ଷିକ ପତ୍ରିକା 'ପ୍ରତିନିଧି'ରେ ଏହି ସନ୍ଦର୍ଭମାଳା ପ୍ରକାଶିତ ହୋଇଥିଲା । ଏକଦା ଇଂରାଜୀ 'ହେରିଟେଜ୍', 'ଚନ୍ଦାମାମା' ସମେତ ଓଡ଼ିଆ 'ଦିଗନ୍ତ', 'ବିଜୟା' ପ୍ରମୁଖ ପତ୍ରପତ୍ରିକାରେ ଲେଖକଙ୍କ 'ଦେବପ୍ରିୟ' ଛଦ୍ମ ନାମରେ କେତେକ ସନ୍ଦର୍ଭ ପ୍ରକାଶିତ ହୋଇଥିଲା । ସେଥିରୁ କେତେକ ଏହି ସଂକଳନରେ ଅନ୍ତର୍ଭୁକ୍ତ କରାଯାଇଛି । ଏଥିରେ ସନ୍ନିବେଶିତ ମାର୍ଗଦର୍ଶକ ତଥା ସୁଖପାଠ୍ୟ ସନ୍ଦର୍ଭମାଳା ନିଶ୍ଚିତ ଭାବେ ତରୁଣ, ତରୁଣୀ ତଥା ବିଭିନ୍ନ ବର୍ଗ ଓ ବୟସର ପାଠକପାଠିକାମାନଙ୍କ ଦ୍ୱାରା ଆଦୃତ ହେବ ବୋଲି ହୃଦ୍‌ବୋଧ ହେଉଛି । ...

ଏହି ସଂକଳନଟିର ପ୍ରଥମ ମୁଦ୍ରଣ ୨୦୧୯ ମସିହାରେ । ଏହାର ସଂକଳକଙ୍କ ଟିପ୍ପଣୀରେ ଉଲ୍ଲେଖ ଅଛି, ''ତେବେ ଲେଖକଙ୍କର ଏକ ନିବେଦନ ରହିଛି । ଏସବୁ ମୁଖ୍ୟତଃ ସରଳ ମନସ୍ତତ୍ତ୍ୱ-ଭିତ୍ତିକ ରଚନା । ଜୀବନରେ ଲେଖକ ସହଜରେ ବର୍ଜନୀୟ ଯେଉଁ ସମସ୍ତ ଦୁର୍ବଳତା ନିଜ ଭିତରେ ତଥା ବହୁ ବ୍ୟକ୍ତିଙ୍କ ଭିତରେ ରହିଥିବା ଲକ୍ଷ୍ୟ କରିଛନ୍ତି, ଟିକିଏ ସଚେତନ ହେଲେ ତରୁଣ ତରୁଣୀମାନେ ସେସବୁର ଉର୍ଦ୍ଧ୍ୱକୁ ଯାଇପାରିବେ ବୋଲି ତାଙ୍କର ବିଶ୍ୱାସ । ନିଜ ନାମରେ ଏସବୁ ପ୍ରକାଶ କରିବା ନିମନ୍ତେ ତାଙ୍କ ସଂକୋଚର ହେତୁ ହେଲା ପାଠକମାନେ ହୁଏତ ମନେ କରିବେ ଲେଖକ ଏ ସମସ୍ତ ଦୁର୍ବଳତା ଉପରେ ବିଜୟ ଲାଭ କରିଛନ୍ତି । କିନ୍ତୁ ତାହା ନୁହେଁ । ସେ ପର୍ଯ୍ୟବେକ୍ଷକ ଏବଂ ଶୁଭେଚ୍ଛୁ ମାତ୍ର ।''

'**ସ୍ୱୀକୃତିର ଯାଦୁ**' ଏହି ସନ୍ଦର୍ଭମାଳା ଅନ୍ତର୍ଭୁକ୍ତ ଏକ ହୃଦୟଗ୍ରାହୀ ଶିକ୍ଷଣୀୟ ରଚନା ।]

ସୁଧୀର ବାବୁ ଯେ ତାଙ୍କ ସହରରେ ଖାଲି ଜଣେ ଗଣ୍ୟମାନ୍ୟ ବ୍ୟକ୍ତି ଥିଲେ ସେତିକି ନୁହେଁ, ସେ ବଦାନ୍ୟ ଏବଂ ଉଦାର ପ୍ରକୃତିର ଭଦ୍ରଲୋକ ବୋଲି ମଧ୍ୟ ସମସ୍ତେ ସ୍ୱୀକାର କରୁଥିଲେ । ବ୍ୟବସାୟରେ ସେ ଥିଲେ ଜଣେ ସଫଳ ଓକିଲ । ଅବିବାହିତ ।

ମାତ୍ର ବାର ବର୍ଷ ବୟସରେ ତାଙ୍କ ଘରେ ଚାକର ପିଲାଟିଏ ଭାବରେ ଯୋଗ ଦେଇଥିଲା ମଥୁରାନନ୍ଦ । ବର୍ତ୍ତମାନ ତାକୁ ହେଲାଣି ଚାଳିଶ ବର୍ଷ । ସୁଧୀରବାବୁଙ୍କର ସବୁ ବନ୍ଧୁବାନ୍ଧବ, ପାତ୍ରମିତ୍ର ମଥୁରାକୁ ଜାଣନ୍ତି, ତାକୁ ଭଲ ପାଆନ୍ତି, ତା'ର ବ୍ୟବହାର ଖୁବ୍ ଭଲ ।

ସୁଧାକର ବାବୁ ସୁଧୀର ବାବୁଙ୍କ ସମବୟସୀ ଏବଂ ଘନିଷ୍ଠ ବନ୍ଧୁ । ଦିନେ ସୁଧୀରବାବୁ କୌଣସି କାମରେ ମଥୁରାକୁ ସୁଧାକରଙ୍କ ଘରକୁ ପଠାଇ ଦେଲେ । ମଥୁରା ସେ କାମଟି ପରେ ସୁଧାକରଙ୍କୁ ଏକୁଟିଆ ପାଇ କହିଲା, ''ବାବୁ, ମୋତେ ଆଉ କେଉଁଠାରେ ଗୋଟାଏ କାମରେ ଲଗାଇ ଦିଅନ୍ତୁ ।''

ସୁଧାକରଙ୍କ ବିସ୍ମୟର ସୀମା ରହିଲା ନାହିଁ । ସେ ପଚାରିଲେ, ''ତୁ କହୁଛୁ କ'ଣ ? ସେଠି କ'ଣ ତୋ' ସହ କେହି ଖରାପ ବ୍ୟବହାର କରୁଛି ?''

''ନାହିଁ ଆଜ୍ଞା ।''

''ଦରମା ବଢ଼ାଉ ନାହାନ୍ତି ?''

''ସେ କଥା ନୁହେଁ ଆଜ୍ଞା, ମୋ ଦରମା ପ୍ରତି ଦୁଇ ବର୍ଷରେ ବଢ଼ାଇଛନ୍ତି । ବର୍ତ୍ତମାନ ମୁଁ ଯାହା ପାଉଛି ତାହା ମନ୍ତ୍ରୀମାନଙ୍କ ଘରେ ଖଟୁଥିବା ଚାକରବାକରଙ୍କଠାରୁ କମ୍ ନୁହେଁ, ବରଂ ଅଧିକ ।''

''ତୋ ଉପରେ ବାବୁ କୌଣସି କାରଣରୁ ଖପ୍ପା ହୋଇଛନ୍ତି ?'' ମଥୁରାନନ୍ଦ ଜିଭ କାମୁଡ଼ି ପକାଇଲା । ''ନାହିଁ ଆଜ୍ଞା ନାହିଁ । ସେ କ'ଣ କାହାରି ଉପରେ ଖପ୍ପା ହୁଅନ୍ତି ?''

''ତେବେ ?''

ମଥୁରାନନ୍ଦ ନିଜେ ବଡ଼ ସମସ୍ୟାରେ ପଡ଼ିଲା ଭଳି ଦେଖାଗଲା । ସୁଧାକର ବାବୁ କହିଲେ, ''ବ୍ୟସ୍ତ ହେବାର ନାହିଁ । ତୁ ଟିକିଏ ଭାବି କରି ମୋତେ କାରଣ କହ, କାହିଁକି ସେ ଘର ଛାଡ଼ି ଆଉ କୁଆଡ଼େ ଯିବାକୁ ମନ କରୁଛୁ !''

ମଥୁରା ବସିପଡ଼ି ଦୁଇ ଆଣ୍ଠୁ ଉପରେ ଚିବୁକ ଥାପି ରହିଲା । ତା'ପରେ କହିଲା, ''ମୁଁ ସବୁଦିନ ସାରା ଘର ପରିଷ୍କାର କରେ । ଟିକିଏ ମଧ୍ୟ ମଇଳା ମୁଁ ସହିପାରେ ନାହିଁ ।''

''ଭଲ କଥା ।''

''ମୁଁ ବାବୁଙ୍କର ଲୁଗାପଟା ସବୁ ଏମିତି ଭାବରେ ସଜାଇ ରଖେଁ ଯେ ତାଙ୍କୁ ପ୍ରସ୍ତୁତ ହେବାକୁ ମୋଟେ ସମୟ ଲାଗେ ନାହିଁ ।''

''ବେଶ୍ ।''

''ମୁଁ କୌଣସି କାମରେ କେବେ ତ୍ରୁଟି କରି ନାହିଁ ।''

''ବେଶ୍ । ବାବୁ ମଧ୍ୟ ତୋତେ ଦରମା ଦେବାରେ, ଦରମା ବଢ଼ାଇବାରେ ତ୍ରୁଟି କରି ନାହାନ୍ତି ।''

''ଖାଲି ସେତିକି ? ମୋର ଆବଶ୍ୟକତାଠାରୁ ଅଧିକ ଲୁଗାପଟା ମୋତେ ଦେଇଛନ୍ତି । ସିଏ ଯାହା ଖାଆନ୍ତି, ମୋତେ ତାହା ମିଳେ ।''

''ତୁ ମୋତେ ମହାସମସ୍ୟାରେ ପକାଇଲୁ । ଏସବୁ ସତ୍ତ୍ୱେ ତୁ କାମ ଛାଡ଼ିବୁ କାହିଁକି ?'' ସୁଧାକର ବାବୁ ପ୍ରକୃତ ବିସ୍ମୟଭରେ ପଚାରିଲେ ।

ମଥୁରାନନ୍ଦ କିଛି ସମୟ ଚୁପ୍ ରହିଲା । ସତେ ଯେପରି ସେ ନିଜେ ବିସ୍ମିତ ହୋଇ ଉତ୍ତର ଖୋଜୁଥିଲା ।

ଅବଶେଷରେ ସେ କହିଲା, ''ଆଜ୍ଞା, ସବୁ ଭଲ । କିନ୍ତୁ ତିରିଶବର୍ଷ ଭିତରେ ବାବୁ ଦିନେ ବି କହି ନାହାନ୍ତି, ଆରେ ମଥୁରା, ତୁ ବେଶ୍ ଭଲ ଭାବରେ ପରିଷ୍କାର କରିଛୁ, କିଂବା ତୁ ଅମୁକ କାମଟି ଠିକ୍ କରିଛୁ । ଠିକ୍ ଠିକ୍ ସଉଦା କରିଛୁ ।''

ସୁଧାକର ବାବୁ ସେଦିନ ବୁଝିଲେ, ମଣିଷ ଖାଲି ଖାଇ ପିଇ ଭଲ ପିନ୍ଧିବାର ସୁଯୋଗ ପାଇଲେ ସନ୍ତୁଷ୍ଟ ହୋଇ ଯାଏନା । ତା'ର ଅନ୍ୟାନ୍ୟ ଚାହିଦା ରହିଛି । ସେ ସ୍ୱୀକୃତି ଚାହେଁ ।

(ସୁଧାକର ବାବୁ ଅବଶ୍ୟ ସୁଧୀର ବାବୁଙ୍କୁ ସଚେତନ କରିଦେଲେ ଏବଂ ପରିସ୍ଥିତି ବଦଳିଗଲା । ମଥୁରା ଅନ୍ୟ କୁଆଡ଼େ ଯିବାକୁ ମନ ବଳାଇଲା ନାହିଁ ।)

ଅନ୍ୟର ସୁଗୁଣ ବା କୃତିତ୍ୱକୁ ସ୍ୱୀକାର କରିବାରେ, ତା'କୁ ସେ ପାଇଁ ଉତ୍ସାହ ଦେବାରେ ସଚ୍ଚା ଆନନ୍ଦ ଥାଏ । ଯିଏ ସ୍ୱୀକୃତି ପାଏ, ସିଏ ତ ଉତ୍ସାହ ଅନୁଭବ କରିବା ସ୍ୱାଭାବିକ । କିନ୍ତୁ ଯିଏ ସ୍ୱୀକୃତି ଦିଏ, ନିଜ ଅଜାଣତରେ ତା'ର ଚେତନାରେ ଆସେ ଉଦାରତା । ଉଚ୍ଚ ମନସ୍ତତ୍ତ୍ୱରେ ଏହା ଏକ ନିୟମ; ଆମେ ଯେଉଁ ଗୁଣକୁ ଉତ୍ସାହ ଦେବା, ସେ ଗୁଣ ଅଥବା ସେ ଗୁଣର ସମ୍ଭାବନା ବଳେ ବଳେ ଆମ ଭିତରେ ବିକଶିତ ହେବ ।

ମହତ୍ ମଣିଷହିଁ ଅନ୍ୟର ମହତ୍ତ୍ୱକୁ ଅଭିନନ୍ଦନ ଜଣାଏ ଏବଂ ମହତ୍ତ୍ୱକୁ ଆଦର କରିବା ଫଳରେ ଆମ ନିଜ ଭିତରେ ମହତ୍ତ୍ୱ ହୁଏ ବିକଶିତ । ଅବଶ୍ୟ ଯେଉଁମାନେ ତୁଚ୍ଛା ଛଳନା-ସର୍ବସ୍ୱ ମଣିଷ, ସେମାନଙ୍କ କଥା ଅଲଗା ।

(ବ୍ୟକ୍ତିତ୍ୱ ବିକାଶ ମାର୍ଗ : କିଞ୍ଚିତ୍ ଦିଗ୍‌ଦର୍ଶନରୁ ସଂଗୃହୀତ, ପୃ. ୬୯-୭୨)

❑❑❑

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି, ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:

**donations.sriaurobindoashram.org**

Donations to Sri Aurobindo Ashram Trust

ସହାୟତାରେ ପ୍ରଣାମୀ ଦାଖଲ କରି ପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।

ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା **Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।

ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ ଫୋନ୍ (୦୪୧୩-୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

— ନବଜ୍ୟୋତି କାର୍ଯ୍ୟାଳୟ

# ସୁନିଲ-ଦା'
## (୫)

୧୯୪୨ ମସିହାର ଏପ୍ରିଲ ଦର୍ଶନକୁ ଆସି ସୁନିଲ ପନ୍ଦର ଦିନ ଆଶ୍ରମରେ ରହି ପୁଣି କଲିକତାକୁ ଫେରି ଯାଇଥିଲେ । ଦୁଇ ମାସ ପରେ ପରିସ୍ଥିତି ଏପରି ଉପୁଜିଲା ଯେ ସେ ଅନନ୍ୟୋପାୟ ହୋଇ ପୁଣି ଆଶ୍ରମକୁ ଫେରି ଆସିଲେ । ଏଥର କିନ୍ତୁ ତାଙ୍କ ସହିତ ଥିଲେ ତାଙ୍କ ମାଆ, ଅଗ୍ରଜ ଅନିଲ ଓ ତାଙ୍କ ସ୍ତ୍ରୀ ବ୍ରତତୀ (ଡାକ ନାମ ମିଲି) ଓ ତିନି ବର୍ଷର କନ୍ୟା ଝୁମୁର (ଜନ୍ମ : ନଭେମ୍ବର ୧୯୩୯) ଏବଂ ବିଧବା ଭଉଣୀ ମିନିଙ୍କ ସହ ତାଙ୍କ କନ୍ୟା ଚମ୍ (ଜନ୍ମ : ମେ, ୧୯୩୯) ।

ମିନି କଲିକତାର ଗାଙ୍ଗୁଲି ପରିବାରର କୁଳବଧୂ ଥିଲେ । ଏହି ପରିବାରରେ ଥିଲେ ଛଅ ଭାଇ ଓ ଦୁଇ ଭଉଣୀ । ମିନିଙ୍କ ସ୍ୱାମୀଙ୍କର ହାର୍ଣ୍ଣିଆ ଓ ଆପେଣ୍ଡିସାଇଟିସ୍‌ର ଅସ୍ତ୍ରୋପଚାର ପରେ ଶଲ୍ୟ ଚିକିତ୍ସକଙ୍କ କିଞ୍ଚିତ୍ ଅମନୋଯୋଗିତା ହେତୁ ରୋଗୀଙ୍କର କ୍ଷତଟି ବେଶ୍ ବିଷାକ୍ତ ହୋଇଯାଇଥିଲା । ଅବଶେଷରେ ତାଙ୍କର ଅକାଳ ମୃତ୍ୟୁ ଘଟିଥିଲା । ସମଗ୍ର ପରିବାରଟି ଶ୍ରୀମା-ଶ୍ରୀଅରବିନ୍ଦଙ୍କର ଭକ୍ତ ଥିଲେ । ପରେ ତନ୍ମଧ୍ୟରୁ ତିନି ଭାଇ (ଅମିୟ, କନକ ଓ ରବି) ଏବଂ ଦୁଇ ଭଉଣୀ (ଗୌରୀ ଓ ଛବି) ଆଶ୍ରମରେ ସମଗ୍ର ଜୀବନ ବିତାଇଥିଲେ । ଏବଂ ପରେ ସୁନିଲ ଓ ଗୌରୀ ବିବାହ କରିଥିଲେ ତଥା ଶ୍ରୀମା'ଙ୍କର ଅନୁମତି କ୍ରମେ ଦୁହେଁ ଆଶ୍ରମରେ ରହି ସାଧକୋଚିତ ଜୀବନ ବିତାଇଥିଲେ । ଶ୍ରୀମା ଏହି ଦୁଇ ପରିବାରକୁ ଏକ ବିଶାଳ ବାସଭବନରେ ଏକତ୍ର ରହିବାର ବନ୍ଦୋବସ୍ତ କରିଦେଇ ଥିଲେ । ଏବେ କେବଳ ଝୁମୁର ସେହି ସମାନ ବାସଭବନରେ ବାସ କରୁଛନ୍ତି ଏବଂ ଆଶ୍ରମର ବିଭିନ୍ନ ବିଭାଗ ଏହାରି ଭିତରେହିଁ ରହିଛି ।

ସେ ଯାହାହେଉ ସୁନିଲ ଦ୍ୱିତୀୟ ଥର ଆଶ୍ରମକୁ ଆସି ପ୍ରାୟ ବର୍ଷେ କାଳ ରହିଥିଲେ । ଅନିଲ ମିଲିଟାରୀ ଚାକିରିରେ ରହିଥିବାରୁ କର୍ମକ୍ଷେତ୍ରକୁ ଫେରି ଯାଇଥିଲେ । ତେଣୁ ସମଗ୍ର ପରିବାରର ଅଭିଭାବକ ସ୍ୱରୂପ ସୁନିଲଙ୍କୁ ଦେଖାଶୁଣା କରିବାକୁ ହେଉଥିଲା । ଆଶ୍ରମରେ ସ୍ଥାୟୀ ହୋଇ ରହିବା ସମୟରେ ସୁନିଲ ତଥାପି ସିଦ୍ଧାନ୍ତ ନେଇପାରି ନଥିଲେ ଯେ ସମଗ୍ର ଜୀବନଟି ସେ ଆଶ୍ରମରେ ବିତାଇବେ ବୋଲି । ସେ ସେତେବେଳେ କଲେଜରୁ କେମିଷ୍ଟ୍ରୀରେ ଅନର୍ସ ସହିତ ସ୍ନାତକ ଉପାଧି ଲାଭ କରିଥିଲେ ଏବଂ ବ୍ରିଟିଶ-ଭାରତରେ ଆଇ.ସି.ଏସ୍.ରେ ଯୋଗ ଦେବା ଲାଗି ପ୍ରବେଶିକା ପରୀକ୍ଷା ନିମିତ୍ତ ପ୍ରସ୍ତୁତ ହେଉଥିଲେ ।

ଇତିମଧ୍ୟରେ ୧୯୪୩ ମସିହାର ଡିସେମ୍ବର ମାସରେ ଆଶ୍ରମ ସ୍କୁଲର ଶୁଭାରମ୍ଭ ହେଲା । ଇତିପୂର୍ବରୁ ସୁନିଲ ଆଶ୍ରମର ଫୁଟବଲ ଟିମ୍‌ରେ କ୍ୟାପଟେନ୍ ହୋଇ ଏହି ଟିମ୍‌କୁ ଏକ ଆଦର୍ଶ-ସ୍ଥାନୀୟ ରୂପ ଦେଇ ସାରିଥିଲେ । ବର୍ତ୍ତମାନ ସ୍କୁଲ ଆରମ୍ଭ ହେବାରୁ ଶ୍ରୀମା ସୁନିଲଙ୍କୁ ଏଥିରେ ଶିକ୍ଷକତା କରିବାର ଦାୟିତ୍ୱ ନ୍ୟସ୍ତ କରିଥିଲେ । ସୁନିଲ ଥିଲେ ଆଶ୍ରମ ସ୍କୁଲର ପ୍ରଥମ ପିଢ଼ିର ମାନ୍ୟଗଣ୍ୟ ଶିକ୍ଷକଗଣଙ୍କ ମଧ୍ୟରେ ଅନ୍ୟତମ ଏବଂ ଅତ୍ୟନ୍ତ ଉଚ୍ଚକୋଟୀର ଶିକ୍ଷକ ହିସାବରେ ତାଙ୍କର ଦକ୍ଷତା ମଧ୍ୟ ଥିଲା ।

ବର୍ତ୍ତମାନ ସୁନିଲଙ୍କର ଆଇ.ସି.ଏସ୍. ନିମିତ୍ତ ପଢ଼ାପଢ଼ିର ଏକାଗ୍ରତାରେ ବେଶ୍ ବାଧା ଉପୁଜିବା ସ୍ୱାଭାବିକ । ତେଣୁ କେତେକ ମାତ୍ରାରେ ଦୋଦୁଲ୍ୟମାନ ଓ ଅବସାଦଗ୍ରସ୍ତ ହୋଇ ଅବଶେଷରେ ଶ୍ରୀମା'ଙ୍କୁ ନିଜର ଆନ୍ତର ସ୍ଥିତି କଥା ଜଣାଇଛନ୍ତି :

''ମା, ଗତକାଲି ମୁଁ ଆଉ ଗୋଟିଏ ଅପ୍ରୀତିକର ଖବର ଜାଣିଲି । ଡଃ. ଇନ୍ଦ୍ରସେନ୍ ମୋତେ କହିଲେ ଯେ ଦିଲ୍ଲୀ ଗଭର୍ଣ୍ଣମେଣ୍ଟ୍ ଘୋଷଣା କରିଛନ୍ତି ଯେ ଆଇ.ସି.ଏସ୍.ରେ ଯୋଗ ଦେବା ନିମିତ୍ତ ଏବେଠୁ ଆଉ ପ୍ରତିଯୋଗିତାମୂଳକ ପରୀକ୍ଷା ହେବ ନାହିଁ; ଭବିଷ୍ୟତରେ ଏଥିରେ ନିଯୁକ୍ତି ନିମିତ୍ତ ନିର୍ଧାର୍ଯ୍ୟ ପାଠ୍ୟକର୍ମ ଅଧ୍ୟୟନପୂର୍ବକ ମନୋନୟନ ପତ୍ର (nomination letter) ଦାଖଲ କରାଯାଇ ପାରିବ । ଏବଂ ଏଥିସକାଶେ ବମ୍ବେର ଏକ କଲେଜ ସହିତ ପତ୍ର ବିନିମୟ ମାଧ୍ୟମରେ ଅଧ୍ୟୟନ (correspondence) କରିହେବ । ମୁଁ ତ ଇତିପୂର୍ବରୁ ସେହି କଲେଜକୁ ୩୫୦ଟଙ୍କା ପଠାଇ ଦେଇଥିଲି । ମା, ତୁମେ ନିଶ୍ଚୟ ବୁଝି ପାରୁଥିବ ଏଥିନିମିତ୍ତ ଆଶ୍ରମରେ ତୁମରି ପ୍ରଦତ୍ତ କାର୍ଯ୍ୟରେ ଏହା ବେଶ୍ ଅସୁବିଧା ଘଟାଇବ । ଏବେ ମୁଁ କ'ଣ କରିବି ?

ତୁମର ଶ୍ରୀପାଦପଦ୍ମରେ ମୋର କୋଟି କୋଟି ପ୍ରଣାମ ।

ତୁମର ସ୍ନେହାଧୀନ ସନ୍ତାନ

ସୁନିଲ''

ଶ୍ରୀମା'ଙ୍କର ଉତ୍ତର :

''ପଢ଼ାପଢ଼ି ଚାଲୁ ରଖ ଏବଂ ପରେ ଏ ବିଷୟରେ ଆମେ ଭାବିବା । ମୁଁ ଭାବୁଛି ଏ ପରିସ୍ଥିତିରେ ତୁମ ସକାଶେ ଅଧିକତର ବାଞ୍ଛନୀୟ ହେବ ପୂର୍ବବତ୍ ତୁମେ ଯେମିତି ନିୟମିତ ମୋତେ ପ୍ରଣାମ ନିବେଦନ କରିବାକୁ ଆସୁଥିଲ ସେମିତି ଅଭ୍ୟାସ ବଜାୟ ରଖ ଏବଂ ଉପରୋକ୍ତ ସମସ୍ୟାଟିକୁ ମୋତେ ଅର୍ପଣ କରିଦିଅ, ମୁଁ ତା' ଦେଖିବି । ମୁଁ ଚାହେଁ ତୁମେ ଯେମିତି ପ୍ରଣାମ ପରେ ବିମର୍ଷ ହୋଇ ମୋଠାରୁ ବିଦାୟ ନ ନିଅ ।

ମୋର ଆଶୀର୍ବାଦ ସହ

ଶ୍ରୀମା''

ପରେ ପରିସ୍ଥିତି ଏମିତି ଘଟିଲା ଯେ ସୁନିଲଙ୍କର ଅନ୍ତରର ଉନ୍ମେଷିତ କ୍ଷୀଣ ଆକାଙ୍କ୍ଷାରୁ ସେ ମୁକ୍ତ ହୋଇ ଉଠିଛନ୍ତି । ସେ ସର୍ବାନ୍ତଃକରଣରେ ଏହା ଶ୍ରୀମା'ଙ୍କର ତାଙ୍କ ପ୍ରତି ଅହୈତୁକୀ କୃପା ବୋଲି ହୃଦୟଙ୍ଗମ କରିଛନ୍ତି ।

*

ଏବେ ବାଚୀଙ୍କ ଉକ୍ତିରୁ : ''ସୁନିଲ-ଦା'ଙ୍କର ସମଗ୍ର ଶିକ୍ଷକତା କାଳରେ ଆମେ କେବେ ବି କଳ୍ପନାରେ ଆଣି ପାରୁ ନଥିଲୁ ଯେ ସେ ଆମମାନଙ୍କୁ କ୍ଲାସରେ ବସି ପଢ଼ାଉଛନ୍ତି ବୋଲି । ଆମେମାନେ ହୁଏତ ପଠିତ ବିଷୟବସ୍ତୁରେ ଭଲ ଭାବରେ ଜ୍ଞାନ ଆହରଣ କରୁଥିଲୁ ବା ଆଦୌ ଭେଦି ପାରୁ ନଥିଲୁ; କିନ୍ତୁ ସେ ଆମମାନଙ୍କୁ ପଠିତ ବିଷୟବସ୍ତୁ ମଧ୍ୟରେ ସମ୍ପୂର୍ଣ୍ଣ ଭିଜାଇ ଦେଇ ପାରୁଥିଲେ । ବିଶେଷ କରି ଆମେମାନେ ଯେତେବେଳେ ଛୋଟ ଥିଲୁ, ତଳ ଶ୍ରେଣୀର ବିଦ୍ୟାର୍ଥୀ ଥିଲୁ, ସେ ଆମମାନଙ୍କୁ ଏକ ଅତୁଳନୀୟ ଧାରାରେ ଚିହ୍ନଟ କରି ରଖୁଥିଲେ ଏବଂ ଏହି ଧାରାଟିରେ ପ୍ରତିଯୋଗିତାମୂଳକ ହସକୌତୁକ ଓ ଖେଳ ମନୋବୃତ୍ତିର ଏକ ମୌଳିକ ଉପାଦାନ ଥିଲା । ସେହି ନିଆରା ଧାରାଟିର ଧରଣ ନିମ୍ନମତେ ଥିଲା — ଆମେ ପ୍ରତିଦିନ ଶ୍ରେଣୀ କକ୍ଷରେ ପ୍ରବେଶ କରି ଶୃଙ୍ଖଳାରେ ବସିଯାଉଥିଲୁ । ଅର୍ଥାତ୍, ୧,୨,୩, ... କ୍ରମରେ । (କୌଣସି ଛାତ୍ରର ସ୍ଥାନ ନିର୍ଦ୍ଦିଷ୍ଟ ନଥିଲା, କିନ୍ତୁ ଶୃଙ୍ଖଳାରେ ବସୁଥିଲୁ ।) ସୁନିଲ-ଦା' ଶ୍ରେଣୀ-କକ୍ଷକୁ ପ୍ରବେଶ କରି ନିଜ ସ୍ଥାନରେ ବସିବା ପରେ ସେଦିନ ହୁଏତ ୨ନମ୍ବର ଛାତ୍ରକୁ ଏକ ପ୍ରଶ୍ନ ପଚାରିଲେ । ପିଲାଟି ଯଦି ଯଥାର୍ଥ ଉତ୍ତର ଦେଇ ଦେଲା, ତେବେ ସେଦିନ ପ୍ରତ୍ୟେକ ଛାତ୍ର ନିଜ ନିଜ ସ୍ଥାନରେ ବସି ରହିଲେ । କିନ୍ତୁ ସେ ଯଦି ଯଥାର୍ଥ ଉତ୍ତର ଦେଇ ନ ପାରିଲା, ତେବେ ସୁନିଲ-ଦା' ୩ ନମ୍ବର ଛାତ୍ରକୁ ଉତ୍ତର ଦେବା ପାଇଁ କହିବେ । ତୃତୀୟ ପିଲାଟି ମଧ୍ୟ ଠିକ୍ ଉତ୍ତର ଦେଇ ପାରିଲା ନାହିଁ, ତେବେ ୪ନମ୍ବର ଛାତ୍ରକୁ ପଚାରିବେ — ସେ ହୁଏତ ଠିକ୍ ଉତ୍ତର ଦେଲା । ତେବେ ୪ନଂ. ଛାତ୍ରଟି ଯାଇ ୨ନଂ. ଛାତ୍ରଟି ଜାଗାରେ ବସିବ ଏବଂ ୨ନଂ. ଛାତ୍ରଟି ୩ନଂ.କୁ ଆସିବ ଏବଂ ୩ନଂ.ଟି ୪ନଂ.କୁ ଆସି ବସିବ । ଯଦି ୩, ୪ ଓ ୫ ନମ୍ବର ଛାତ୍ରମାନେ ଠିକ୍ ଉତ୍ତର ଦେଇପାରିଲେ ନାହିଁ କେବଳ ୬ ନମ୍ବର ଛାତ୍ରଟି ଠିକ୍ ଉତ୍ତର ଦେଲା ତେବେ ସେ ୨ ନମ୍ବରକୁ ଆସିବ ଏବଂ ୨ନମ୍ବର ୩କୁ, ୩ ନମ୍ବର ୪ କୁ, ୪ ନମ୍ବର ୫କୁ ଏବଂ ୫ ନମ୍ବର ୬ କୁ ଆସି ବସିବ । ସେଦିନ ସବାଶେଷରେ ବସିଥିବା ଛାତ୍ରଟି ନିଜ ସ୍ଥାନରେ ବସି ରହିବାରେ ଆତ୍ମସନ୍ତୁଷ୍ଟ ହୋଇ ହୁଏତ ଯଥାର୍ଥ ଜ୍ଞାନ ଆହରଣ କରିବାରେ ସମର୍ଥ ହୋଇ ପାରୁଥିଲା, ନଚେତ୍ ଅମନୋଯୋଗୀ ହୋଇ ଶ୍ରେଣୀରେ ବୃଥା ସମୟ ନଷ୍ଟ କରିବାରେ ବି ବେଶ୍ କୃତକାର୍ଯ୍ୟ ହୋଇ ପାରୁଥିଲା । ...

''ସୁନିଲ-ଦା' ଆମମାନଙ୍କୁ ଏକାଧିକ ବିଷୟରେ ପଢ଼ାଉଥିଲେ — ଗଣିତ ଶାସ୍ତ୍ର, ଉଦ୍ଭିଦ ବିଜ୍ଞାନ, ପ୍ରାଣୀ ବିଜ୍ଞାନ, ଭୂତତ୍ତ୍ୱ ବିଜ୍ଞାନ, ଭୌତିକ ବିଜ୍ଞାନ (ଭୂଗୋଳ), ଜ୍ୟୋତିଷ-ଶାସ୍ତ୍ର ଏବଂ ସର୍ବୋପରି ଆମମାନଙ୍କ ମଧ୍ୟରୁ ଆଗ୍ରହୀ ଛାତ୍ରଙ୍କୁ ସେ ଉନ୍ନତ ଧାରାରେ ଫୁଟବଲ ଖେଳ ମଧ୍ୟ ଶିକ୍ଷା ଦେଉଥିଲେ । ଏବଂ ମୁଁ ଏକଥା ବି ନିଶ୍ଚିତ ରୂପେ କହିପାରେ ଯେ ଯଦି ସେ ଚାହିଁଥା'ନ୍ତେ ତେବେ ଆମମାନଙ୍କ ମଧ୍ୟରୁ କତିପୟ ଆଗ୍ରହୀ ଛାତ୍ରଛାତ୍ରୀଙ୍କୁ ଯନ୍ତ୍ର-ସଙ୍ଗୀତ ମଧ୍ୟ ଶିକ୍ଷା ଦେଇ ପାରିଥା'ନ୍ତେ । ମୋର ବେଶ୍ ପ୍ରତୀୟମାନ ହୋଇଥିଲା ଯେ ଯେମିତି ପ୍ରତିଟି ଶିକ୍ଷଣୀୟ ବିଷୟରେ ତାଙ୍କର ନିପୁଣତା ତାଙ୍କର ଆଙ୍ଗୁଠି ଟିପରେ ବିଦ୍ୟମାନ ଥିଲା ।

''ଶ୍ରେଣୀରେ ସେ କ୍ୱଚିତ୍ ପାଠ୍ୟପୁସ୍ତକ ଆବଶ୍ୟକ କରୁଥିଲେ ଏବଂ ତାଙ୍କର ଏହି ସ୍ୱତନ୍ତ୍ର ଧାରା ଯୋଗୁଁ ତାଙ୍କ ଶ୍ରେଣୀଟି ଅଧିକ ଆଗ୍ରହୋଦ୍ଦୀପକ ହୋଇ ଉଠୁଥିଲା । ପାଠ୍ୟ-ପୁସ୍ତକଟିର ବିଷୟବସ୍ତୁକୁ ପୃଷ୍ଠଭୂମିରେ ରଖି ସେ ଆମମାନଙ୍କୁ ଧୀର ଓ ମନ୍ଥର ଧାରାରେ ଆଲୋଚନାପୂର୍ବକ ପରୋକ୍ଷ ଭାବରେ ସେହି ବିଷୟଟିରେ ସବିଶେଷ ତଥ୍ୟସବୁରେ ପରିଚିତ କରାଇ ଦେଉଥିଲେ ।

''ଆଶ୍ରମ ସ୍କୁଲର ବିଜ୍ଞାନ ବିଭାଗର ପରୀକ୍ଷାଗାର (laboratory) ନିର୍ମିତ ହେବା ପୂର୍ବରୁ ସୁନିଲ-ଦା' ଆମମାନଙ୍କୁ ଉଦ୍ଭିଦ ବିଜ୍ଞାନର ପ୍ରାୟୋଗିକ ତଥ୍ୟସବୁରେ ପରିଚୟ କରାଇବା ସକାଶେ ନିଜ ବାସଭବନରେ ଶିକ୍ଷା ଦେବାର ବନ୍ଦୋବସ୍ତ କରିଥିଲେ (practical class)। ...

''ଆମେ ତାଙ୍କରି ବାସଭବନରେହିଁ ପ୍ରଥମେ ମାଇକ୍ରୋସ୍କୋପ୍ ଯନ୍ତ୍ର ଦେଖିଥିଲୁ ଏବଂ ଏହି ଯନ୍ତ୍ର ମାଧ୍ୟମରେ ଫୁଲସବୁର ଆଭ୍ୟନ୍ତରୀଣ କ୍ରିୟାଧାରା ସମ୍ବନ୍ଧେ ଜ୍ଞାନ ଲାଭ କରିଥିଲୁ। ତାଙ୍କରି ସୁଚିନ୍ତିତ ପରିକଳ୍ପନାର ସହାୟତାରେ ଆମେ କତିପୟ ଆଗ୍ରହୀ ଛାତ୍ର ସ୍କୁଲ ପ୍ରାଙ୍ଗଣରେ ସୂର୍ଯ୍ୟ ଘଡ଼ି (sun dial) ଯନ୍ତ୍ରଟି ନିର୍ମାଣ କରିଥିଲୁ। ଏହା ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ଶିକ୍ଷଣୀୟ ବିଷୟବସ୍ତୁ ଥିଲା। (ଦୁଃଖର ବିଷୟ ଅନେକ ବର୍ଷ ପରେ ପରବର୍ତ୍ତୀ ପିଢ଼ିର ନବୀନ ଇଞ୍ଜିନିୟରଗଣ ଏହି ଉପକରଣଟିର ଉପଯୋଗିତା ସମ୍ବନ୍ଧେ ଅଜ୍ଞ ଥିବାରୁ ସ୍କୁଲର ମରାମତି କାର୍ଯ୍ୟରେ ନିଯୁକ୍ତ ଥିବାବେଳେ ସେଇଟିକୁ ଧ୍ୱଂସ କରିଦେଇ ଥିଲେ।)

''ସୁନିଲ-ଦା'ଙ୍କର ଶିକ୍ଷକ-ଜୀବନର ଅନ୍ତିମ ପର୍ଯ୍ୟାୟରେ ସେ ଉଚ୍ଚଶ୍ରେଣୀମାନଙ୍କରେ ଗଣିତ ପଢ଼ାଉଥିଲେ। ଏହି ସମୟ-କାଳ ମଧ୍ୟରେ ଥରେ ମାଡ୍ରାସରୁ ସୁବିଖ୍ୟାତ ଗଣିତ ଶାସ୍ତ୍ରଜ୍ଞ ଡଃ. ଭେଙ୍କଟରମଣ ଆଶ୍ରମକୁ ଆସି ଆମ ସ୍କୁଲର ଶେଷବର୍ଷରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କୁ ଉଚ୍ଚତର ଏବଂ ଅମୂର୍ତ୍ତଧାରା ସମ୍ପୃକ୍ତ (higher and pure) ଗଣିତ ବିଦ୍ୟା ସମ୍ବନ୍ଧେ କେତୋଟି ବକ୍ତୃତା ଦେଉଥିଲେ। ସେତେବେଳେ ଆମେ ସେମାନଙ୍କର ତଳ ଶ୍ରେଣୀରେ ପଢୁଥିଲୁ। ବର୍ତ୍ତମାନ ସୁନିଲ-ଦା' ଚାହିଁଲେ ଆମେମାନେ ଯାଇ ତାଙ୍କର ବକ୍ତୃତା ଶୁଣିବୁ। ତାଙ୍କର ଭାବଧାରାନୁଯାୟୀ ଏସବୁ ବକ୍ତୃତା ଆମମାନଙ୍କର ମସ୍ତିଷ୍କରେ ଚିନ୍ତନ ଶକ୍ତିରେ ପ୍ରଭୂତ ଉନ୍ନତି ଘଟାଇବ। କିନ୍ତୁ ସେହି ବକ୍ତୃତା-ଶ୍ରେଣୀରେ ଯୋଗଦେବାକୁ ହେଲେ ପବିତ୍ର-ଦା'ଙ୍କର ଅନୁମତି ଲୋଡ଼ା। ତେଣୁ ସୁନିଲ-ଦା' ମୋ ମାଧ୍ୟମରେ ପବିତ୍ର-ଦା'ଙ୍କର ଅନୁମତି ଚାହିଁଲେ। ପବିତ୍ର-ଦା' ମୋତେ କହିଲେ, 'ନା, ନା, ସେସବୁ ତୁମମାନଙ୍କ ସକାଶେ ଅତ୍ୟନ୍ତ ଅବୋଧ।' ସୁନିଲ-ଦା'ଙ୍କୁ ପବିତ୍ର-ଦା'ଙ୍କ ମନ୍ତବ୍ୟ ଜଣାଇଲି। ସୁନିଲ-ଦା' କିନ୍ତୁ ଛାଡ଼ିବାର ପାତ୍ର ନୁହଁନ୍ତି। ସେ ମୋତେ ପୁଣି ଥରେ ପବିତ୍ର-ଦା'ଙ୍କ ପାଖକୁ ପଠାଇ ତାଙ୍କ ଅନୁମତି ଚାହିଁଲେ। ମୁଁ ପୁଣି ପବିତ୍ର-ଦା'ଙ୍କ ପାଖକୁ ଯାଇ ଜିଦ୍ ଧରି ଅନୁମତି ଚାହିଁଲି। ଶେଷରେ ପବିତ୍ର-ଦା' ବିରକ୍ତ ହୋଇ ରାଜି ହେଲେ। ଆମେମାନେ ଯାଇ ସେସବୁ ବକ୍ତୃତା ଶୁଣିଲୁ। ଆମମାନଙ୍କ ମଧ୍ୟରୁ କେତେକଙ୍କର ବେଶ୍ ଉନ୍ନତି ହୋଇଥିଲା ସତ, କିନ୍ତୁ ମୋ ସକାଶେ ଏହା ଥିଲା ଘୁମନ୍ତଭାବ ଉଦ୍ରେକକାରୀ (soporific)।

''ନିମ୍ନ ଘଟଣାଟି ଥିଲା ସ୍କୁଲର ସେଇ ପ୍ରାରମ୍ଭିକ କାଳର କଥା। ସେତେବେଳେ ସ୍କୁଲର ପୂର୍ବ ପାର୍ଶ୍ୱରେ ଥିବା ଶିଡ଼ି ପାହାଚ ତଳ ପ୍ରାଙ୍ଗଣରେ ଶିକ୍ଷକମାନଙ୍କର ଆଲୋଚନା ସଭା (Teachers' meeting) ପ୍ରାୟ ଅନୁଷ୍ଠିତ ହେଉଥିଲା। ଥରେ ଏହି ଆଲୋଚନା ସଭାରେ ସୁନିଲ-ଦା'ଙ୍କ ସହିତ ମୁଁ ମଧ୍ୟ ଉପସ୍ଥିତ ଥିଲି। ଶିକ୍ଷକମାନଙ୍କ ମଧ୍ୟରେ ଆଗ୍ରହୋଦ୍ଦୀପକ ବିଭିନ୍ନ ମତାମତ ସମ୍ବନ୍ଧରେ ରୀତିମତ ଆଲୋଚନା ଚାଲିଥିଲା ଏବଂ ଏହି ଆଲୋଚନାଚକ୍ରରେ କେତେଗୁଡ଼ିଏ ସୁଦୀର୍ଘ କର୍ମପନ୍ଥା ଅବଲମ୍ବନର ସପକ୍ଷ ଓ ବିପକ୍ଷରେ ବେଶ୍ ସତେଜ ଓ ଉତ୍ସାହପ୍ରଦ ତର୍କବିତର୍କ ବି ଚାଲିଲା। ହଠାତ୍ ପବିତ୍ର-ଦା' ସୁନିଲ-ଦା'ଙ୍କୁ ଅନାଇ କହିଲେ, 'ସୁନିଲ, ତୁମେ କ'ଣ କହୁଛ ?' ସୁନିଲ-ଦା' ଅଳ୍ପ ହସି କହିଲେ, 'ଓ, ମୁଁ ..., ମୁଁ ... ?' କହି ଛିଡ଼ା ହେଲେ ଏବଂ ତଦନୁରୂପ ମନ୍ଦହାସ୍ୟରେ ସଭାସ୍ଥଳରୁ ବିଦାୟ ନେଲେ। – ଏମିତି ଥିଲା ସୁନିଲ-ଦା'ଙ୍କ ବ୍ୟକ୍ତିତ୍ୱର ସ୍ୱତନ୍ତ୍ର ବିଭାବ। ...''

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା

❑❑❑

ଏକମାତ୍ର ଦିବ୍ୟସତ୍ୟହିଁ ଆମକୁ ରକ୍ଷା କରିପାରେ : କଥାରେ ସତ୍ୟ, କାମରେ ସତ୍ୟ, ସଂକଳ୍ପରେ ସତ୍ୟ, ଅନୁଭବରେ ସତ୍ୟ। ବାଛି ନେବାକୁ ହେବ ଦିବ୍ୟସତ୍ୟର ସେବା କରିବା ନା ଧ୍ୱଂସ ହୋଇଯିବା।

– ଶ୍ରୀମା

ପ୍ରଣାମ ନାରୀଶକ୍ତି (୧୩) :

# ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ

## ସୂର୍ଯ୍ୟକାନ୍ତି ମହାନ୍ତି

ବିଂଶ ଶତାବ୍ଦୀର ଆରମ୍ଭରେ ଯେଉଁ ମହନୀୟା, ଅଦ୍ୱିତୀୟା ନାରୀ ଏକାଧାରରେ ଥିଲେ କବୟିତ୍ରୀ, ଲେଖିକା, ଡାକ୍ତର, ଜାତୀୟ ଆନ୍ଦୋଳନର ପୁରୋଧା ଓ ସମାଜସେବୀ – ସେ ହେଉଛନ୍ତି କୁନ୍ତଳା କୁମାରୀ ସାବତ । ଛତିଶଗଡ଼ର ବସ୍ତର ଅଞ୍ଚଳର ଜଗଦଳପୁରରେ ୧୯୦୧ ମସିହା ଫେବ୍ରୁଆରୀ ୮ ତାରିଖ ଦିନ ସେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ମାତାଙ୍କ ନାମ ମୋନିକା ଏବଂ ପିତା ଦାନିଏଲ ବର୍ମାରେ ଡାକ୍ତର ଥିଲେ । କୁନ୍ତଳାଙ୍କର ଜନ୍ମ ପରେ ପିତା ବର୍ମାରେ ଚାକିରି କରିବାକୁ ଯାଇଥିବାରୁ ତାଙ୍କ ପରିବାର ସେଠାରେ ଅବସ୍ଥାନ କଲେ । ଏଣୁ କୁନ୍ତଳାଙ୍କର ଶୈଶବାବସ୍ଥାରୁ ୧୪ ବର୍ଷ ପର୍ଯ୍ୟନ୍ତ ବର୍ମାରେହିଁ ଅତିବାହିତ ହୋଇଥିଲା ।

ତେବେ ପିତା ପୁନଃ ବିବାହ କରିବାରୁ ମା'ଙ୍କ ସହିତ କୁନ୍ତଳା ଓ ସମସ୍ତ ଭାଇଭଉଣୀ ମାମୁଁ ଘର ଖୋର୍ଦ୍ଧାକୁ ଫେରି ଆସିଲେ । କୁନ୍ତଳା ରେଭେନ୍ସା ବାଳିକା ବିଦ୍ୟାଳୟରେ ହାଇସ୍କୁଲରେ ପଢ଼ିଲେ । ସେ ଏଠାରେ ପ୍ରତି ଶ୍ରେଣୀ-ପରୀକ୍ଷାରେ ପ୍ରଥମ ହେଉଥିଲେ । ରେଭେନ୍ସା ବାଳିକା ବିଦ୍ୟାଳୟରୁ ବିଦାୟ ନେଇ ଆସିଲା ବେଳେ ସେ ଏକ କବିତା ଲେଖି ନୂଆ ଏକ ରେକର୍ଡ ସୃଷ୍ଟି କରିଥିଲେ, କାରଣ ଝିଅମାନେ କବିତା ଲେଖି ବିଦାୟ ମାଗିବା ପ୍ରଥା ସେପର୍ଯ୍ୟନ୍ତ ସୃଷ୍ଟି ହୋଇ ନଥିଲା । ସେହି ବଡ଼ କବିତାର ଶେଷ କେତେ ଧାଡ଼ି ଏହିପରି –

''... ହେ ଭଗିନୀକୁଳ କନକ କୋମଳ
ସମ ତୁମେ ଲୋଭନୀୟା,
ଏ ଦୀନା ସଖିରେ ବିଦ୍ୟା ପ୍ରତିଭାରେ
କରିଥିବ ଚିର ଦୟା ।
ତୁମ ସ୍ମୃତିସବୁ ଅନ୍ତରେ ସାଇତି ବିଦାୟ ନେଉଛି ଆଜି,
ଉତ୍କଳ ଜନନୀ ଯଶୋଗୀତେ ଶାଣି
ଏ ଜୀବନ ହେଉ ମାଜି ।''(୧)

ଏହା ଥିଲା କୁନ୍ତଳାଙ୍କର ପ୍ରଥମ ପ୍ରକାଶିତ କବିତା, ଯାହା ପାଠ କରି ତତ୍କାଳୀନ ରକ୍ଷଣଶୀଳା ଶିକ୍ଷୟିତ୍ରୀମାନେ ମଧ୍ୟ ଆଖିରୁ ଲୁହ ଝରାଇ ଥିଲେ ।

ଏହା ପରେ କୁନ୍ତଳା କୁମାରୀ କଟକ ମେଡ଼ିକାଲ ସ୍କୁଲ(ବର୍ତ୍ତମାନର S. C. B. Medical College)ରେ ନାମ ଲେଖାଇଲେ । ଏଠାରେ ପ୍ରତ୍ୟେକ ବର୍ଷ ସେ ପ୍ରତି ବିଷୟରେ ଅଧିକ ନମ୍ବର ରଖି ପ୍ରଥମ ହେଉଥିଲେ । ଚାରିବର୍ଷ ପରେ ଅର୍ଥାତ୍ ୧୯୨୧ ମସିହାରେ ବିହାର ଓଡ଼ିଶାର ମେଡ଼ିକାଲ ବୋର୍ଡ ପରୀକ୍ଷାରେ ଅଧିକ ନମ୍ବର ରଖି LMPରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ । ଅସାମାନ୍ୟା କୁନ୍ତଳା ଚାରିବର୍ଷ ମଧ୍ୟରେ ୧୬ ଗୋଟି ରୌପ୍ୟ ପଦକ ମଧ୍ୟ ହାସଲ କରିଥିଲେ ।(୨)

କୁନ୍ତଳା କୁମାରୀ ବର୍ମାରେ ଥିବା ବେଳେ ସ୍କୁଲରୁ ହିନ୍ଦୀ, ମା'ଙ୍କଠାରୁ ଓଡ଼ିଆ ଓ ତାଙ୍କ ପିତାଙ୍କଠାରୁ ଇଂରାଜୀ ଶିକ୍ଷା କରୁଥିଲେ । ଏତତ୍ ବ୍ୟତୀତ ବର୍ମାର ଭାଷା ତଥା ବଙ୍ଗଳା ଭାଷା ମଧ୍ୟ ଜାଣିଥିଲେ । ଏହାଛଡ଼ା ସେ ହିନ୍ଦୀ, ଓଡ଼ିଆ ଓ ଇଂରାଜୀ ଭାଷାରେ ଲେଖିବା ଓ ଭାଷଣ ଦେବାରେ ପଟୁତା ଅର୍ଜନ କରିଥିଲେ ।

କେତେକଙ୍କ ମତରେ ଡାକ୍ତର କୈଳାସ ରାଓ କୁନ୍ତଳାଙ୍କ କବିତ୍ୱର ପରିଚୟ ପାଇ ତାଙ୍କ ପ୍ରତିଭାର ବିକାଶ ନିମନ୍ତେ ତାଙ୍କୁ ଆଧୁନିକ କବିତା ରଚନା କରିବା ପାଇଁ ଉତ୍ସାହିତ କରିବାରୁ ସେ 'ତାରା ପ୍ରତି' କବିତା ରଚନା କରିଥିଲେ । ଏଥିରେ ଗୋଟିଏ ପଦ ଏହିପରି –

''ଦୂର ଗଗନରେ ଜୁଳୁ ଜୁଳୁ ଚାହିଁ ହସୁ
ତୁହି କ୍ଷୁଦ୍ର ତାରା,
କ୍ଷଣକେ ହୃଦୟ ପରଶି ମୋହର କେତେ
ଚିନ୍ତା ଆଣୁ ପରା ।''(୩)

ଓଡ଼ିଶାର ବିଖ୍ୟାତ ସାହିତ୍ୟ ପତ୍ରିକା 'ଉତ୍କଳ ସାହିତ୍ୟ'ରେ ୧୯୨୨ ମସିହାରେ ଏହା ପ୍ରକାଶିତ ହେଲା । ତାଙ୍କର ପରବର୍ତ୍ତୀ ରଚନା 'ଶେଫାଳି ପ୍ରତି' କବିତାର ପ୍ରକାଶ ଘଟେ । ପ୍ରକୃତିର ଶୋଭା ଲାବଣ୍ୟ, ବିଭୁ ପ୍ରେମ ଓ ଜାତୀୟ ଭାବନା ଥିଲା ତାଙ୍କ କବିତାର ମୂଳମନ୍ତ୍ର । ତତ୍ପରେ 'କମଳ ପ୍ରତି' ଓ 'ପୂଜା' କବିତା ମଧ୍ୟ ଏହି ପତ୍ରିକାରେ ପ୍ରକାଶିତ ହୋଇଥିଲା । ପୁରୀର

ମହିଳା ବନ୍ଧୁ ସମିତି ତାଙ୍କୁ 'ଉତ୍କଳ ଭାରତୀ' ଉପାଧିରେ ଭୂଷିତ କରିଥିଲେ । ସେ 'ନବ ବିଧାନ' ଓ 'ବ୍ରାହ୍ମସମାଜ'ର ଜଣେ ସଭ୍ୟା ଭାବରେ ନିଜକୁ ତାଲିକାଭୁକ୍ତ କରିଥିଲେ । ଏହା ମଧ୍ୟରେ 'ଅଞ୍ଜଳି' ନାମକ କବିତାର ପ୍ରକାଶନ ପରେ ତାଙ୍କର ସମ୍ମାନ ବଢ଼ି ଯାଇଥିଲା । ଓଡ଼ିଶାର ପ୍ରାୟ ସମସ୍ତ ସାହିତ୍ୟିକଙ୍କ ଠାରୁ ତାଙ୍କୁ ମିଳିଥିଲା ପ୍ରଶଂସା । ଏପରିକି ବିଖ୍ୟାତ ଲେଖକ ଗୋପାଳ ଚନ୍ଦ୍ର ପ୍ରହରାଜ ଓ ପଲ୍ଲୀ କବି ନନ୍ଦ କିଶୋର ବଳ ତାଙ୍କୁ ନିଜ କନ୍ୟା ଭଳି ଶ୍ରଦ୍ଧା କରୁଥିଲେ । ସେ ମଧ୍ୟ 'ମହାବୀର', 'ଜୀବନ' ଓ 'ନାରୀ ଭାରତୀ' ଭଳି ହିନ୍ଦୀ ପତ୍ରିକାମାନଙ୍କର ସମ୍ପାଦନା କରୁଥିଲେ । ତାଙ୍କର ଅନ୍ୟାନ୍ୟ ଦେଶାତ୍ମବୋଧକ କବିତା – 'ଉଚ୍ଛ୍ୱାସ', 'ଅର୍ଚ୍ଚନା', 'ସ୍ଫୁଲିଙ୍ଗ', 'ଆହ୍ୱାନ', 'ପ୍ରେମ ଚିନ୍ତାମଣି', 'ଗଡ଼ଜାତ କୃଷକ', 'କୋଟି କୋଟି କଣ୍ଠେ ଆଜି', 'ଅବହେଳିତ ଦେଶ', 'ଅଭିଶପ୍ତର ଅଭିମାନ', 'ବନଫୁଲ' ଆଦି ବହୁ କବିତା ମଧ୍ୟ ପ୍ରକାଶିତ ହୋଇଥିଲା ।

ଡାକ୍ତରୀ ଶିକ୍ଷା ପରେ ଯେପରି ସାହିତ୍ୟ ସାଧନା ଚାଲିଥିଲା, ସେହିପରି ଚିକିତ୍ସା ସେବା ମଧ୍ୟ ଆଗେଇ ଚାଲିଥିଲା । ଡାକ୍ତର କୈଳାସ ଚନ୍ଦ୍ର ରାଓଙ୍କ ତତ୍ତ୍ୱାବଧାନରେ କୁନ୍ତଳା କଟକରେ ଚିକିତ୍ସା ସେବା ୧୯୨୧ରୁ ୧୯୨୮ ମସିହା ପର୍ଯ୍ୟନ୍ତ କରୁଥିଲେ । ପରେ ସେ କଟକରେ ନିଜସ୍ୱ ଡାକ୍ତରୀ ବ୍ୟବସାୟ ଆରମ୍ଭ କରିଥିଲେ । ୧୯୨୫ ମସିହାରେ ସେ ରେଡ୍‌କ୍ରସ ସୋସାଇଟିର ମହିଳା ସ୍ୱାସ୍ଥ୍ୟ ପରିଦର୍ଶକ ଥିଲେ । ୧୯୨୮ ମସିହାରେ ସେ ଦିଲ୍ଲୀ ଚାଲିଗଲେ । ସେ ଆର୍ଯ୍ୟଧର୍ମ ଗ୍ରହଣ କରି ପରବର୍ତ୍ତୀ କାଳରେ କେନ୍ଦ୍ରାପଡ଼ାର କୃଷ୍ଣଚନ୍ଦ୍ର ଦାସଙ୍କୁ ୧୯୨୮ ମସିହା ଅଗଷ୍ଟ ୮ ତାରିଖ ଦିନ ବିବାହ କରିଥିଲେ ।[୪] ସେ ଦୁଇ ପୁତ୍ର ଓ ଦୁଇ କନ୍ୟାଙ୍କର ଜନନୀ ମଧ୍ୟ ହୋଇଥିଲେ ।

ତେବେ ସେ ଜନ୍ମଗ୍ରହଣ କରିଥିଲେ ଏକ ଖ୍ରୀଷ୍ଟିଆନ ପରିବାରରେ । ଅବଶ୍ୟ ତାଙ୍କର ଜେଜେ ବାପା ଶ୍ୟାମ ରତନ ସାବୁତ ହିନ୍ଦୁ ବ୍ରାହ୍ମଣ ଥିଲେ ମଧ୍ୟ ପରିସ୍ଥିତିର ଚାପରେ ସେ ଖ୍ରୀଷ୍ଟିଆନ ହୋଇ ଯାଇଥିଲେ । କୁନ୍ତଳାଙ୍କର ପିତା ଦାନିଏଲ ସାବୁତ ନିଜର ସାଙ୍ଗିଆ 'ସାବୁତ'ରୁ 'ସାବତ' କରିଥିଲେ ।

ବିବାହ ପରେ କୁନ୍ତଳାଙ୍କର ନବ ଜୀବନରେ ମଧ୍ୟ ତାଙ୍କର ଲେଖା ଲେଖି କାର୍ଯ୍ୟ ଚାଲୁ ରହିଥିଲା । ସେ ବରେଲିରେ 'All India Arya Mahila Sammilani'ର ଅଧ୍ୟକ୍ଷା ଥିଲେ । ଏପରିକି ଆଲିଗଡ଼ରେ Students' Federationର ସଭାପତି ମଧ୍ୟ ଥିଲେ । ହରବିଳାସ ଶାରଦାଙ୍କ ଦ୍ୱାରା ପ୍ରତିଷ୍ଠିତ ଏକ ପ୍ରତିଷ୍ଠିତ ସାମାଜିକ ଅନୁଷ୍ଠାନର ସେ ଅଧ୍ୟକ୍ଷା ମଧ୍ୟ ଥିଲେ । ଏହି ଅନୁଷ୍ଠାନ ବାଲ୍ୟ ବିବାହ ଉଚ୍ଛେଦ, ବାଲ୍ୟ ବିଧବାଙ୍କର ପୁନଃ ବିବାହ ଆଦି ବିଷୟରେ କାମ କରୁଥିଲା ।

ସେ ଆଲ୍ଲାହାବାଦ ବିଶ୍ୱବିଦ୍ୟାଳୟ ଏବଂ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ବକ୍ତୃତା ଦେବା ପାଇଁ ନିମନ୍ତ୍ରିତ ହୋଇଥିଲେ । ଦିଲ୍ଲୀରେ ଥିବା ସମୟରେ ଓଡ଼ିଆ ସାହିତ୍ୟର ପ୍ରଚାର ଓ ପ୍ରସାର ପାଇଁ ସେ ବହୁ ଚେଷ୍ଟା କରିଥିଲେ । ପୁନଶ୍ଚ ବିଖ୍ୟାତ ଲେଖକ ମୈଥିଳି ଶରଣ ଗୁପ୍ତା, ଯଶପାଳଜୀ ଜୈନ, ଏସ୍. ଏଚ. ବାତ୍ସାୟନ ଏବଂ ଅନ୍ୟ କେତେକ ହିନ୍ଦୀ ଲେଖକଙ୍କ ସହ ତାଙ୍କର ସମ୍ପର୍କ ରହିଥିଲା । 'ହିନ୍ଦୀ ପ୍ରଚାରିଣୀ ସଭା' କୁନ୍ତଳାଙ୍କୁ ପ୍ରଦାନ କରିଥିଲା 'ଭାରତ କବିନେତ୍ରୀ' ଉପାଧି ।

ଭାରତର ସ୍ୱାଧୀନତା ଆନ୍ଦୋଳନରେ ସେ ମହାତ୍ମା ଗାନ୍ଧୀଙ୍କର ଜଣେ ଶିଷ୍ୟା ଭାବରେ କାର୍ଯ୍ୟ କରୁଥିଲେ । ସେ କହୁଥିଲେ ସ୍ୱାଧୀନତା ଭାରତୀୟଙ୍କର ଜନ୍ମଗତ ଅଧିକାର । ଗାନ୍ଧୀଙ୍କ ନେତୃତ୍ୱରେ ଜାତୀୟ ଆନ୍ଦୋଳନରେ ଭାଗ ନେବା ପାଇଁ ସେ ନାରୀମାନଙ୍କୁ ଆହ୍ୱାନ କରିଥିଲେ । ଅସହଯୋଗ ଆନ୍ଦୋଳନ ସମୟରେ ଓଡ଼ିଶାବାସୀଙ୍କୁ ସ୍ୱାଧୀନତା ପାଇଁ ଯୁଦ୍ଧ କରିବାକୁ ଡାକ ଦେଇଥିଲେ । ମାନବ ସମାଜକୁ ଶୋଷଣରୁ ମୁକ୍ତ କରିବାକୁ ସେ ସ୍ୱର ଉତ୍ତୋଳନ କରିଥିଲେ । ତାଙ୍କର ଯୁଦ୍ଧ ସଙ୍ଗୀତରେ ପ୍ରେରିତ ହୋଇ ବହୁ ଓଡ଼ିଆ ଯୁବକଗଣ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଥିଲେ । ତାଙ୍କର କାବ୍ୟକୃତିରେ ଫୁଟି ଉଠିଛି ତାଙ୍କର ମାନବ ପ୍ରେମ, ପ୍ରକୃତି ପ୍ରେମ, ଦେଶ ପ୍ରେମ, ଭାଷା ପ୍ରେମ ଓ ସମାଜ ପ୍ରେମ । କୁସଂସ୍କାର, ଅନ୍ୟାୟ ଓ ଅସମାନତା ପ୍ରତି ତାଙ୍କର ପ୍ରଚଣ୍ଡ ଘୃଣା ଥିଲା । ଏକ ସୁନ୍ଦର, ସୁଦୃଢ଼, ନୂତନ ସମାଜର ପରିକଳ୍ପନା ଥିଲା ତାଙ୍କର । ତାଙ୍କର ସମୁଦାୟ କାବ୍ୟିକ କୃତି ତାଙ୍କର ମାତୃଭୂମି ଓ ମାନବ ପ୍ରତି ପ୍ରେମ ଏବଂ ଭଗବତ୍ ପ୍ରେମକୁ ନେଇହିଁ ଲିଖିତ ହୋଇଥିଲା । ଏହା ନିଃସନ୍ଦେହ ଯେ ତାଙ୍କ ଲେଖନୀରେ ଓଡ଼ିଆ ସାହିତ୍ୟ ସମୃଦ୍ଧ ହୋଇଛି ।

୧୯୩୧ ମସିହା ଅଗଷ୍ଟ ୨ ତାରିଖ ଦିନ ଉତ୍କଳ ସମ୍ମିଳନୀର ଅଧିବେଶନରେ କୁନ୍ତଳା କୁମାରୀ ଥିଲେ ସଭାପତି[୫] ଏବଂ ଜାହ୍ନବୀ ଦେବୀ ବକ୍ତା ଥିଲେ । ଓଡ଼ିଶାର ପ୍ରାୟ ବାରଶହ ଲୋକ ଏଥିରେ ଯୋଗ ଦେଇଥିଲେ । ଏମାନଙ୍କ ମଧ୍ୟରୁ ଏକ ହଜାରରୁ ଊର୍ଦ୍ଧ୍ୱ ମହିଳା ଏଥିରେ ଯୋଗ ଦେଇଥିଲେ । ଏଥିରେ ଜାହ୍ନବୀ ଦେବୀ ନାରୀର ଅକ୍ଷମତାକୁ ଗ୍ରହଣ କରି

ନଥିଲେ, ବରଂ ସେମାନଙ୍କର ସୁଯୋଗର ଅଭାବ ବୋଲି ଦର୍ଶାଇଥିଲେ । ନାରୀମାନଙ୍କର ଅବସ୍ଥାର ଉନ୍ନତିକରଣ ପାଇଁ ଏଠାରେ ''All Orissa Women's Association'' ଗଠିତ ହେଲା । କୁନ୍ତଳା ତାଙ୍କ ଭାଷଣରେ କହିଥିଲେ ଯେ ଜଣେ କବି ବା ଲେଖକ ହେଉଛି ପ୍ରକୃତିର ଦୂତ; ସେ କେବେ କୌଣସି ଜାତି ବା ସମୟ ମଧ୍ୟରେ ସୀମିତ ହୋଇ ରହିପାରିବ ନାହିଁ । ବାସ୍ତବରେ ଭାରତୀ ତପୋବନର ତପସ୍ୱିନୀ କୁନ୍ତଳା କୁମାରୀଙ୍କର ଓଡ଼ିଆ ସାହିତ୍ୟକୁ ଅବଦାନ ହେଉଛି ମହାଦାନ । ସେ ଦେଶ ଜନନୀଙ୍କୁ କେବଳ ନଦୀ, ପର୍ବତ, ବନ ଓ ପ୍ରାନ୍ତରରେ ସୀମାବଦ୍ଧ ନରଖି ତାଙ୍କୁ ଦେଖୁଛନ୍ତି ରକ୍ତମାଂସ, ଅସ୍ଥିଚର୍ମ ନିର୍ମିତ ଶରୀର ରୂପରେ । କୁନ୍ତଳା କୁମାରୀ ଥିଲେ ସାହିତ୍ୟ ସେବିକା ତଥା ଦେଶମାତୃକାର ସେବିକା ।

ତାଙ୍କ ଉପରେ ସରଳା ଦେବୀଙ୍କ ମନ୍ତବ୍ୟ ଥିଲା, ''ଦୂର ପ୍ରବାସରେ ଥାଇ ଉତ୍କଳ କଥା ଯେ ଜପ କରୁଥିଲେ, ଉତ୍କଳର ଗୃହପ୍ରାଙ୍ଗଣ, ଉତ୍କଳର ଶୋଭନୀୟ ପ୍ରକୃତି, ଉତ୍କଳର ପୂର୍ବ ଗରିମା, ଉତ୍କଳର ରୀତିନୀତି, ଆଚାର ପଦ୍ଧତି, ଧର୍ମ ସଂସ୍କୃତି ଏବଂ ତା'ର ମହତ୍ତର ସମ୍ଭାବନା କଥା, ତା'ର ବର୍ତ୍ତମାନର ଦୁର୍ବିସହ ବେଦନା, ଲାଞ୍ଛନା ଭିତରେ ଯାହାଙ୍କର ଚିତ୍ତ ନିରନ୍ତର ଆଲୋଡ଼ିତ ହେଉଥିଲା, କାବ୍ୟ କଳାରେ ଯେ ଜାତିର ମୂଲ୍ୟ, ଜାତିର ଟେକ ଅଧିକତର ଭାବରେ ବଢ଼ାଇ ଦେଇ ଯାଇଛନ୍ତି, ସେ ଚିର ସ୍ମରଣୀୟା ନହେବେ ତ କିଏ ଆଉ ହେବ ?''

କୃପାସିନ୍ଧୁ ପଟ୍ଟଦେବ କୁନ୍ତଳା କୁମାରୀଙ୍କ ଉପରେ ମତ ଦିଅନ୍ତି ଯେ, ''କୁନ୍ତଳା ବାଣୀ-ରାଣୀ ଥିଲେ । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ରୂପେ ଘୋଷିତ ହେବା ବେଳେ ସେ ସମଗ୍ର ଦେଶବାସୀଙ୍କୁ ଅନୁରୋଧ କରିଥିଲେ, ଆଜିଠୁ ସମସ୍ତ ଓଡ଼ିଆ – କି ସ୍ତ୍ରୀ, କି ପୁରୁଷ – ନିଜ ନାମ ପୂର୍ବରୁ 'ବୀରଶ୍ରୀ' ଯୋଗ କରନ୍ତୁ । ମୁଁ ତାହା ଜାଣି ଭାବିଥିଲି, ଓଡ଼ିଶାର ଜୟରେ କୁନ୍ତଳା ଯେପରି ବିଜୟ ଭେରି ଧରି ଆଗେ ଆଗେ ଚାଲିଛନ୍ତି ।''[୬]

୧୯୩୬ ମସିହା ଏପ୍ରିଲ ୧ ତାରିଖ ଦିନ ବୀରଶ୍ରୀ କୁନ୍ତଳା କୁମାରୀ ହିନ୍ଦୀ ଅକ୍ଷରରେ 'ବୀରଶ୍ରୀ' ନାମରେ କବିତା ଛପାଇ ପାଞ୍ଚ ହଜାର ମୁଦ୍ରିତ କବିତା ଦିଲ୍ଲୀରେ ବାଣ୍ଟି ଥିଲେ ଏବଂ ଓଡ଼ିଶାକୁ ମଧ୍ୟ ବହୁ ସଂଖ୍ୟାରେ ପଠାଇଥିଲେ । ଏହା ପ୍ରତିଟି ସମ୍ବାଦପତ୍ରରେ ପ୍ରକାଶିତ ହୋଇଥିଲା । କବିତାର କିୟଦଂଶ ଏହିପରି –

''ଓଁ ବୀରଶ୍ରୀ ଜୟ ମାମ୍''
ବୀର ଶ୍ରୀ ବୀରବର ବୀରାଗ୍ରଗଣ୍ୟେ ।
ବୀର ଶ୍ରୀ ଉତ୍କଳ କଳିଙ୍ଗ ଧନ୍ୟେ ।
*
ବୀର ଶ୍ରୀ ଉତ୍କଳ ଅତୁଳ ଗୌରବ ।
କୋଣାର୍କ ଭୁବନେ ଭାସ୍କର ଗରିମା ।
ତବ ପୁଣ୍ୟ କରେ କଳିଙ୍ଗ ଅଙ୍ଗରେ ।
ଲେଖ ଜଗନ୍ନାଥ ଏ ବୀର ଜାତିର ବୀର ଶ୍ରୀ ମହିମା ।
*
ଆମେ କଳିଙ୍ଗର ବୀର ଶ୍ରୀ ସନ୍ତାନ ।
ବୀର ଶ୍ରୀ ଆମର ଜାତୀୟ ସମ୍ମାନ ।
*
ବୀର ଶ୍ରୀ ଭାରତ ବୀର ଶ୍ରୀ ଉତ୍କଳ ।
ଯଶୋଗାନେ ପୁରୁ ପୃଥିବୀ ମଣ୍ଡଳ ।[୭]

ବାସ୍ତବରେ ଏହା ଉତ୍କଳ ଜାତି ପ୍ରତି ଏକ ସ୍ମାରକୀ ।

ଏକଦା 'ପତିତପାବନ ମିଶନ' ଅନୁଷ୍ଠାନ ତରଫରୁ କୁନ୍ତଳା କୁମାରୀଙ୍କୁ ନିମନ୍ତ୍ରଣ କରାଯାଇଥିଲା । ଶଙ୍ଖ, ହୁଳହୁଳିରେ ଧୀବର ପଲ୍ଲୀ ତାଙ୍କୁ ସ୍ୱାଗତ କରିଥିଲା । ଏହି ସଭାରେ ତାଙ୍କର ବକ୍ତବ୍ୟର ସାରମର୍ମ ଥିଲା ଏହିପରି –

ଏହି ଓଡ଼ିଶାର ଜଣେ କୈବର୍ତ୍ତ ତାମ୍ରଲିପ୍ତରେ ରାଜା ଥିଲେ । ତାଙ୍କର ବିରାଟ ବନ୍ଦର ଥିଲା, ଯେଉଁ ବାଟେ ହଜାର ହଜାର ବୋଇତ ଶ୍ୟାମ, ଲଙ୍କା, ବୋର୍ଣ୍ଣିଓ, ସିଂହପୁର, ଚମ୍ପା ଆଦିକୁ ବଣିଜରେ ଯାଇ ଅଜସ୍ର ସମ୍ପଦ ବୋହି ଆଣୁଥିଲେ । ଏହିପରି ଏକାଧିକ ବନ୍ଦର ବି ଥିଲା ।

ଏହି କୈବର୍ତ୍ତଙ୍କ ପୂର୍ବପୁରୁଷଙ୍କର ଏକ ସୁକନ୍ୟା କାରୁବାକୀ ଯାହାଙ୍କୁ ପାଇବା ଆଶାରେ ସମ୍ରାଟ ଅଶୋକ କଳିଙ୍ଗ ସେନାଙ୍କ ସହ ଯୁଦ୍ଧ କରିଥିଲେ । ଏହି ଯୁଦ୍ଧରେ ଲକ୍ଷ ଲକ୍ଷ ସୈନ୍ୟ ନିହତ ହୋଇଥିଲେ । ଅବଶେଷରେ ଅଶୋକ ବୌଦ୍ଧଧର୍ମ ଗ୍ରହଣ କରିବା ପରେ କାରୁବାକୀ ତାଙ୍କୁ ବିବାହ କରିଥିଲେ ।

ଅନ୍ୟ ଜଣେ ତୁମ ଜାତିର କନ୍ୟା ସତ୍ୟବତୀ ଯିଏକି ଏକଦା ହସ୍ତିନାର ମହାରାଣୀ ହୋଇଥିଲେ । ତାଙ୍କର ପୁଅ ବେଦବ୍ୟାସ ଥିଲେ ମହାକାବ୍ୟ ମହାଭାରତର ରଚୟିତା । ସେ ମଧ୍ୟ ବେଦକୁ ସଜାଡ଼ି ଚାରି ଭାଗରେ ବିଭକ୍ତ କରିଥିଲେ ।

ଯେଉଁ କୈବର୍ତ୍ତମାନଙ୍କର ପୂର୍ବପୁରୁଷ ସୁନା ବାଣ୍ଟୁଥିଲେ – ଆଜି ସେମାନେ ଭୋକିଲା ରହୁଛନ୍ତି ।

ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି – ଥରେ କୁନ୍ତଳା କୁମାରୀଙ୍କୁ ଜଣେ ପଣ୍ଡିତ କହିଥିଲେ ଯେ ଓଡ଼ିଆମାନେ ଲୁଗା ବୁଣି ଜାଣି ନାହାନ୍ତି । ଆଣ୍ଠୁ ନ ଲୁଚିବା ଭଳି ଖଦି କେବଳ ତିଆରି କରି ଜାଣିଛନ୍ତି । କୁନ୍ତଳା କୁମାରୀ ଏହାର ଉତ୍ତରରେ କହିଥିଲେ – ପଣ୍ଡିତେ ତ ଯେତିକି ଦେଖିଥିଲେ, ସେତିକିରୁ ଏଭଳି ମତାମତ ଦେଇଛନ୍ତି । ପ୍ରକୃତରେ ଓଡ଼ିଶା ଭୂମିରେ ପ୍ରସ୍ତୁତ ବୁଣାବସ୍ତ୍ର ସମସ୍ତ ଧରଣୀରେ ଅତି ଉତ୍କୃଷ୍ଟ ଥିଲା । ବିଦେଶୀ ସାଥୀରେ ପାଞ୍ଚଶହ ବର୍ଷ ଲଢ଼ି ଲଢ଼ି ଏ ଜାତି ଏପରି ଦୁର୍ବଳ ହୋଇ ଯାଇଛି ।

ପୁନଶ୍ଚ ନାରୀମାନଙ୍କୁ ଆହ୍ୱାନ ସ୍ୱରୂପ ୧୯୨୬ ମସିହା ଡିସେମ୍ବର ୧୨ ତାରିଖ ଦିନ ତାଙ୍କ ସମ୍ପର୍କରେ ଏକ ଲେଖା 'ଆଶା'ରେ ପ୍ରକାଶିତ ହୋଇଥିଲା –

ସୁରଳରୁ ଫେରି କୁନ୍ତଳା ଦେବୀ ବ୍ରହ୍ମପୁର ମହିଳା ସମାଜ ହଲ୍‌ରେ ସମବେତ ମହିଳାମାନଙ୍କୁ କହିଥିଲେ ଯେ ସ୍ତ୍ରୀ ଶକ୍ତି ସ୍ୱରୂପିଣୀ । ଶକ୍ତି ଜାଗରିତ ନ ହେଲେ ଭାରତର ଉଦ୍ଧାର ଅସମ୍ଭବ । ପରଦା ଭିତରେ ରହି ପୁରୁଷର ସମ୍ପୂର୍ଣ୍ଣ ଅଧୀନତା ସ୍ୱୀକାର କରିଥିବା ପର୍ଯ୍ୟନ୍ତ ଶକ୍ତି ଜାଗରିତ ହୋଇ ପାରିବ ନାହିଁ ।

ଏପରିକି 'ଅର୍ଚ୍ଚନା'ରେ ସେ ସ୍ୱଦେଶ, ସ୍ୱରାଜ୍ୟ ନେଇ କବିତାମାନ ଲେଖିଥିଲେ । ଏହା ପାଠ କରି ତାଙ୍କୁ ଗ୍ରାମେ ଗ୍ରାମେ, ନଗରେ ନଗରେ ସର୍ବତ୍ର ନରନାରୀଗଣ ପୁଷ୍ପାଞ୍ଜଳି ଦେଇ ଚାଲିଲେ । ତାଙ୍କର କବିତା ଘରେ ଘରେ ପଢ଼ା ହେଲା । କେତେ ଯେ ସ୍ତବସ୍ତୁତି, ସହାନୁଭୂତି, ପ୍ରଶଂସା ତାଙ୍କ ପାଖକୁ ଛୁଟି ଆସୁଥିଲା ତା'ର ଇୟତ୍ତା ନଥିଲା ।

କୁନ୍ତଳା କୁମାରୀ କାର୍ଯ୍ୟ କରୁଥିଲେ ଚିକିତ୍ସା ବିଭାଗରେ, ମାତ୍ର ସାହିତ୍ୟ ଆଲୋଚନା ଓ କବିତା ରଚନା ତାଙ୍କ ଜୀବନର ଭୂଷଣ ହୋଇ ରହିଥିଲା ।

ଯେଉଁ ତୋଷଳରେ ଦଣ୍ଡି ମହାଦେବୀ ରାଜତ୍ୱ କରୁଥିଲେ, ସମୁନ୍ନତ ଖୋର୍ଦ୍ଧା ତନ୍ମଧ୍ୟରୁ ଏକ ଅଂଶ ଥିଲା । କୁହାଯାଏ ଯେ ସେ ଯେପରି ଥିଲେ ଏକ ପ୍ରବହମାନ ନଦୀ, ବହୁକାଳ ପରେ ମହାଦେବୀ ଦଣ୍ଡି ଆଉ ଥରେ ଏଇଠି ଚିକିତ୍ସକ, କବି ଓ ଶକ୍ତି ରୂପରେ ଜନ୍ମ ନେଇଥିଲେ; ଯିଏ ଏକ ପ୍ରସ୍ଫୁଟିତ ପଦ୍ମ, ଏକ ସହନଶୀଳ ବୃକ୍ଷ ଏବଂ ହସୁଥିବା ପୁଷ୍ପ ସଦୃଶ ।

ଦିଲ୍ଲୀରେ ଥିବା ସମୟରେ ୧୯୩୮ ମସିହା ଅଗଷ୍ଟ ୨୩ ତାରିଖ ଦିନ ମାତ୍ର ୩୮ ବର୍ଷ ବୟସରେ କଳିଙ୍ଗର ଏହି ତେଜସ୍ୱିନୀ, ମହାନ୍ ମହିଳା, ନମସ୍ୟା କୁନ୍ତଳା କୁମାରୀଙ୍କର ଦେହାବସାନ ଘଟିଥିଲା ।(୮) ତେବେ ତାଙ୍କ ସ୍ୱଳ୍ପ ଜୀବନ ଅବଧି ଥିଲା ଗରିମାମୟ ଓ ମହିମାମୟ ।

ଭଗବତୀ ଭାରତୀଙ୍କର ଏକ ତନୟା ଏହି ପ୍ରତିଭାଶାଳିନୀ, ଆଦର୍ଶବାଦିନୀ ଓ ମହିୟସୀ ନାରୀ ଉତ୍କଳ ଭାରତୀ କୁନ୍ତଳା କୁମାରୀଙ୍କୁ କଳିଙ୍ଗ ମାଟିର କୋଟି କୋଟି ନରନାରୀଙ୍କର ସହସ୍ର କୋଟି ପ୍ରଣାମ ।

❑❑❑

---

**ତଥ୍ୟ ନିର୍ଦ୍ଦେଶିକା :**

(୧) 'କୁନ୍ତଳା କୁମାରୀ ଜୀବନ ଚରିତ' – ଲେଖକ : ଚକ୍ରଧର ମହାପାତ୍ର; ପ୍ରକାଶକ – ଗ୍ରନ୍ଥ ମନ୍ଦିର, ପୃଷ୍ଠା - ୪୬

(୨) ତତ୍ରୈବ, ପୃଷ୍ଠା - ୬୦ (୩) ତତ୍ରୈବ, ପୃଷ୍ଠା - ୬୭ (୪) ତତ୍ରୈବ, ପୃଷ୍ଠା - ୨୯୫

(୫) ତତ୍ରୈବ, ପୃଷ୍ଠା - ୩୩୬ (୬) ତତ୍ରୈବ, ପୃଷ୍ଠା - ୪୦୩ (୭) ତତ୍ରୈବ, ପୃଷ୍ଠା - ୩୬୭

(୮) ତତ୍ରୈବ, ପୃଷ୍ଠା - ୩୯୩ (୯) ତତ୍ରୈବ, ପୃଷ୍ଠା - ୩୯୩ ।

ତୁମ ମଧ୍ୟସ୍ଥ ବିଶ୍ୱାସକୁ ଦୋହଲାଇ ଦେବା ଲାଗି କୌଣସି ବାହ୍ୟ ପରିସ୍ଥିତିକୁ ଅନୁମତି ଦିଅ ନାହିଁ; କାରଣ ପଥ ମଧ୍ୟରେ ଯାତ୍ରା ଲାଗି ଓ ଲକ୍ଷ୍ୟରେ ଉପନୀତ ହେବା ଲାଗି ଏହି ବିଶ୍ୱାସଠାରୁ ଅଧିକ ଶକ୍ତି କେହି ଯୋଗାଇ ଦେଇ ନ ଥାଏ । ଜ୍ଞାନ ଓ ତପସ୍ୟା, ସେମାନଙ୍କର ସାମର୍ଥ୍ୟ ଯାହା ବି ହେଉ ନା କାହିଁକି, ଭାର ସମ୍ଭାଳିବା ନିମନ୍ତେ ତାହା ଅପେକ୍ଷାକୃତ କମ୍ ସମର୍ଥ – ଯାତ୍ରା ନିମନ୍ତେ ବିଶ୍ୱାସ ହେଉଛି ସର୍ବଶ୍ରେଷ୍ଠ ସହାୟକ ଦଣ୍ଡ ।

– ଶ୍ରୀଅରବିନ୍ଦ

# କ୍ଲାସରେ ଶ୍ରୀମା'ଙ୍କ କାହାଣୀ

## [ଛୋଟ ପିଲାଙ୍କ କ୍ଲାସରେ ମା'ଙ୍କ ଦ୍ୱାରା କଥିତ କାହାଣୀ]

[୧୯୫୦ ମସିହା ନଭେମ୍ବର ମାସରେ ଶ୍ରୀମା ପିଲାମାନଙ୍କର କ୍ଲାସ ନେବାକୁ ଆରମ୍ଭ କଲେ । ଆଗେ ଯେଉଁଟିକୁ Guest House କୁହାଯାଉଥିଲା ଓ ପରେ ଦର୍ତୁଆର ଆନେକ୍ସ (Dortoir - Annexe) କୁହାଗଲା, ସେଇ ଗୃହର ତଳମହଲାର ଖୋଲା ବାରଣ୍ଡାରେ ଏଇ କ୍ଲାସ ହେଉଥିଲା । ଶ୍ରୀମା ଗୋଟିଏ ଛୋଟ ଚୌକିରେ ବସୁଥିଲେ ଓ ଆଠ, ଦଶ ବର୍ଷର ବାଳକବାଳିକାମାନେ ବସୁଥିଲେ ତଳେ – ଖେଳସରିବା ପରେ ଘରକୁ ଫେରିବା ଆଗରୁ ଏହି କ୍ଲାସଟି ବସୁଥିଲା ଠିକ୍ ସନ୍ଧ୍ୟା ହେବା ପୂର୍ବରୁ ।

ଏଇ କାହାଣୀସବୁ ସେଇ ଶ୍ରେଣୀରେ ମା' କହୁଥିଲେ ବା ବହି ପଢ଼ି ପିଲାଙ୍କୁ ଶୁଣାଉ ଥିଲେ – ମାଧ୍ୟମ ଥିଲା ଫରାସୀ ଭାଷା । **ମୃତ୍ୟୁଞ୍ଜୟ ମୁଖାର୍ଜୀ** ସେଇ ଗଳ୍ପସବୁ ଶୁଣି ଆସି ବଙ୍ଗଳାରେ ଲିପିବଦ୍ଧ କରି ନେଉଥିଲେ, ନଳିନୀଦା'ଙ୍କୁ ଏସବୁକୁ ଦେଖାଇବା ପରେ 'ପୁରୋଧା'ରେ ପ୍ରକାଶିତ ହେଉଥିଲା । ଶ୍ରୀମା କ୍ଲାସ ନେଉଥିଲେ ରବିବାର, ମଙ୍ଗଳବାର ଓ ଶୁକ୍ରବାର ଦିନ; ସେଥିମଧ୍ୟରୁ କାହାଣୀର କ୍ଲାସଟି ଶୁକ୍ରବାର ହେଉଥିଲା । ସେଥିରେ ପିଲାମାନଙ୍କ ଛଡ଼ା ବୟସ୍କମାନେ ମଧ୍ୟ ଯୋଗ ଦେଉଥିଲେ । ସେହି କାହାଣୀଗୁଚ୍ଛ ମଧ୍ୟରୁ ୧୯୫୨ ମସିହା ଜାନୁଆରୀ ୧୮ ତାରିଖ କ୍ଲାସରେ ମା'ଙ୍କ ଦ୍ୱାରା କଥିତ କାହାଣୀଟି ନିମ୍ନରେ ଉପସ୍ଥାପନ କରାଯାଉଛି ।]

### ସତ୍-ସାହସ

ଜଣେ ଲୋକ ଏକ ବ୍ୟବସାୟୀଙ୍କ ଦୋକାନରେ କର୍ମଚାରୀ ଥିଲା, ଦରମା ଅଳ୍ପ । ପ୍ରଚୁର ଖଟି ଅଳ୍ପ ରୋଜଗାରରେ ସେ ଯାହା ପାଉଥିଲା, ସେଇଥିରେ ତା' ସଂସାର ଚାଲୁଥିଲା କୌଣସି ପ୍ରକାରେ । ସ୍ତ୍ରୀ ଓ ପୁଅଝିଅଙ୍କୁ ମିଶାଇ ସେମାନେ ଚାରିଜଣ ଥିଲେ । ଦିନକୁ ଦିନ ଘର ଚଳାଇବା ଏକ ସମସ୍ୟା ହୋଇପଡ଼ିଲା, ଜିନିଷପତ୍ରର ଦରଦାମ ବି ବଢ଼ିଚାଲିଲା । ସମସ୍ତଙ୍କ ଅଭାବ ପୂରଣ କରିବା ତା' ପକ୍ଷେ ଅସମ୍ଭବ ହେଲା ।

ଦୁର୍ଗାପୂଜା ଆଉ ବେଶୀଦିନ ନ ଥାଏ । ହେମନ୍ତର ସ୍ନିଗ୍ଧ ନିର୍ମଳ ବାୟୁମଣ୍ଡଳର ସୁଗନ୍ଧ ଓ ନୀଳ ଆକାଶର ଦେହରେ ଧଳା ଧଳା ବଉଦର ମେଳା ଦେଖିଲେ ଦୁର୍ଗାଦେବୀଙ୍କ ଆଗମନୀର ଆଭାସ ମିଳୁଥିଲା । ସାହିର ପିଲାମାନେ ଓ ବୁଢ଼ାବୁଢ଼ୀ ସମସ୍ତଙ୍କ ମୁହଁରେ ସେଇ ପୂଜାର ଗଳ୍ପ ଆଲୋଚନା । ମା' ଦୁର୍ଗାଙ୍କୁ ଆବାହନ କରିବା ପାଇଁ ସମସ୍ତେ ଯେପରି ପ୍ରସ୍ତୁତ ହେବାକୁ ଲାଗିଛନ୍ତି । ମା' ଆସନ୍ତି ବର୍ଷରେ ଥରେ, ଅଥଚ ସାରାଦେଶ ସେଇ ଆଗମନ ଲାଗି ବର୍ଷକଯାକ ଅପେକ୍ଷା କରିଥାଏ । ତା'ପରେ ଚାରିଦିନ କାଳ ତାଙ୍କର ପୂଜା ଆରାଧନା ଚାଲେ । ପିଲାମାନେ ତ ସବୁଠୁ ବେଶୀ ଖୁସି । କାରଣ ସେମାନଙ୍କୁ ମିଳେ ନୂଆ ଜାମାପଟା, ନୂଆ ଜୋତାମୋଜା, ନୂଆ ନୂଆ ଖେଳଣା, ଆହୁରି କେତେ କ'ଣ ଜିନିଷ । ସେମାନେ ଆଗରୁ ସବୁ ଜିନିଷ ଠିକ୍ଠାକ୍ କରି ରଖିସାରିଲେଣି – ବର୍ଷକ ଯାକରେ ଏଇ ଚାରିଗୋଟି ଦିନ ସବୁଠୁ ବେଶୀ ଆନନ୍ଦର ଦିନ, କେମିତି ସେତିକିଦିନ ସେମାନେ କଟାଇବେ – ପ୍ରତିମା ଦେଖିବାକୁ ଯିବେ, କିଏ କି ପୋଷାକ ପିନ୍ଧିବ, ଏବେଠୁ ସେମାନେ ତାହା ବାଛି ରଖିଲେଣି ସେତେବେଳର କଥା ଭାବି ।

ଆମର ଏ କର୍ମଚାରୀଟିର ଘରେ ବି ପୂଜା ଲାଗି ପ୍ରସ୍ତୁତି ଚାଲିଛି । ତାଙ୍କ ଘରର ପିଲାଦୁଇଟି ବି ପ୍ରସ୍ତୁତ ହେବାକୁ ଉତ୍ସୁକ । ପୁଅଟିର ଦରକାର ଯୋଦ୍ଧା ସାଜିବାର ପୋଷାକ ଓ ଝିଅଟିର ଦରକାର ଫିକା ନୀଳରଙ୍ଗର ଫ୍ରକ୍ । ସେମାନେ ବି ଆଶା କରି ବସିଛନ୍ତି, ବାପା ନିଶ୍ଚୟ ସେମାନଙ୍କ ଲାଗି ନୂଆ ଖେଳଣା ନେଇଆସିବେ ।

ବାପାଙ୍କର କିନ୍ତୁ ଅବସ୍ଥା ଭିଲା, ଏଥର ସାମାନ୍ୟ କିଛି ଅଧିକା ଉପାର୍ଜନ କରି ଘରକୁ ଆଣିବେ, ତାଙ୍କର କିଛି ଉପାୟ ନାହିଁ । ସେ ବି ଅନ୍ୟସବୁ ବାପାଙ୍କ ଭଳି ନିଜ ସନ୍ତାନମାନଙ୍କୁ ଭଲପା'ନ୍ତି, ସେମାନଙ୍କୁ ସୁଖରୁ ବଞ୍ଚିତ କରିବାକୁ ତାଙ୍କ ମନ ଚାହେଁ ନାହିଁ ମୋଟେ । କିଛି ଟଙ୍କା ଧାର କରିବାକୁ ସେ ବହୁତ ଚେଷ୍ଟାକଲେ, କେଉଁଠୁ ବି କିଛି ତାଙ୍କୁ ମିଳିଲା ନାହିଁ । ଦୋକାନରେ ସେଦିନ କାମ ପରେ ଦରମା ପାଇବା କଥା । ପୂଜା ଆଉ ମାତ୍ର ଦଶ ଦିନ ବାକି ଅଛି । ନିୟମ ମୁତାବକ ସେ ତାଙ୍କ କାମକୁ ଗଲେ, ମାତ୍ର କାମରେ ଜମା ମନ ଲାଗୁ ନଥାଏ କାରଣ ପୂରାଟା ସମୟ ମନ ଯାଇ ପିଲାମାନଙ୍କ ପାଖରେ, ହୁଏତ ଏ ବର୍ଷ ସେମାନେ

ପୂଜାରେ କିଛି ହେଲେ ବି ପାଇବେ ନାହିଁ । ଯଥାସମୟରେ କାମ ଶେଷ ହେଲା ଓ ସେ କ୍ୟାଶିୟର ମହାଶୟଙ୍କ ହାତରୁ ଲଫାପାରେ ଭର୍ତ୍ତି ହୋଇଥିବା ତାଙ୍କ ଦରମା ଟଙ୍କା ପାଇଲେ । ନିରାଶ ଓ ଦୁଃଖିତ ମନରେ ସେ ଘରକୁ ବାହୁଡ଼ିଲେ ।

ଗୃହରେ ପହଞ୍ଚି ସେ କର୍ମଚାରୀ ଜଣକ ଲଫାପାଟିକୁ ଖୋଲିଲେ, ଦେଖିଲେ ତାଙ୍କ ଦରମା ଟଙ୍କା ବ୍ୟତୀତ ଶହେ ଟଙ୍କା ଅଧିକା ରହିଛି – ଶହେ ଟଙ୍କାର ନୋଟଟିଏ । କେମିତି ଏହା ଆସିଲା – ତାହା ତାଙ୍କୁ ଚିନ୍ତାନ୍ୱିତ କଲା ।

''ଏ ନୋଟଟି ମୋ ଲଫାପାରେ ଭୁଲ୍‌ରେ ପଶିଯାଇଛି କେମିତି । ହେଉ, ଏ ଭୁଲ୍ ଯୋଗୁଁ ଭଲ ହେଲା, ପିଲାଙ୍କୁ ସନ୍ତୁଷ୍ଟ କରିବାକୁ ସୁଯୋଗ ମିଳିଲା, ମୋ ସ୍ତ୍ରୀ ଦେହରେ କେବେଠୁ ନୂଆ ବ୍ଲାଉଜଟିଏ ଲାଗି ନାହିଁ, ଏଥର ଖଣ୍ଡିଏ ବ୍ଲାଉଜ ତ ଦେଇପାରିବି ! ମୋର ସେଇ କେଉଁ କାଳର ପୁରୁଣା ଜୋତା ହଳେ ଘୁଷୁରି ଘୁଷୁରି ଛିଣ୍ଡି ଗଲାଣି, ହଳେ ଜୋତା ତ କିଣି ପାରିବି !''

– 'ନା, ନା, ଏହା ତ ତୋର ନିଜ ଟଙ୍କା ନୁହେଁ' କର୍ମଚାରୀଙ୍କ ଅନ୍ତରରୁ କେହି ଯେପରି କହିଲା – 'ଯେହେତୁ ଏହା ତୋର ପ୍ରାପ୍ୟ ନୁହେଁ, ଖର୍ଚ୍ଚ କରିବାର ଅଧିକାର ବି ତୋର ନାହିଁ, କାଲି ସକାଳେ ଯାଇ ଫେରସ୍ତ ଦେଇ ଦେ ।'

– 'ମାତ୍ର ଏ ଟଙ୍କାଟା ମୋ ପାଖରେ ଅଛି ବୋଲି କାହାକୁ ତ ଜଣା ନାହିଁ । ଯଦି ଏଇଟିକୁ ମୁଁ ନିଜ ପରିବାର ଲାଗି ଖର୍ଚ୍ଚ କରେ, କିଏ ବା ଜାଣିବ କେମିତି ? ନିଜ ଟଙ୍କା ଭଳି ଭାବି ମୁଁ ଖର୍ଚ୍ଚ କରି ଦେବି – ମୋ ପଇସା ଖର୍ଚ୍ଚ କରୁନି, ଏହା କେହି ଜାଣିବେ ଅବା କେମିତି ?'

– 'ହଁ ସେ କଥା ଅବଶ୍ୟ ସତ, ତେବେ ସେଇ କାରଣରୁ ତ ଟଙ୍କାଟା ଫେରେଇ ଦେବା ବେଶୀ ଦରକାର । ପାଖ ଲୋକେ ଜାଣିପାରିବେ ଭାବି ଯଦି ତୁ ଅନ୍ୟାୟ କାମରେ ହାତ ଦେଉ ନଥାଉ, ତା'ର ଅର୍ଥ ନୁହେଁ ଯେ ତୁ ଗୋଟାଏ ସାଧୁପୁରୁଷ । କାରଣ ଏଇଟି ନେବା ପରେ କୌଣସି ଅନ୍ୟାୟ କାମ ଆସି ତୋ ପାଖରେ ପହଞ୍ଚିଲେ, ତାହା ହାତେଇବାକୁ ପ୍ରଥମ ସୁଯୋଗ ତୁ ଛାଡ଼ିବୁ ନାହିଁ – ଯେଉଁ କାମ ବିଷୟରେ ଅନ୍ୟମାନେ ଜାଣିପାରିବେ ନାହିଁ, ଏହା ନିଶ୍ଚିତ ବୋଲି ଜାଣିଲେ ତୁ ଠିକ୍ ସେଇଟା କରି ବସିବୁ – ଯେମିତି ଏଇ ବର୍ତ୍ତମାନ କରିବାକୁ ବସିଛୁ । ଏପରି ଭାବରେ ତୁ ଅନ୍ୟ ସମସ୍ତଙ୍କୁ ଠକି ଦେବୁ, କିନ୍ତୁ ନିଜକୁ ଠକି ପାରିବୁ ନାହିଁ ତ ? ଏକଥା ଭାବି କାଲି ସକାଳେ ଏପଟ ସେପଟ କିଛି ନ ଭାବି ସିଧା ଯାଇ ଟଙ୍କାଟା ଫେରସ୍ତ ଦେଇଦେ ।'

– 'ମାତ୍ର ଏଇଟା ରଖିଲେ ମୋ ସ୍ତ୍ରୀ, ପୁଅଝିଅ ସମସ୍ତେ ଖୁସି ହୋଇ ପାରନ୍ତେ ।'

– 'ଓଃ, ତୋର ଧାରଣା ତୋର ଝିଅପୁଅ ଓ ସ୍ତ୍ରୀଙ୍କୁ ଖୁସି କରିପାରିବୁ କେବଳ ଟଙ୍କାପଇସା, ଜାମାକପଡ଼ା ଓ ଖାଇବା-ପିଇବା ଜିନିଷ ଦେଇ ? ବରଂ ନିଜେ ସତ୍-ପଥରେ ଚାଲ । ସେମାନଙ୍କୁ ମଧ୍ୟ ସତ୍-ପଥରେ ଚାଲିବାକୁ ଶିଖାଅ । ସେତେବେଳେ ଦେଖିବୁ ତୋ'ର ଅନ୍ତର ଓ ସେମାନଙ୍କର ଭିତର ସତ୍ତାରେ କେତେ ଐଶ୍ୱର୍ଯ୍ୟ ଆସି ଠୁଳ ହେବ – ଯାହା ଯଥାର୍ଥ ଐଶ୍ୱର୍ଯ୍ୟ । ଯଥାର୍ଥ ସୁଖଶାନ୍ତି ଏଇପରି ଭାବରେହିଁ ଆସି ପହଞ୍ଚେ । ଆଉ ଏବେ ଯଦି ଯାହା କରିବାକୁ ଭାବୁଛୁ ତାହା କରୁ, ତା' ହେଲେ କେତେ ନା କେତେ ଦୁର୍ଦ୍ଦଶା ଆସି ଘଟିପାରେ । ହଁ, ତୁମ ସଂସାରଟିର ଭଲମନ୍ଦ, ସୁଖ-ସୌଭାଗ୍ୟ ତୋ' ଉପରେହିଁ ନିର୍ଭର କରୁଛି – ଏକଥାଟି ଯଦି ବୁଝିଥାଉ ତା'ହେଲେ ତୁ ଅସତ୍ ପଥର ଆଶ୍ରୟ ନେଲେ ସେମାନଙ୍କୁ ତୁ ସୁଖୀ କରିପାରିବୁ ବୋଲି ଭାବୁଛୁ ?'

– 'କିନ୍ତୁ ଏସମୟରେ ଟଙ୍କା-ପଇସାର ନିହାତି ଆବଶ୍ୟକତା ରହିଛି ଯେ ...'

– 'ଯଦି ତାହାହିଁ ହୋଇଥାଏ, ତାହା ହେଲେ ସତରେ ତାହା ଆସି ପହଞ୍ଚିବ, ମନ ଖରାପ କରିବାର କ'ଣ ଅଛି ? ଯେତେବେଳେ କୌଣସି ଗୋଟିଏ ଜିନିଷ ଦରକାର ବୋଲି ଭାବୁଛ, ଅଥଚ ତାହା ତୁମ ହାତ-ପାଆନ୍ତାରେ ପହଞ୍ଚିଲା ନାହିଁ, ତାହାହେଲେ ବୁଝି ରଖ ସେଇ ଜିନିଷଟା ଯଥାର୍ଥରେ ତୁମର ଦରକାର ନ ଥିଲା ।'

ଏହିପରି କର୍ମଚାରୀ ଭଦ୍ରବ୍ୟକ୍ତିଟି ଭିତରର ଦୁଇଟି ପୁରୁଷଙ୍କ ମଧ୍ୟରେ କଥା କଟାକଟି ଚାଲିଥିଲା; ରାତି ସାରା ବିଚରା ଲୋକଟି ସୁନୀତି-ଦୁର୍ନୀତିର ଦ୍ୱନ୍ଦ୍ୱରେ ଛଟପଟ ହେଲେ । ଶେଷରେ ସୁନୀତିରହିଁ ଜୟ ହେଲା । ପ୍ରଭାତରୁ ସେ ସ୍ଥିର କଲେ ଯେ ଅଧିକା ଏକଶହ ଟଙ୍କାର ନୋଟଟି ସେ ଦୋକାନ ମାଲିକଙ୍କୁ ଫେରସ୍ତ କରିଦେବେ ।

ସକାଳବେଳା ସେ ଦୋକାନକୁ କାମକୁ ଗଲେ । ଉପରିସ୍ଥ କର୍ମଚାରୀଙ୍କ ନିକଟରେ ପହଞ୍ଚି କହିଲେ – ''ଗତକାଲି ମୋର ମାସିକ ବେତନର ଖୋଳଟି ଭିତରେ ଏଇ ଏକଶତ ଟଙ୍କାର ନୋଟଟି ଭୁଲ୍‌ରେ ରହିଯାଇଥିଲା ।'' ଏହା କହି ସେ ନୋଟଟି

କାଢ଼ି ତାଙ୍କୁ ଦେବାକୁ ବାହାରିଲେ । ସେ ବ୍ୟକ୍ତି ହସି ହସି କହିଲେ, ''ତୁମର ଏ ସତ୍ୟତା ଦେଖି ମୁଁ ଖୁବ୍ ଖୁସି ହେଲି, ମାତ୍ର ଭୁଲ୍‌ବଶତଃ ଏହା ତୁମ ବେତନ ଲଫାପା ଭିତରେ ରଖାଯାଇ ନଥିଲା । ଏ ବର୍ଷ ବ୍ୟବସାୟରେ ଯାହା ଲାଭ ହୋଇଛି, ଆମ୍ଭେମାନେ ଭାବି ସ୍ଥିର କରିଛୁ ଯେ ଯେଉଁମାନେ ଏ ବ୍ୟବସାୟରେ ନିଯୁକ୍ତ ହୋଇ କାମ କରି ଆସୁଛନ୍ତି, ସେମାନଙ୍କୁ ଏ ଲାଭରୁ କିଛି କିଛି ଅଂଶ ପାଉଣା ହିସାବରେ ଦିଆଯିବ । ସୁତରାଂ ଏଇ ଦଶହରା ପୂଜାରେ ତୁମର ଖର୍ଚ୍ଚରେ ଏହା ଲାଗିବ ବୋଲି ମନେକରି ତୁମକୁ ଦିଆହୋଇଛି ଏ ବର୍ଷର ଲାଭାଂଶରୁ ଏକଶତ ଟଙ୍କା ।''

ଗୋଟାଏ ଦେଶର ଯେତେବେଳେ ଦୁରବସ୍ଥା ଚରମକୁ ଉଠିଥାଏ, ସେ ଦେଶର ବହୁଲୋକ ସେମାନଙ୍କ ଜୀବନକୁ ପଣ କରି ଶତ୍ରୁଦେଶ ସହିତ ଲଢ଼େଇ କରନ୍ତି ଓ ଶେଷରେ ଶତ୍ରୁକୁ ହରାଇଥା'ନ୍ତି ଓ ସ୍ୱଦେଶକୁ ରକ୍ଷାକରନ୍ତି । ଦେଶଲୋକ ସେଇମାନଙ୍କୁ ବୀର-ପୁରୁଷ ବୋଲି ସମ୍ମାନିତ କରନ୍ତି, ଶ୍ରଦ୍ଧା କରନ୍ତି । ତେବେ ଯେଉଁମାନେ ନିଜ ଅନ୍ତରରେ ସତ୍ୟର ପକ୍ଷ ନିଅନ୍ତି ଓ ମିଥ୍ୟାର ବିରୋଧରେ ଯୁଦ୍ଧ କରନ୍ତି, ସେମାନେ ପୂର୍ବୋକ୍ତ ଦେଶଭକ୍ତ ଯୋଦ୍ଧାଙ୍କଠାରୁ କମ୍ ସତ୍-ସାହସୀ ନୁହନ୍ତି । ଯେଉଁମାନେ ଯଥାର୍ଥ ବୀରପୁରୁଷ, ସେମାନେ ସର୍ବଦାହିଁ ସତ୍ୟ ଦିଗକୁ ବରଣ କରନ୍ତି ଓ ମିଥ୍ୟା ବିରୋଧରେ ଲଢ଼ାଇ କରନ୍ତି । ସେଥିପାଇଁ ସେମାନଙ୍କୁ ଭୀଷଣ ବିପଦରେ ବି ବେଳେବେଳେ ପଡ଼ିବାକୁ ହୁଏ; ସେକଥା ଜାଣି ମଧ୍ୟ ସେମାନେ ସେଥିରେ ଭୟ ପାଆନ୍ତି ନାହିଁ ବା ବିଚଳିତ ହୁଅନ୍ତି ନାହିଁ । ଶେଷରେ ସେଇମାନଙ୍କୁହିଁ ବିଜୟ ମିଳିଥାଏ — ଏହା ସୁନିଶ୍ଚିତ, ଯେପରି ଏ କର୍ମଚାରୀଙ୍କ କ୍ଷେତ୍ରରେ ଘଟିଲା ବୋଲି ଆମେ ଦେଖିଲେ । ଏହାଛଡ଼ା ତାଙ୍କୁ ଯଥେଷ୍ଟ ଆନନ୍ଦ ମିଳିଲା, ପରିବାରର ଅନ୍ୟ ସମସ୍ତେ ବି ଆନନ୍ଦିତ ହେଲେ, କାରଣ ସେଇ ଲାଭାଂଶର ଅର୍ଥ ସହିତ ସ୍ୱାଚ୍ଛନ୍ଦ୍ୟ ବି ସେମାନଙ୍କୁ ମିଳିଲା ଆବଶ୍ୟକ ପରିମାଣରେ । ❑

## ଅଷ୍ଟାବିଂଶତିତମ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଛାତ୍ରୀ ସମ୍ମିଳନୀ - ୨୦୨୩

ଆସନ୍ତା **ନଭେମ୍ବର ୪ ଓ ୫** ତାରିଖ (ଶନିବାର ଓ ରବିବାର) ଦୁଇଦିନ ବ୍ୟାପୀ ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି ''ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ମାତୃପୀଠ'' ପରିସରରେ ଅଷ୍ଟାବିଂଶତିତମ ''ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଛାତ୍ରୀ ସମ୍ମିଳନୀ'' ଅନୁଷ୍ଠିତ ହେବ । ଏହି ସମ୍ମିଳନୀରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ତଥା ଅନ୍ୟାନ୍ୟ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଶ୍ରୀଅରବିନ୍ଦ ପାଠଚକ୍ରର ଆଗ୍ରହୀ ୧୨ ବର୍ଷରୁ ୧୯ ବର୍ଷର କିଶୋରୀ ଓ ବାଳିକାମାନେ ଯୋଗ ଦେଇପାରିବେ । ଏହି ସମ୍ମିଳନୀରେ ମୁଖ୍ୟତଃ ଜୀବନର ଯଥାର୍ଥ ଲକ୍ଷ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ, ବ୍ରହ୍ମଚର୍ଯ୍ୟ ତଥା ବାଳିକାମାନଙ୍କ ଜୀବନର ସର୍ବାଙ୍ଗୀଣ ବିକାଶ ସମ୍ପର୍କରେ ବିଶେଷ ଭାବେ ଆଲୋଚନା କରାଯିବ । ପ୍ରତିନିଧିମାନେ ସାଙ୍ଗରେ ଶୀତବସ୍ତ୍ର ଆଣିବା ସହିତ ସମ୍ମିଳନୀର ଶେଷ ପର୍ଯ୍ୟନ୍ତ ରହିବାକୁ ଅନୁରୋଧ । ଏ ସମ୍ପର୍କରେ ଅଧିକ ଜାଣିବାକୁ ଚାହୁଁଥିଲେ ନିମ୍ନରେ ପ୍ରଦତ୍ତ ମୋବାଇଲ ନମ୍ବରରେ ଯୋଗାଯୋଗ କରିପାରନ୍ତି ।

ନିବେଦକ

ପାରଳାଖେମୁଣ୍ଡି ପାଠଚକ୍ର ସଂଗଠନର ସଦସ୍ୟାବୃନ୍ଦ

ଯୋଗାଯୋଗ :

ଗୀତାଞ୍ଜଳି ଦାଶ - ୭୦୦୮୧ ୯୨୪୩୯; ସବିତା ପାଢ଼ୀ - ୮୮୯୫୫ ୮୧୫୫୪;
ମନୋରମା ପଣ୍ଡା - ୮୦୧୮୫ ୫୫୦୮୭; କେ. ସୁନୀତା - ୭୯୭୮୩ ୬୯୬୭୪;
ଗୌରହରି ପଟ୍ଟନାୟକ - ୭୩୨୫୫ ୭୮୦୨୦

**ଚେତନାର ଦିଗ୍‌ବଳୟ :**

# ଶତାବ୍ଦୀ ପୂର୍ବର ବିଭୀଷିକା : ଆଜି କ୍ଷମା ପ୍ରାର୍ଥନାର ମୂଲ୍ୟ କେତେ ?

***ପ୍ରଶ୍ନ :*** *ଜଣେ ଇଂରେଜ ସେନାଧକ୍ଷଙ୍କ ଦ୍ୱାରା ସଂଘଟିତ ଜାଲିଆନାୱାଲାବାଗ ହତ୍ୟାକାଣ୍ଡ (୧୩ ଏପ୍ରିଲ, ୨୦୧୯)ର ଶତବାର୍ଷିକୀ ଅବସରରେ ସେ ନାରକୀୟ କାଣ୍ଡ ସକାଶେ ବ୍ରିଟିଶ ସରକାର କ୍ଷମା ଭିକ୍ଷା କରିବା ଉଚିତ ବୋଲି ଭାରତରୁ ଦାବି ହେବା ସଙ୍ଗେ ସଙ୍ଗେ ଖାସ୍ ବ୍ରିଟେନ୍‌ର ବହୁ ବିଶିଷ୍ଟ ବ୍ୟକ୍ତି ମଧ୍ୟ ଏକା ଦାବି କରିଥିଲେ । ଆପଣ ମଧ୍ୟ ଏକ ଇଂରାଜୀ ଦୈନିକର ସମ୍ପାଦକୀୟ ପୃଷ୍ଠାରେ ସେ ଦାବିକୁ ସମର୍ଥନ କରିଥିଲେ । ମୋର ପ୍ରଶ୍ନ ହେଲା, ପୁନର୍ଜନ୍ମ ତତ୍ତ୍ୱ ଅନୁସାରେ ସେଦିନର ଇଂରେଜମାନେ ତଥା ସେଦିନର ଭାରତୀୟମାନେ ନିଜ ନିଜ ପୁରୁଣା ଭୌଗୋଳିକ ସୀମା ଅତିକ୍ରମ କରି କିଏ କେଉଁଠି ଜନ୍ମ ନେବେଣି । ସେ ତତ୍ତ୍ୱ ଦୃଷ୍ଟିରୁ ଜାତୀୟତାବାଦର ମୂଲ୍ୟ କ'ଣ ? ଏଭଳି ଦାବିର ବା ମୂଲ୍ୟ କ'ଣ ?*

**ଉତ୍ତର :** ପୁନର୍ଜନ୍ମ ତତ୍ତ୍ୱ ଦୃଷ୍ଟିରୁ ଆପଣଙ୍କ ପ୍ରଶ୍ନ ଏକାନ୍ତ ଯଥାର୍ଥ ଏବଂ ପୁନର୍ଜନ୍ମ ତତ୍ତ୍ୱ ସମ୍ପୂର୍ଣ୍ଣ ସତ୍ୟ । ବ୍ୟକ୍ତିବିଶେଷର କ୍ରମାଗତ ବିକାଶ ନିମନ୍ତେ ଯେଉଁ ପରିବେଶ ଓ ପରମ୍ପରା ପ୍ରୟୋଜନୀୟ ହୁଏ, ଆତ୍ମା ତାହା ଖୋଜିନିଏ । ଆତ୍ମାଟିଏ ଏକାଧିକବାର ଗୋଟାଏ ଦେଶରେ ଜନ୍ମଗ୍ରହଣ କରିପାରେ; ନତୁବା ଭିନ୍ନ ଭିନ୍ନ ଦେଶରେ ଏକ ଏକ ଜୀବନ କାଳ ନିର୍ବାହ କରିପାରେ । ଆମ ବୁଦ୍ଧି ବା ବୋଧଶକ୍ତି ଯୋଗେ ସେ ନିୟମ ବୁଝିବା ସମ୍ଭବପର ନୁହେଁ ।

ଆମେ ହାରାହାରି ପର୍ଯ୍ୟାୟର ମଣିଷମାନେ ସଚେତନ ଭାବରେ ସର୍ବଦା ଆତ୍ମାର ନିର୍ଦ୍ଦେଶ ଦ୍ୱାରା ପ୍ରଚଳିତ ହେଉନା । ଏପରିକି ସେ ଶବ୍ଦଟି ସହ ଆମେ ସୁପରିଚିତ ହେଲେ ମଧ୍ୟ ତା' ସନ୍ଧାନ ପାଇଁ ବିଶେଷ ଆଗ୍ରହ ଅନୁଭବ କରୁନା । ସ୍ଥୂଳ ଆବଶ୍ୟକତା, ମାନସିକ ହେତୁବାଦ ଓ ପ୍ରାଣଗତ ଆବେଗହିଁ ଆମ ଚିନ୍ତା, ଚେତନା ଓ ଆଚରଣକୁ ନିୟନ୍ତ୍ରଣ କରିଥାଏ । ଯେତେବେଳେ ମୁଁ ଭାରତରେ ଜନ୍ମଗ୍ରହଣ କରେ, ସେତେବେଳେ ମୋ ଚେତନାର ଏକ ବିପୁଳ ଅଂଶ ଭାରତୀୟ ସଭ୍ୟତା, ସଂସ୍କୃତି ଓ ପରମ୍ପରାଗତ ଚିନ୍ତାଧାରା ଆଜନ୍ମ ଗ୍ରହଣ କରିଥାଏ । ବସ୍ତୁତଃ ସେହି ପ୍ରଭାବର ଆବଶ୍ୟକତା ଥାଏ ବୋଲିହିଁ ମୋ ଆତ୍ମା ଭାରତରେ ଜନ୍ମଗ୍ରହଣ କରିବାର ସିଦ୍ଧାନ୍ତ ନେଇଥାଏ । ସେ ଦୃଷ୍ଟିରୁ ମୁଁ ଭାରତୀୟ ଚେତନାର ଜଣେ ଉତ୍ତରାଧିକାରୀ – ସ୍ୱାଭାବିକ ଭାବରେ ଉତ୍ତରଦାୟୀ ମଧ୍ୟ । ବ୍ରିଟେନର ଆଜିର ଜନସାଧାରଣଙ୍କ ସକାଶେ ଏକହିଁ ମାନଦଣ୍ଡ ପ୍ରଯୁକ୍ତ ହେବ । ଚେତନାରେ ସେମାନେ ଗତ ତଥା ବିଗତ ଶତାବ୍ଦୀର ଇଂରେଜମାନଙ୍କର ଉତ୍ତରାଧିକାରୀ ଏବଂ ସେହି ନିୟମ ଅନୁସାରେ ଉତ୍ତରଦାୟୀ ମଧ୍ୟ । ସେକ୍ସପିୟର ଓ ମିଲଟନ୍ ଯେମିତି ସେମାନଙ୍କ ଐତିହ୍ୟ; ଇଂରେଜ ଜାତିର ଇତିହାସର ଗୌରବମୟ ଓ ବିଷାଦମୟ ଘଟଣାବଳୀ ମଧ୍ୟ ସେହିପରି ସେମାନଙ୍କ ଐତିହ୍ୟ ।

ମନେହୁଏ ସାମାଜିକ ବିବର୍ତ୍ତନୀ ଶକ୍ତି ସଂପ୍ରତି ପରିବର୍ତ୍ତନ ସକାଶେ ଅଧିକ ତତ୍ପର । ଜାଲିଆନାୱାଲାବାଗ ବର୍ବରତା ପରବର୍ତ୍ତୀ କେତେ ଦଶନ୍ଧି ଭିତରେ ତୁରନ୍ତ ଗତିରେ ପୃଥିବୀବ୍ୟାପୀ ଯେତେ ସାମାଜିକ ଓ ରାଜନୈତିକ ପରିବର୍ତ୍ତନ ହୋଇ ଯାଇଛି, ତାହା ଆମ ଜାଣିବାରେ ଅନ୍ୟ କୌଣସି ଶତାବ୍ଦୀରେ ହୋଇ ନଥିଲା । ଶହ ଶହ ବର୍ଷ ଧରି ପୃଥିବୀର ବିପୁଳାଂଶକୁ ପଦଦଳିତ କରି ରଖିଥିବା ସାମ୍ରାଜ୍ୟବାଦର ବିଲୋପ ହେଲା; ସଭ୍ୟତାର ଉଷାଲୋକରୁ ବିଦ୍ୟମାନ ଥିବା ରାଜତନ୍ତ୍ରର ଅବସାନ ହେଲା । ସାମନ୍ତବାଦ ଅନ୍ତର୍ହିତ ହେଲା । ରାଜତାନ୍ତ୍ରିକ ସ୍ୱୈରାଚାରରୁ ମଣିଷକୁ ମୁକ୍ତ କରିବାର ଆଦର୍ଶରେ ଅନୁପ୍ରାଣିତ ରୁଷ ବିପ୍ଳବର ପରିଣତିରେ ଯେତେବେଳେ ଦେଖାଗଲା ଭିନ୍ନ ଏକ ପ୍ରକାର ସ୍ୱୈରାଚାର ସେ ବିରାଟ ଭୂଖଣ୍ଡକୁ ଅକ୍ତିଆର କଲା, କିଛି ବର୍ଷ ପରେ ଅପ୍ରତ୍ୟାଶିତ ଭାବରେ ସେ ଶାସନର ମଧ୍ୟ ଅବସାନ ହେଲା । ଏ ସମସ୍ତ ପରିବର୍ତ୍ତନରୁ ଗୋଟାଏ କଥା ସ୍ପଷ୍ଟ : ମଣିଷ ଅଧିକରୁ ଅଧିକ ସ୍ୱାଧୀନ ହେବ; ଶୃଙ୍ଖଳ ବିମୁକ୍ତ ଚେତନା ଅନୁସାରେ ସେ ନିଜର ଆତ୍ମ-ସନ୍ଧାନ ଓ ଆତ୍ମ-ବିକାଶ କରିବ । (ଆମେ ଯଦି କ୍ରମବିକାଶ ଶକ୍ତିର ଏହି ଅବଦାନର ସୁଯୋଗ ନେଇ ସ୍ୱେଚ୍ଛାରେ ଉଶୃଙ୍ଖଳ ଆଚରଣ

କରିବୁଁ, ତାହା ଭିନ୍ନ କଥା । ପ୍ରତ୍ୟେକ ମଣିଷ ସ୍ୱାଧିକାର-ସଚେତନ ହେବ ବୋଲି ସେ କ୍ରମବିକାଶ ଶକ୍ତି ଆଶା କରେ; କିନ୍ତୁ ଆମେ ଯଦି ସ୍ୱାଧିକାର-ପ୍ରମତ୍ତ ହେବୁଁ, ବିବର୍ତ୍ତନୀ ଶକ୍ତି ସେ ସକାଶେ ଦାୟୀ ନୁହେଁ ।)

ଆମେ ଆମ ସ୍ୱାଧିକାର ସାବ୍ୟସ୍ତ କରିବାର ପ୍ରଥମ ସର୍ତ୍ତ ଆମେ ଅନ୍ୟର ସ୍ୱାଧିକାରକୁ ସମ୍ମାନ ଦେବା । ପୂର୍ବରୁ ଆମେ ଯଦି ତା'କୁ ଅସମ୍ମାନ କରିଥାଉଁ, ତେବେ ସେ ସକାଶେ କ୍ଷମା ପ୍ରାର୍ଥନା କରିବାର ତାତ୍ପର୍ଯ୍ୟ ହେଲା ଆମେ ତାହା ଉପଲବ୍ଧି କରିଛୁଁ; ଅର୍ଥାତ୍ ଆମର ସାମୂହିକ ଚେତନାଗତ ପ୍ରଗତି ସାଧିତ ହୋଇଛି । ଜାଲିଆନାୱାଲାବାଗ ହତ୍ୟାକାଣ୍ଡର ସମସାମୟିକ ପରିସ୍ଥିତି ମନେ ପକାନ୍ତୁ । ଜଣେ ଇଂରେଜକୁ ଦେଖିବା ମାତ୍ରେ ଆପଣ ଘୋଡ଼ା ଗାଡ଼ିରୁ ଓହ୍ଲାଇ ପଡ଼ି ଡାହାଣ ହାତରେ ସଲାମ ଦେବେ; ନଚେତ୍, ବିନା ବିଚାରରେ ଆପଣଙ୍କୁ କାରାଗାର ବା ଦ୍ୱୀପାନ୍ତରକୁ ନିକ୍ଷେପ କରାଯାଇପାରେ । ଭାରତରେ ଶାସନକଳ ଚଳାଉଥିବା ଅଧିକାଂଶ ଇଂରେଜ ଥିଲେ ଅତି ମାମୁଲି ସ୍ତରର ମଣିଷ ଏବଂ ଥିଲେ ଅହଂସ୍ଫୀତ । ସେମାନଙ୍କର ସେହି ସାମୂହିକ ଅହଂ ନିଜକୁ ସେମାନଙ୍କ ପ୍ରତିନିଧି ବା ପ୍ରତୀକ ମନେ କରୁଥିବା ଗୋଟାଏ ମଣିଷ ଭିତର ଦେଇ ହଠାତ୍ ହେଲା ବିସ୍ଫୋରିତ । ସେ ଦୃଷ୍ଟିରୁ ତାହା ଥିଲା ଏକ ପ୍ରତୀକାତ୍ମକ ଘଟଣା । ସେଦିନର ସେହି ଇଂରେଜ ଜାତିର ଉତ୍ତରାଧିକାରୀମାନଙ୍କ କ୍ଷମା ପ୍ରାର୍ଥନା ହୋଇଥା'ନ୍ତା ସେହିପରି ଏକ ପ୍ରତୀକାତ୍ମକ ବ୍ୟାପାର; ଅର୍ଥାତ୍ ସଭ୍ୟ ଦେଶମାନଙ୍କ ଭିତରେ ସାମୂହିକ ସହାନୁଭୂତି ଓ ସମ୍ଭ୍ରମବୋଧର ଦୃଷ୍ଟାନ୍ତ ।

ଯେମିତି ଦୃଷ୍ଟାନ୍ତ ଆଜିର ବ୍ରିଟେନ ରଖିଥିଲା ଅତୀତର ଦୁର୍ଦାନ୍ତ ରବିନ୍ ହୁଡ୍‌କୁ କେନ୍ଦ୍ର କରି । ସେ କିଂବଦନ୍ତୀ ପୁରୁଷ ଜଣକ ଦଳିତଜନଙ୍କ ହିତ ପାଇଁ ନିର୍ମମତା ଯୋଗୁଁ ଅପଖ୍ୟାତ ଜମିଦାରମାନଙ୍କ ଖଜଣାଖାନା ଲୁଣ୍ଠନ କରୁଥିଲେ । ଧରା ପଡ଼ିଥିଲେ ସେ ପ୍ରାଣଦଣ୍ଡ ପାଇଥା'ନ୍ତେ । ସମାଜ ଆଖିରେ ସେ ଭୟଙ୍କର ଅପରାଧୀ । କିନ୍ତୁ କିଛି ବର୍ଷ ତଳେ ତା'ର ଆଶ୍ରୟସ୍ଥଳ ଶେର୍‌ଉଡ୍ ଅରଣ୍ୟ ଭିତରକୁ ସଦଳବଳ ପ୍ରବେଶ କଲେ ନଟିଂହାମ୍‌ର ମେୟର ମହୋଦୟ । ସେ ଟୁଂଗା ଯୋଗେ ଘୋଷଣା କଲେ, ''ରବିନ୍ ହୁଡ୍ ! ଆମେ ତୁମ ସହ ସନ୍ଧି କଲୁଁ । ତୁମେ ଆଉ ଅପରାଧୀ ନୁହଁ, ତୁମେ ଜଣେ ସମ୍ମାନନୀୟ ନାଗରିକ । ଏଣିକି ନିରାପଦରେ ଦେଶ ବ୍ୟାପୀ ବୁଲାବୁଲି କରିପାର !''

ପରିବର୍ତ୍ତିତ ମୂଲ୍ୟବୋଧର ସୂଚନା ଉଚ୍ଚାରଣ କରୁଥିବା କେଡ଼େ ଚମତ୍କାର ଘଟଣା ଥିଲା ସେ ଗୋଟିକ !

ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଆମେ ସଭିଏଁ ସମାନ; ମୃତ୍ୟୁ ମଧ୍ୟ ଅଳୀକ । ସମଗ୍ର ବସୁଧା ଏକହିଁ କୁଟୁମ୍ବର ସମାବେଶ । ଏ ଜ୍ଞାନ ହୁଏତ ବହୁ ଲୋକଙ୍କର ରହିଛି । କିନ୍ତୁ ଜ୍ଞାନ ଥିବା ଏବଂ ତାହା ଉପଲବ୍ଧ ହେବା ଭିତରେ ଦୁଇ ମେରୁର ଦୂରତା । ମହାକାଳର ଯେଉଁ ଭବିଷ୍ୟତ୍ ପର୍ଯ୍ୟାୟରେ ବହୁ ଲୋକ ଏ ଜ୍ଞାନ ଉପଲବ୍ଧି କରିବେ, ସେତେବେଳକୁ ଦେଶ ଦେଶ ଭିତରେ ଥିବ କେବଳ ମାତ୍ର ଭୌଗୋଳିକ ଓ ଜଳବାୟୁଗତ ପାର୍ଥକ୍ୟ । ମାନ ଅଭିମାନ, ଯୁଦ୍ଧ, ସନ୍ଧି, ସର୍ତ୍ତ, ସମିତି, ଜାତିସଂଘ ଇତ୍ୟାଦି ବନିଯାଇଥିବେ ଅତୀତର ଦଲିଲ ।

କିନ୍ତୁ ସେ ପର୍ଯ୍ୟାୟରେ ଉପନୀତ ହେବା ପୂର୍ବରୁ ସାମୂହିକ ଭାବରେ ଆମକୁ ବହୁ ପ୍ରାକ୍-ପର୍ଯ୍ୟାୟ ଅତିକ୍ରମ କରିବାକୁ ପଡ଼ିବ — ବ୍ୟକ୍ତିଗତ ଭାବରେ ଆମ ଭିତରେ କାହା କାହାକୁ ସେସବୁ ବୃଥା ମନେ ହେଲେ ମଧ୍ୟ । କ୍ଷମାପ୍ରାର୍ଥନା ଭଳି ପ୍ରତୀକାତ୍ମକ ଆଚାର ଅନୁଷ୍ଠାନ ଯେମିତି ଚଳମାନ ସମୟ ପାଇଁ ଯଥାର୍ଥ, ଆପଣଙ୍କୁ ସେସବୁ ଅନାବଶ୍ୟକ ମନେ ହେବା ସେମିତି ଭିନ୍ନ ଏକ ସ୍ତରରେ ଯଥାର୍ଥ ।

('ଜିଜ୍ଞାସାର ଦିଗ୍‌ଦିଗନ୍ତ'ରୁ ସଂଗୃହୀତ, ପୃ. ୯୩-୯୬) ❑

ତେଣୁ ଅତ୍ୟନ୍ତ ଅସ୍ପଷ୍ଟ ଏବଂ ଅମୂର୍ତ୍ତ ଭାବରେ ଆମେ ପରମ ପ୍ରଭୁଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିବା ନାହିଁ, ବରଂ ଆବଶ୍ୟକ ଅଗ୍ରଗତି କରିପାରିବା ଲାଗି ଆମେ ତାଙ୍କ ପାଖରେ ଶକ୍ତି ଯାଚନା କରିବା । କାରଣ, କେବଳ ଅନ୍ତର୍ଗତ ଭାବେ ରୂପାନ୍ତର-ସାଧନ ଦ୍ୱାରାହିଁ ଆମ କାର୍ଯ୍ୟର ପରିଣାମଗୁଡ଼ିକର ବିଲୋପସାଧନ ତଥା ନିରାକରଣ ହୋଇପାରିବ ।

— ଶ୍ରୀମା

tarika

**AYURVEDIC HERBAL REMEDIES**

**Pimple / Acne Remover**

Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

**Night oil for face**

Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and*
*texture within 3 to 4 weeks.*

**Hair Vitaliser oil**

Controls hair loss and improves hair growth
*Regular use prevents hair thinning*
*and receding hair line*

**Gum oil**

Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

**agni Pain relief oil**

Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,*
*Germany, Italy, Australia etc.*


Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies,
Lewis Road, Bhubaneswar - 751014, Cell No. 9437000646

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 9442249355 / 0413-2224935 / 2339477
Email: sales@ayurlabsindia.com
Website: www.ayurlabsindia.com

**Vol. LIV, No. 10** **R.N.I. No. 18163/70.**
Navaprakash (Monthly), October, 2023 Registration No. PY/51/2021-23
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2021-23

**ବିଶେଷ ସୂଚନା :**

ପରମ ପ୍ରଭୁ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମ ଶତବାର୍ଷିକୀ ପାଳନର ପ୍ରାକ୍ କାଳରେ ତାଙ୍କ ରଚିତ ମହାର୍ଘ କାବ୍ୟଗ୍ରନ୍ଥ ମନ୍ତ୍ରମୟୀ 'ସାବିତ୍ରୀ'ର ପ୍ରଥମ ଭାଗର ଓଡ଼ିଆ ପଦ୍ୟାନୁବାଦ ପ୍ରକାଶ ପାଇଲା । ଏହାର ଅନୁବାଦକ ପ୍ରଥିତଯଶା, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସାହିତ୍ୟିକ ଶ୍ରୀ ମନୋଜ ଦାସ । ଏହି ଗଭୀର ସାଧନାଲବ୍ଧ, ପ୍ରତୀକଧର୍ମୀ ଗ୍ରନ୍ଥଟିକୁ ସହଜ ପଠନ ଓ ମନନ କରିବା ଉଦ୍ଦେଶ୍ୟରେ ମୂଳଗ୍ରନ୍ଥ ସହ ଓଡ଼ିଆ ଅନୁବାଦକୁ ଏକତ୍ର ସନ୍ନିବେଶିତ କରାଯାଇଛି ।




**ସାବିତ୍ରୀ**
**ଏକ କିଂବଦନ୍ତି ଏବଂ ଏକ ପ୍ରତୀକ**
**(ପ୍ରଥମ ଭାଗ)**

୮୪୧ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **୫୦୦/-** ଟଙ୍କା ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Gopal Chandra Mahana

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**